
୧୯ ବର୍ଷ ପରେ କୋଲକାତାରେ ତସଲିମା
ପୃଷ୍ଠା ୪

# ସଂଚାର
THE SANCHAR

Website: sanchar.live   mail Id: sancharodisha@gmail.com
RNI NO :ODIODI/2001/04811   Postal Regd No : BN/249/15-17

Vol. 34 | ISSUE 131 ଭାଗ ୩୪ | ସଂଖ୍ୟା ୧୩୧ | Saturday 1 August 2026 | Page 8 Rs. 5.00 | ଭୁବନେଶ୍ୱର ଶନିବାର, ୧ ଅଗଷ୍ଟ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


# ହୀରାକୁଦ ଖୋଲିଲା ୨୨ ଗେଟ୍; ଆସୁଛି 'ମହା'ବନ୍ୟା



- ୧୫ଟି ଜିଲ୍ଲା ପ୍ରଭାବିତ, ଜଳବନ୍ଦୀରେ ୨.୬୮ ଲକ୍ଷ ଲୋକ
- ୭.୯୧ ଲକ୍ଷ ଲୋକ ପ୍ରଭାବିତ
- କ୍ଷୟକ୍ଷତି ରିପୋର୍ଟ ଆସିଲେ ସଙ୍ଗେ ସଙ୍ଗେ କ୍ଷତିପୂରଣ
- ଆଜିଠାରୁ ପୁଣି ପ୍ରବଳ ବର୍ଷା

**ଭୁବନେଶ୍ୱର,୩୧।୭(ସଂଚାର ବ୍ୟୁରୋ):** ରାଜ୍ୟର ପ୍ରମୁଖ ନଦୀଗୁଡ଼ିକର ଜଳସ୍ତର କ୍ରମଶଃ କମୁଥିଲେ ହେଁ ଜନସାଧାରଣଙ୍କ ଦୁର୍ଦ୍ଦଶା କମିନାହିଁ। ବିଶେଷକରି ମହାନଦୀର ତଳିଆ ଅଞ୍ଚଳ ଲୋକଙ୍କ ଦୁର୍ଦ୍ଦଶା ବଢ଼ିବାକୁ ଯାଉଛି। କାରଣ ମହାନଦୀର ଉପରମୁଣ୍ଡରେ ଭୀଷଣ ବର୍ଷା ହୋଇଥିବାରୁ ଏହାର ଜଳସ୍ତର କ୍ରମାଗତ ଭାବେ ବଢ଼ିଚାଲିଛି। ଏହି କାରଣରୁ ହୀରାକୁଦର ୨୨ଟି ଗେଟ୍ ଖୋଲାଯାଇ ବନ୍ୟା ଜଳ ନିଷ୍କାସନ ଜାରି ରହିଛି। ଏହି ଜଳ ତଳିଆ ଅଞ୍ଚଳରେ ପହଞ୍ଚିବା ପରେ ମହାନଦୀରେ ବଡ଼ ବନ୍ୟା ଆସିବାର ଆଶଙ୍କା ରହିଛି। ଏବେ ପ୍ରତି ସେକେଣ୍ଡରେ ହୀରାକୁଦ ଜଳଭଣ୍ଡାରରୁ ପାଖାପାଖି ସାଢ଼େ ୩ ଲକ୍ଷ କ୍ୟୁସେକ ବନ୍ୟାଜଳ ନିଷ୍କାସିତ ହେଉଛି। ସେପଟେ ମୁଣ୍ଡଳୀରେ ଜଳସ୍ତର ବୃଦ୍ଧି ଆଶଙ୍କା ପରେ ବଢ଼ିଲା ତଳିଆ ଅଞ୍ଚଳବାସୀଙ୍କ ଚିନ୍ତା। ଜିଲ୍ଲାପାଳଙ୍କ ସହ ସରକାରୀ ଅଧିକାରୀଙ୍କ ଉଦ୍ଦେଶ୍ୟ ଜାରି କରାଯାଇଛି ସତର୍କ ସୂଚନା। ହୀରାକୁଦ ଜଳଭଣ୍ଡାରକୁ ଗତ ଦୁଇ ଦିନ ହେବ ଲଗାତାର ୩ ଲକ୍ଷରୁ ଊର୍ଦ୍ଧ୍ୱ କ୍ୟୁସେକ ଉପରେ ଜଳ ପ୍ରବେଶ କରୁଛି। ଫଳରେ ଜଳସ୍ତର ଆଜି ସକାଳ ୬ଟା ସୁଦ୍ଧା ୬୨୩.୫୨ ଫୁଟ ରହିଥିଲା। ଉପର ମୁଣ୍ଡରୁ ହୀରାକୁଦ ଜଳ ଭଣ୍ଡାରକୁ ୩ ଲକ୍ଷ ୬୯ ହଜାର ୩୨୨ କ୍ୟୁସେକ ଜଳ ପ୍ରବେଶ କରୁଥିବା ବେଳେ ମାତ୍ର ସେକେଣ୍ଡ ପ୍ରତି ୬୫ ହଜାର ୫୪୩ କ୍ୟୁସେକ ଜଳ ନିଷ୍କାସନ ହେଉଥିଲା। ତେଣୁ ଇନ୍ ଫ୍ଲୋକୁ ଦୃଷ୍ଟିରେ ରଖି ମୋଟ ୨୨ଟି ଗେଟ୍ ଖୋଲାଯାଇଛି। ସେପଟେ ମହାନଦୀରେ ବନ୍ୟା ଜଳ ପ୍ରବାହ ସ୍ଥିତିରେ ପରିବର୍ତ୍ତନ ଦେଖିବାକୁ ମିଳିଛି। ଆଠଗଡ଼ ଓ କଟକ ମୁଣ୍ଡଳୀ ଅଞ୍ଚଳରେ ମହାନଦୀର ଜଳସ୍ତର କ୍ରମଶଃ କମିବାରେ ଲାଗିଛି, ➪ପୃଷ୍ଠା-୬

### ଆଜି ମୁଖ୍ୟମନ୍ତ୍ରୀ ବନ୍ୟାଞ୍ଚଳ ବୁଲିବେ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର ବନ୍ୟା ପ୍ରଭାବିତ ଅଞ୍ଚଳ ବୁଲି କ୍ଷୟକ୍ଷତିର ଆକଳନ କରିବେ। ଆସନ୍ତାକାଲି ମୁଖ୍ୟମନ୍ତ୍ରୀ ଆକାଶମାର୍ଗରୁ ବନ୍ୟାଞ୍ଚଳ ସ୍ଥିତି ପରଖିବେ ବୋଲି ସରକାରୀ ସୂତ୍ରରୁ କୁହାଯାଇଛି। ଆସନ୍ତାକାଲି ମୁଖ୍ୟମନ୍ତ୍ରୀ ପୂର୍ବାହ୍ନ ୧୦ଟା ବେଳେ ବନ୍ୟା ପ୍ରଭାବିତ ଯାଜପୁର, ବାଲେଶ୍ୱର ଓ ନିଜ ଜିଲ୍ଲା କେନ୍ଦୁଝର ବନ୍ୟାଞ୍ଚଳର ସ୍ଥିତି ପରଖିବେ। ତାଙ୍କ ସହ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏବଂ ସ୍ୱତନ୍ତ୍ର ରିଲିଫ୍ କମିଶନର୍ (ଏସ୍‌ଆର୍‌ସି) ରାଜେଶ ପ୍ରଭାକର ପାଟିଲ୍ ମଧ୍ୟ ଉପସ୍ଥିତ ରହିବେ। ସୂଚନାଯୋଗ୍ୟ ଯେ ଗତକାଲି ଶ୍ରୀ ପୂଜାରୀ ଆକାଶ ମାର୍ଗରୁ ବନ୍ୟା ପ୍ରଭାବିତ ଅଞ୍ଚଳର ସ୍ଥିତି ପରଖିସାରିଛନ୍ତି।

### ଦିଲ୍ଲୀରେ ଅମିତ ଶାହ ଓ ଅଶ୍ୱିନୀ ବୈଷ୍ଣବଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ

## ଦ୍ରୁତ ଶିଳ୍ପାୟନ ଓ ରେଳ ସଂଯୋଗୀକରଣ ଉପରେ ବିଶଦ ଆଲୋଚନା





**ଭୁବନେଶ୍ୱର,୩୧।୭(ସଂଚାର ବ୍ୟୁରୋ):** ସମ୍ପ୍ରତି ନୂଆଦିଲ୍ଲୀ ଗସ୍ତରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଓ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ସାକ୍ଷାତ କରିଛନ୍ତି। ଏହି ସାକ୍ଷାତ ସମୟରେ ମୁଖ୍ୟମନ୍ତ୍ରୀ ଶ୍ରୀ ଶାହଙ୍କ ସହ ଦ୍ରୁତ ଶିଳ୍ପାୟନ ନେଇ ବିଶଦ ଆଲୋଚନା କରିଥିବା ବେଳେ ଶ୍ରୀ ବୈଷ୍ଣବଙ୍କ ସହ ରେଳ ସଂଯୋଗୀକରଣ ନେଇ ଚର୍ଚ୍ଚା କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱ ଏବଂ କେନ୍ଦ୍ର ଗୃହମନ୍ତ୍ରୀଙ୍କ ନିରନ୍ତର ପ୍ରେରଣାରେ ବିକାଶ, ପ୍ରଗତି ଓ ସମୃଦ୍ଧିର ଏକ ନୂତନ ପଥରେ ଓଡ଼ିଶା ଦ୍ରୁତ ଗତିରେ ଆଗେଇ ଚାଲିଛି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି।

ଶାହଙ୍କ ସହ ବୈଠକରେ ମୁଖ୍ୟମନ୍ତ୍ରୀ, ରାଜ୍ୟର ବିକାଶମୂଳକ ପଦକ୍ଷେପ, ଆଇନ ଶୃଙ୍ଖଳା ପରିସ୍ଥିତି, ଆଭ୍ୟନ୍ତରୀଣ ସୁରକ୍ଷା ଏବଂ ଚାଲୁ ରହିଥିବା ବିଭିନ୍ନ ବିକାଶମୂଳକ ଓ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ। ରାଜ୍ୟର ବିକାଶ ପ୍ରକ୍ରିୟାକୁ ଆହୁରି ସୁଦୃଢ଼ କରିବା ପାଇଁ ମୁଖ୍ୟମନ୍ତ୍ରୀ କେନ୍ଦ୍ର ଗୃହମନ୍ତ୍ରୀଙ୍କ ନିରନ୍ତର ସହଯୋଗ କାମନା କରିଥିଲେ। କେନ୍ଦ୍ର ଗୃହମନ୍ତ୍ରୀଙ୍କ ଦୃଢ଼ ନେତୃତ୍ୱରୁ ଓଡ଼ିଶା ଆଜି 'ନକ୍ସଲମୁକ୍ତ ରାଜ୍ୟ'ର ମାନ୍ୟତା ପାଇପାରିଛି ବୋଲି ଦର୍ଶାଇ ମୁଖ୍ୟମନ୍ତ୍ରୀ ତାଙ୍କୁ ଧନ୍ୟବାଦ ଦେଇଛନ୍ତି। ନକ୍ସଲ ଦମନରେ ଏହି ସଫଳତା ରାଜ୍ୟର ସାମାଜିକ-ଅର୍ଥନୈତିକ ବିକାଶ ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିଛି। ନକ୍ସଲମୁକ୍ତ ଅଞ୍ଚଳର ବିକାଶ ପାଇଁ ରାଜ୍ୟ ସରକାର 'ଗ୍ରାମୋଦୟ ଯୋଜନା' ମାଧ୍ୟମରେ ସେହି ଅଞ୍ଚଳରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମସ୍ତ କଲ୍ୟାଣକାରୀ ଯୋଜନା ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ କରୁଛନ୍ତି। ସକ୍ରିୟ ପୋଲିସିଂ ଯୋଗୁଁ ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣାଧୀନ ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଗତ ଦୁଇ ବର୍ଷ ମଧ୍ୟରେ ଓଡ଼ିଶାରେ ହୋଇଥିବା ➪ପୃଷ୍ଠା-୬

### ମେଡିକାଲ୍ ପ୍ରଶ୍ନପତ୍ର ଲିକ୍ ମାମଲା

## ୫ଜଣିଆ ତଦନ୍ତ କମିଟି ଗଠିତ

### ତିନି ଦିନ ଭିତରେ ରିପୋର୍ଟ ଦାଖଲ ନିର୍ଦ୍ଦେଶ




**ବ୍ରହ୍ମପୁର,୩୧।୭(ସଂଚାର ବ୍ୟୁରୋ):** ରାଜ୍ୟରେ ମେଡିକାଲ ପିଜି ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ହୋଇଥିବା ବେଳେ ପରୀକ୍ଷା ପ୍ରଶ୍ନପତ୍ର ସୋସିଆଲ୍ ମିଡିଆରେ ଭାଇରାଲ୍ ହୋଇଥିଲା। ତେବେ ଏହି ପ୍ରଶ୍ନପତ୍ର ଲିକ୍ ଘଟଣାର ତଦନ୍ତ ସକାଶେ ଆଜି ମହାରାଜା କୃଷ୍ଣ ଚନ୍ଦ୍ର ଗଜପତି (ଏମ୍‌କେସିଜି) ମେଡିକାଲ୍ କଲେଜ ପକ୍ଷରୁ ଏକ ୫ଜଣିଆ କମିଟି ଗଠନ କରାଯାଇଛି। ପ୍ରଶ୍ନପତ୍ର ଲିକ୍ ହେବା ଫଳରେ ଏମ୍‌କେସିଜି ମେଡିକାଲ୍ କଲେଜ ପରି ଏକ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନର ମର୍ଯ୍ୟାଦା ହାନୀ ଘଟିଥିବା ବେଳେ ଏହାର ତଦନ୍ତ କରିବା ସକାଶେ ଗଠିତ କମିଟିରେ ପ୍ରଫେସର ସୁଦେପା ଦାସ (ସୁପରିଣ୍ଟେଣ୍ଡେଣ୍ଟ), ଡା. ଶ୍ୱେତ କୁମାର ଦାସ(ରେଜିଷ୍ଟ୍ରାର୍, କନ୍‌ଭେନର୍), ପ୍ରଫେସର ଶିବ ପ୍ରସାଦ ପଟ୍ଟନାୟକ (ସର୍ଜରୀ ବିଭାଗ ମୁଖ୍ୟ), ପ୍ରଫେସର୍ ଚନ୍ଦ୍ରଶେଖର ତ୍ରିପାଠୀ (ମନସ୍ତତ୍ତ୍ୱ ବିଭାଗ ମୁଖ୍ୟ) ଓ ପ୍ରଫେସର ଦେବବ୍ରତ ନାଥଶର୍ମା (ନିଶ୍ଚେତକ ବିଶେଷଜ୍ଞ)ଙ୍କୁ ସ୍ଥାନ ଦିଆଯାଇଛି। ଏହି କମିଟିକୁ ତଦନ୍ତ ରିପୋର୍ଟ ତିନି ଦିନ ଭିତରେ ଦାଖଲ କରିବାକୁ କୁହାଯାଇଛି।

### ସିଏମ୍ ଶୁଭେନ୍ଦୁଙ୍କୁ ହତ୍ୟା ଷଡ଼ଯନ୍ତ୍ର, ଜୈଶ ଆତଙ୍କୀ ଗିରଫ



**କୋଲକାତା,୩୧।୭:** ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କୁ ହତ୍ୟା କରିବା ପାଇଁ କଥିତ ଏକ ଷଡ଼ଯନ୍ତ୍ରର ତଦନ୍ତ ସମୟରେ ପଶ୍ଚିମବଙ୍ଗର ସ୍ପେଶାଲ ଟାସ୍କ ଫୋର୍ସ ଜୈଶ-ଏ-ମହମ୍ମଦ ସହିତ ଜଡିତ ହମିମ ମଣ୍ଡଳ ନାମକ ଜଣେ ସନ୍ଦିଗ୍ଧ ଆତଙ୍କବାଦୀଙ୍କୁ ଗିରଫ କରିଛି। ଅଧିକାରୀମାନେ ଦାବି କରିଛନ୍ତି ଯେ ହମିମ ମଣ୍ଡଳଙ୍କର ଏକ ଆତଙ୍କବାଦୀ ନେଟୱାର୍କ ସହିତ ସମ୍ପର୍କ ଅଛି। ସେ ଜୈଶ-ଏ-ମହମ୍ମଦ ସହିତ ଜଡିତ। ତଦନ୍ତକାରୀ ସଂସ୍ଥାର ସୂଚନା ଅନୁଯାୟୀ, ପୁଲୱାମା ଆତଙ୍କବାଦୀ ଆକ୍ରମଣର ମୁଖ୍ୟ ଷଡ଼ଯନ୍ତ୍ରକାରୀ ସଜ୍ଜାଦ ଭଟ୍ଟ ଗୋଷ୍ଠୀ ସହିତ ହମିମ ସମ୍ପୃକ୍ତ।

### ପୂର୍ବତନ ସେନାଧକ୍ଷଙ୍କ ପରଲୋକ



**ନୂଆଦିଲ୍ଲୀ,୩୧।୭:** ଭାରତୀୟ ସେନାର ପୂର୍ବତନ ସେନାଧକ୍ଷ ଜେନେରାଲ ବିଶ୍ୱନାଥ ଶର୍ମାଙ୍କର ଶୁକ୍ରବାର ୯୬ ବର୍ଷ ବୟସରେ ପରଲୋକ ଘଟିଛି। ସେ ୧୯୮୮ ରୁ ୧୯୯୦ ମସିହା ପର୍ଯ୍ୟନ୍ତ ଭାରତୀୟ ସେନାର ମୁଖ୍ୟ ଭାବେ ଦାୟିତ୍ୱ ତୁଲାଇଥିଲେ। ଦେଶର ପ୍ରଥମ ପରମବୀର ଚକ୍ର ସମ୍ମାନିତ ଅମର ଶହୀଦ ମେଜର ସୋମନାଥ ଶର୍ମାଙ୍କ ସେ କନିଷ୍ଠ ଭ୍ରାତା ଥିଲେ। ଡେରାଡୁନ୍ ସ୍ଥିତ ଇଣ୍ଡିଆନ୍ ମିଲିଟାରୀ ଏକାଡେମୀର ପୁରାତନ ଛାତ୍ର ଜେନେରାଲ ଶର୍ମା ୧୯୫୦ ଜୁନ୍ ମାସରେ ୧୬ ଲାଇଟ୍ କାଭାଲରୀରେ ସେନାରେ ଯୋଗ ଦେଇଥିଲେ। ତାଙ୍କ ବିୟୋଗରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଗଭୀର ଶୋକ ପ୍ରକାଶ କରିଛନ୍ତି।

### ସଶକ୍ତ ହେବ ପିଏମ୍ ଶ୍ରୀ ଯୋଜନା

## ୩୦ ବରିଷ୍ଠ ଅଧିକାରୀଙ୍କୁ ତଦାରଖ ଦାୟିତ୍ୱ




**ଭୁବନେଶ୍ୱର,୩୧।୭(ସଂଚାର ବ୍ୟୁରୋ):** ରାଜ୍ୟରେ ପିଏମ୍ ଶ୍ରୀ ଯୋଜନାର କାର୍ଯ୍ୟକାରିତାକୁ ଅଧିକ ସଶକ୍ତ କରିବା ସକାଶେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଠୋସ୍ ପଦକ୍ଷେପ ନିଆଯାଇଛି। ରାଜ୍ୟର ବିଭିନ୍ନ ସ୍ଥାନରେ ପିଏମ୍ ଶ୍ରୀ ସ୍କୁଲ୍‌ଗୁଡ଼ିକର ପ୍ରଦର୍ଶନକୁ ସମୀକ୍ଷା କରିବା ସକାଶେ ୩୦ ଜଣ ବରିଷ୍ଠ ଅଧିକାରୀଙ୍କୁ ରାଜ୍ୟ ସମୀକ୍ଷକ ଭାବେ ନିଯୁକ୍ତି ଦିଆଯାଇଛି। ଏହି ବରିଷ୍ଠ ଅଧିକାରୀଙ୍କ ମଧ୍ୟରେ ୮ ଜଣ ଆଇଏଏସ୍, ୧୩ ଜଣ ଓଏଏସ୍, ଜଣେ ଓଏଫ୍‌ଏସ୍ ଅଫିସର୍ ଓ ୮ ଜଣ ଓଇଏସ୍ ଅଫିସର୍‌ଙ୍କୁ ରଖାଯାଇଛି। ଏହି ଟିମ୍‌ରେ ଶୀର୍ଷ ଶିକ୍ଷା ପ୍ରଶାସକମାନଙ୍କୁ ନିଆଯାଇଛି। ଏଥିରେ ଏସ୍‌ସିଇଆର୍‌ଟି ନିର୍ଦ୍ଦେଶକ, ଓସେପାର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ, ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ନିର୍ଦ୍ଦେଶକ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ, ଏଲିମେଣ୍ଟାରୀ ଏଜୁକେସନ୍ ନିର୍ଦ୍ଦେଶକ, ସିଏଚ୍‌ଏସ୍‌ଇ ଅଧକ୍ଷ ଓ ମାଧ୍ୟମିକ ଶିକ୍ଷା ପରିଷଦର ସଭାପତି ପ୍ରମୁଖ। ଜଣେ ସମୀକ୍ଷକଙ୍କୁ ଗୋଟିଏ ଜିଲ୍ଲାର ପିଏମ୍ ଶ୍ରୀ ସ୍କୁଲ୍‌ର ପ୍ରଦର୍ଶନର ସମୀକ୍ଷା କରିବା ସକାଶେ ଦାୟିତ୍ୱ ଦିଆଯାଇଛି। ସେମାନେ ଉକ୍ତ ସ୍କୁଲ୍‌ଗୁଡ଼ିକର ଏକାଡେମିକ୍ ପ୍ରଦର୍ଶନ ଯାଞ୍ଚ କରିବା ସହ ଶିକ୍ଷା ପ୍ରଦାନ ଓ ଶିକ୍ଷା ଗ୍ରହଣ ଅଭ୍ୟାସ, ଭିତ୍ତିଭୂମି ସହ ପିଏମ୍ ଶ୍ରୀ ଯୋଜନାର ସାମଗ୍ରିକ କାର୍ଯ୍ୟାନ୍ୱୟନର ସମୀକ୍ଷା କରିବେ। ଏହି ସମୀକ୍ଷକମାନେ ଫିଲ୍ଡ ଭିଜିଟ୍ କରିବା ସହ ଆବଶ୍ୟକ ତଥ୍ୟ ସଂଗ୍ରହ କରିବେ ଓ ପିଏମ୍ ଶ୍ରୀ ପୋର୍ଟାଲ୍‌ରେ ସବିଶେଷ ତଥ୍ୟ ଅପଲୋଡ୍ କରିବେ।

## ହର୍ଷ ଓ ଅସ୍ମିତା ଦେଲେ ଡବଲ୍ ଗୋଲ୍ଡ



**ଗ୍ଲାସ୍‌ଗୋ(ସ୍କଟ୍‌ଲ୍ୟାଣ୍ଡ),୩୧।୭:** ଚଳିତ ରାଜ୍ୟଗୋଷ୍ଠୀ କ୍ରୀଡ଼ା ୨୦୨୬ରେ ଆଜି ଭାରତକୁ ଦୁଇଟି ସ୍ୱର୍ଣ୍ଣପଦକ ମିଳିଛି। ଉଭୟ ପଦକ ଜୁଡୋ ଇଭେଣ୍ଟରୁ ମିଳିଛି। ଗୋଟିଏ ପଟେ ପୁରୁଷ ଜୁଡୋକା ହର୍ଷ ସିଂହ ଚମତ୍କାର ପ୍ରଦର୍ଶନ ପୂର୍ବକ ପୁରୁଷ ୬୦ କିଗ୍ରା ଓଜନ ବର୍ଗରେ ଅଷ୍ଟ୍ରେଲିଆର ଜୋସୁଆ କାଜ୍‌ଙ୍କୁ ୧୦-୦ରେ ପରାସ୍ତ କରି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେହିପରି ମହିଳା ଜୁଡୋକା ଅସ୍ମିତା ଦେ' ଶୁକ୍ରବାର ଐତିହାସୀ ସଫଳତା ପାଇଛନ୍ତି। ସେ ଭାରତ ପକ୍ଷରୁ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଜୁଡୋରେ ପ୍ରଥମ ଭାରତୀୟ ମହିଳା ଭାବେ ସ୍ୱର୍ଣ୍ଣପଦକ ଅର୍ଜନ କରିଛନ୍ତି। ସେ ଫାଇନାଲ୍‌ରେ କାନାଡାର ହେଇଦି କ୍ୱାଚ୍‌ଙ୍କୁ ମହିଳା ୪୮ କିଗ୍ରା ଓଜନ ବର୍ଗରେ ପରାସ୍ତ କରିଛନ୍ତି। ଆଜିର ଦୁଇଟି ସ୍ୱର୍ଣ୍ଣପଦକ ସହ ଭାରତର ମୋଟ ପଦକ ସଂଖ୍ୟା ୧୯ରେ ପହଞ୍ଚିଛି।

### ମୋଦି କ୍ୟାବିନେଟ୍‌ର ବଡ଼ ନିଷ୍ପତ୍ତି

## ୫ ବର୍ଷ ବଢ଼ିଲା ପିଏମ୍ କିଷାନ୍ ଅବଧି

### ଖେଲୋ ଇଣ୍ଡିଆ ପାଇଁ ୩୬,୪୧୧ କୋଟିର ଅଟକଳ



**ନୂଆଦିଲ୍ଲୀ,୩୧।୭:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ କମିଟି ବୈଠକରେ କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନାକୁ ୨୦୩୦-୩୧ ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବା ପ୍ରସ୍ତାବକୁ ମଞ୍ଜୁର କରିଛନ୍ତି। ଏଥିପାଇଁ ୩.୧୫ ଲକ୍ଷ କୋଟି ଟଙ୍କାର ଅଟକଳ ଧାର୍ଯ୍ୟ କରାଯାଇଛି। ଗତ ୨୦୧୯ ଫେବ୍ରୁଆରୀରେ ଏହି ଯୋଜନା ଆରମ୍ଭ ହୋଇଥିଲା, ଯେଉଁଥିରେ ଯୋଗ୍ୟ ଚାଷୀଙ୍କୁ ପ୍ରତି ବର୍ଷ ୬୦୦୦ ଟଙ୍କା ସିଧାସଳଖ ସେମାନଙ୍କ ବ୍ୟାଙ୍କ ଖାତା ମାଧ୍ୟମରେ ଦିଆଯାଉଛି। ➪ପୃଷ୍ଠା-୬

## ଭୁଶୁଡ଼ିଲା ଆବାସିକ କୋଠା, ୧୦ ମୃତ

### ଭଗ୍ନାବଶେଷ ତଳେ ବହୁଲୋକ ଫସିଛନ୍ତି

**ନୂଆଦିଲ୍ଲୀ,୩୧।୭:** ମୁମ୍ବାଇ ନିକଟସ୍ଥ ଥାନେ ଜିଲ୍ଲାର ଭିୱଣ୍ଡି ସହରରେ ଏକ ଚାରି ମହଲା ଆବାସିକ କୋଠା ଭୁଶୁଡ଼ି ପଡ଼ିବା ଘଟଣାରେ ଅଦ୍ୟାବଧି ୧୦ ଜଣ ଲୋକଙ୍କର ମୃତଦେହ ଉଦ୍ଧାର କରାଯାଇଛି। ଗତକାଲି ବିଳମ୍ବିତ ରାତିରେ ଘଟିଥିବା ଏହି ଘଟଣାରେ ଭଗ୍ନସ୍ତୂପ ତଳେ ବହୁଲୋକ ଚାପିହୋଇ ରହିଥିବାରୁ ମୃତ୍ୟୁସଂଖ୍ୟା ଆହୁରି ବଢ଼ିବ ବୋଲି ସ୍ଥାନୀୟ ପୁଲିସ୍ ଓ ପ୍ରଶାସନ ଆଶଙ୍କା କରିଛି। ➪ପୃଷ୍ଠା-୬





### କାନ ଡେରିଆ

ଜଳ ନିଷ୍କାସନ ବଡ଼ ପ୍ରହସନ
ପୂର୍ବରୁ ଅଛି ଯେ ରହି
ଯେଉଁଠିକି ଯିବେ ଜଳମୟ ସବୁ
ଥୋବରା ହେଲୁଣୁ କହି
ସରକାରୀ ନିଘା ନାହିଁ...
ସବୁ ସରକାରେ ପ୍ରତିଶ୍ରୁତି ମିଳେ
କାହାକୁ କହିବା ଯାଇ।

■ ଦେବାଶିଷ

## ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗରୁ ହଟିବେ ପ୍ରଶାସକ ଓ ଯନ୍ତ୍ରୀ

- ଦୀର୍ଘବର୍ଷ ଧରି ଚଉକି ଛାଡୁନାହାନ୍ତି
- ପ୍ରଶାସନିକ ସଂସ୍କାର ପାଇଁ ବିଦା ହେବେ




**ଭୁବନେଶ୍ୱର,୩୧।୭(ସଂଚାର ବ୍ୟୁରୋ):** ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବର୍ଷ ବର୍ଷ ଧରି ଗାଦିମଡା ବାବୁମାନଙ୍କର ବଦଳି ହେବ। ପ୍ରଶାସନିକ ସଂସ୍କାର ପାଇଁ ଏଭଳି ପଦକ୍ଷେପ ନିଆଯିବାକୁ ତାଲିକା ପ୍ରସ୍ତୁତ ଚାଲିଥିବା ସୂଚନା ମିଳିଛି। ରାଜ୍ୟର ଏହି ଗୁରୁତ୍ୱପୂର୍ଣ୍ଣ ବିଭାଗ ଅଧୀନରେ କେବଳ ପୌର ପ୍ରଶାସନ ନୁହେଁ, ୱାଟ୍‌କୋ ଓ ଜନସ୍ୱାସ୍ଥ୍ୟ ଭଳି ଗୁରୁତ୍ୱପୂର୍ଣ୍ଣ ସେବା ପ୍ରଦାନକାରୀ ସଂସ୍ଥା ରହିଛି। ଏଠାରେ ପ୍ରଶାସନିକ ଅଧିକାରୀ ଓ କର୍ମଚାରୀଙ୍କ ସମେତ ମାଳ ମାଳ ଯନ୍ତ୍ରୀ କାର୍ଯ୍ୟ କରୁଛନ୍ତି। କିଛି ଯନ୍ତ୍ରୀ ବର୍ଷ ବର୍ଷ ଧରି ଗୋଟିଏ ସ୍ଥାନରେ ଚଉକି ମାଡ଼ି ବସିଛନ୍ତି। ମଝିରେ ମଝିରେ ଲୋକଦେଖାଣିଆ ଭାବେ ଏପଟ ସେପଟ ହୋଇ ଯାଉଛନ୍ତି। ସରକାରଙ୍କର ବଦଳି ନିୟମକୁ ଏମାନେ ଏକପ୍ରକାର ଫୁ' କରିଦେଇଛନ୍ତି।

ପ୍ରଶାସନରେ ସ୍ୱଚ୍ଛତା ଓ ସଂସ୍କାର ପାଇଁ ସରକାର ଜାରି କରିଥିବା ନିୟମ ଅନୁଯାୟୀ କର୍ମଚାରୀମାନେ ଗୋଟିଏ ସେକ୍ସନରେ ୬ ବର୍ଷ ଓ ଗୋଟିଏ ବିଭାଗରେ ୧୦ ବର୍ଷରୁ ଅଧିକ ରହିପାରିବେ ନାହିଁ। ଯେଉଁମାନଙ୍କର ଅନ୍ୟତ୍ର ବଦଳି ହେବ ସେମାନେ ୩ ବର୍ଷ ଭିତରେ ପୂର୍ବ ସ୍ଥାନକୁ ଫେରିପାରିବେ ନାହିଁ। ଏହା ବାଦ୍ ବି ସରକାର ଆବଶ୍ୟକତାକୁ ଦେଖି ବଦଳି କରିପାରିବେ।

ତେବେ ଯନ୍ତ୍ରୀମାନଙ୍କ କ୍ଷେତ୍ରରେ କିନ୍ତୁ ବଦଳି ନିୟମ ଭିନ୍ନ। ସେମାନେ ଗୋଟିଏ ସେକ୍ସନରେ ଅତି ବେଶୀରେ ୩ ବର୍ଷ ଓ ଗୋଟିଏ ସବଡିଭିଜନରେ ୫ ବର୍ଷ କାର୍ଯ୍ୟ କରିପାରିବେ। ହେଲେ ଏହି ବଦଳି ନିୟମକୁ ପ୍ରଶାସକଙ୍କଠାରୁ ଯନ୍ତ୍ରୀଙ୍କ ପର୍ଯ୍ୟନ୍ତ କେହି ମାନୁ ନ ଥିବା ସରକାରଙ୍କ ନଜରକୁ ଆସିଛି। ସବ୍‌ଡିଭିଜନ ତ ଦୂରର କଥା ସେକ୍ସନ ବଦଳାଇବାକୁ ବି କେତେକ ଯନ୍ତ୍ରୀ ରାଜି ନୁହନ୍ତି। ଯେତେବେଳ ବଦଳି ହେଉଛି ବିଭିନ୍ନ ସ୍ତରରେ ଲବି କରି ଏହାକୁ ସେମାନେ ଟାଳି ଦେଉଛନ୍ତି। ତେଣୁ ଏମାନଙ୍କୁ ଏବେ ହଟାଇ ପ୍ରଶାସନରେ ସଂସ୍କାର ଆଣିବାକୁ ଯୋଜନା ହେଉଛି।

ବିଭାଗୀୟ ମନ୍ତ୍ରୀ ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର ମଧ୍ୟ ଏଭଳି ପ୍ରଶାସନିକ ସଂସ୍କାର ନେଇ ସୂଚନା ଦେଇଛନ୍ତି। ବାବୁମାନଙ୍କ ମଧ୍ୟରେ କାର୍ଯ୍ୟ କ୍ଷେତ୍ରରେ ଦକ୍ଷତା ବୃଦ୍ଧି ପାଇଁ ଏଭଳି ବଦଳିର ଆବଶ୍ୟକତା ରହିଛି ଓ ଠିକଣା ସମୟରେ ଏ ଦିଗରେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି। ଏହାଦ୍ୱାରା ଲୋକସେବା ଭବନଠାରୁ ଆରମ୍ଭ କରି ଜିଲ୍ଲା ସ୍ତର ବିଭାଗର କାର୍ଯ୍ୟରେ ସକାରାତ୍ମକ ପ୍ରଭାବ ପରିଲକ୍ଷିତ ହେବ। ଉଲ୍ଲେଖନୀୟ ଯେ ରାଜ୍ୟ ରାଜଧାନୀଠାରୁ ଆରମ୍ଭ କରି ୧୧୫ଟି ପୌରସଂସ୍ଥାରେ ଏକାଧିକ କେନ୍ଦ୍ରୀୟ ଓ ରାଜ୍ୟ ଯୋଜନା କାର୍ଯ୍ୟକାରୀ ହେଉଥିବା ବେଳେ ଏହାର ଗୁରୁଦାୟିତ୍ୱ ବିଭାଗୀୟ ଅଧିକାରୀଙ୍କ ଉପରେ ରହିଛି। ଏ ବାବଦରେ ହଜାର ହଜାର କୋଟି ଟଙ୍କା ବ୍ୟୟ ହେଉଛି। ତେଣୁ ସେମାନଙ୍କ ଦକ୍ଷତା ବିଭାଗ ସହ ବିଭାଗରେ ସ୍ୱଚ୍ଛତା ଆଣିବା ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି।

କେବଳ ଏହି ଗୋଟିଏ ବିଭାଗ ନୁହେଁ, ଲୋକସେବା ଭବନରେ ଥିବା ପ୍ରାୟ ସମସ୍ତ ବିଭାଗରେ ବଦଳି ନିୟମକୁ କଡ଼ାକଡ଼ି ପାଳନ କରିବା ସହ ପ୍ରଶାସନରେ ସ୍ୱଚ୍ଛତା ଆଣିବା ପାଇଁ ସରକାର ପଦକ୍ଷେପ ଗ୍ରହଣ କରୁଥିବା ନେଇ ସୂଚନା ମିଳିଛି।

# ପଟ୍ଟାମୁଣ୍ଡାଇରେ ବନ୍ୟା ପରିସ୍ଥିତି ଗମ୍ଭୀର

### ବ୍ୟାପକ ଅଞ୍ଚଳ ଜଳମଗ୍ନ

### ଧୋୟାଅଞ୍ଚଳରେ କୁମ୍ଭୀର ଆତଙ୍କ

### ଡଙ୍ଗା, ଗୋଖାଦ୍ୟ, କିରୋସିନ ଓ ବ୍ଲିଚିଙ୍ଗ ଦାବି





**ପଟ୍ଟାମୁଣ୍ଡାଇ,୩୧।୭ (ସଂଚାର ବ୍ୟୁରୋ):** ଏବେବି ବିପଦ ସଂକେତ ଉପରେ ବ୍ରାହ୍ମଣୀ ନଦୀରେ ବନ୍ୟାଜଳ ପ୍ରବାହିତ ହେଉଛି । ବନ୍ୟା ଘେର ରେ ଥିବା ଲୋକମାନେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହୋଇ ନର୍କ ଯନ୍ତ୍ରଣା ଭୋଗ କରୁଛନ୍ତି । ଆଜି ରାଜନଗର ବିଧାୟକ ଧ୍ରୁବ ସାହୁ, ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧକ୍ଷ ହେମନ୍ତ ସାହୁ ନିର୍ବାହୀ ଅଧିକାରୀ ରଞ୍ଜନ କୁମାର ଦାଶ ବିଭିନ୍ନ ବିଭାଗ ଅଧିକାରୀଙ୍କ ସହିତ ପୌର ପରିଷଦ ଅନ୍ତର୍ଗତ ୪ନଂ ୱାର୍ଡ ନନ୍ଦିନୀନଗରର ସମେତ ଅଧିକ କ୍ଷତିଗ୍ରସ୍ତ ବିଭିନ୍ନ ଅଂଚଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିବା ସହିତ ସମସ୍ତ ବନ୍ୟା ବିପନ୍ନ ଲୋକମାନଙ୍କୁ ସମସ୍ତ ସହାୟତା ଯୋଗାଇ ଦେବାକୁ ବିଧାୟକ ନିର୍ଦ୍ଦେଶ ଦେଇଥିଲେ । ନନ୍ଦିନୀନଗରର କେତେକ ଲୋକଙ୍କ ଘରେ ପାଣି ପଶି ଥିବାରୁ ଅଗ୍ନି ଶମ ବାହିନୀ ସହାୟତାରେ ସେମାନଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିଲା ।

ପଟ୍ଟାମୁଣ୍ଡାଇ ଅଞ୍ଚଳରେ ବାରମ୍ବାର ଲଘୁଚାପ ଜନିତ ଲଗାଣବର୍ଷା ଓ ରେଙ୍ଗାଲି ପାଣି ଛାଡିବା ଯୋଗୁଁ ବ୍ରାହ୍ମଣୀ, ବୈତରଣୀ ଓ କାଣୀ ନଦୀରେ ବନ୍ୟା ଆସିବା ଫଳରେ ପଟ୍ଟାମୁଣ୍ଡାଇ ବ୍ଲକର ୧୪ ପଂଚାୟତ ଓ ପୌରାଞ୍ଚଳର ୧୧ଟି ୱାର୍ଡର ପ୍ରାୟ ୫୦ ହଜାରରୁ ଉର୍ଦ୍ଧ୍ୱ ଲୋକ ଓ ୧୫ହଜାର ଗୃହ ପାଳିତ ପଶୁ ଜଳବନ୍ଦୀ ହୋଇପଡିଛନ୍ତି। ପଟ୍ଟାମୁଣ୍ଡାଇ ବ୍ଲକ ସିଂହଗାଁ ପଂଚାୟତର ସିଂହଗାଁ, କୃଷ୍ଣଦାସପୁର, ରାଉଳିଆଡିଆ, ପାଣିସାଉଁଳିଆ ଆଦି ଜଳମଗ୍ନ ହୋଇ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇପଡିଛି । ଅଳପୁଆ ପଂଚାୟତ ଗୋଜିଆକଣ, ବିଲମଲିକସାହି, ବେହେରାସାହି, ମିଶ୍ରବାଗ, ସେଠୀସାହି, ଜେନାସାହି, ପାହାନ୍ତାସିଂହ ସାହି, ତରଡ଼ିପାଳ ପଂଚାୟତର ପୋଖରୀକୂଳ, ଗୋପାଳପୁର, ଜେନାସାହି, ବିଶ୍ୱାଳ ସାହି, ନାଥସାହି, ମଳିକସାହି ଘାଗରାଡିଆ ପେଣ୍ଟପାଳ ପଂଚାୟତର କୂଳସାହି, କୋଳଥିଆ,ବାଲିକିରା,ଦାଣ୍ଡିସାହି ଦାଣ୍ଡିସାହି, ଅଣ୍ଡରା ପଂଚାୟତର ବ୍ରହ୍ମପୁର,ବିଷ୍ଣୁପୁର, ବ୍ରାହ୍ମଣସାହି, ଦାଣ୍ଡିଉପର, ଅମୃତମଣୋହି ପଂଚାୟତର ନୂଆଡିଆ,ଜଗନ୍ନାଥ ପୁର, ଶାନ୍ତିପଡା, ସିଦ୍ଧବାଲି, ବଲୁରିଆ ପଂଚାୟତର ଫୁଲପାଟଣା ଆଦି ବହୁ ଗ୍ରାମ ଓ ହଜାର ହଜାର ଏକର ଚାଷଜମି ଜଳମଗ୍ନ ହୋଇ ପଡିଛି।

ସମ୍ପ୍ରତି ବନ୍ୟା ବିପନ୍ନ ବିଭିନ୍ନ ଅଂଚଳରେ କୁମ୍ଭୀର ଦେଖା ଯାଉଥିବା ଖବର ଜଣାପଡିବା ପରେ ଲୋକମାନଙ୍କ ମଧ୍ୟରେ ଘୋର ଆତଙ୍କ ସୃଷ୍ଟି ହୋଇଛି। ଫଳରେ ଲୋକମାନେ ଘରୁ ବାହାରିବା ପାଇଁ ଭୟ କରୁଛନ୍ତି । କୋଳଥିଆ ଓ ଶାସନ ସ୍କୁଲ ବନ୍ୟାଜଳରେ ବୁଡି ରହିଛି। ସୁବଳପୁର-ଗୋଜିଆକଣ ରାସ୍ତାରେ ବନ୍ୟାଜଳ ସୁଅ ଛୁଟୁଛି । ତରଡ଼ିପାଳ ପଂଚାୟତ ତରଡ଼ି ପାଲରେ ଘାଇ ସୃଷ୍ଟି ହୋଇ ଯାତାୟାତ ବାଧାପ୍ରାପ୍ତ ହୋଇଛି।

ସେହିପରି ପଟ୍ଟାମୁଣ୍ଡାଇ ବ୍ଲକର ଶ୍ରୀରାମପୁର, ଡାମରପୁର, ନୀଳକଣ୍ଠପୁର, ବାଲିପାଟଣା, ବାଛରା, ବଳଭଦ୍ରପୁର ଶାସନ ଆଦି ପଂଚାୟତର ବିଭିନ୍ନ ଅଂଚଳ ଓ ଚାଷଜମି ଜଳମଗ୍ନ ହୋଇପଡିଛି । ବନ୍ୟା ବିପନ୍ନଲୋକମାନେ ଜଳବନ୍ଦୀ ହୋଇ ଅତ୍ୟାବଶ୍ୟକ ସାମଗ୍ରୀ ପାଇବାରୁ ବଂଚିତ ହୋଇଥିବା ବେଳେ ଗୃହପାଳିତ ପଶୁମାନେ ଗୋ ଖାଦ୍ୟ ପାଇଁ ଡହଳବିକଳ ହେଉଛନ୍ତି ।

କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ଆଜି ପଟ୍ଟାମୁଣ୍ଡାଇ ଧୋୟାଅଞ୍ଚଳର ଅଣ୍ଡରା ଅମୃତ ମଣୋହି ବଲୁରିଆ ପେଣ୍ଟପାଳ ତରଡ଼ିପାଳ ଅଳପୁଆ ଆଦି ବିଭିନ୍ନ ପଂଚାୟତ ଗସ୍ତ କରି ସ୍ଥିତି ଅନୁଧ୍ୟାନ କରିବା ସହିତ ବିପନ୍ନ ଲୋକମାନଙ୍କୁ ସମସ୍ତ ସହାୟତା ଯୋଗାଇ ଦେବାକୁ ଏସ ଆର ସି ଓ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କୁ ଚିଠି ଲେଖି ଦାବୀ କରିଛନ୍ତି ।

ସମ୍ପ୍ରତି ବନ୍ୟା ସ୍ଥିତି ଗମ୍ଭୀର ହୋଇଥିବା ଓ ବନ୍ୟା ଯୋଗୁଁ ପରିବେଶ ଦୂଷିତ ହୋଇ ଚାରିଆଡେ ଝାଡା ବାନ୍ତି, ଥଣ୍ଡା, ଜ୍ୱର ଲାଗି ରହିଛି। ସରକାର ତଥା ଜିଲ୍ଲା ପ୍ରଶାସନ ପର୍ଯ୍ୟାପ୍ତ ଔଷଧ ସାଲାଇନ, ବ୍ଲିଚିଙ୍ଗ, ଗୋ ଖାଦ୍ୟ କିରୋସିନ ଓ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଇ ଦେବାକୁ ସାଧାରଣରେ ଦାବୀ ହେଉଛି ।

## ଉଦ୍ଧାର କାର୍ଯ୍ୟରେ ସାମିଲ ହେଲେ ଆଦର୍ଶ ଥାନା ଆଇଆଇସି



**ପଟ୍ଟାମୁଣ୍ଡାଇ,୩୧।୭ (ସଂଚାର ବ୍ୟୁରୋ):** ଲଘୁଚାପ ଜନିତ ଲଗାଣ ବର୍ଷା ଓ ରେଙ୍ଗାଲି ପ୍ରକଳ୍ପରୁ ପାଣି ଛଡ଼ାଯିବା କାରଣରୁ ବ୍ରାହ୍ମଣୀ ଅବବାହିକା ଧୋୟାଅଞ୍ଚଳରେ ଗୁରୁତର ବନ୍ୟା ପରିସ୍ଥିତି ଉପୁଜିଛି। ପଟ୍ଟାମୁଣ୍ଡାଇ ବ୍ଲକର ୧୪ ଟି ପଞ୍ଚାୟତ ଓ ପୌରାଞ୍ଚଳର ୧୧ ଟି ୱାର୍ଡ ଜଳମଗ୍ନ ହେବା ସହିତ ଗ୍ରାମ ଓ ସାହି, ବସ୍ତି ଗୁଡ଼ିକ ପାଣି ଘେରରେ ରହିଛି। ୨୦ ହଜାରରୁ ଊର୍ଦ୍ଧ୍ୱ ଲୋକ ଜଳବନ୍ଦୀ ହୋଇ ପଡ଼ିଥିବା ବେଳେ ପ୍ରାୟ ୨୦ ହଜାରରୁ ଊର୍ଦ୍ଧ୍ୱ ଗୃହପାଳିତ ପଶୁ ଜଳବନ୍ଦୀ ଅବସ୍ଥାରେ ରହି ଖାଦ୍ୟ ବିନା ଡହଳ ବିକଳ ହେଉଛନ୍ତି। ବନ୍ୟା ପରିସ୍ଥିତିର ଗମ୍ଭୀରତାକୁ ଲକ୍ଷ୍ୟ କରି ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅଧିକାରୀଣି ବନ୍ଦନା ପାତ୍ର ବନ୍ୟାର ଭୟାବହତାକୁ ଖାତିରି ନ କରି ଗତକାଲି ରାତି ଠାରୁ ପଟ୍ଟାମୁଣ୍ଡାଇର ବନ୍ୟା ପ୍ଲାବିତ ବିଭିନ୍ନ ଅଞ୍ଚଳକୁ ଗସ୍ତ କରିବା ସହିତ ଉଦ୍ଧାର କାର୍ଯ୍ୟରେ ନିୟୋଜିତ କରିଥିବା ପ୍ରଶାସନ ସାଧାରଣରେ ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟିଛି। ଗତକାଲି ରାତିରେ ତଳଲାଳିପଡ଼ା ଗ୍ରାମର ଫସି ରହିଥିବା ଏକ ପରିବାରକୁ ବନ୍ୟା ପାଣିରେ ପଶି ଉଦ୍ଧାର କରିଥିଲେ। ଆଜି ପୌରାଞ୍ଚଳର ଚନ୍ଦ୍ରପୁର, ନନ୍ଦିନୀନଗର, ପଟ୍ଟାମୁଣ୍ଡାଇ ବ୍ଲକର ନୀଳକଣ୍ଠପୁର, ଅଣ୍ଡରା, ଅମୃତମଣହି ଆଦି ପଞ୍ଚାୟତ ଅଞ୍ଚଳକୁ ଉଦ୍ଧାର ଟିମ୍ ସହିତ ଗସ୍ତ କରି ବନ୍ୟା ଜଳରେ ଫସି ରହିଥିବା ଲୋକମାନଙ୍କୁ ଉଦ୍ଧାର କରିଥିଲେ। ଆସନ୍ତାକାଲି ନିଜସ୍ୱ ପାଣ୍ଠିରେ ବନ୍ୟା ଦୁର୍ଗତମାନଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରିବେ ବୋଲି ଶ୍ରୀମତୀ ପାତ୍ର କହିଛନ୍ତି।

## ସର୍ଭର କାମ କରୁନି, ହୋଇପାରୁନି ପ୍ରଧାନମନ୍ତ୍ରୀ ଫସଲବୀମା ପଞ୍ଜିକରଣ

**ନିଶ୍ଚିନ୍ତକୋଇଲି,୩୧।୭ (ସଂଚାର ବ୍ୟୁରୋ):** ପ୍ରାକୃତିକ ଦୁର୍ବିପାକର ଅନିଶ୍ଚିତତାକୁ ଏଡ଼ାଇ ନିଜ ଭବିଷ୍ୟତକୁ ସୁରକ୍ଷିତ ରଖିବା ପାଇଁ ଭାରତ ସରକାରଙ୍କ ପକ୍ଷରୁ ୨୦୨୬ ଖରିଫ ଋତୁ ପାଇଁ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାରେ ଚାଷୀମାନେ ସେମାନଙ୍କ ନାମ ପଞ୍ଜିକରଣ କରିବାକୁ ଶେଷ ତାରିଖ ତା.୩୧.୦୭.୨୦୨୬ ରଖିଥିଲେ। ସଚେତନତା ଅଭାବ ଓ ସର୍ଭର କାମ କରୁନଥିବାରୁ ଅନେକ ଚାଷୀ ୨୦୨୬ଖରିଫ ଋତୁ ପାଇଁ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାରେ ସେମାନଙ୍କ ନାମ ପଞ୍ଜିକରଣ କରିପାରିଲେ ନାହିଁ। ନାମ ପଞ୍ଜିକରଣ ନକରିପାରିବାରୁ ଚାଷୀମାନଙ୍କ ମହଲରେ ଅସନ୍ତୋଷ ଦେଖାଦେଇଛି। ତେଣୁ ଚାଷୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ୨୦୨୬ ଖରିଫ ଋତୁ ପାଇଁ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାରେ ଚାଷୀମାନେ ସେମାନଙ୍କ ନାମ ପଞ୍ଜିକରଣ କରିବାକୁ ତା.୦୧.୦୮.୨୦୨୬ ରିଖ (୧୫ଦିନ ପର୍ଯ୍ୟନ୍ତ) ଅବଧିକୁ ବୃଦ୍ଧି କରାଇବାକୁ ଚାଷୀ ମହଲରୁ ଦାବି ହୋଇଛି।

### ଡଗରା ମଦର ଟେରେସା ସେବାସଂଘରେ

## ହିମାଂଶୁ ପାଳିଲେ ନିଆରା ଜନ୍ମଦିନ



**ବାଲିଆପାଳ,୩୧।୭ (ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଡଗରା ରେ ଥିବା ମଦର ଟେରେସା ସେବାସଂଘ ରେ ବଳରାମପୁର ପଞ୍ଚାୟତ ର ବିଶ୍ୱନାଥପୁର ଗ୍ରାମର ବିରେନ ମାଝୀ ଓ ମାତା ଝରଣା ମାଝୀ ଙ୍କ ସୁପୁତ୍ର ହିମାଂଶୁ ମାଝୀ ୧୫ତମ ଜନ୍ମଦିନ ପାଳନ କରିଛନ୍ତି । ପୂର୍ବ ବର୍ଷ ମାନ ରେ ହିମାଂଶୁ ଙ୍କ ଜନ୍ମଦିନ ନିଜ ଘରେ ପାଳିତ କରୁଥିବା ବେଳେ ପନ୍ଦର ତମ ବର୍ଷ ଅନ୍ଧ,ମୁକ ବଧିର ପିଲାଙ୍କ ସହିତ ଜନ୍ମଦିନ ପାଳିତ କରୁଥିବା ର ସିଦ୍ଧାନ୍ତ ନେଇଥିବା ସୁଧାଂଶୁର ବାପା ବିରେନ ମାଝୀ କହିଛନ୍ତି। ମଦର ଟେରେସା ସ୍କୁଲ ର ପ୍ରିନ୍ସପାଲ ମହେଶ୍ୱର ବେହେରାଙ୍କ ତତ୍ତ୍ୱାବଧାନରେ ଭିନ୍ନକ୍ଷମ ପିଲାଙ୍କୁ ଖାଦ୍ୟ ପରସି ନିଜକୁ ଧନ୍ୟ ମନେ କରିଥିଲେ। । ଏହି ଜନ୍ମଦିନ ଟି ନିଆରା ଢଙ୍ଗରେ ପାଳିତ ହୋଇଯାଇଛି । ଘରର ମୁଖ୍ୟ ଜେଜେବାପା ସୀତାରାମ ମାଝୀ ତନ୍ମୟ ମାଝୀ ,ଶୁଭଲକ୍ଷ୍ମୀ ମାଝୀ ,ଜ୍ୟୋତିପ୍ରଭା ମାଝୀ ଙ୍କ ସହିତ ପରିବାର ର ଅନ୍ୟ ସଦସ୍ୟ ମାନେ ସୁଧାଂଶୁଙ୍କୁ ଆଶ୍ରିବାଦ ଦେଇଥିବା ବେଳେ ସୁଧାଂଶୁ ର ସାଙ୍ଗ ମାନେ ମଧ୍ୟ ୧୫ତମ ଜନ୍ମଦିନ ପାଳିଥିଲେ ।

### କୋଟି କୋଟି ଟଙ୍କାର ନଦୀବନ୍ଧ ପ୍ରକଳ୍ପକୁ ନେଇ ଉଠିଲା ପ୍ରଶ୍ନ

## ବନ୍ୟା ବେଳେ ଚିତ୍ରୋତ୍ପଳା ନଦୀବନ୍ଧରେ ଫାଟ

### ଜଳସମ୍ପଦ ବିଭାଗର ଯନ୍ତ୍ରୀଙ୍କୁ ଘେରିଲେ ସ୍ଥାନୀୟ ଲୋକ

### ଉଚ୍ଚସ୍ତରୀୟ ତଦନ୍ତ ଦାବି



**କେନ୍ଦ୍ରାପଡ଼ା,୩୧।୭ (ସଂଚାର ବ୍ୟୁରୋ):** ମହାନଦୀ ବନ୍ୟାଜଳ ପ୍ରଭାବରେ ଚିତ୍ରୋତ୍ପଳା ନଦୀର ଜଳସ୍ତର ବୃଦ୍ଧି ପାଇବା ସହ ମାର୍ଶାଘାଇ ବ୍ଲକର ପରକୁଳା ଓ ପିକରାଳି ଗ୍ରାମ ନିକଟ ନଦୀବନ୍ଧର କେତେକ ସ୍ଥାନରେ ଘାଇ ଓ ଫାଟ ସୃଷ୍ଟି ହୋଇଥିବା ଦେଖାଯାଇଛି। ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ଠିକାଦାର ପକ୍ଷରୁ ବାଲିବସ୍ତା ଓ ବୋଲ୍ଡର ପକାଇ ଜରୁରୀ ମରାମତି କାମ ଚାଲିଛି।

ଏହି ସମୟରେ ପୁଣ୍ଡାଳ ନର୍ଥ ଡିଭିଜନ ଜଳସମ୍ପଦ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଓ ଅନ୍ୟାନ୍ୟ ବିଭାଗୀୟ ଯନ୍ତ୍ରୀ ଘଟଣାସ୍ଥଳ ପରିଦର୍ଶନକୁ ଯାଇଥିବା ବେଳେ ସ୍ଥାନୀୟ ଲୋକ ସେମାନଙ୍କୁ ବିଭିନ୍ନ ପ୍ରଶ୍ନ କରିଥିଲେ। ନଦୀବନ୍ଧ ନିର୍ମାଣର ଗୁଣବତ୍ତା ଓ ରକ୍ଷଣାବେକ୍ଷଣକୁ ନେଇ ଲୋକମାନେ ଅସନ୍ତୋଷ ପ୍ରକାଶ କରିଥିଲେ।

ସ୍ଥାନୀୟଙ୍କ ଅଭିଯୋଗ ଅନୁସାରେ, ମାଣ୍ଡିଆରାଘପୁରରୁ ନାରାୟଣପୁର ସୁଇସ୍ ଗେଟ୍ ପର୍ଯ୍ୟନ୍ତ ପ୍ରାୟ ୫ କିଲୋମିଟର ନଦୀବନ୍ଧ ଓ ରାସ୍ତା ନିର୍ମାଣ ପାଇଁ ପ୍ରାୟ ୧୦୭ କୋଟି ଟଙ୍କା ବ୍ୟୟ ହୋଇଥିଲା। କିନ୍ତୁ ନିର୍ମାଣର ଅଳ୍ପ ସମୟ ମଧ୍ୟରେ ବିଭିନ୍ନ ସ୍ଥାନରେ ରାସ୍ତା ଧସିବା ଓ ଫାଟ ସୃଷ୍ଟି ହେବାରୁ କାର୍ଯ୍ୟର ମାନକୁ ନେଇ ପ୍ରଶ୍ନ ଉଠିଛି। ଏପରିକି ମରାମତି ନାମରେ ବହୁ ଟଙ୍କା ଖର୍ଚ୍ଚ ହୋଇଥିବା ନେଇ ମଧ୍ୟ ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି।

ବର୍ତ୍ତମାନ ବନ୍ୟା ପରିସ୍ଥିତିରେ ନଦୀବନ୍ଧର ସୁରକ୍ଷାକୁ ନେଇ ଲୋକଙ୍କ ଚିନ୍ତା ବଢ଼ିଛି। ନିର୍ମାଣ କାର୍ଯ୍ୟରେ କୌଣସି ଅନିୟମିତତା ଘଟିଛି କି ନାହିଁ, ତାହାର ନିରପେକ୍ଷ ଓ ଉଚ୍ଚସ୍ତରୀୟ ତଦନ୍ତ କରି ଦୋଷୀଙ୍କ ବିରୋଧରେ କଠୋର ପଦକ୍ଷେପ ନେବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

ବନ୍ୟା ବିପଦ ମଧ୍ୟରେ ଚିତ୍ରୋତ୍ପଳା ନଦୀବନ୍ଧର ସୁରକ୍ଷାକୁ ନେଇ ଉଠିଥିବା ଏହି ପ୍ରଶ୍ନର ଉତ୍ତର କେବେ ମିଳିବ ଓ ପ୍ରଶାସନ କି ପଦକ୍ଷେପ ନେଉଛି, ତାହା ଉପରେ ଏବେ ସମସ୍ତଙ୍କ ନଜର ରହିଛି।

## ଲୁଣା ନଦୀର ବନ୍ୟା ଜଳରେ ଭାସିଯାଇ ମହିଳା ନିଖୋଜ, ଉଦ୍ଧାର କାର୍ଯ୍ୟ ଜାରି



**ଡେରାବିଶ,୩୧।୭ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ସଦର ଥାନା ତଥା ଚାନ୍ଦୋଳ ଫାଣ୍ଡି ଅଧୀନ ଲୁଣାନଦୀର ଦନପୁର ପୋଲ ନିକଟରେ ଆଜି ସକାଳେ ଜଣେ ମହିଳା ବନ୍ୟା ପାଣିରେ ଭାସିଯାଇ ନିଖୋଜ ହୋଇଯାଇଛନ୍ତି। ବନ୍ୟାପାଣିରେ ଭାସିଯାଇ ନିଖୋଜ ହୋଇଥିବା ମହିଳା ଜଣକ ଦାନପୁର ପଞ୍ଚାୟତ ଅନ୍ତର୍ଗତ ଦାନପୁର ଗ୍ରାମର ଗୌତମ ଦାସଙ୍କ ପତ୍ନୀ ମନୋରମା ଦାସ (୪୬)।

ଗୌତମଙ୍କ ସୂଚନା ଅନୁଯାୟୀ ଆଜି ସକାଳେ ତାଙ୍କ ସ୍ତ୍ରୀ ମନୋରମା ଦାନପୁର ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସିତ ହେବା ପାଇଁ ତାଙ୍କୁ କହି ଯାଇଥିଲେ ଏବଂ ସେ ନିଜେ ବିଲରେ ଧାନ ରୋଇବାକୁ ଯାଇଥିଲେ। କିଛି ସମୟପରେ ସେ ଗ୍ରାମ ଲୋକଙ୍କ ଠାରୁ ଖବର ପାଇଲେ ଯେ, ତାଙ୍କ ସ୍ତ୍ରୀ ମନୋରମା ଦାନପୁର ସେତୁ ଉପରେ ଛିଡ଼ା ହୋଇ ବନ୍ୟା ପାଣି ଦେଖୁଥିବା ବେଳେ ଭାରସାମ୍ୟ ହରାଇ ନଦୀର ଗଭୀର ଜଳକୁ ଖସିପଡ଼ିଛନ୍ତି। ନଦୀର ସ୍ରୋତରେ ମହିଳା ଜଣକ ଭାସିଯାଉଥିବା ସ୍ଥାନୀୟ ଲୋକ ଦେଖି ତୁରନ୍ତ ଅଗ୍ନିଶମ ବାହିନୀକୁ ଫୋନ୍ କରିଥିଲେ। ତେବେ ଘଟଣା ସ୍ଥଳରେ ଡେରାବିଶର ଅଗ୍ନିଶମ ବାହୀନୀ ପହଞ୍ଚି ବୋଟ୍ ଯୋଗେ ନଦୀ ମଧ୍ୟରେ ଖୋଜା ଖୋଜି ଆରମ୍ଭ କରିଥିଲେ। ଆଜି ସନ୍ଧ୍ୟାସୁଦ୍ଧା ମହିଳାଙ୍କୁ ଉଦ୍ଧାର କରାଯାଇ ପାରିନଥିଲା। ସନ୍ଧ୍ୟା ହୋଇଯିବାରୁ ଅଗ୍ନିଶମ କର୍ମଚାରୀମାନେ ତାଙ୍କର ଖୋଜିବା କାର୍ଯ୍ୟ ବନ୍ଦ ରଖିଥିଲେ।

## ବିଡ଼ିଓଙ୍କ ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ



**ପଟ୍ଟାମୁଣ୍ଡାଇ,୩୧।୭ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ବ୍ଲକ ବିଡ଼ିଓଙ୍କ ନୂତନ କାର୍ଯ୍ୟାଳୟ ଉଦଘାଟିତ ହୋଇଯାଇଛି । ପଟ୍ଟାମୁଣ୍ଡାଇ ବ୍ଲକ୍ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗ ଦେଇ ନୂତନ କାର୍ଯ୍ୟାଳୟକୁ ଉଦଘାଟନ କରିଥିଲେ ।

ଏହି ଉଦଘାଟନ ଉତ୍ସବରେ ବ୍ଲକ ଉପାଧକ୍ଷା ଜୟନ୍ତୀ ସ୍ୱାଇଁ, ବିଡ଼ିଓ ଶୀତଲ ଅଗ୍ରୱାଲ, ଏବିଡ଼ିଓ ନନ୍ଦିନୀ ଶତପଥୀ ଜିଲ୍ଲା ପରିଷଦ ସଦସ୍ୟ ରଞ୍ଜନ ବିଶ୍ୱାଳ,ବିତ୍ତ ଅଧିକାରୀ ଗୌରୀ ଶଙ୍କର ଦାଶ ସହକାରୀ ନିର୍ବାହୀ ଯନ୍ତ୍ରୀ ରୋଜାଲିନ ମହାଳିକ ଓ ପ୍ରସନ୍ନ ରାଉତ, ସହକାରୀ ଯନ୍ତ୍ରୀ ବିନୟ ମିଶ୍ର, ବନ୍ଦିତା ବେହୁରା, ପ୍ରକୃତି ମହାପାତ୍ର ଜ୍ଞାନରଞ୍ଜନ ବେହେରା, ଶୁଭସ୍ମିତା ବେହେରା, ତପସ୍ୱିନୀ ମହାପାତ୍ର ମୋନାଲିସା ପ୍ରଧାନ ଉପ ବିଭାଗୀୟ ଅଧିକାରୀ ଗୌରୀ ବେହେରା ସରପଞ୍ଚ ପ୍ରିୟବ୍ରତ ଓଝା, ନିରାକାର ନାୟକ, ସନ୍ତୋଷ ସେଠୀ ପ୍ରମୁଖ ଯୋଗ ଦେଇଥିଲେ । ସଂଗ୍ରାମ ସ୍ୱାଇଁ ଓ ଶଶୀଭୂଷଣ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## କେନ୍ଦ୍ରାପଡ଼ା ଜିଲ୍ଲାରେ ବନ୍ୟା ପରିସ୍ଥିତି ନିୟନ୍ତ୍ରଣାଧୀନ

### ପ୍ରଶାସନ ପକ୍ଷରୁ ରିଲିଫ, ସ୍ୱାସ୍ଥ୍ୟସେବା ଓ ସତର୍କତାମୂଳକ ପଦକ୍ଷେପ ଜାରି

**କେନ୍ଦ୍ରାପଡ଼ା,୩୧।୭ (ସଂଚାର ବ୍ୟୁରୋ):** ଆଜି ସକାଳ ୧୦ଟା ସୁଦ୍ଧା ପ୍ରାପ୍ତ ସ୍ଥିତି ରିପୋର୍ଟ ଅନୁଯାୟୀ କେନ୍ଦ୍ରାପଡ଼ା ଜିଲ୍ଲାର ରାଜକନିକା, ପଟ୍ଟାମୁଣ୍ଡାଇ, ଆଳି, ଗରଦପୁର, ରାଜନଗର, କେନ୍ଦ୍ରାପଡ଼ା ଓ ମାର୍ଶାଘାଇ ସମେତ ୭ଟି ବ୍ଲକ ବନ୍ୟା ପ୍ରଭାବିତ ହୋଇଛି । ଏହାସହ ୩୮ଟି ଗ୍ରାମ ପଞ୍ଚାୟତ, ୭୫ଟି ଗ୍ରାମ ଏବଂ ପଟ୍ଟାମୁଣ୍ଡାଇ ପୌରପାଳିକାର ୧୧ଟି ୱାର୍ଡ ପ୍ରଭାବିତ ହୋଇଛି। ବନ୍ୟା ପ୍ରଭାବରେ ୧୫, ୬୫୬ ଜଣ ଲୋକ ପ୍ରଭାବିତ ହୋଇଥିବାବେଳେ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ୩୦୦ ଜଣଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି । ସେମାନଙ୍କ ପାଇଁ ଗୋଟିଏ ଆଶ୍ରୟ କେନ୍ଦ୍ର କାର୍ଯ୍ୟକ୍ଷମ ରହିଛି ଏବଂ ବର୍ତ୍ତମାନ ସେଠାରେ ୩୦୦ ଜଣ ଆଶ୍ରୟ ନେଇଛନ୍ତି । ପ୍ରଭାବିତ ଲୋକଙ୍କ ପାଇଁ ଗୋଟିଏ ମାଗଣା ରନ୍ଧାଖାଦ୍ୟ (ଫ୍ରି କିଚେନ୍) କେନ୍ଦ୍ର ଖୋଲାଯାଇଛି । ଏହି କେନ୍ଦ୍ର ମାଧ୍ୟମରେ ୩୦୦ ଜଣ ହିତାଧିକାରୀଙ୍କୁ ଖାଦ୍ୟ ଯୋଗାଇ ଦିଆଯାଉଛି । ଆବଶ୍ୟକୀୟ ରିଲିଫ ସାମଗ୍ରୀ ଭାବେ ଆଜି ୧୬ କ୍ୱିଣ୍ଟାଲ ଚୁଡ଼ା, ୧.୫ କ୍ୱିଣ୍ଟାଲ ଗୁଡ଼, ୫ଟି ପଲିଥିନ୍ ରୋଲ୍, ୭ କାର୍ଟୁନ୍ ବିସ୍କୁଟ, ୧ କାର୍ଟୁନ୍ ମହମବତୀ ଏବଂ ୧ କାର୍ଟୁନ୍ ଦିଆସିଲି ବଣ୍ଟନ କରାଯାଇଛି ।

ସ୍ୱାସ୍ଥ୍ୟସେବା ସୁନିଶ୍ଚିତ କରିବା ପାଇଁ ୮ଟି ମେଡିକାଲ ଟିମ୍ ନିୟୋଜିତ କରାଯାଇଛି । ସେଥିମଧ୍ୟରୁ ଆଳିରେ ୨ଟି, ପଟ୍ଟାମୁଣ୍ଡାଇରେ ୩ଟି, ଇନ୍ଦୁପୁରରେ ୨ଟି ଏବଂ ମାର୍ଶାଘାଇରେ ୧ଟି ମେଡିକାଲ ଟିମ୍ କାର୍ଯ୍ୟରତ ରହିଛି । ରିପୋର୍ଟ ଅନୁଯାୟୀ କୌଣସି ଜନହାନି କିମ୍ବା ପଶୁଙ୍କହାନି ଘଟିନାହିଁ। ୨,୦୩୦ଟି ପଶୁ ପ୍ରଭାବିତ ହୋଇଛନ୍ତି । ଯେଉଁଥିରେ ୧,୭୨୪ଟି ବଡ଼ ପଶୁ ଏବଂ ୩୦୬ଟି ଛୋଟ ପଶୁ ରହିଛନ୍ତି। ଫସଲ କ୍ଷୟକ୍ଷତିର ଆକଳନ ବନ୍ୟାଜଳ କମିବା ପରେ କରାଯିବ ।

ପ୍ରାଥମିକ ଆକଳନ ଅନୁଯାୟୀ ୫ଟି କଚ୍ଚା ଘର ଆଂଶିକ କ୍ଷତିଗ୍ରସ୍ତ ହୋଇଛି । ୧୨ଟି ରାସ୍ତା ବନ୍ୟା ଯୋଗୁଁ ପ୍ରଭାବିତ ହୋଇଥିବାବେଳେ ବିଦ୍ୟୁତ ସରବରାହରେ କୌଣସି ବାଧା, ଗଛ ଉପୁଡ଼ିବା କିମ୍ବା ଅନ୍ୟ କୌଣସି ବଡ଼ ଧରଣର ଭିତ୍ତିଭୂମି କ୍ଷୟକ୍ଷତିର ସୂଚନା ମିଳିନାହିଁ । ଜିଲ୍ଲା ପ୍ରଶାସନ ପକ୍ଷରୁ ବନ୍ୟା ପରିସ୍ଥିତି ଉପରେ ନିରନ୍ତର ନଜର ରଖାଯାଉଛି। ପ୍ରଭାବିତ ଅଞ୍ଚଳରେ ସମସ୍ତ ଲାଇନ୍ ବିଭାଗ ସହ ସମନ୍ୱୟ ରକ୍ଷା କରି ରିଲିଫ, ସ୍ୱାସ୍ଥ୍ୟସେବା ଓ ଆବଶ୍ୟକୀୟ ସହାୟତା କାର୍ଯ୍ୟ ଜାରି ରହିଛି। ଜନସାଧାରଣଙ୍କୁ ସତର୍କ ରହିବା, ପ୍ରଶାସନ ପକ୍ଷରୁ ଜାରି କରାଯାଉଥିବା ପରାମର୍ଶ ପାଳନ କରିବା ଏବଂ ଆବଶ୍ୟକ ସହଯୋଗ କରିବାକୁ ଅନୁରୋଧ କରାଯାଇଛି ।

## ବେଆଇନ ପିଚୁ ପ୍ଲାଣ୍ଟ ଉଚ୍ଛେଦ ଦାବି



**କୋରାପୁଟ,୩୧।୭ (ସଂଚାର ବ୍ୟୁରୋ):** ନନ୍ଦପୁର ବ୍ଲକ ଅନ୍ତର୍ଗତ ବାଡେଲ ପଞ୍ଚାୟତର କଟଲାପୁଟ ଗ୍ରାମରେ ଦୀର୍ଘଦିନ ଧରି ଚାଲୁଥିବା ଏକ କଥିତ ବେଆଇନ ପିଚୁ ପ୍ଲାଣ୍ଟକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ତୀବ୍ର ହୋଇଛି। ପ୍ଲାଣ୍ଟରୁ ନିର୍ଗତ ଧୂଆଁ, ଧୂଳିକଣା, ତୀବ୍ର ଦୁର୍ଗନ୍ଧ ଓ ଶବ୍ଦ ପ୍ରଦୂଷଣ ଯୋଗୁଁ ଜନଜୀବନ ବ୍ୟାପକ ଭାବେ ପ୍ରଭାବିତ ହେଉଥିବା ବେଳେ ଲୋକଙ୍କ ସ୍ୱାସ୍ଥ୍ୟ ଏବଂ ପରିବେଶ ପ୍ରତି ଗୁରୁତର ବିପଦ ସୃଷ୍ଟି ହେଉଥିବା ଅଭିଯୋଗ ହୋଇଛି।

ଏହାର ପ୍ରତିବାଦରେ ଶୁକ୍ରବାର କଟଲାପୁଟ ଗ୍ରାମ ବାସିନ୍ଦା ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇ ପ୍ଲାଣ୍ଟଟିକୁ ତୁରନ୍ତ ଅନ୍ୟତ୍ର ସ୍ଥାନାନ୍ତର କରିବା ସହ ବେଆଇନ କାର୍ଯ୍ୟକଳାପ ଉପରେ ରୋକ ଲଗାଇବାକୁ ଦାବି କରିଛନ୍ତି। ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ନରେଶ ଚନ୍ଦ୍ର ଶବରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା।

ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ, ପ୍ଲାଣ୍ଟଟି ଆବଶ୍ୟକୀୟ ପରିବେଶ ଅନୁମତି ଓ ଅନ୍ୟାନ୍ୟ ସରକାରୀ ଅନୁମୋଦନ ବିନା ଚାଲୁଥିବା ସତ୍ତ୍ୱେ ସମ୍ପୃକ୍ତ ବିଭାଗ ପକ୍ଷରୁ କୌଣସି ଦୃଢ଼ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ବାରମ୍ବାର ଅଭିଯୋଗ ସତ୍ତ୍ୱେ ପରିସ୍ଥିତିରେ କୌଣସି ସୁଧାର ଆସିନଥିବାରୁ ଲୋକମାନଙ୍କ ମଧ୍ୟରେ କ୍ଷୋଭ ବୃଦ୍ଧି ପାଇଛି। ଏହି ଘଟଣାର ନିରପେକ୍ଷ ତଦନ୍ତ କରାଯାଇ ବେଆଇନ ଭାବେ ଚାଲୁଥିବା ପ୍ଲାଣ୍ଟକୁ ବନ୍ଦ କରିବା ସହ ଦୋଷୀଙ୍କ ବିରୋଧରେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଏବଂ ଅବହେଳା ପ୍ରଦର୍ଶନ କରିଥିବା ସମ୍ପୃକ୍ତ ଅଧିକାରୀଙ୍କ ଭୂମିକାର ମଧ୍ୟ ଯାଞ୍ଚ କରିବାକୁ ଗ୍ରାମବାସୀମାନେ ଦାବି କରିଛନ୍ତି।

## ଚୋରା କାଠ ଓ ରଣା ସାପ ବିକ୍ରି ମାମଲାରେ ଦୁଇ ଅଭିଯୁକ୍ତକୁ କାରାଦଣ୍ଡ ସମେତ ଜରିମାନା

**ବାରିପଦା,୩୧।୭ (ସଂଚାର ବ୍ୟୁରୋ):** ଆଜି ବନ ବିଭାଗ ପକ୍ଷରୁ କରାଯାଇଥିବା ଦୁଇଗୋଟି ଭିନ୍ନ ଭିନ୍ନ ମାମଲାର ବିଚାର କରି ମାନ୍ୟବର ଚିଫ ଜୁଡ଼ିସିଆଲ ମାଜିଷ୍ଟ୍ରେଟ ଦେବାଶିଷ ମହାନ୍ତି ଦୁଇଜଣ ଅଭିଯୁକ୍ତ କୁ କାରାଦଣ୍ଡ ସମେତ ଆର୍ଥିକ ଦଣ୍ଡାଦେଶ ରେ ଦଣ୍ଡିତ କରିଛନ୍ତି । ଅଭିଯୁକ୍ତ ମାନେ ହେଲେ ମୟୁରଭଞ୍ଜ ଜିଲ୍ଲା ବଡ଼ସାହି ଥାନା ଅନ୍ତର୍ଗତ ଜଦୁନାଥପୁର ଗ୍ରାମର ସମୀର ବେହେରା(୩୩) ଏବଂ ଯଶିପୁର ଥାନା ଅଞ୍ଚଳର ନୀଳାମ୍ବର ବିନ୍ଧାଣୀ (୮୮) । ସମୀର ବେହେରାକୁ ସେକ୍ସନ ୫୧ ଅଫ ଦା ୱାଇଲଡ ଲାଇଫ ପ୍ରଟେକ୍ସନ ଆକ୍ଟ ୧୯୭୨ରେ ଏକ ମାସ କାରାଦଣ୍ଡ ସମେତ ପାଞ୍ଚ ହଜାର ଟଙ୍କା ଜୋରିମାନା ଅନାଦେୟ ଅଧିକ ସାତ ଦିନ କାରାଦଣ୍ଡ, ସେକ୍ସନ ୨୭ରେ ତିନି ମାସ କାରାଦଣ୍ଡ ସମେତ ପାଞ୍ଚଶହ ଟଙ୍କା ଜୋରିମାନା ଅନାଦେୟ ଅଧିକ ସାତ ଦିନ କାରାଦଣ୍ଡ ଏବଂ ଅନ୍ୟ ଏକ ଦଫାରେ ଛଅ ମାସ କାରାଦଣ୍ଡ ସମେତ ଏକ ହଜାର ଟଙ୍କା ଜୋରିମାନା ଅନାଦେୟ ଅଧିକ ଦଶ ଦିନ କାରାଦଣ୍ଡ ରେ ଦଣ୍ଡିତ କରିଛନ୍ତି । ସେହିପରି ନୀଳାମ୍ବର ବିନ୍ଧାଣୀକୁ ଦୁଇ ହଜାର ଟଙ୍କା ଆର୍ଥିକ ଦଣ୍ଡ ରେ ଦଣ୍ଡିତ କରିଛନ୍ତି। ସମୀର ବେହେରା ଶାଗୁଆନ କାଠକୁ ଚୋରାରେ ବିକ୍ରୀ କରିବା ପାଇଁ ନେଉଥିବା ସମୟରେ ବନ ବିଭାଗର ପେଟ୍ରୋଲିଙ୍ଗ ଟିମ ହାତରେ ଧରା ପଡିଥିଲା

## ବନ୍ୟାରେ ୧.୯୩ ଲକ୍ଷ ଲୋକ ପ୍ରଭାବିତ, ୬୯ ହଜାର ଉଦ୍ଧାର



**ଯାଜପୁର,୩୧।୭ (ସଂଚାର ବ୍ୟୁରୋ):** ଲଗାଣ ବର୍ଷା ଓ ବୈତରଣୀ, ବ୍ରାହ୍ମଣୀ, କାଣୀ ଓ ଖରସ୍ରୋତା ନଦୀରେ ବନ୍ୟାଜଳ ପ୍ରବାହ ଯାଜପୁର ଜିଲ୍ଲାର ବିଭିନ୍ନ ଅଞ୍ଚଳକୁ ଗଭୀର ଭାବେ ପ୍ରଭାବିତ କରିଛି। ନଦୀକୂଳିଆ ଓ ତଳିଆ ଅଞ୍ଚଳରେ ଜଳବନ୍ଦୀ ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ କୃଷି କ୍ଷେତ୍ର ମଧ୍ୟ ବନ୍ୟାଜଳରେ ବୁଡ଼ିଛି। ପରିସ୍ଥିତିକୁ ନଜରରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟକୁ ଜୋରଦାର କରାଯାଇଛି। ଜିଲ୍ଲାପାଳ ଅମ୍ବର କୁମାର କର ବନ୍ୟାପ୍ରଭାବିତ ଅଞ୍ଚଳଗୁଡ଼ିକରେ ଉଦ୍ଧାର ଓ ରିଲିଫ୍ ବଣ୍ଟନ କାର୍ଯ୍ୟର ସିଧାସଳଖ ତଦାରଖ କରୁଛନ୍ତି। କୌଣସି ପ୍ରଭାବିତ ପରିବାର ଯେପରି ସହାୟତାରୁ ବଞ୍ଚିତ ନହେବେ, ସେଥିପାଇଁ ସମସ୍ତ ଅଧିକାରୀଙ୍କୁ ସଜାଗ ରହିବା ସହ ଆବଶ୍ୟକସ୍ଥଳେ ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି।

ନଦୀକୂଳିଆ ଓ ତଳିଆ ଅଞ୍ଚଳରୁ ଲୋକମାନଙ୍କୁ ସୁରକ୍ଷିତ ଭାବେ ବନ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଉଛି। ଆଶ୍ରୟସ୍ଥଳୀରେ ଶୁଖିଲା ଖାଦ୍ୟ, ରନ୍ଧାଖାଦ୍ୟ, ବିଶୁଦ୍ଧ ପାନୀୟ ଜଳ ସହ ଶିଶୁମାନଙ୍କ ପାଇଁ ସ୍ୱତନ୍ତ୍ର ଖାଦ୍ୟର ବ୍ୟବସ୍ଥା କରାଯାଇଛି। ଏପଟେ ଅବକାରୀ ବିଭାଗ କମିଶନର ତଥା ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀ ପି. ଅନ୍ୱେଷା ରେଡ୍ଡୀ ବଡ଼ଚଣା ବ୍ଲକର ବିଭିନ୍ନ ବନ୍ୟାପ୍ରଭାବିତ ପଞ୍ଚାୟତ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଥିଲେ। ସେ ସ୍ଥାନୀୟ ବିଧାୟକ, ନୋଡାଲ ଅଫିସର, ବିଡିଓ, ତହସିଲଦାର ଓ ଅନ୍ୟ ଅଧିକାରୀଙ୍କ ସହ ସମୀକ୍ଷା କରି ରିଲିଫ୍ ଓ ଉଦ୍ଧାର କାର୍ଯ୍ୟର ତଦାରଖ କରିଥିଲେ। ଜିଲ୍ଲାପାଳ ମଧ୍ୟ ଦଶରଥପୁର ବ୍ଲକର ବନ୍ୟାପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ସ୍ଥିତି ସମୀକ୍ଷା କରିଛନ୍ତି।

୮ ବ୍ଲକ୍‌ରେ ବନ୍ୟାର ପ୍ରଭାବ ଦେଖିବାକୁ ମିଳିଛି। ଏହାସହ ୧୧୧ଟି ଗ୍ରାମ ପଞ୍ଚାୟତ, ୩୨୮ଟି ଗ୍ରାମ ଓ ଯାଜପୁର ପୌରାଞ୍ଚଳର ୧ଟି ୱାର୍ଡ ପ୍ରଭାବିତ ହୋଇଛି। ଜିଲ୍ଲାରେ ମୋଟ ୧,୯୩,୭୮୨ ଜଣ ଲୋକ ପ୍ରଭାବିତ ହୋଇଥିବା ବେଳେ ୬୯,୧୯୭ ଜଣଙ୍କୁ ଉଦ୍ଧାର କରାଯାଇ ୧୬୭ଟି ଆଶ୍ରୟସ୍ଥଳୀରେ ଥଇଥାନ କରାଯାଇଛି।

## ନୀଳଗିରି ବ୍ଲକ କାର୍ଯ୍ୟାଳୟରେ ବାୟୋମେଟ୍ରିକ ମେସିନ ଅଚଳ

### କାର୍ଯ୍ୟାଳୟରେ କର୍ମଚାରୀ ଶୁନ, ନିରାଶରେ ଫେରୁଛନ୍ତି ଲୋକେ



**ନୀଳଗିରି,୩୧।୭ (ସଂଚାର ବ୍ୟୁରୋ):** ରାଜ୍ୟ ସରକାର ସରକାରୀ କାର୍ଯ୍ୟାଳୟ ମାନଙ୍କରେ ଅଧିକାରୀ ଓ କର୍ମଚାରୀମାନଙ୍କ ଉପସ୍ଥାନ ଏବଂ ପ୍ରସ୍ଥାନ ପାଇଁ ବାୟୋମେଟ୍ରିକ ଲଗାଇ ଜନସାଧାରଣଙ୍କ ହିତରେ କାର୍ଯ୍ୟକାରୀ କରାଯାଉଛି।ମାତ୍ର ତାହା କେତେ ଦୂର କାର୍ଯ୍ୟକାରୀ ହେଉଛି ତାହାକୁ ଆଖିରେ ନଦେଖିଲେ କେହି ବିଶ୍ୱାସ କରିବେ ନାହିଁ। ତାହାର ଜ୍ୱଳନ୍ତ ଉଦାହରଣ ନୀଳଗିରି ବ୍ଲକ କାର୍ଯ୍ୟାଳୟରେ ଦେଖିବାକୁ ମିଳିଛି। ବର୍ଷାଧିକ କାଳ ନୀଳଗିରି ବ୍ଲକ କାର୍ଯ୍ୟାଳୟରେ ବାୟୋମେଟ୍ରିକ ମେସିନ ଅଚଳ ହୋଇଥିଲେ ହେଁ ଗୋଷ୍ଠୀଉନ୍ନୟନ ଅଧିକାରୀ କିମ୍ବା ଅନ୍ୟ କେହି ଅଧିକାରୀ ଉଚ୍ଚ ଅଧିକାରୀଙ୍କୁ ନଜଣାଇବା ନିଶ୍ଚିତ ଭାବେ କୌଣସି ନା କୌଣସି ଦୁର୍ନୀତିକୁ ପ୍ରଶ୍ରୟ ଦିଆଯାଉଥିବାର ଅଭିଯୋଗ ଉଠିଛି। ନୀଳଗିରିରେ ଅଧିକାଂଶ କାର୍ଯ୍ୟାଳୟରେ ବାୟୋମେଟ୍ରିକ ମେସିନ କାମ କରୁଥିବାବେଳେ ବ୍ଲକ କାର୍ଯ୍ୟାଳୟରେ କାମନକରିବା ପଛରେ ବ୍ଲକରେ ଚାଲୁଥିବା ଉନ୍ନୟନକାର୍ଯ୍ୟରେ ଘୋଟାଲା ହେଉଥିବାର ଜନସାଧାରଣ ପ୍ରଶ୍ନଚିହ୍ନ ଆଣିଛନ୍ତି। ଅଧିକାଂଶ ସମୟରେ ବିଡିଓ କାର୍ଯ୍ୟାଳୟରେ ରହୁନଥିବାରୁ କର୍ମଚାରୀମାନେ ମଧ୍ୟ କାର୍ଯ୍ୟାଳୟକୁ ଆସୁନଥିବାରୁ ଜନସାଧାରଣ ବ୍ଲକକୁ ଦୌଡ଼ି ଦୌଡ଼ି ନୟାନ୍ତ ହେଉଥିବାର ଦେଖିବାକୁ ମିଳୁଛି।ବାୟୋମେଟ୍ରିକ ମେସିନ ଖରାପହେବା କିମ୍ବା ଅଚଳମେସିନକୁ ସଜ ନକରିବା ପଛରେ କାହାର ହାତରହିଛି ତାହା ତଦନ୍ତ ହେବା ଜରୁରୀ। ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ନଦେଲେ ଆଗାମୀ ଦିନରେ ଜନସାଧାରଣ ବ୍ଲକ ଘେରାଉ କରିବାର ଚେତାବନୀ ଦେଇଛନ୍ତି।

## ସାପ କାମୁଡାରେ ୨ବର୍ଷର ଶିଶୁ ମୃତ

**ନୀଳଗିରି,୩୧।୭ (ସଂଚାର ବ୍ୟୁରୋ):** ନୀଳଗିରି ଥାନା ଅଧିନସ୍ଥ ବାଙ୍ଗୀଶୁଳ ଗ୍ରାମର ସ୍ୱର୍ଗତ ଭଞ୍ଜ ସିଂ ସ୍ତ୍ରୀ ଉର୍ନି ସିଂ ଓ ତାଙ୍କ ୨ବର୍ଷ ର ନାବାଳିକା କନ୍ୟା ମଙ୍ଗୁଳି ଶୋଇଥିବା ବେଳେ ଏକ ସାପ କାମୁଡ଼ିଥିଲା।ପିଲାଟି କାନ୍ଦି ବାରୁ ମାଆ ଉର୍ନି ଦେଖି ପଡୋଶୀ ଙ୍କୁ ଘଟଣା ସମ୍ପର୍କରେ କହିଲା ପରେ ନାବାଳିକା କନ୍ୟା କୁ ନେଇ ନୀଳଗିରି ଉପଖଣ୍ଡ ଯାଇଥିଲେ।ସେଠାରେ ଚିକିତ୍ସା ଧୀନ ଅବସ୍ଥାରେ ମୃତ୍ୟୁ ହୋଇଯାଇଛି।ଏହି ଖବର ପ୍ରଚାରିତ ହେବା କ୍ଷଣି ପରିବାର ଓ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

■ ୫ରୁ ଭୁବନେଶ୍ୱରରେ ବ୍ରିକ୍ସ-ଭାରତ ଅଧ୍ୟକ୍ଷତାର ଶିକ୍ଷା କ୍ଷେତ୍ର ବୈଠକମାଳା

# ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ



ଭୁବନେଶ୍ୱର,୩୧।୭(ସଂଚାର ବ୍ୟୁରୋ)ଃ ଆସନ୍ତା ୫ରୁ ୭ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରରେ ବ୍ରିକ୍ସ-ଭାରତ ଅଧ୍ୟକ୍ଷତାର ଶିକ୍ଷାକ୍ଷେତ୍ର ବୈଠକମାଳା ( ବ୍ରିକ୍ସ ଇଣ୍ଡିଆ ଚେୟାରସିପ୍ ଏଜୁକେସନ ଟ୍ରାକ୍ ମିଟିଙ୍ଗ୍ସ) ଅନୁଷ୍ଠିତ ହେବ। ଏହି ଅନ୍ତର୍ଜାତୀୟସ୍ତରୀୟ ବୈଠକର ସୁପରିଚାଳନା ଓ ସଫଳ ଆୟୋଜନ ନେଇ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ହୋଟେଲ ମେ ଫେୟାରରେ ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ୧୧ଟି ବ୍ରିକ୍ସ ସଦସ୍ୟ ଦେଶର ୮ ଜଣ ଶିକ୍ଷାମନ୍ତ୍ରୀଙ୍କ ସମେତ ୪୦ ଜଣ ବରିଷ୍ଠ ପଦାଧିକାରୀ, ଭାରତ ସରକାରଙ୍କ ପଦାଧିକାରୀ ଓ ଅନ୍ୟ ଅତିଥିଙ୍କୁ ମିଶାଇ ମୋଟ ୨୦୦ରୁ ଅଧିକ ପ୍ରତିନିଧି ଅଂଶଗ୍ରହଣ କରିବେ। ଆସନ୍ତା ୫ରେ ଏଠାରେ 'ବ୍ରିକ୍ସ ଶିକ୍ଷା ବରିଷ୍ଠ ଅଧିକାରୀଙ୍କ ତୃତୀୟ ବୈଠକ' ଅନୁଷ୍ଠିତ ହେବ। ୬ରେ ବ୍ରିକ୍ସ ସଦସ୍ୟ ରାଷ୍ଟ୍ରସମୂହର ଶିକ୍ଷା ମନ୍ତ୍ରୀ ଓ ବରିଷ୍ଠ ପଦାଧିକାରୀ ଯୋଗଦେଇ ଆଲୋଚନା କରିବେ। ୭ ତାରିଖରେ 'ବ୍ରିକ୍ସ ଶିକ୍ଷା ମନ୍ତ୍ରୀଙ୍କ ୧୩ତମ ବୈଠକ' ଅନୁଷ୍ଠିତ ହେବ। ପଦାଧିକାରୀମାନେ ଭୁବନେଶ୍ୱରସ୍ଥିତ ବିଶ୍ୱ ଦକ୍ଷତା କେନ୍ଦ୍ର ପରିଦର୍ଶନ କରିବାର କାର୍ଯ୍ୟକ୍ରମ ବି ରହିଛି। ବୈଠକରେ ଭାରତ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ, ଶିକ୍ଷା ମନ୍ତ୍ରଣାଳୟର ଯୁଗ୍ମ ସଚିବ ଡଃ. କେ.ଏମ୍. ପ୍ରଫୁଲ୍ଲଚନ୍ଦ୍ର ଶର୍ମା ଆଭାସୀ ମାଧ୍ୟମରେ ଯୋଗଦେଇ କାର୍ଯ୍ୟକ୍ରମ ଆୟୋଜନ ନେଇ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ବିଭିନ୍ନ ଦେଶର ପ୍ରତିନିଧି ସୁବିଧାରେ ଭୁବନେଶ୍ୱର ବିମାନବନ୍ଦରରୁ ରହଣି ସ୍ଥଳରେ ପହଞ୍ଚିବା, ପ୍ରୋଟୋକଲ, ସୁରକ୍ଷା, ପରିବହନ, ଯୋଗାଯୋଗ ଅଧିକାରୀ ନିୟୋଜନ ଓ ଦୂତାବାସ ସହ ସମନ୍ୱୟ ଆଦି ବିଷୟରେ ବୈଠକରେ ଆଲୋକପାତ କରାଯାଇଥିଲା।

# ରନ୍ଧନ ତୈଳ ଉତ୍ପାଦନ ବୃଦ୍ଧି ଉପରେ ରାଜ୍ୟପାଳଙ୍କ ଗୁରୁତ୍ୱ



ଭୁବନେଶ୍ୱର,୩୧।୭(ସଂଚାର ବ୍ୟୁରୋ)ଃ ଜାତୀୟ ଖାଦ୍ୟ ତୈଳ ମିଶନ- ଅଏଲ ପାମ୍ ଅନ୍ତର୍ଗତ ରନ୍ଧନ ତୈଳ ଉତ୍ପାଦନ ବୃଦ୍ଧି ଉପରେ ରାଜ୍ୟପାଳ ଡଃ ହରି ବାବୁ କମ୍ଭମପାଟି ଗୁରୁତ୍ୱାରୋପ କରିଛନ୍ତି। ଆଜି ମିଶନ- ଅଏଲ ପାମ (ଏନ୍ଏମ୍ଇଓ-ଓପି)ର କାର୍ଯ୍ୟକାରିତାର ସ୍ଥିତି ଉପରେ ଲୋକ ଭବନର ନ୍ୟୁ ଅଭିଷେକ ହଲଠାରେ ଆୟୋଜିତ ବୈଠକରେ ରାଜ୍ୟପାଳ ଭାରତର ଆମଦାନି ନିର୍ଭରତା କମାଇବା ପାଇଁ ଘରୋଇ ଖାଦ୍ୟ ତୈଳ ଉତ୍ପାଦନ ବୃଦ୍ଧି କରିବାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଏହା ଜାତୀୟ ଅର୍ଥନୀତିକୁ ମଜବୁତ କରିବ, ବିଦେଶୀ ମୁଦ୍ରା ସଞ୍ଚୟ କରିବ ଓ ଖାଦ୍ୟ ନିରାପତ୍ତା ବଢ଼ାଇବ ବୋଲି ରାଜ୍ୟପାଳ କହିଛନ୍ତି। କୃଷିପ୍ରଧାନ ଦେଶ ହୋଇଥିବା ସତ୍ତ୍ୱେ ଭାରତ ଏପର୍ଯ୍ୟନ୍ତ ପ୍ରଚୁର ପରିମାଣରେ ଖାଦ୍ୟ ତୈଳ ଆମଦାନି କରୁଛି, ଯାହା ଫଳରେ ବିଦେଶୀ ମୁଦ୍ରାର ବହୁଳ ପରିମାଣରେ ବାହ୍ୟପ୍ରବାହ ହେଉଛି ବୋଲି ରାଜ୍ୟପାଳ କହିଛନ୍ତି। ଆମଦାନି କମାଇ ଘରୋଇ ଉତ୍ପାଦନ ବୃଦ୍ଧି କରିପାରିଲେ ଦେଶର ଅର୍ଥନୀତି ମଜବୁତ୍ ହେବ। ଏହା ଏକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ଯାହାକୁ ସ୍ୱତନ୍ତ୍ର ଧ୍ୟାନ ଦେବା ଆବଶ୍ୟକ ବୋଲି ମଧ୍ୟ ରାଜ୍ୟପାଳ ମତ ବ୍ୟକ୍ତ କରିଛନ୍ତି।

ଆତ୍ମନିର୍ଭର ଭାରତର ଦୃଷ୍ଟିକୋଣର ଏକ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ ଭାବେ ଏହି ମିଶନକୁ ବର୍ଣ୍ଣନା କରି ରାଜ୍ୟପାଳ କହିଛନ୍ତି ଯେ ଘରୋଇ ଖାଦ୍ୟ ତୈଳ ଉତ୍ପାଦନ ବୃଦ୍ଧି କେବଳ ଆମଦାନୀ ନିର୍ଭରତା କମାଇବ ନାହିଁ, ବରଂ ଅର୍ଥନୈତିକ ସ୍ଥିରତା ବଢ଼ାଇବା ସହ ବିଶ୍ୱ ବଜାରର ଯୋଗାଣ ଶୃଙ୍ଖଳା ବ୍ୟାଘାତ ଏବଂ ଅନ୍ତର୍ଜାତୀୟ ମୂଲ୍ୟର ଉତଥାନ ପତନରୁ ଦେଶକୁ ରକ୍ଷା କରିବ।

ରାଜ୍ୟପାଳ ଆହୁରି କହିଛନ୍ତି ଯେ ପାମ୍ ତୈଳ ହେଉଛି ସବୁଠାରୁ ଅଧିକ ଉତ୍ପାଦନକ୍ଷମ ତୈଳବୀଜ ଫସଲ। ଏହା ପାରମ୍ପରିକ ତୈଳବୀଜ ତୁଳନାରେ ପ୍ରତି ଏକକ କ୍ଷେତ୍ରରେ ୪ରୁ ୫ ଗୁଣ ଅଧିକ ତୈଳ ଉତ୍ପାଦନ ହୋଇଥାଏ। ଥରେ ରୋପିତ ହେଲେ ଏହି ବଗିଚା ପ୍ରାୟ ୩୦ ବର୍ଷ ପର୍ଯ୍ୟନ୍ତ ଉତ୍ପାଦନକ୍ଷମ ରହି କୃଷକଙ୍କୁ ସ୍ଥିର ଓ ଦୀର୍ଘମିଆଦୀ ଆୟର ଉତ୍ସ ପ୍ରଦାନ କରେ। ଏହି ମିଶନ ଗୁଣବତ୍ତାପୂର୍ଣ୍ଣ ରୋପଣ ସାମଗ୍ରୀ, ଜଳସେଚନ, ପ୍ରକ୍ରିୟାକରଣ ସ୍ଥାପନା, ନିଶ୍ଚିତ କ୍ରୟ, ବିପଣନ ଓ ବୈଜ୍ଞାନିକ ଏକ୍ସଟେନ୍ସନ ସେବାକୁ ସମର୍ଥନ କରୁଥିବା ଏକ ସମନ୍ୱିତ ଦୃଷ୍ଟିକୋଣ ଗ୍ରହଣ କରିଛି। ଓଡ଼ିଶାରେ ସମ୍ଭାବନା ସମ୍ପର୍କରେ ଉଲ୍ଲେଖ କରି ରାଜ୍ୟପାଳ କହିଥିଲେ ଯେ, ଅନୁକୂଳ କୃଷି-ଜଳବାୟୁ ପରିସ୍ଥିତି ଏବଂ ବିସ୍ତୃତ ଚାଷପୋଯୋଗୀ ଜମି ସହିତ ଓଡ଼ିଶା ଭାରତର ଖାଦ୍ୟ ତୈଳ ସ୍ୱାବଲମ୍ବନଶୀଳତାରେ ଏକ ପ୍ରମୁଖ ଅବଦାନ ରଖୁଥିବା ରାଜ୍ୟ ଭାବେ ଉଭା ହେବାର ପୂର୍ଣ୍ଣ ସମ୍ଭାବନା ରହିଛି। କୃଷି ଓ କୃଷକ ସଶକ୍ତିକରଣ ବିଭାଗ କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଜାଧବ ବୈଠକରେ ଓଡ଼ିଶାରେ ଏନ୍ଏମ୍ଇଓ-ଓପି ମିଶନର କାର୍ଯ୍ୟକାରିତାର ସ୍ଥିତି ଉପରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ଉଦ୍ୟାନ ନିର୍ଦ୍ଦେଶକ କଲୁଙ୍ଗ୍ ଗୋରାଖ୍ ବାମନ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଯୁଗ୍ମ ନିର୍ଦ୍ଦେଶକ ଗୀତାଶ୍ରୀ ପାଢ଼ୀ ଧନ୍ୟବାଦ ଦେଇଥିଲେ।

## ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା



ଭୁବନେଶ୍ୱର,୩୧।୭(ସଂଚାର ବ୍ୟୁରୋ)ଃ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଭୁବନେଶ୍ୱରର କର୍ମଚାରୀ ବିଷ୍ଣୁ ପ୍ରସାଦ ପଟ୍ଟନାୟକଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଶ୍ରୀ ପଟ୍ଟନାୟକ ଦୀର୍ଘ ୩୪ ବର୍ଷ ହେବ କାର୍ଯ୍ୟାଳୟ ସହ ଜଡ଼ିତ ଅଛନ୍ତି। ସେ ନିଷ୍ଠାର ସହ କାର୍ଯ୍ୟ କରି ଆଜି ନିଜ କର୍ମମୟ ଜୀବନରୁ ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ ସମେତ ବିଭିନ୍ନ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ଶ୍ରୀ ପଟ୍ଟନାୟକଙ୍କୁ ଫୁଲତୋଡ଼ା ଓ ଉତ୍ତରୀୟ ପ୍ରଦାନ କରାଯାଇଥିଲା। ଶ୍ରୀ ପଟ୍ଟନାୟକଙ୍କ କର୍ତ୍ତବ୍ୟ ନିଷ୍ଠା, କାର୍ଯ୍ୟଦକ୍ଷତାକୁ କର୍ମଚାରୀମାନେ ପ୍ରଶଂସା କରିଥିଲେ। ଜଣେ ନିଷ୍ଠାବାନ ବ୍ୟକ୍ତି ଭାବେ ସେ ନିଜର ଦାୟିତ୍ୱ ସମ୍ପୂର୍ଣ୍ଣ କରିଛନ୍ତି ବୋଲି ସେମାନେ ମତ ବ୍ୟକ୍ତ କରିଥିଲେ। ତାଙ୍କର ଅବସରକାଳୀନ ଜୀବନ ସୁଖ ଓ ନିରାମୟ ହେଉ ବୋଲି ଅଧିକାରୀମାନେ ଶୁଭକାମନା ଜଣାଇଥିଲେ। ଏହି ଅବସରରେ କାର୍ଯ୍ୟାଳୟର ମେରିଲିନା ରାଉତରାୟ, ଦିଲ୍ଲୀପ ମିଶ୍ର, ମୀନା ଖାଖା, ରାମଚନ୍ଦ୍ର ପଲେଇ ଉପସ୍ଥିତ ଥିଲେ।

■ ମହାନଦୀରେ ହ୍ରାସ ପାଉଛି ଜଳପ୍ରବାହ

## ଆହୁରି ୪୮ ଘଣ୍ଟା ସତର୍କତା ଜାରି



କଟକ,୩୧।୭(ସଂଚାର ବ୍ୟୁରୋ)ଃ ମହାନଦୀରେ ବନ୍ୟାଜଳର ପ୍ରବାହ ହ୍ରାସ ପାଇଛି। ତେବେ ଜିଲ୍ଲା ପ୍ରଶାସନ ଆହୁରି ୪୮ ଘଣ୍ଟା ପାଇଁ ସତର୍କତା ଜାରି ରଖିଛନ୍ତି। ମୁଣ୍ଡଳୀରେ ପ୍ରତି ୩ ଘଣ୍ଟାରେ ପ୍ରାୟ ୧୦ ହଜାର କ୍ୟୁସେକ୍ ଜଳ କମୁଥିବା ବେଳେ ନଦୀରେ ସ୍ରୋତ ଏବେ ମଧ୍ୟ ପ୍ରଖର ରହିଛି। ଏପରି ସ୍ଥିତିରେ ହୀରାକୁଦ ଜଳଭଣ୍ଡାରର ୨୨ଟି ଗେଟ୍ ଦେଇ ଜଳ ନିଷ୍କାସନ ଜାରି ଥିବାରୁ ଆସନ୍ତା ୪୮ ଘଣ୍ଟା ପର୍ଯ୍ୟନ୍ତ ମୁଣ୍ଡଳୀରେ ଜଳପ୍ରବାହ ସମାନ ରହିବା କିମ୍ବା ସାମାନ୍ୟ ବୃଦ୍ଧି ପାଇବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ବନ୍ୟା ଆଶ୍ରୟସ୍ଥଳୀରେ ଥିବା ବିପନ୍ନମାନଙ୍କୁ ଖାଦ୍ୟ ଓ ଆବଶ୍ୟକ ସହାୟତା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ବିଏଲ -୨ ପ୍ରଶିକ୍ଷଣ ଶିବିର

କଟକ, ୩୧।୭ (ସଂଚାର ବ୍ୟୁରୋ)ଃ ୯୦-କଟକ-ବାରବାଟୀ ନିର୍ବାଚନ ମଣ୍ଡଳୀ କଂଗ୍ରେସ ବିଏଲ୍-୧ ବିଶ୍ୱଜିତ ମହାନ୍ତିଙ୍କ ଅଧ୍ୟକ୍ଷତାରେ କଟକ ନିମଚୌଡି ସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ ବିଏଲ୍ -୨ମାନଙ୍କର ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ନିର୍ବାଚନମଣ୍ଡଳୀର ସମସ୍ତ ବୁଥ୍ର ବିଏଲ୍ -୨ ମାନେ ଯୋଗଦେଇ ନିଜ ନିଜ ଅଞ୍ଚଳର ବିଭିନ୍ନ ସମସ୍ୟା ସମ୍ପର୍କରେ କହିଥିଲେ। ଏହି କାର୍ଯ୍ୟକ୍ରମ ପାଇଁ ପିସିସି ପକ୍ଷରୁ ନିଯୁକ୍ତ ପର୍ଯ୍ୟବେକ୍ଷକ ଚିନ୍ମୟ ବେଉରା ଯୋଗଦେଇ ବିଏଲ-୨ମାନେ ନିଜନିଜ ବୁଥ୍ରେ କଂଗ୍ରେସ ଘର ଚିହ୍ନଟ କରିବା, କଂଗ୍ରେସ ଭୋଟର ଚିହ୍ନଟ କରିବା ଓ ସେମାନଙ୍କ ସହିତ ପ୍ରତ୍ୟକ୍ଷ ସମ୍ପର୍କ ସ୍ଥାପନ ସହ ନିଜନିଜ ଅଞ୍ଚଳର ବିଭିନ୍ନ ସମସ୍ୟାକୁ ନେଇ ରାଜରାସ୍ତାରେ ଆନ୍ଦୋଳନ କରିବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତା ଜଗନ୍ନାଥ ସାହୁ, ମାନସ ଦାସଙ୍କ ସମେତ ନିର୍ବାଚନ ମଣ୍ଡଳୀର ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ମୂଲ୍ୟବାନ ମତାମତ ରଖିଥିଲେ।

■ ଗୁରୁ ରବି ଦାସଙ୍କ ଜନ୍ମ ଜୟନ୍ତୀ ବର୍ଷ ଉପଲକ୍ଷେ 'ସମରସ ସଂକଳ୍ପ ଅଭିଯାନ'

# ପହଞ୍ଚିଲା ସନ୍ଥଙ୍କ ମୃତ୍ତିକା କଳସ, ବିଜେପିର ଭବ୍ୟ ସ୍ୱାଗତ

ଭୁବନେଶ୍ୱର,୩୧।୭(ସଂଚାର ବ୍ୟୁରୋ)ଃ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନକ୍ରମେ ସନ୍ଥ ଶିରୋମଣି ଗୁରୁ ରବି ଦାସ ମହାରାଜଙ୍କ ୬୫୦ତମ ଜନ୍ମ ଜୟନ୍ତୀ ବର୍ଷ ଉପଲକ୍ଷେ ଗତ ୨୯ ଗୁରୁପୂର୍ଣ୍ଣିମାଠାରୁ ଆସନ୍ତା ବର୍ଷ ଫେବୃଆରୀ ୨୦ ତାରିଖ ଶ୍ରୀ ଗୁରୁ ରବିଦାସ ମହାରାଜ ଜୟନ୍ତୀ ପର୍ଯ୍ୟନ୍ତ 'ସନ୍ଥ ଶିରୋମଣି ଶ୍ରୀ ଗୁରୁ ରବିଦାସ ମହାରାଜ ସମରସ ସଂକଳ୍ପ ଅଭିଯାନ' ଦେଶବ୍ୟାପୀ ପାଳନ କରାଯାଉଛି। ଗୁରୁ ଶ୍ରୀ ରବି ଦାସଜୀଙ୍କ ଜନ୍ମସ୍ଥଳୀ ବାରଣାସୀ କାଶୀରୁ ଏହି ଅଭିଯାନର ଶୁଭାରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ତାଙ୍କ ଜନ୍ମସ୍ଥାନ ବାରଣାସୀ କାଶୀରୁ ପବିତ୍ର ମୃତ୍ତିକାକୁ କଳସରେ ସଂଗ୍ରହ କରାଯାଇ ଦେଶର ବିଭିନ୍ନ ରାଜ୍ୟକୁ ପଠାଯାଇଛି। ଓଡ଼ିଶାରୁ ଯାଇଥିବା ପ୍ରତିନିଧି ଦଳ ଏହି ପବିତ୍ର କଳସ ଆଣି ଆଜି ଭୁବନେଶ୍ୱର ରେଳଷ୍ଟେସନରେ ପହଞ୍ଚିଥିଲେ। ଏହି ପ୍ରତିନିଧିମଣ୍ଡଳୀରେ ଏସ୍ସି ମୋର୍ଚ୍ଚା ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ସୁଶାନ୍ତ ମଲ୍ଲିକ, ପୂର୍ବତନ ମନ୍ତ୍ରୀ ହିମାଂଶୁ ମେହେର, ଏମ୍ପି ଡ. ରବି ନାରାୟଣ ବେହେରା, ଏସ୍ସି ମୋର୍ଚ୍ଚା ରାଜ୍ୟ ସାଧାରଣ ସମ୍ପାଦକ ମନିଜର ଆର୍ଯ୍ୟ, ଚନ୍ଦନ ସ୍ୱରାଜ, ବରିଷ୍ଠ ନେତା ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ରାଜ୍ୟ ପ୍ରବକ୍ତା ଲକ୍ଷ୍ମଣ ପଣ୍ଡା, ଏସ୍ସି ମୋର୍ଚ୍ଚା ରାଜ୍ୟ ଉପସଭାପତି ଶିବ ମଲ୍ଲିକ, ଏସ୍ସି ମୋର୍ଚ୍ଚା ସମ୍ପାଦକ ହରିହର ମହାନନ୍ଦ ସାମିଲ ହୋଇଥିଲେ।

■ ରେଳ ଷ୍ଟେସନ୍ରୁ ଶୋଭାଯାତ୍ରାରେ ଶ୍ରୀରାମ ମନ୍ଦିର ଆସିଲା କଳସ




ଷ୍ଟେସନ୍ରେ ପ୍ରତିନିଧିମଣ୍ଡଳୀଙ୍କୁ ଭବ୍ୟ ସ୍ୱାଗତ କରାଯାଇ ଶୋଭାଯାତ୍ରାରେ ଉକ୍ତ କଳସକୁ ଶ୍ରୀରାମ ମନ୍ଦିର ପର୍ଯ୍ୟନ୍ତ ଅଣାଯାଇଛି। ପୂଜାର୍ଚ୍ଚନା ପରେ ଉକ୍ତ କଳସକୁ ମନ୍ଦିରରେ ରଖାଯାଇଛି। ଆସନ୍ତା ୯ ତାରିଖରେ ଏକ ଭବ୍ୟ ସମାରୋହରେ କାର୍ଯ୍ୟକର୍ତ୍ତାଙ୍କ ଜରିଆରେ ବିଜେପିର ୩୭ଟି ସାଙ୍ଗଠନିକ ଜିଲ୍ଲାରୁ ଏଭଳି ମହାପୁରୁଷମାନଙ୍କ ଜନ୍ମସ୍ଥାନରୁ ମାଟି ଅଣାଯାଇ ଏହି ପବିତ୍ର ମୃତ୍ତିକାରେ ମିଶାଯିବା ପରେ ତାହାକୁ ୩୭ଟି ପୃଥକ୍ କଳସରେ ବଣ୍ଟନ କରାଯିବ। ସେହି ମାଟିକୁ ବିଭିନ୍ନ କଳସରେ ଭରି ଜିଲ୍ଲାର ସବୁ ମଣ୍ଡଳକୁ ନିଆଯିବ। ସେଠାରୁ ପ୍ରତ୍ୟେକ ଗ୍ରାମପଞ୍ଚାୟତକୁ ଓ ଗ୍ରାମ ପଞ୍ଚାୟତରୁ ପ୍ରତ୍ୟେକ ଗ୍ରାମକୁ ଏହି ପବିତ୍ର କଳସ ବଣ୍ଟନ କରାଯିବ। ଯେଉଁଠାରେ ଏହି ପବିତ୍ର ମୃତ୍ତିକା କଳସ ରଖାଯିବ ଓ ଯେଉଁଠାରେ ପହଞ୍ଚିବ, ସେଠାରେ ଚାରା ରୋପଣ କରାଯିବ।

ଶୋଭାଯାତ୍ରାରେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ରାଜ୍ୟ ସାଧାରଣ ସମ୍ପାଦକ (ସଙ୍ଗଠନ) ମାନସ କୁମାର ମହାନ୍ତି, ରାଜ୍ୟ ସାଧାରଣ ସମ୍ପାଦକ ଶାରଦା ପ୍ରସାଦ ଶତପଥୀ, ରାଜ୍ୟ ସାଧାରଣ ସମ୍ପାଦିକା ପୂର୍ଣ୍ଣିମା ପ୍ରିୟଦର୍ଶିନୀ ନାୟକ, ରାଜ୍ୟ ସମ୍ପାଦକ ସରୋଜ କର, ରାଜ୍ୟ ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ବାଇଧର ମଲ୍ଲିକ, ରାଜ୍ୟ ମହିଳା ମୋର୍ଚ୍ଚା ସଭାନେତ୍ରୀ ଡା. ଐଶ୍ୱର୍ଯ୍ୟା ବିଶ୍ୱାଳ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ, ରାଜ୍ୟ ମୁଖପାତ୍ର ସୁଦୀପ୍ତ ରାୟ, ରାଜ୍ୟ ଗଣମାଧ୍ୟମ ସଂଯୋଜକ ସୁଜିତ୍ କୁମାର ଦାସ, ରାଜ୍ୟ ଅନୁସୂଚିତ ଜାତି ମୋର୍ଚ୍ଚା ଉପସଭାପତି ମଧୁସ୍ମିତା ବଳିଆରସିଂ, ଭୁବନେଶ୍ୱର ସାଙ୍ଗଠନିକ ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର ଉପସ୍ଥିତ ଥିଲେ।

## ଭୋଟର ତାଲିକା ସଂଶୋଧନ ସମୟ ବୃଦ୍ଧି

■ ଅଗଷ୍ଟ ୧୯ ଭିତରେ ଦାଖଲ କରିବେ ଦାବି ପତ୍ର, ସେପ୍ଟେମ୍ବର ୨୧ରେ ଚୂଡ଼ାନ୍ତ ତାଲିକା

ଭୁବନେଶ୍ୱର,୩୧।୭ (ସଂଚାର ବ୍ୟୁରୋ) ଃ ଓଡ଼ିଶାରେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍)-୨୦୨୬ ପାଇଁ ଭାରତ ନିର୍ବାଚନ ଆୟୋଗ ସଂଶୋଧିତ କାର୍ଯ୍ୟସୂଚୀ ଜାରି କରିଛନ୍ତି। ୧ ଜୁଲାଇ ୨୦୨୬କୁ ଯୋଗ୍ୟତା ତାରିଖ ଭାବେ ଧାର୍ଯ୍ୟ କରାଯାଇ ଭୋଟର ତାଲିକାକୁ ଅଧିକ ସଠିକ୍ ଓ ତ୍ରୁଟିମୁକ୍ତ କରିବା ପାଇଁ ଏହି ସଂଶୋଧନ କରାଯାଉଛି।

ନୂଆ କାର୍ଯ୍ୟସୂଚୀ ଅନୁଯାୟୀ, ୫ ଜୁଲାଇରୁ ୧୯ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ ଭୋଟରମାନେ ନୂଆ ନାମ ଅନ୍ତର୍ଭୁକ୍ତି କିମ୍ବା ତଥ୍ୟ ସଂଶୋଧନ ପାଇଁ ଦାବି ଓ ଆପତ୍ତି ଦାଖଲ କରିପାରିବେ। ସେହିପରି, ୫ ଜୁଲାଇରୁ ୧୭ ସେପ୍ଟେମ୍ବର ୨୦୨୬ ପର୍ଯ୍ୟନ୍ତ ଦାଖଲ ହୋଇଥିବା ସମସ୍ତ ଦାବି ଓ ଆପତ୍ତିର ଶୁଣାଣି କରାଯାଇ ନିଷ୍ପତ୍ତି ନିଆଯିବ। ଏହାପରେ ୨୧ ସେପ୍ଟେମ୍ବର ୨୦୨୬ରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ କରାଯିବ। ନିର୍ବାଚନ ଆୟୋଗ କହିଛନ୍ତି, ଏହି ସଂଶୋଧିତ କାର୍ଯ୍ୟସୂଚୀ ଯୋଗ୍ୟ ଭୋଟରଙ୍କୁ ପର୍ଯ୍ୟାପ୍ତ ସୁଯୋଗ ଦେବା ସହ ଭୋଟର ତାଲିକାକୁ ଅଧିକ ନିର୍ଭୁଲ ଓ ସଠିକ କରିବାରେ ସହାୟକ ହେବ।

## ହସ୍ପିଟାଲ ସଂକ୍ରମଣ ପ୍ରତିରୋଧ ସମ୍ପର୍କିତ କର୍ମଶାଳା

କଟକ, ୩୧।୭ (ସଂଚାର ବ୍ୟୁରୋ)ଃ ସ୍ୱାସ୍ଥ୍ୟସେବା ସମ୍ବନ୍ଧୀୟ ସଂକ୍ରମଣ ନିରୀକ୍ଷଣ ଓ ହସ୍ପିଟାଲ ସଂକ୍ରମଣ ପ୍ରତିରୋଧ ଉପରେ ସିଏମଇ ସହ ଏକ ପ୍ରାୟୋଗିକ କର୍ମଶାଳା ଆଜି ଏସସିବି ମେଡିକାଲ କଲେଜ ଓ ହସ୍ପିଟାଲରେ ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଡିଏମ୍ଇଟି ପ୍ରଫେସର ଦୁର୍ଗା ମାଧବ ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱାସ୍ଥ୍ୟସେବା ପ୍ରତିଷ୍ଠାନରେ ସଂକ୍ରମଣ ନିୟନ୍ତ୍ରଣ, ରୋଗୀ ସୁରକ୍ଷା ଓ ଉତ୍ତମ ଚିକିତ୍ସାସେବା ପାଇଁ ନିୟମିତ ନିରୀକ୍ଷଣ ଓ ସଠିକ୍ ସଂକ୍ରମଣ ପ୍ରତିରୋଧ ବ୍ୟବସ୍ଥାର ଗୁରୁତ୍ୱ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। କର୍ମଶାଳାରେ ଏସ୍ସିବି ମେଡିକାଲ କଲେଜର ମାଇକ୍ରୋବାୟୋଲୋଜି ବିଭାଗର ମୁଖ୍ୟ ପ୍ରଫେସର ଧରିତ୍ରୀ ମହାପାତ୍ର, ଏମ୍ସ ଭୁବନେଶ୍ୱରର ମାଇକ୍ରୋବାୟୋଲୋଜି ବିଭାଗର ମୁଖ୍ୟ ପ୍ରଫେସର ଅଶୋକ ମହାପାତ୍ର, ଏମ୍ସ ଭୁବନେଶ୍ୱରର ମାଇକ୍ରୋବାୟୋଲୋଜି ବିଭାଗର ମୁଖ୍ୟ ପ୍ରଫେସର ବିଜୟିନୀ ବେହେରା ଅତିଥି ଭାବେ ଯୋଗଦେଇ ସ୍ୱାସ୍ଥ୍ୟସେବା ସମ୍ବନ୍ଧୀୟ ସଂକ୍ରମଣ ନିରୀକ୍ଷଣ ଓ ହସ୍ପିଟାଲ ସଂକ୍ରମଣ ପ୍ରତିରୋଧ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ବିଷୟ ବିଶେଷଜ୍ଞ ଭାବେ ପ୍ରଫେସର ପ୍ରତିଭା ପଣ୍ଡା, ପ୍ରଫେସର ଡ଼ଃ ଜ୍ୟୋତିଷ ଚୌଧୁରୀ ଯୋଗଦେଇ ଏସସିବି ମେଡିକାଲ କଲେଜର ପ୍ରାୟ ୧୭୦ ଜଣ ଷ୍ଟାଫ୍ ନର୍ସଙ୍କୁ ହସ୍ପିଟାଲରେ ଅର୍ଜିତ ସଂକ୍ରମଣ ନିରୀକ୍ଷଣ, ସଂକ୍ରମଣ ପ୍ରତିରୋଧ ଓ ନିୟନ୍ତ୍ରଣ, ସଂକ୍ରମଣ ନିରୀକ୍ଷଣ ବ୍ୟବସ୍ଥା ସମ୍ପର୍କିତ ବିସ୍ତୃତ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ପ୍ରଫେସର ବିଶ୍ୱଜିତ ମିଶ୍ର କାର୍ଯ୍ୟ ପରିଚାଳନା କରିବା ସହ କର୍ମଶାଳାର ଉଦ୍ଦେଶ୍ୟ ଓ ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ।



ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ସମୀକ୍ଷା ବୈଠକ

# ୩ ଅପରାହ୍ଣରେ ବ୍ୟାପକ ଟ୍ରାଫିକ କଟକଣା



କଟକ, ୩୧।୭ (ସଂଚାର ବ୍ୟୁରୋ)ଃ ଅଗଷ୍ଟ ୩ ତାରିଖରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ କଟକ ଗସ୍ତ ପରିପ୍ରେକ୍ଷୀରେ ଶୁକ୍ରବାର ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ୩ ତାରିଖରେ ରାଷ୍ଟ୍ରପତି ବାଆଁରାସ୍ଥିତ ଜଗଦ୍ଗୁରୁ କୃପାଳୁ ବିଶ୍ୱବିଦ୍ୟାଳୟର ଶୁଭ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଗସ୍ତ କାର୍ଯ୍ୟକ୍ରମର ନୋଡାଲ ଅଫିସର ଭାବେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) କମଲଜିତ ଦାସଙ୍କୁ ନିଯୁକ୍ତ କରାଯାଇଛି। ଗସ୍ତକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତିକୁ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚାଇବା ପାଇଁ ସମ୍ପୃକ୍ତ ବିଭାଗମାନଙ୍କୁ ଆବଶ୍ୟକୀୟ ନିର୍ଦ୍ଦେଶ ପ୍ରଦାନ କରାଯାଇଛି।

ଗ୍ରାମାଞ୍ଚଳ ଆରକ୍ଷୀ ଅଧୀକ୍ଷକ ବିନୀତ ଅଗ୍ରୱାଲ ଓ ଓଡ଼ିଶା ପୁଲିସ ସୁରକ୍ଷା ଶାଖାର ପୁଲିସ ଅଧୀକ୍ଷକ ପ୍ରଶାନ୍ତ କୁମାର ନାୟକ ଓ ସବ୍ସିଡିଆରି ଇଣ୍ଟେଲିଜେନ୍ସ ବ୍ୟୁରୋ (ଏସଆଇବି)ର ସହକାରୀ ନିର୍ଦ୍ଦେଶକ ପାହ୍ୟାର ଜଣେ ଅଧିକାରୀଙ୍କ ନେତୃତ୍ୱରେ ଯୁଗ୍ମ ଆଡଭାନ୍ସ ସିକ୍ୟୁରିଟି ଲିଆଜନ୍ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଛି। ବୈଠକରେ ଜିଲ୍ଲା ପ୍ରଶାସନ, ଓଡ଼ିଶା ପୁଲିସ ଓ ବିଭିନ୍ନ ସମ୍ପୃକ୍ତ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ।

ନିଷ୍ପତ୍ତି ଅନୁଯାୟୀ, ରାଷ୍ଟ୍ରପତିଙ୍କ ଗସ୍ତ ପରିପ୍ରେକ୍ଷୀରେ ୩ ତାରିଖ ଅପରାହ୍ଣ ୩ଟା ୫୦ ମିନିଟରୁ ୪ଟା ୫୦ ମିନିଟ ଓ ସନ୍ଧ୍ୟା ୫ଟା ୫୦ ମିନିଟରୁ ୬ଟା ୫୦ ମିନିଟ ପର୍ଯ୍ୟନ୍ତ ନନ୍ଦନକାନନ ପ୍ରାଣୀ ଉଦ୍ୟାନ-ବାରଙ୍ଗ-ବାରଙ୍ଗ ଅଫିସ ଛକ-ଗୋଡି ସାହି-ଭାରତ ମସଲା ଛକ-ସିଆଇଏସଏଫ ମୁଣ୍ଡୁଳି-ରାମଚଣ୍ଡୀ (ବାଆଁରା)-ଜଗଦ୍ଗୁରୁ କୃପାଳୁ ମହାରାଜ ବିଶ୍ୱବିଦ୍ୟାଳୟ ରାସ୍ତାରେ କୌଣସି ପ୍ରକାରର ଯାନବାହାନ ଚଳାଚଳ ବନ୍ଦ ରହିବ। ଏହାକୁ ସଂଯୋଗ କରୁଥିବା ରାସ୍ତାଗୁଡ଼ିକୁ ମଧ୍ୟ ଅବରୋଧ କରାଯିବ। ଏଥିସହ ସେହିଦିନ ଭୁବନେଶ୍ୱର ଓ ଖୋର୍ଦ୍ଧା ପାର୍ଶ୍ୱରୁ ଆସୁଥିବା ଭାରି ଯାନ ଏବଂ କଟକ ପାର୍ଶ୍ୱ, ବାଲିକୁଦା ଛକରୁ ଭୁବନେଶ୍ୱର, ପିତାପଲ୍ଲୀ ଆଡ଼କୁ ଆସୁଥିବା ଭାରି ଯାନଗୁଡିକର ଚଳାଚଳକୁ ଏହି ସମୟ ଅବଧି ମଧ୍ୟରେ ବନ୍ଦ ରଖାଯିବ।

# ବନ୍ୟା ପ୍ରଭାବିତ ଅଞ୍ଚଳରେ ବଢ଼ିବ କଲେଜ ଆଡମିଶନ ଅବଧି



ଭଦ୍ରକ,୩୧।୭ (ସଂଚାର ବ୍ୟୁରୋ) ଃ କଲେଜରେ ବଢ଼ିବ ଆଡମିଶନ ଅବଧି । ବନ୍ୟା ଅଞ୍ଚଳରେ କଲେଜରେ ଆଡମିଶନର ସମୟ ବୃଦ୍ଧି ହେବ। ସମସ୍ତ ଜିଲ୍ଲାପାଳଙ୍କୁ ରିପୋର୍ଟ ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ନିର୍ଦ୍ଦେଶ ଦେଇଛନ୍ତି। ବନ୍ୟା ପାଇଁ ବିଭିନ୍ନ କଲେଜରେ ଆଡମିଶନ ବାଧା ହେଉଥିବା ନେଇ ଖବର ପ୍ରସାରଣ ପରେ ମନ୍ତ୍ରୀ ଏଭଳି ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟରେ ସମସ୍ତ କଲେଜରେ ଚାଲିଛି ନାମଲେଖା ପ୍ରକ୍ରିୟା । ସେଥିପାଇଁ ଭଦ୍ରକ ମହିଳା ମହାବିଦ୍ୟାଳୟରେ ନାମଲେଖା ପାଇଁ ଛାତ୍ରୀ ଓ ଅଭିଭାବକଙ୍କ ଭିଡ଼ ଲାଗିଥିଲା । କଲେଜରେ ବନ୍ୟା ଜଳ ଲହଡି ମାରୁଥିବା ବେଳେ ଚିନ୍ତାରେ ଅଧକ୍ଷ, ଅଧ୍ୟାପକ ଓ ନାମ ଲେଖାଇବାକୁ ଆସିଥିବା ଛାତ୍ରୀ ଏବଂ ଅଭିଭାବକ। ଏପରି ସ୍ଥିତି ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ଜଣାଇଲେ କଲେଜ ଅଧ୍ୟକ୍ଷା କିନ୍ତୁ ଉତ୍ତର ଥିଲା ନାମଲେଖାକୁ ବାତିଲ କରିହବନି । ଶେଷରେ ନିରୁପାୟ ହୋଇ କଲେଜ କର୍ମଚାରୀ ଅଣ୍ଟାଏ ପାଣିରେ ପଶି ଆବଶ୍ୟକୀୟ କାଗଜପତ୍ର ବାହାର କଲେ । କଲେଜ ନିକଟରେ ଥିବା ଜନୈକ ବ୍ୟକ୍ତିଙ୍କ ଘର ପିଣ୍ଡା ପାଲଟିଥିଲା ନାମଲେଖା ବିଭାଗ । ଦୀର୍ଘ ସମୟ ପର୍ଯ୍ୟନ୍ତ ଲମ୍ବା ଧାଡ଼ିରେ ଛାତ୍ରୀଙ୍କ ନାମଲେଖା ଚାଲିଥିଲା।

## ବିପର୍ଯ୍ୟୟ ପରିଚାଳନାରେ ସରକାର ବିଫଳ

ଆଜି ବନ୍ୟାଞ୍ଚଳ ବୁଲିବ, ରିଲିଫ ବାଣ୍ଟିବ ଓଜେସି



ଭୁବନେଶ୍ୱର,୩୧।୭(ସଂଚାର ବ୍ୟୁରୋ)ଃ ରାଜ୍ୟରେ ଭୟାବହ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଭିନ୍ନ ଭିନ୍ନ ଜିଲ୍ଲାର ପ୍ରାୟ ୮ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଓ ହଜାର ହଜାର ଗୃହପାଳିତ ପଶୁ ଏହି ବନ୍ୟାରେ ପ୍ରଭାବିତ ହୋଇଛନ୍ତି। ତେବେ ଏହି ଜରୁରୀ ପରିସ୍ଥିତିରେ ସରକାର ବିପର୍ଯ୍ୟୟ ପରିଚାଳନାରେ ସମ୍ପୂର୍ଣ୍ଣ ଭାବେ ବିଫଳ ହୋଇଛନ୍ତି। ଏହି କ୍ରମରେ ଆଜି ଓଡ଼ିଶା ଜନତା କଂଗ୍ରେସ (ଓଜେସି) ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ଚଳିତ ବର୍ଷ ବନ୍ୟା ପରିଚାଳନାରେ ରାଜ୍ୟ ସରକାର ପ୍ରାକ୍ ପ୍ରସ୍ତୁତି ଠିକ୍ ଭାବେ କରି ନ ଥିବାରୁ ରାଜ୍ୟରେ ବନ୍ୟା ଦ୍ୱାରା ଲକ୍ଷ ଲକ୍ଷ ଲୋକ ପ୍ରଭାବିତ ହୋଇ ହନ୍ତସନ୍ତ ହେଉଥିବା ଓଜେସି ସେବା ସଂଗଠନ ଅଧ୍ୟକ୍ଷ ମନୋଜ ଜେନା କହିଛନ୍ତି। ଜନସାଧାରଣଙ୍କ ନିକଟରେ ଜରୁରୀ ଖାଦ୍ୟ ଓ ପାନୀୟ ଜଳ ପହଞ୍ଚାଇବାରେ ସରକାର ବିଫଳ ହୋଇଥିବାରୁ ଅନେକ ଅଞ୍ଚଳରେ ପ୍ରଭାବିତମାନେ ଅତ୍ୟନ୍ତ ଦୟନୀୟ ଭାବେ ଜୀବନଯାପନ କରୁଛନ୍ତି। ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ରାଜ୍ୟର ମୁଖ୍ୟମନ୍ତ୍ରୀ ବନ୍ୟାଞ୍ଚଳ ପରିଦର୍ଶନ କରି ପ୍ରଭାବିତ ଲୋକଙ୍କର ଦୁଃଖ ଦୁର୍ଦ୍ଦଶା ଦୂର କରିବା ପରିବର୍ତ୍ତେ ବର୍ତ୍ତମାନ ଦିଲ୍ଲୀ ଗସ୍ତରେ ଅଛନ୍ତି।

ନଦୀପଠାରୁ ବ୍ୟାପକ ବାଲି ଚୋରାଚାଲାଣ ଦ୍ୱାରା ନଦୀବନ୍ଧ ଦୁର୍ବଳ ହେବାସହ ପ୍ରଖର ସ୍ରୋତ ଆସି ନଦୀ ନିକଟବର୍ତ୍ତୀ ଗ୍ରାମଗୁଡ଼ିକ ବ୍ୟାପକ କ୍ଷୟକ୍ଷତି ହୋଇଛି। କୌଣସି ନଦୀ କୂଳରେ ଆଡିବନ୍ଧ ବା ବୃକ୍ଷ ନ ଥିବାରୁ ଏଭଳି ବିପର୍ଯ୍ୟୟ ବାରମ୍ବାର ଘଟୁଛି, ଯାହା ଗତ ସରକାର ଖାମଖିଆଲି ଭାବେ ନେଇଥିଲେ ଏବଂ ବର୍ତ୍ତମାନର ସରକାର ମଧ୍ୟ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛନ୍ତି। ଏଣୁ ଓଡ଼ିଶା ଜନତା କଂଗ୍ରେସ ପକ୍ଷରୁ ରାଜ୍ୟ ସରକାର ତ୍ୱରିତ ପଦକ୍ଷେପ ନେଇ ବନ୍ୟା ବିପର୍ଯ୍ୟୟ ନିୟନ୍ତ୍ରଣ କରିବା ସକାଶେ ଶ୍ରୀ ଜେନା ଦାବି କରିଛନ୍ତି। ଦଳ ସଭାପତି ମହମ୍ମଦ ମୋକିମଙ୍କ ନିର୍ଦ୍ଦେଶରେ ଓଜେସି ସେବା ସଂଗଠନ ପକ୍ଷରୁ ଆସନ୍ତାକାଲିଠାରୁ ଏକ ପ୍ରତିନିଧିମଣ୍ଡଳୀ ଯାଜପୁର ଜିଲ୍ଲାର ବନ୍ୟାଞ୍ଚଳ ପରିଦର୍ଶନ କରି କ୍ଷୟକ୍ଷତି ଆକଳନ କରିବା ସହ ପ୍ରଭାବିତ ଲୋକଙ୍କୁ ରିଲିଫ ପ୍ରଦାନ କରିବାର କାର୍ଯ୍ୟକ୍ରମ ରହିଛି ବୋଲି ସେ ସୂଚନା ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଓଜେସିର ଯାଜପୁର ଜିଲ୍ଲା ପ୍ରଭାରୀ ନଜିବୁର୍ ରେହମାନ ଖାନ୍, ସୋମନାଥ ରାଉତ ଓ ଓଜେସିର ବରିଷ୍ଠ ନେତା ଦୁର୍ଗାଚରଣ ବାରିକ ମଧ୍ୟ ଉପସ୍ଥିତ ଥିଲେ।

# ଜେସିବି ଖୋଳା ବେଳେ ଫାଟିଲା ଗେଲ୍ ଗ୍ୟାସ୍ ପାଇପ୍ ଲାଇନ୍

ଭୁବନେଶ୍ୱର, ୩୧।୭ (ସଂଚାର ବ୍ୟୁରୋ)ଃ ରାଜଧାନୀ ଭୁବନେଶ୍ୱରରେ ଏକ ବଡ଼ଧରଣର ଅଘଟଣ ଅଳ୍ପକେ ଟଳିଯାଇଛି । ମନ୍ଦିର ନିର୍ମାଣ କାର୍ଯ୍ୟ ଚାଲିଥିବା ସମୟରେ ଭୂତଳ ଗେଲ୍ ଇଣ୍ଡିଆ ଗ୍ୟାସ୍ ପାଇପ୍ ଲାଇନ୍ ଫାଟିଯିବା ଫଳରେ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳିଯାଇଥିଲା। ସ୍ଥାନୀୟ ଅଞ୍ଚଳରେ ଏକ ମନ୍ଦିର ନିର୍ମାଣ କାର୍ଯ୍ୟ ପାଇଁ ଜେସିବି ମେସିନ୍ ସାହାଯ୍ୟରେ ମାଟି ଖୋଳାଯାଉଥିଲା। ଏହି ସମୟରେ ଭୂତଳ ଦେଇ ଯାଇଥିବା ଗେଲ୍ ଇଣ୍ଡିଆର ପ୍ରମୁଖ ଗ୍ୟାସ୍ ପାଇପ୍ ଲାଇନ୍ ଭୁଲ୍‌ବଶତଃ ଫାଟିଯାଇଥିଲା ।



ପାଇପ୍ ଲାଇନ୍ ଫାଟିବା କ୍ଷଣି ପ୍ରାୟ ୪୦ ମିନିଟ୍ ଧରି ଗ୍ୟାସ୍ ଲିକ୍ ହୋଇଥିଲା । ବାୟୁମଣ୍ଡଳରେ ଗ୍ୟାସ୍ ବ୍ୟାପିଯିବାରୁ ଆଖପାଖ ଲୋକେ ଆତଙ୍କିତ ହୋଇପଡ଼ିଥିଲେ ଏବଂ ନିଜ ସୁରକ୍ଷା ପାଇଁ ଘରୁ ବାହାରକୁ ଚାଲିଆସିଥିଲେ । ବଡ଼ ବିସ୍ଫୋରଣର ଆଶଙ୍କା ସୃଷ୍ଟି ହୋଇଥିଲା। ଘଟଣା ସମ୍ପର୍କରେ ଖବର ପାଇବା କ୍ଷଣି ପ୍ରଶାସନ ଓ ସମ୍ପୃକ୍ତ ବିଭାଗ ସୁରକ୍ଷା ଦୃଷ୍ଟିରୁ ସେହି ଅଞ୍ଚଳରେ ଲୋକଙ୍କ ଯାତାୟାତକୁ କଟକଣା କରିଥିଲେ । ଗେଲ୍ ଇଣ୍ଡିଆର ବୈଷୟିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି କ୍ଷତିଗ୍ରସ୍ତ ପାଇପ୍ ଲାଇନ୍‌ର ମୁଖ୍ୟ ଭାଲ୍‌କୁ ବନ୍ଦ କରିବାରେ ସଫଳ ହୋଇଥିଲେ। ସମସ୍ତ ବିଭାଗର ମିଳିତ ଓ ତ୍ୱରିତ ଉଦ୍ୟମ ଫଳରେ ଏକ ବଡ଼ଧରଣର ଦୁର୍ଘଟଣା ଘଟିବାରୁ ବର୍ତ୍ତିଯାଇଛି ।

# କଲମାର ୬୬ ଗେଟ୍ ଖୋଲିଲା



ଝାରସୁଗୁଡ଼ା,୩୧।୭ (ସଂଚାର ବ୍ୟୁରୋ) ଃ ଉପରମୁଣ୍ଡରେ ଲଗାଣ ବର୍ଷା ଯୋଗୁ କଲମାର ସମସ୍ତ ୬୬ ଗେଟ୍ ଖୋଲିଛନ୍ତି ଛତିଶଗଡ ସରକାର। ଏହାପରେ ଝାରସୁଗୁଡା ଜିଲ୍ଲା ମହାନଦୀ ଉପକୂଳ ଅଂଚଳରେ ବନ୍ୟା ଆଶଙ୍କା ଦେଖାଦେଇଛି। ବିଶେଷ କରି ମହାନଦୀର ପ୍ରବେଶ ସ୍ଥଳ ସୁଖାସୋଡ଼ା ଏବଂ ସେମଲିଆ ଗାଁ ନିକଟକୁ ମହାନଦୀ ପାଣି ଏବଂ ରିଜର୍ଭର ପଛୁଆ ପାଣି ମାଡ଼ି ଆସିଛି । ଫଳରେ ସୁଖାସୋଡ଼ା ସେମଲିଆରେ ଚାଷ ଜମି ବୁଡ଼ି ଯାଇଛି ।

ଅଧିକ ଦିନେ ଧରି ଏହି ବନ୍ୟା ପାଣି ଜମିରେ ରହିଲେ ଧାନ ଏବଂ ପନି ପରିବା ଚାଷ ନଷ୍ଟ ହେବାର ଆଶଙ୍କା ଦେଖାଦେଇଛି । ସେପଟେ ଅଧିକ ବର୍ଷା ହେଲେ ଗାଁକୁ ପାଣି ମାଡ଼ିବା ଆଶଙ୍କା ଥିବାରୁ ଗାଁ ଲୋକେ ଭୟଭୀତ ଅଛନ୍ତି । ତେବେ ଏନେଇ ଝାରସୁଗୁଡା ଜିଲ୍ଲା ପ୍ରଶାସନ ଏବଂ ଲଖନପୁର ତାହିସଲଦାର ଘଟଣାସ୍ଥଳକୁ ପହଞ୍ଚି ସ୍ଥିତ ଅନୁଧ୍ୟାନ କରିଛନ୍ତି । ଯେହେତୁ ହୀରାକୁଦର ଏବେ ୧୪ ଗେଟ୍ ଖୋଲି ଦିଆଯାଇଛି। ତେଣୁ ଝାରସୁଗୁଡାରେ ବନ୍ୟା ସ୍ଥିତି ଉପୁଜିବ ନାହିଁ ବୋଲି ଲଖନପୁର ତହସିଲଦାର ପ୍ରକାଶ କରିଛନ୍ତି ।

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

ଶନିବାର ୧ ଅଗଷ୍ଟ ୨୦୨୬, ଭୁବନେଶ୍ୱର

Saturday 1 August 2026, Bhubaneswar



# ଆମ ଲୋକକଥା ଓ ସାହିତ୍ୟ ଚୋରି



ସମ୍ପ୍ରତି ଯେଉଁ ପ୍ରସଙ୍ଗଟି ଓଡ଼ିଶାର ଫେସବୁକ ବୁଦ୍ଧିଜୀବୀଙ୍କ ମଧ୍ୟରେ ଚର୍ଚ୍ଚାର ବିଷୟ ପାଲଟିଛି ତାହା ହେଉଛି 'ମିଛ ମହାତ୍ମା' ପୁସ୍ତକ ଲେଖି ରାତାରାତ ଚର୍ଚ୍ଚାର ପରିଧିକୁ ଆସିଥିବା ଓଡ଼ିଶାର ସ୍ୱନାମଧନ୍ୟ ସାହିତ୍ୟିକ ଡକ୍ଟର ବିବୁଧରଞ୍ଜନଙ୍କ ଗୋଟିଏ ବହି। ଅଭିଯୋଗ ଅନୁଯାୟୀ, ଚୋରି ହୋଇଥିବା ବହିଟିର ନାମ:ଆମ ଲୋକକଥା।

୧୯୯୩ ମସିହାରେ 'ଆମ ଭାରତୀୟ ଲୋକକଥା' ନାମରେ ଗୋଟିଏ ବହି ପ୍ରକାଶପାଏ। ବହିର ଲେଖକ ଓଡ଼ିଆ ସାହିତ୍ୟର ପ୍ରଥିତଯଶା ସାହିତ୍ୟିକ ଦିବଂଗତ ଡକ୍ଟର ଜାନକୀ ବଲ୍ଲଭ ମହାନ୍ତି (ଭରଦ୍ୱାଜ)। ବହିର ପ୍ରକାଶକ ନିଜେ ବିବୁଧରଂଜନ। ୨୦୧୬ ମସିହାରେ ବିବୁଧ ରଂଜନଙ୍କ ଗୋଟିଏ ବହି ପ୍ରକାଶ ପାଏ, 'ଆମ ଲୋକକଥା'। ତେବେ 'ଆମ ଲୋକକଥା' ବହିଟି କେବଳ ଶୀର୍ଷକରେ 'ଭାରତୀୟ' ଓ ଲେଖକଙ୍କ ନାମ ବାଦକୁ ବାଦଦେଲେ ୧୯୯୩ ମସିହାରେ ଜାନକୀ ବଲ୍ଲଭ ମହାନ୍ତି (ଭରଦ୍ୱାଜ) ଲେଖିଥିବା ବହିର ହୁବହୁ କପି ବୋଲି ଫେସବୁକରେ ଚହଳ ପଡ଼ିଛି।

ବିବୁଧ ରଂଜନ କ'ଣ ପାଇଁ କପି କଲେ ବା ଅନ୍ୟର ବହିକୁ ନିଜ ନାମରେ ଛପାଇବା ପଛରେ ତାଙ୍କର ମାନସିକତା କ'ଣ ସେ ବିଷୟରେ ଆଲୋଚନା ଏଠାରେ ଅପ୍ରାସଙ୍ଗିକ। ତେବେ ଯାହା ପ୍ରାସଂଗିକ ତାହା ହେଉଛି, ବିଶ୍ୱ ସାହିତ୍ୟରେ କିମ୍ବା ଓଡ଼ିଆ ସାହିତ୍ୟରେ 'ସାହିତ୍ୟ ଚୋରି' ଘଟଣାଟି ଆଦୌ ନୂଆ ଘଟଣା ନୁହେଁ।

ଭାରତୀୟ-ଆମେରିକୀୟ ଲେଖିକା କାଭିଆ ଫିସ୍ନେ ତାଙ୍କର ପ୍ରଥମ ଉପନ୍ୟାସ 'ହାଓ ଓପାଲ ମେହେଟା ଗଟ୍ କିସ୍ଡ' ବହି ପାଇଁ ଲକ୍ଷାଧିକ ଡଲାରର ଚୁକ୍ତି ପାଇଥିଲେ। ମାତ୍ର ବହିଟି ପ୍ରକାଶ ପାଇବା ପରେ ଜଣାପଡ଼ିଲା ଯେ, ଏଥିରେ ଲେଖିକା ମେଗାନ୍ ମ୍ୟାକଫର୍ଟିଙ୍କ ଦୁଇଟି ପ୍ରସିଦ୍ଧ ବହିରୁ ଏକାଧିକ ବାକ୍ୟ ଓ ପ୍ରସଙ୍ଗ ହୁବହୁ କପି କରିଛନ୍ତି। ଆଲେକ୍ସ ହେଲିଙ୍କ ଲିଖିତ ଉପନ୍ୟାସ 'ରୁଟ୍ସ' ଆଫ୍ରିକୀୟ-ଆମେରିକୀୟ ଇତିହାସ ଉପରେ ଆଧାରିତ ଏକ ବ୍ଲକବଷ୍ଟର ବହି ଥିଲା, ଯାହା ପୁଲିଜର ପୁରସ୍କାର ମଧ୍ୟ ଜିତିଥିଲା। ମାତ୍ର ଲେଖକ ହାରୋଲ୍ଡ କୋର୍ଲାଣ୍ଡର ଅଭିଯୋଗ ଆଣିଥିଲେ ଯେ ହେଲି ତାଙ୍କର ଉପନ୍ୟାସ 'ଦି ଆଫ୍ରିକାନ' ରୁ ଏକାଧିକ ଅଂଶ ଓ କାହାଣୀ ଚୋରି କରିଛନ୍ତି। ଭାରତର ପ୍ରସିଦ୍ଧ ଇଂରାଜୀ ଔପନ୍ୟାସିକ ରବି ସୁବ୍ରମଣ୍ୟମ୍‌ଙ୍କ ଲିଖିତ ବ୍ୟାଙ୍କିଙ୍ଗ୍ ଥ୍ରିଲର୍ 'ଇଫ୍ ଗଡ୍ ୱାଜ ଏ ଫିନାନ୍ସିଆଲ ବ୍ୟାଙ୍କର' ବୁକ୍‌ଷ୍ଟୋର୍‌ଗୁଡ଼ିକରେ ବେଶ୍ ବିକ୍ରି ହୋଇଥିଲା। ମାତ୍ର ସମୀକ୍ଷକମାନେ ଅଭିଯୋଗ ଆଣିଥିଲେ ଯେ, ଏହି ବହିର କାହାଣୀ ଗଠନ ଓ ପ୍ରସଙ୍ଗ ବିଦେଶୀ ଲେଖକ ଜନ୍ ଗ୍ରିଶାମ୍‌ଙ୍କ 'ଦି ଫାର୍ମ' ଓ ଅନ୍ୟ କେତେକ ପାଶ୍ଚାତ୍ୟ ଥ୍ରୀଲର୍ ବହିରୁ ଅନୁପ୍ରାଣିତ ହୋଇ ଅବିକଳ କପି କରାଯାଇଛି। ସେହିପରି, ଦ୍ରୌପଦୀଙ୍କ ଦୃଷ୍ଟିକୋଣରୁ ଲିଖିତ ବିଶ୍ୱପ୍ରସିଦ୍ଧ ଉପନ୍ୟାସ 'ଦି ପ୍ୟାଲେସ୍ ଅଫ୍ ଇଲ୍ୟୁଜନ' (୨୦୦୮) ବହୁତ ଲୋକପ୍ରିୟ ହୋଇଥିଲା। ମାତ୍ର ଅନେକ ସାହିତ୍ୟ ସମୀକ୍ଷକ ଅଭିଯୋଗ ଆଣିଥିଲେ ଯେ, ଏଥିରେ ଦ୍ରୌପଦୀଙ୍କ ଆତ୍ମକଥା ଓ କର୍ଣ୍ଣଙ୍କ ପ୍ରତି ତାଙ୍କର ଅବ୍ୟକ୍ତ ପ୍ରେମର ଯେଉଁ ପରିକଳ୍ପନା କରାଯାଇଛି, ତାହା ଭାରତୀୟ ଆଞ୍ଚଳିକ ସାହିତ୍ୟ (ବିଶେଷ କରି ଓଡ଼ିଆର ଯାଜ୍ଞସେନୀ ଓ ମରାଠୀର ମୃତ୍ୟୁଞ୍ଜୟ) ରୁ ଅନୁପ୍ରାଣିତ, ମାତ୍ର ସେଥିପାଇଁ ଯଥେଷ୍ଟ କ୍ରେଡିଟ୍ ଦିଆଯାଇ ନାହିଁ। ସାହିତ୍ୟ ଏକାଡେମୀ ପୁରସ୍କାର ବିଜେତା ବିନୋଦ କୁମାର ଶୁକ୍ଳା ତାଙ୍କ ବହିଗୁଡ଼ିକର ବିନା ଅନୁମତିରେ ଅନୁବାଦ ଓ କପିରାଇଟ୍ ଉଲ୍ଲଂଘନ ପାଇଁ ପ୍ରକାଶକଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ। ହିନ୍ଦୀ ସାହିତ୍ୟରେ ପ୍ରକାଶନ ସଂସ୍ଥାଗୁଡ଼ିକ ଦ୍ୱାରା ଲେଖକଙ୍କ ବୌଦ୍ଧିକ ସମ୍ପତ୍ତି ଚୋରିର ଏହା ଏକ ବଡ଼ ଉଦାହରଣ। ଏ ତାଲିକା ଅନେକ ଲମ୍ବା।

ତେବେ ପ୍ରଶ୍ନ ଉଠେ, ସାହିତ୍ୟକୁ ମାନବ ସଭ୍ୟତା ଓ ସଂସ୍କୃତିର ଦର୍ପଣ କୁହାଯାଉଥିବା ବେଳେ ସାହିତ୍ୟିକ ବା ସ୍ରଷ୍ଟାକୁ ଆମ ଶାସ୍ତ୍ର 'ପ୍ରଜାପତି' ବ୍ରହ୍ମା ବୋଲି କହିଛି (ଅପାରେ କାବ୍ୟସଂସାରେ କବିରେବ ପ୍ରଜାପତିଃ)। ତା'ହେଲେ ଏଭଳି ଏକ ପବିତ୍ରକର୍ମରେ ଚୌର୍ଯ୍ୟ-ମାନସିକତା କ'ଣ ପାଇଁ? ଏହା କ'ଣ ଆମ ସମାଜ, ସାମାଜିକତା ଆଉ ମାନସିକତାର ସ୍ଖଳନ ନୁହେଁ। ସମ୍ପ୍ରତି ଗୁଗୁଲ୍, ସୋସିଆଲ ମିଡିଆ ଓ କୃତ୍ରିମ ବୁଦ୍ଧିମତା (ଏଆଇ) ଯୋଗୁଁ ତଥ୍ୟ କପି-ପେଷ୍ଟ କରିବା ଅତ୍ୟନ୍ତ ସହଜ ହୋଇଯାଇଛି। ଯଦି ଏ ମାନସିକତାର ପରିବର୍ତ୍ତନ ନହୁଏ ତା'ହେଲେ ସମାଜର ପ୍ରତିବିମ୍ବ ଦେଖାଉଥିବା ଦର୍ପଣଟି ଯେ ଭାଙ୍ଗିଯିବ ସେକଥାକୁ ଆମେ ଅସ୍ୱୀକାର କରିପାରିବାନାହିଁ। କାରଣ, ସାହିତ୍ୟକୁ ତ ଆମେ ଆମ ସମାଜର ଦର୍ପଣ କହୁ। ଏବେ ଦର୍ପଣକୁ ସୁରକ୍ଷିତ ରଖିବାର ଉତ୍ତରଦାୟିତ୍ୱଟି ହିଁ ଆମର।

# ଫୁସ୍‌ଫୁସ୍ କର୍କଟ ଓ ହେପାଟାଇଟିସ୍

## ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର



ଆଜି ବିଶ୍ୱ ଫୁସ୍‌ଫୁସ୍ କର୍କଟ ଦିବସ। ଏହି ଭୟାବହ ରୋଗ ବାବଦରେ ସଚେତନତା ସୃଷ୍ଟି ଏହି ଦିବସ ପାଳନର ଲକ୍ଷ୍ୟ। ଫୁସ୍‌ଫୁସ୍ କର୍କଟରେ ଆକ୍ରାନ୍ତ ହେଲେ ବଞ୍ଚିବାର ସମ୍ଭାବନା ମାତ୍ର ସତର ପ୍ରତିଶତ। ଧୂମପାନ, ରେଡ଼ନ୍ ବାଷ୍ପ, ଆଜ୍‌ବେସ୍‌ଟସ୍, ବାୟୁ ପ୍ରଦୂଷଣ ଆଦି ଏହାର ମୁଖ୍ୟ କାରଣ। ଏହା ଜିନ୍ ଦୋଷରୁ ମଧ୍ୟ ହୋଇପାରେ। ଧୂମପାନ କରୁଥିବା ଲୋକେ ଫୁସ୍‌ଫୁସ୍ କର୍କଟର ଶିକାର ହେବାର ଆଶଙ୍କା ସର୍ବାଧିକ। ବିଶ୍ୱର ଏକ ମାତ୍ର ଦେଶ ଭୁଟାନରେ ୨୦୦୫ରୁ ଧୂମପାନ ନିଷିଦ୍ଧ। ୨୦୦୮ରେ ଆମ ଦେଶରେ ସର୍ବସାଧାରଣରେ ଧୂମପାନକୁ ନିଷିଦ୍ଧ କରାଯାଇଥିଲେ ହେଁ ଅଦ୍ୟାବଧି ବନ୍ଦ ହୋଇନାହିଁ। ତେବେ ସିଗାରେଟ ବିଡ଼ିର ବିଜ୍ଞାପନ ଉପରେ ଅଙ୍କୁଶ ଲାଗିବା ପରେ ଯୁବ ପିଢ଼ି ମଧ୍ୟରେ ଧୂମପାନ ଷୋହଳ ପ୍ରତିଶତ କମିଥିବା ପ୍ରକାଶ। ଫୁସ୍‌ଫୁସ୍ କର୍କଟ ପ୍ରାଚୀନ ରୋଗ ନୁହେଁ। ଟୁବାକୋର ବ୍ୟାପକ ପ୍ରଚଳନ ସହ ଏହି ରୋଗ ବ୍ୟାପିବା ଆରମ୍ଭ ହୋଇଥିଲା।

ଫୁସ୍‌ଫୁସ୍ ଦେଇ ବାୟୁମଣ୍ଡଳରୁ ଅମ୍ଳଜାନ ଶରୀରରେ ପ୍ରବେଶ କରିଥାଏ। ପ୍ରଥମେ ତାହା ଫୁସ୍‌ଫୁସ୍‌ର ଏପିଥେଲିୟମ (ଝିଲ୍ଲି)ରେ ପହଞ୍ଚିଥାଏ। ଯେଉଁମାନଙ୍କର ରୋଗପ୍ରତିରୋଧକ ଶକ୍ତି କମ ସେମାନଙ୍କ ଠାରେ, ଭୂତାଣୁ ପ୍ରଥମେ ସେହି ଝିଲ୍ଲିକୁ ନଷ୍ଟ କରିଥାଏ। ଝିଲ୍ଲି ନଷ୍ଟ ହେବାପରେ ସେଠାରେ ପାଣି ଭଳି ଅଂଶ ଜମିଥାଏ। ଯାହାକୁ ନିମୋନିଆ ବୋଲି କହନ୍ତି। ପାଣି ଅଂଶ ଜମିବା ପରେ ରକ୍ତକୁ ଫୁସ୍‌ଫୁସ୍ ଦେଇ ଆମ ଅମ୍ଳଜାନ ଯାଇପାରେନାହିଁ। ସୁସ୍ଥ ଲୋକଙ୍କ ଶରୀରରେ ସେହି ଝିଲ୍ଲି ରାସ୍ତା ଦେଇ ଅମ୍ଳଜାନ ରକ୍ତରେ ମିଶିଥାଏ ଏବଂ ପୁଣି ସେହି ରାସ୍ତା ଦେଇ ଅଙ୍ଗାରକାମ୍ଳ ଫୁସ୍‌ଫୁସ୍‌କୁ ଆସି ନିଶ୍ୱାସରେ ଶରୀର ବାହାରକୁ ଯାଇଥାଏ। ସେହି ଝିଲ୍ଲି ନଷ୍ଟ ହୋଇଗଲା ପରେ ଧୀରେ ଧୀରେ ମଣିଷର ଶରୀର ଦୁର୍ବଳ ହୋଇପଡ଼ିଥାଏ। ଶରୀରରେ ଅମ୍ଳଜାନ ସ୍ତର କମିଯାଏ। ଯଦି ଅମ୍ଳଜାନସ୍ତର ୯୪ ପ୍ରତିଶତରୁ ତଳକୁ ଖସି ଆସିବ ତେବେ ରୋଗୀଙ୍କୁ ଅମ୍ଳଜାନ ଦିଆଯାଇଥାଏ। ଶରୀରର ଅମ୍ଳଜାନ ସ୍ତର ୭୦ ପ୍ରତିଶତକୁ ଖସି ଆସିଲେ ରୋଗୀଙ୍କ ମୃତ୍ୟୁ ଘଟିବାରେ ଯଥେଷ୍ଟ ସମ୍ଭାବନା ରହିଥାଏ। ଏହା ହେଉଛି ଆମ ଶରୀରର ଅମ୍ଳଜାନ ଗ୍ରହଣର ବ୍ୟବସ୍ଥା। ବିଶ୍ୱ ଫୁସ୍‌ଫୁସ୍ କର୍କଟ ଦିବସ ଅବସରରେ ପ୍ରଥମେ ହେପାଟାଇଟିସ୍ ସମ୍ବନ୍ଧରେ ସାଧାରଣ କିଛି ଜାଣିବା ଦରକାର। ସାଧାରଣ ଅର୍ଥରେ ବୁଝିବାକୁ ଗଲେ ଏହା ଲିଭର ସମ୍ବନ୍ଧୀୟ ଏକ ରୋଗ। ହେପାଟାଇଟିସ୍‌କୁ ପାଞ୍ଚଟି ଶ୍ରେଣୀଭୁକ୍ତ କରାଯାଇଛି। ସେଗୁଡ଼ିକ ହେଲା ଏ, ବି, ସି, ଡି ଏବଂ ଇ। ଏହି ଦିବସର ଆଭିମୁଖ୍ୟ ହେଉଛି ରୋଗର ପ୍ରତିକାର ଓ ଚିକିତ୍ସା। ସମଗ୍ର ବିଶ୍ୱରେ କୋଟି କୋଟି ବ୍ୟକ୍ତି ହେପାଟାଇଟିସ୍ ଦ୍ୱାରା ଆକ୍ରାନ୍ତ। ଏହାର ଭୟାବହତା ଓ ଦୁର୍ବଳ ଚିକିତ୍ସା ସେବା ହେତୁ ପ୍ରତିବର୍ଷ ପ୍ରାୟ ୧୪ ଲକ୍ଷ ଲୋକ ମୃତ୍ୟୁମୁଖରେ ପଡୁଛନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ ମୁତାବକ ପ୍ରତିବର୍ଷ ବିଶ୍ୱରେ ପାଖାପାଖି ୫୦ କୋଟି ଲୋକ ହେପାଟାଇଟିସ-ବି, ଅଥବା ହେପାଟାଇଟିସ୍-ସି ରୋଗରେ ପୀଡ଼ିତ। ଚିକିତ୍ସକଙ୍କ ମତରେ, ଯଦି ହେପାଟାଇଟିସ୍-ବି କିମ୍ବା ସି ରୋଗର ଉପଯୁକ୍ତ ଚିକିତ୍ସା କରାନଯାଏ ତେବେ ଏହା ଲିଭର ସିରୋସିସ, ଲିଭର କ୍ୟାନସର ଭଳି ଗୁରୁତର ସମସ୍ୟା ସୃଷ୍ଟି କରିପାରେ। ଅନେକଙ୍କର ଧାରଣା ରହିଛି ଯେ, ହେପାଟାଇଟିସ୍ ଠାରୁ ଏଡ଼ସ ଅତ୍ୟନ୍ତ ଭୟାବହ ରୋଗ। କିନ୍ତୁ ସତକଥା ହେଉଛି, ପ୍ରତିବର୍ଷ ଏଡ଼ସ ରୋଗରେ ଯେତିକି ଲୋକ ମରୁନାହାନ୍ତି ତା'ଠାରୁ ଅଧିକ ମରୁଛନ୍ତି ହେପାଟାଇଟିସ୍-ବି ଅଥବା ସି ରୋଗରେ। ହେପାଟାଇଟିସ୍ ସଂସ୍ଥା ଏବଂ ସ୍ୱେଚ୍ଛାସେବୀମାନେ ପ୍ରତିବର୍ଷ ଏହି ଦିବସରେ ଲୋକମାନଙ୍କୁ ବିଭିନ୍ନ ସଚେତନଧର୍ମୀ ବାର୍ତ୍ତା ଦେଇଥାନ୍ତି। ଲିଭର କ୍ୟାନସର ଏକ ମାରାତ୍ମକ ରୋଗ। କିନ୍ତୁ ଏହି ମାରାତ୍ମକ ବ୍ୟାଧିକୁ ବହୁକାଂଶରେ ନିରାକରଣ କରାଯାଇପାରିବ। ପ୍ରତିବର୍ଷ ସମଗ୍ର ପୃଥିବୀରେ ଛଅ ଲକ୍ଷ ବ୍ୟକ୍ତି ଲିଭର କ୍ୟାନସର ଯୋଗୁଁ ମୃତ୍ୟୁବରଣ କରିଥାନ୍ତି। ସମଗ୍ର ପୃଥିବୀରେ ଏହି କ୍ୟାନସରର ସ୍ଥାନ ଷଷ୍ଠରେ ରହିଛି। ମହିଳା ମାନଙ୍କ ଅପେକ୍ଷା ପୁରୁଷ ମାନଙ୍କ ଭିତରେ ଏହି ରୋଗର ପ୍ରାଦୁର୍ଭାବ ବେଶୀ ଭାବରେ ଦେଖାଯାଏ। ପୁରୁଷ ମାନଙ୍କ ଭିତରେ ଏହା ପଞ୍ଚମ ସ୍ଥାନରେ ଓ ମହିଳା ମାନଙ୍କ ଭିତରେ ଏହା ଅଷ୍ଟମ ସ୍ଥାନରେ ଅଛି। ଫୁସ୍‌ଫୁସ୍ କ୍ୟାନସର ଓ ପେଟ କ୍ୟାନସର ପରେ ଲିଭର କ୍ୟାନସରରୁ ହିଁ ବେଶୀ ବ୍ୟକ୍ତି ମୃତ୍ୟୁମୁଖରେ ପଡ଼ନ୍ତି। ହେପାଟାଇଟିସ୍ ବି ଓ ସି ଏହି ରୋଗର ମୁଖ୍ୟ କାରଣ।

ଦେଶରେ ହେପାଟାଇଟିସ୍ ବି ଭୂତାଣୁର ବାହକ ବହୁ ସଂଖ୍ୟାରେ ଅଛନ୍ତି। ଏହି ବାହକମାନେ ସାଧାରଣତଃ ନୀରୋଗ ଓ ସୁସ୍ଥ ଜଣାପଡ଼ିଥାନ୍ତି। ଛୋଟ ପିଲାମାନେ ସାଧାରଣତଃ ଜନ୍ମ ସମୟରେ ସଂକ୍ରମିତ ମା'ଠାରୁ ଭୂତାଣୁର ଶିକାର ହୋଇଥାନ୍ତି। ଯାହାକୁ ସିଧା ପ୍ରସାରଣ କୁହାଯାଏ। ଭୂତାଣୁ ପ୍ରସାରଣର ଦ୍ୱିତୀୟ ମାଧ୍ୟମ ହେଉଛି ଗୋଟିଏ ପିଲାଠାରୁ ଅନ୍ୟ ଏକ ପିଲାକୁ ସଂକ୍ରମଣ। ରକ୍ତବ୍ୟାଙ୍କ ମାନଙ୍କରେ ହେପାଟାଇଟିସ୍ ବି ଓ ସି ପରୀକ୍ଷା ମାଧ୍ୟମରେ ହେପାଟାଇଟିସ୍ ବି ଓ ସିକୁ ମଧ୍ୟ ନିୟନ୍ତ୍ରଣ କରାଯାଇପାରିବ। ଡାଏବେଟିସ, ଅତ୍ୟଧିକ ଧୂମପାନ ଇତ୍ୟାଦି ମଧ୍ୟ ବହୁକାଂଶରେ ନିୟନ୍ତ୍ରଣ ସାପେକ୍ଷ। ଆଫ୍‌ଲଟକ୍ସିନ୍ ମାଧ୍ୟମରେ ଯେଉଁ ଲିଭର କ୍ୟାନସର ବ୍ୟାପେ, ତାହାକୁ ମଧ୍ୟ ଉପଯୁକ୍ତ ଖାଦ୍ୟ ସଂରକ୍ଷଣ ମାଧ୍ୟମରେ ରୋକାଯାଇପାରିବ। ଜନସାଧାରଣ ମାନଙ୍କ ମଧ୍ୟରେ ଏହି ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧି ପାଇଲେ ଲିଭର କ୍ୟାନସର ଭଳି ଏକ ମାରାତ୍ମକ ରୋଗକୁ ମଧ୍ୟ ନିୟନ୍ତ୍ରଣ କରାଯାଇପାରିବ। ଚଳିତ ବର୍ଷର ବାର୍ତ୍ତା 'ନିଜ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାର ସାମର୍ଥ୍ୟ ରଖିପାରିବା' ଏହାକୁ ଗ୍ରହଣ କଲେ ଏହି ଦିବସର ଗୁରୁତ୍ୱ ପ୍ରତିପାଦିତ ହୋଇପାରିବ।

ଅବସର ପ୍ରାପ୍ତ ପ୍ରଫେସର, ହେପାଟୋଲୋଜି ବିଭାଗ,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ମୋବାଇଲ୍:୯୪୩୭୦୫୧୯୫୭

# କଳିଙ୍ଗ ଷ୍ଟୁଡିଓର ପୁନରୁଦ୍ଧାରଃ ବିକଶିତ ଓଡ଼ିଶାର ସୃଜନଶୀଳ ଅର୍ଥନୀତିକୁ ସମୃଦ୍ଧ କରିବା ଦିଗରେ ଏକ ପଦକ୍ଷେପ



## ପ୍ରଭାକର ସାହୁ

କୌଣସି ରାଜ୍ୟର ପ୍ରକୃତ ପରିଚୟ କେବଳ ତା'ର ଶିଳ୍ପ, ରାଜପଥ କିମ୍ବା ସହରୀ ଆକାଶଛୁଆଁ ଅଟ୍ଟାଳିକା ଦ୍ୱାରା ନିରୂପିତ ହୋଇନଥାଏ। ଏଥିସହିତ ଏହାର ସଂସ୍କୃତି, ସାହିତ୍ୟ, କଳା ଏବଂ ସୃଜନଶୀଳ ସତ୍ତା ସମାନ ଭାବେ ଗୁରୁତ୍ୱପୂର୍ଣ୍ଣ, ଯାହା ଏହାର ସଭ୍ୟତାଗତ ପରିଚୟକୁ ରୂପଦେଇଥାଏ ଏବଂ ବିଶ୍ୱ ଦରବାରରେ ଏହାର ଅନନ୍ୟତାକୁ ପ୍ରତିଫଳିତ କରିଥାଏ। ଓଡ଼ିଶା ଦୀର୍ଘ ଦିନରୁ ଚିତ୍ତାକର୍ଷକ କଳା ପରମ୍ପରା, ଶାସ୍ତ୍ରୀୟ ନୃତ୍ୟ, ସଙ୍ଗୀତ, ନାଟକ, ହସ୍ତଶିଳ୍ପ ଏବଂ ସିନେମାର ଏକ ସମୃଦ୍ଧ ଭୂମି ହୋଇରହିଛି। ବର୍ତ୍ତମାନର ବିଶ୍ୱ ଅର୍ଥନୀତି ସୃଜନଶୀଳତାକୁ ବିକାଶ, ନବୋନ୍ମେଷ ଏବଂ ରୋଜଗାରର ଏକ ଶକ୍ତିଶାଳୀ ମାଧ୍ୟମ ଭାବରେ ସ୍ୱୀକୃତି ଦେଉଥିବା ବେଳେ, ସୃଜନଶୀଳ କ୍ଷେତ୍ରରେ ନିବେଶ କରିବା କେବଳ ଏକ ସାଂସ୍କୃତିକ ଆକାଂକ୍ଷା ହୋଇରହିନାହିଁ-ଏହା ଏକ ଆବଶ୍ୟକ ଅର୍ଥନୈତିକ ପଦକ୍ଷେପରେ ପରିଣତ ହୋଇଛି। କଳିଙ୍ଗ ଷ୍ଟୁଡିଓର ପୁନରୁଦ୍ଧାର ଏହି ପରିବର୍ତ୍ତିତ ଦୃଷ୍ଟିକୋଣକୁ ଦର୍ଶାଉଛି ଏବଂ 'ବିକଶିତ ଓଡ଼ିଶା' ପାଇଁ ଏକ ଜୀବନ୍ତ ସୃଜନଶୀଳ ଅର୍ଥନୀତି ଗଠନ ଦିଗରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।

୧୯୮୦ ରୁ ୧୯୮୨ ମସିହା ମଧ୍ୟରେ ପ୍ରତିଷ୍ଠିତ କଳିଙ୍ଗ ଷ୍ଟୁଡିଓ, ଓଡ଼ିଆ ସିନେମାର ଇତିହାସରେ ଏକ ସ୍ୱତନ୍ତ୍ର ସ୍ଥାନ ବହନ କରେ। ଭୁବନେଶ୍ୱରରେ ପ୍ରାୟ ୨୫ ଏକର ପରିମିତ ସ୍ଥାନରେ ବ୍ୟାପିଥିବା ଏହି ଷ୍ଟୁଡିଓ ଚାରି ଦଶନ୍ଧିରୁ ଅଧିକ ସମୟ ଧରି ଅସଂଖ୍ୟ ମନୋମୁଗ୍ଧକର ଓଡ଼ିଆ ଚଳଚ୍ଚିତ୍ର, ଦୂରଦର୍ଶନ ପ୍ରଯୋଜନା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମର ପୀଠସ୍ଥଳୀ ହୋଇରହିଛି। ଅଭିନେତା, ନିର୍ଦ୍ଦେଶକ, ସଙ୍ଗୀତଜ୍ଞ, ଲେଖକ ଏବଂ କଳାକୁଶଳୀଙ୍କ ସମେତ ଅନେକ ପିଢ଼ିର ଶିଳ୍ପୀ ଏହି ପରିସର ମଧ୍ୟରେ ନିଜର କ୍ୟାରିୟର ଗଢ଼ିଛନ୍ତି। କେବଳ ଇଟା-କଂକ୍ରିଟର ଅଟ୍ଟାଳିକା ନୁହେଁ, ଏହି ଷ୍ଟୁଡିଓ ଓଡ଼ିଶାର ସିନେମା ଐତିହ୍ୟ ଏବଂ ସାମୂହିକ ସାଂସ୍କୃତିକ ସ୍ମୃତିର ପ୍ରତୀକ। ତେଣୁ, ଏହି ଗୌରବମୟ ସଂସ୍ଥାର ପୁନରୁଦ୍ଧାର କେବଳ ପୁରୁଣା ଭିତ୍ତିଭୂମିର ସଂସ୍କାର ନୁହେଁ; ଏହା ଗୋଟିଏ ସମୃଦ୍ଧ ପରମ୍ପରାକୁ ସୁରକ୍ଷିତ ରଖିବା ସହ ଭବିଷ୍ୟତ ପାଇଁ ଏହାକୁ ପ୍ରସ୍ତୁତ କରିବାର ଏକ ପ୍ରୟାସ।

ଏହି ସମ୍ଭାବନାକୁ ନଜରରେ ରଖି ଓଡ଼ିଶା ସରକାର କଳିଙ୍ଗ ଷ୍ଟୁଡିଓକୁ ଏକ ଆଧୁନିକ ଫିଲ୍ମ ପ୍ରଡକ୍ସନ୍ କମ୍ପ୍ଲେକ୍ସ ଭାବରେ ପୁନଃବିକାଶ କରିବା ପାଇଁ ଏକ ଆକାଂକ୍ଷୀ ଯୋଜନା ହାତକୁ ନେଇଛନ୍ତି। ଇଡ଼କୋ ଦ୍ୱାରା ୨୫.୭୮ ଏକର ପରିମିତ ଜମିରେ ପ୍ରାୟ ₹୧୪୭.୪୮ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେଉଥିବା ଏହି ପ୍ରକଳ୍ପଟି ଚଳଚ୍ଚିତ୍ର, ଟେଲିଭିଜନ ଏବଂ ଡିଜିଟାଲ୍ କଣ୍ଟେଣ୍ଟ ପ୍ରଯୋଜନା ପାଇଁ ଏକ ବିଶ୍ୱସ୍ତରୀୟ ପରିବେଶ ସୃଷ୍ଟି କରିବା ପାଇଁ ପ୍ରସ୍ତୁତ କରାଯାଇଛି। ଏହା ଏକ ଦୂରଦୃଷ୍ଟିସମ୍ପନ୍ନ ନିବେଶ ଯାହା ଭାରତର ସୃଜନଶୀଳ ଏବଂ ଗଣମାଧ୍ୟମ ପରିସରରେ ଓଡ଼ିଶାକୁ ଏକ ପ୍ରମୁଖ ସ୍ଥାନ ଦେବାକୁ ଲକ୍ଷ୍ୟ ରଖିଛି।

ଅନେକ ବର୍ଷ ଧରି କଳିଙ୍ଗ ଷ୍ଟୁଡିଓ ଓଡ଼ିଆ ସିନେମାର ମୁଖ୍ୟ ପ୍ରାଣକେନ୍ଦ୍ର ହୋଇ ରହିଥିଲା। ରାଜ୍ୟର କେତେକ ଅତ୍ୟନ୍ତ ଚର୍ଚ୍ଚିତ ଚଳଚ୍ଚିତ୍ର ଏଠାରେ ନିର୍ମିତ ହୋଇଥିଲା, ଯାହା ଏହାକୁ କଳାତ୍ମକ ସହଯୋଗର ଏକ ଜୀବନ୍ତ କେନ୍ଦ୍ରରେ ପରିଣତ କରିଥିଲା। ତେବେ ସାମ୍ପ୍ରତିକ ଦଶନ୍ଧିଗୁଡ଼ିକରେ ଫିଲ୍ମ ନିର୍ମାଣ ଶୈଳୀରେ ବ୍ୟାପକ ପରିବର୍ତ୍ତନ ଆସିଛି। ଡିଜିଟାଲ୍ ସିନେମାଟୋଗ୍ରାଫି, କମ୍ପ୍ୟୁଟର-ଜେନେରେଟେଡ୍ ଇମେଜେରୀ, ଭର୍ଚୁଆଲ୍ ପ୍ରଡକ୍ସନ୍ ପ୍ରଯୁକ୍ତିବିଦ୍ୟା ଏବଂ ବିଶ୍ୱସ୍ତରୀୟ ଓଟିଟି ପ୍ଲାଟଫର୍ମର ଆବିର୍ଭାବ ପ୍ରଯୋଜନା ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ରୂପେ ବଦଳାଇ ଦେଇଛି। ଦୁର୍ଭାଗ୍ୟବଶତଃ, କଳିଙ୍ଗ ଷ୍ଟୁଡିଓ ଏହି ସାମ୍ପ୍ରତିକ ପରିବର୍ତ୍ତନ ସହ ତାଳ ଦେଇପାରିନଥିଲା, ଯାହା ଫଳରେ ଅନେକ ଚଳଚ୍ଚିତ୍ର ନିର୍ମାତା ଓଡ଼ିଶା ବାହାରେ ଥିବା ଆଧୁନିକ ଷ୍ଟୁଡିଓଗୁଡ଼ିକୁ ଆପଣେଇବାକୁ ବାଧ୍ୟ ହୋଇଥିଲେ।

ଏହି ପୁନଃବିକାଶ ପ୍ରକଳ୍ପର ମୁଖ୍ୟ ଲକ୍ଷ୍ୟ ହେଉଛି ଏହି ସ୍ଥିତିରେ ପରିବର୍ତ୍ତନ ଆଣିବା। ପ୍ରସ୍ତାବିତ ସୁବିଧାରେ ଅତ୍ୟାଧୁନିକ ସୁଟିଂ ଫ୍ଲୋର, ସାଉଣ୍ଡ ଷ୍ଟେଜ୍, ପୋଷ୍ଟ-ପ୍ରଡକ୍ସନ୍ ଲାବୋରେଟୋରୀ, ଡବିଂ ଥିଏଟର, ଏଡିଟିଂ ସୁଇଟ୍, ଆନିମେସନ୍ ଷ୍ଟୁଡିଓ, ଠରଢ ଏବଂ ଉଏଓ ସୁବିଧା, ଡିଜିଟାଲ୍ କଣ୍ଟେଣ୍ଟ ପ୍ରଡକ୍ସନ୍ ସେଣ୍ଟର ଏବଂ ଅନ୍ୟାନ୍ୟ ଉଚ୍ଚମାନର ଭିତ୍ତିଭୂମି ଅନ୍ତର୍ଭୁକ୍ତ ରହିବ। ଏହିପରି ସମ୍ପୂର୍ଣ୍ଣ ଭିତ୍ତିଭୂମି ଦ୍ୱାରା ଚଳଚ୍ଚିତ୍ର ନିର୍ମାତାମାନେ ଗୋଟିଏ ପରିସର ମଧ୍ୟରେ କାହାଣୀ ଲେଖା ଏବଂ ଶୁଟିଂଠାରୁ ଆରମ୍ଭ କରି ପୋଷ୍ଟ-ପ୍ରଡକ୍ସନ୍ ଏବଂ ଚୂଡ଼ାନ୍ତ ବିତରଣ ପର୍ଯ୍ୟନ୍ତ ପ୍ରତ୍ୟେକ ପର୍ଯ୍ୟାୟ ସମ୍ପୂର୍ଣ୍ଣ କରିପାରିବେ। ଏହା ନିର୍ମାଣ ଖର୍ଚ୍ଚକୁ ଯଥେଷ୍ଟ କମ୍ କରିବ ଏବଂ ଓଡ଼ିଶାକୁ ନିଜର ପ୍ରଯୋଜନା ସ୍ଥଳ ଭାବରେ ବାଛୁଥିବା ଚଳଚ୍ଚିତ୍ର ନିର୍ମାତାଙ୍କ ପାଇଁ କାର୍ଯ୍ୟଦକ୍ଷତା ବୃଦ୍ଧି କରିବ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ନୂତନ କଳିଙ୍ଗ ଷ୍ଟୁଡିଓ କେବଳ ଏକ ପାରମ୍ପରିକ ଫିଲ୍ମ ଷ୍ଟୁଡିଓ ନହୋଇ ଏକ ଜୀବନ୍ତ ସୃଜନଶୀଳ ବାତାବରଣରେ ରୂପାନ୍ତରିତ ହେବାର ସମ୍ଭାବନା ରଖିଛି। ସାରା ବିଶ୍ୱରେ ସଫଳ ଫିଲ୍ମ ସିଟିଗୁଡ଼ିକ ନବୋନ୍ମେଷ, ଶିକ୍ଷା, ପର୍ଯ୍ୟଟନ ଏବଂ ଉଦ୍ୟୋଗିତାର କେନ୍ଦ୍ରରେ ପରିଣତ ହୋଇଛନ୍ତି। ବିଶ୍ୱବିଦ୍ୟାଳୟ, ଫିଲ୍ମ ଇନଷ୍ଟିଚ୍ୟୁଟ୍, ଡିଜାଇନ୍ ସ୍କୁଲ୍ ଏବଂ ଟେକ୍ନୋଲୋଜି କମ୍ପାନୀଗୁଡ଼ିକ ସହିତ ସହଯୋଗ କରି କଳିଙ୍ଗ ଷ୍ଟୁଡିଓ ସିନେମାଟୋଗ୍ରାଫି, ସ୍କ୍ରିନ୍-ରାଇଟିଂ, ଆନିମେସନ୍, ଗେମିଂ, ଭର୍ଚୁଆଲ୍ ପ୍ରଡକ୍ସନ୍, ଭିଜୁଆଲ୍ ଇଫେକ୍ଟସ୍, ସାଉଣ୍ଡ ଇଞ୍ଜିନିୟରିଂ ଏବଂ ଡିଜିଟାଲ୍ ଷ୍ଟୋରୀଟେଲିଂ କ୍ଷେତ୍ରରେ ଦକ୍ଷ ବୃତ୍ତିଗତଙ୍କୁ ଗଢ଼ିତୋଳି ପାରିବ। ଏହିପରି ଏକ ପରିବେଶ ଷ୍ଟାର୍ଟଅପ୍, ସ୍ୱାଧୀନ ସୃଜନଶୀଳ ବ୍ୟକ୍ତି ଏବଂ ସୃଜନଶୀଳ ଉଦ୍ୟୋଗୀମାନଙ୍କୁ ଓଡ଼ିଶାରୁ ହିଁ ବିଶ୍ୱସ୍ତରୀୟ ପ୍ରତିଯୋଗୀ ସଂସ୍ଥା ପ୍ରତିଷ୍ଠା କରିବାକୁ ଉତ୍ସାହିତ କରିବ।

ଓଟିଟି ପ୍ଲାଟଫର୍ମଗୁଡ଼ିକର ଦ୍ରୁତ ଅଭିବୃଦ୍ଧି ମନୋରଞ୍ଜନ ଶିଳ୍ପକୁ ସମ୍ପୂର୍ଣ୍ଣ ଭାବେ ବଦଳାଇ ଦେଇଛି। ଆଞ୍ଚଳିକ ସିନେମା ଏବଂ ସ୍ଥାନୀୟ କାହାଣୀଗୁଡ଼ିକ ଏବେ ଆଉ କେବଳ ଆଞ୍ଚଳିକ ଦର୍ଶକଙ୍କ ମଧ୍ୟରେ ସୀମିତ ହୋଇ ରହିନାହିଁ। ଆଜିର ସମୟରେ ଆକର୍ଷଣୀୟ ଗଳ୍ପଗୁଡ଼ିକ ଭାଷା ଏବଂ ମହାଦେଶର ସୀମା ପାର ହୋଇ ପହଞ୍ଚିପାରୁଛି। ଓଡ଼ିଶା ନିଜର ଇତିହାସ, ପୌରାଣିକ କାହାଣୀ, ଆଦିବାସୀ ପରମ୍ପରା, ଶାସ୍ତ୍ରୀୟ କଳା, ଲୋକକଥା ଏବଂ ପ୍ରାକୃତିକ ଐତିହ୍ୟରେ ଭରପୂର। ନିଜ ରାଜ୍ୟରେ ବିଶ୍ୱସ୍ତରୀୟ ପ୍ରଯୋଜନା ସୁବିଧା ସହିତ, ଚଳଚ୍ଚିତ୍ର ନିର୍ମାତାମାନେ ଏହି କାହାଣୀଗୁଡ଼ିକୁ ଆନ୍ତର୍ଜାତୀୟ ମାନଦଣ୍ଡରେ ପ୍ରସ୍ତୁତ କରିପାରିବେ, ଯାହା ଦ୍ୱାରା ଓଡ଼ିଶାର ସାଂସ୍କୃତିକ ସମୃଦ୍ଧି ସାରା ବିଶ୍ୱର ଦର୍ଶକଙ୍କ ପାଖରେ ପହଞ୍ଚିପାରିବ।

ଆଜିର ପରସ୍ପର ଯୋଡ଼ିହୋଇଥିବା ବିଶ୍ୱରେ, ସିନେମା 'ସଫ୍ଟ ପାୱାର'ର ଅନ୍ୟତମ ପ୍ରଭାବଶାଳୀ ମାଧ୍ୟମ ପାଲଟିଛି। ଚଳଚ୍ଚିତ୍ର ଏବଂ ୱେବ୍ ସିରିଜ୍ କେବଳ ମନୋରଞ୍ଜନ କରନ୍ତି ନାହିଁ-ସେଗୁଡ଼ିକ ଦର୍ଶକଙ୍କୁ ଗୋଟିଏ ରାଜ୍ୟର ଭାଷା, ପରମ୍ପରା, ସ୍ଥାପତ୍ୟ, ଖାଦ୍ୟପେୟ, ହସ୍ତଶିଳ୍ପ, ପର୍ବପର୍ବାଣି ଏବଂ ପ୍ରାକୃତିକ ସୌନ୍ଦର୍ଯ୍ୟ ସହିତ ପରିଚିତ କରାନ୍ତି। ଓଡ଼ିଶାରେ ସୁଟିଂ ହୋଇଥିବା ପ୍ରତ୍ୟେକ ସଫଳ ପ୍ରଯୋଜନା ରାଜ୍ୟ ପାଇଁ ଜଣେ ଶକ୍ତିଶାଳୀ ସାଂସ୍କୃତିକ ରାଷ୍ଟ୍ରଦୂତ ହେବାର ସମ୍ଭାବନା ରଖେ। କୋଣାର୍କର ସୂର୍ଯ୍ୟ ମନ୍ଦିର, ପୁରୀର ଆଧ୍ୟାତ୍ମିକ ମହିମା, ଚିଲିକାର ପ୍ରାକୃତିକ ସୌନ୍ଦର୍ଯ୍ୟ, ଶିମିଳିପାଳର ଅଭୟାରଣ୍ୟ, ହୀରାକୁଦ ଜଳାଶୟର ବିଶାଳତା ଏବଂ ଓଡ଼ିଶାର ଜୀବନ୍ତ ଆଦିବାସୀ ଐତିହ୍ୟ— ଏସବୁ ଉଚ୍ଚମାନର ଚଳଚ୍ଚିତ୍ର ମାଧ୍ୟମରେ ବ୍ୟାପକ ସ୍ୱୀକୃତି ପାଇପାରିବ। ଏହିପରି ଭାବରେ, କଳିଙ୍ଗ ଷ୍ଟୁଡିଓ କେବଳ ସିନେମା ନୁହେଁ, ପର୍ଯ୍ୟଟନର ପ୍ରସାର ଏବଂ ସାଂସ୍କୃତିକ କୂଟନୀତିରେ ମଧ୍ୟ ଅବଦାନ ଦେଇପାରିବ।

ଏହି ପ୍ରକଳ୍ପର ଅର୍ଥନୈତିକ ପ୍ରଭାବ ମଧ୍ୟ ସମାନ ଭାବରେ ଗୁରୁତ୍ୱପୂର୍ଣ୍ଣ। ସୃଜନଶୀଳ ଅର୍ଥନୀତି ବିଶ୍ୱସ୍ତରରେ ଦ୍ରୁତଗତିରେ ବୃଦ୍ଧି ପାଉଥିବା କ୍ଷେତ୍ରଗୁଡ଼ିକ ମଧ୍ୟରୁ ଅନ୍ୟତମ, ଯାହା ବିଭିନ୍ନ ବୃତ୍ତିରେ ରୋଜଗାର ସୃଷ୍ଟି କରିଥାଏ। ଅଭିନେତା ଏବଂ ନିର୍ଦ୍ଦେଶକଙ୍କ ବ୍ୟତୀତ, ଏହି ଶିଳ୍ପ ସିନେମାଟୋଗ୍ରାଫର, ଏଡିଟର, ଲାଇଟିଂ ବିଶେଷଜ୍ଞ, ସାଉଣ୍ଡ ଇଞ୍ଜିନିୟର, କଷ୍ଟ୍ୟୁମ୍ ଡିଜାଇନର, ମେକଅପ୍ ଆର୍ଟିଷ୍ଟ, ପ୍ରଡକ୍ସନ୍ ଡିଜାଇନର, ଗ୍ରାଫିକ୍ ଆର୍ଟିଷ୍ଟ, ଆନିମେଟର, ଠରଢ ବିଶେଷଜ୍ଞ, ଡିଜିଟାଲ୍ ମାର୍କେଟର ଏବଂ ଅନ୍ୟାନ୍ୟ ଅସଂଖ୍ୟ ବୃତ୍ତିଗତଙ୍କ ପାଇଁ ସୁଯୋଗ ସୃଷ୍ଟି କରେ। ପ୍ରତ୍ୟେକ ନିର୍ମାଣ କାର୍ଯ୍ୟ ହୋଟେଲ, ପରିବହନ, କ୍ୟାଟରିଂ, ସ୍ଥାନୀୟ ବ୍ୟବସାୟୀ ଏବଂ ପର୍ଯ୍ୟଟନ ସେବା ପାଇଁ ଚାହିଦା ବୃଦ୍ଧି କରେ, ଯାହା ଦ୍ୱାରା ପରୋକ୍ଷ ନିଯୁକ୍ତି ସୃଷ୍ଟି ହୁଏ ଏବଂ ସ୍ଥାନୀୟ ବ୍ୟବସାୟକୁ ସହାୟତା ମିଳିଥାଏ।

କଳିଙ୍ଗ ଷ୍ଟୁଡିଓର ପୁନଃବିକାଶ ଓଡ଼ିଶାର ସୃଜନଶୀଳ କ୍ଷେତ୍ରରେ ନିବେଶକଙ୍କ ଆସ୍ଥାକୁ ସୁଦୃଢ଼ କରିପାରିବ। ଏକ ପ୍ରଗତିଶୀଳ ଫିଲ୍ମ ଫାସିଲିଟେସନ୍ ପଲିସି, ସହଜ ସିଙ୍ଗଲ୍-ୱିଣ୍ଡୋ କ୍ଲିଅରାନ୍ସ, ଆକର୍ଷଣୀୟ ପ୍ରଯୋଜନା ପ୍ରୋତ୍ସାହନ ଏବଂ ସୁଟିଂ ସ୍ଥାନ ପାଇଁ ସରଳ ସ୍ୱୀକୃତି ପ୍ରକ୍ରିୟା ଦ୍ୱାରା ଓଡ଼ିଶା ଭାରତର ଅନ୍ୟତମ ପସନ୍ଦଯୋଗ୍ୟ ଫିଲ୍ମ ଏବଂ ଡିଜିଟାଲ୍ କଣ୍ଟେଣ୍ଟ ପ୍ରଯୋଜନା ସ୍ଥଳ ଭାବରେ ଉଭା ହେବାର କ୍ଷମତା ରଖିଛି। ଏହିପରି ଏକ ବାତାବରଣ ଜାତୀୟ ଏବଂ ଆନ୍ତର୍ଜାତୀୟ ପ୍ରଯୋଜନା ସଂସ୍ଥାଗୁଡ଼ିକୁ ଆକୃଷ୍ଟ କରିବା ସାଙ୍ଗକୁ ସ୍ଥାନୀୟ ଉଦ୍ୟୋଗୀମାନଙ୍କୁ ରାଜ୍ୟର ସୃଜନଶୀଳ ଶିଳ୍ପରେ ଆତ୍ମବିଶ୍ୱାସର ସହ ନିବେଶ କରିବାକୁ ଉତ୍ସାହିତ କରିବ।

'ବିକଶିତ ଓଡ଼ିଶା-୨୦୩୬' ର ସ୍ୱପ୍ନ କେବଳ ଭୌତିକ ଭିତ୍ତିଭୂମି ମଧ୍ୟରେ ସୀମିତ ନୁହେଁ। ଏହା ଏକ ଜ୍ଞାନ-ଭିତ୍ତିକ, ନବୋନ୍ମେଷ-ଚାଳିତ ଏବଂ ସୃଜନଶୀଳତା-ପୁଷ୍ଟ ଅର୍ଥନୀତି ଗଠନ କରିବାକୁ ଲକ୍ଷ୍ୟ ରଖିଛି, ଯାହା ସ୍ଥାୟୀ ନିଯୁକ୍ତି ଏବଂ ବିଶ୍ୱସ୍ତରୀୟ ପ୍ରତିଯୋଗିତା ସୃଷ୍ଟି କରିବାରେ ସମର୍ଥ। କଳିଙ୍ଗ ଷ୍ଟୁଡିଓର ପୁନରୁଦ୍ଧାର ଏହି ଦୂରଦୃଷ୍ଟି ସହିତ ସମ୍ପୂର୍ଣ୍ଣ ମେଳ ଖାଉଛି। ଏହା ଓଡ଼ିଶାର ପ୍ରତିଭାବାନ ଯୁବପିଢ଼ିଙ୍କୁ ନିଜ ରାଜ୍ୟ ନଛାଡ଼ି ସୃଜନଶୀଳ କ୍ୟାରିୟର ଗଢ଼ିବାର ସୁଯୋଗ ଦେଇପାରିବ, ଯାହା 'ମେକ୍ ଇନ୍ ଓଡ଼ିଶା' ଏବଂ 'କ୍ରିଏଟ୍ ଇନ୍ ଓଡ଼ିଶା' ର ଦ୍ୱୈତ ଆକାଂକ୍ଷାକୁ ମଜବୁତ କରୁଛି।

ତଥାପି, କେବଳ ବିଶ୍ୱସ୍ତରୀୟ ଭିତ୍ତିଭୂମି ସଫଳତାର ନିଶ୍ଚିତତା ଦେଇପାରିବ ନାହିଁ। କଳିଙ୍ଗ ଷ୍ଟୁଡିଓର ସୁଦୂରପ୍ରସାରୀ ସ୍ଥାୟିତ୍ୱ ପାଇଁ ବୃତ୍ତିଗତ ପରିଚାଳନା, କ୍ରମାଗତ ବୈଷୟିକ ଉନ୍ନତିକରଣ, ଆନ୍ତର୍ଜାତୀୟ ମାନଦଣ୍ଡର ପାଳନ, ପ୍ରଭାବଶାଳୀ ପବ୍ଲିକ୍-ପ୍ରାଇଭେଟ୍ ପାର୍ଟନରସିପ୍ ଏବଂ ଚଳଚ୍ଚିତ୍ର ନିର୍ମାତା, କଳାକାର ଓ ସୃଜନଶୀଳ ବୃତ୍ତିଗତଙ୍କ ସହ ନିୟମିତ ଆଲୋଚନା ଆବଶ୍ୟକ। ମନୋରଞ୍ଜନ ଶିଳ୍ପର ବଦଳୁଥିବା ଆବଶ୍ୟକତା ପ୍ରତି ସଂବେଦନଶୀଳ ହୋଇ କାର୍ଯ୍ୟ କରୁଥିବା ଏକ ଗତିଶୀଳ ପରିଚାଳନା ବ୍ୟବସ୍ଥା, ଏହି ଷ୍ଟୁଡିଓକୁ ବିଶ୍ୱସ୍ତରରେ ପ୍ରତିଯୋଗୀ କରିରଖିବା ପାଇଁ ଅତ୍ୟାବଶ୍ୟକ।

ମୋବାଇଲ:୯୪୩୯୬୫୪୨୨୨

# ଓଡ଼ିଶା ଭବନର ପରିଚାଳନା ଦାୟିତ୍ୱ, ଏକ ଅନୁଭୂତି



## କୃପାନିଧି ବିଶ୍ୱାଳ

ସରକାରୀ ଚାକିରିରେ କେବଳ ନିୟମ ମାନି କାମ କରିବା ହିଁ ସଫଳତା ନୁହେଁ; ନିୟମର ପରିସୀମା ମଧ୍ୟରେ ରହି ମାନବିକତାକୁ ବଞ୍ଚାଇ ରଖିବା ହିଁ ଜଣେ ପ୍ରକୃତ ପ୍ରଶାସକଙ୍କ ପରିଚୟ। ଦିଲ୍ଲୀସ୍ଥ ଓଡ଼ିଶା ଭବନରେ ପରିଚାଳକ ଭାବେ କାର୍ଯ୍ୟ କରୁଥିବା ସମୟରେ ଏହି ସତ୍ୟକୁ ମୁଁ ବାରମ୍ବାର ଅନୁଭବ କରିଛି। ୨୦୦୦ ମସିହା ପରବର୍ତ୍ତୀ ସମୟରେ ଓଡ଼ିଶା ସରକାର ଆର୍ଥିକ ସଂକଟର ସମ୍ମୁଖୀନ ହୋଇଥିଲେ।

ଓଡ଼ିଶା ଭବନ କେବଳ ଏକ ଅତିଥିଗୃହ ନୁହେଁ; ଏହା ଦିଲ୍ଲୀରେ ଓଡ଼ିଶା ସରକାରଙ୍କ ଏକ ପ୍ରଶାସନିକ କେନ୍ଦ୍ର। ଓଡ଼ିଆ ଅସ୍ମିତାକୁ ବଜାୟ ରଖିବା ହେଉଛି କର୍ତ୍ତବ୍ୟ। ଏଠାରେ ପ୍ରତିଦିନ ରାଜ୍ୟ ସରକାରଙ୍କ ବିଭିନ୍ନ ବର୍ଗର ଅଧିକାରୀ, ମନ୍ତ୍ରୀ, ବିଧାୟକ, ବିଚାରପତି ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଅତିଥିଙ୍କ ଆଗମନ ହୁଏ। କିଏ କେଉଁ କୋଠରୀରେ ରହିବେ, କାହାକୁ ସରକାରୀ ଗାଡ଼ି ମିଳିବ, କେଉଁ କାର୍ଯ୍ୟକ୍ରମ ପାଇଁ କିପରି ସମନ୍ୱୟ ହେବ; ଏସବୁର ଯୋଜନା ଓ ପରିଚାଳନା ଅତ୍ୟନ୍ତ ସୂକ୍ଷ୍ମ ଦାୟିତ୍ୱ।

ନିୟମ ଅନୁଯାୟୀ ଅତିରିକ୍ତ ଶାସନ ସଚିବ ପାହ୍ୟା କିମ୍ବା ତା'ଠାରୁ ଉଚ୍ଚ ପଦସ୍ଥ ଅଧିକାରୀମାନଙ୍କ ପାଇଁ ସରକାରୀ ଗସ୍ତ ସମୟରେ ଗାଡ଼ିର ବ୍ୟବସ୍ଥା କରାଯାଏ। ବାସଗୃହ ଆବଣ୍ଟନ ମଧ୍ୟ ରାଜ୍ୟ ସରକାରଙ୍କ ଗୃହ ବିଭାଗ ପକ୍ଷରୁ ନିର୍ଦ୍ଧାରିତ ହୁଏ। ତେବେ ପରିଚାଳନାର ବାସ୍ତବ ଚିତ୍ର ଅନେକ ସମୟରେ ନିୟମ ପୁସ୍ତକର ସୀମାକୁ ଅତିକ୍ରମ କରେ। କୌଣସି ସରକାରୀ ଗାଡ଼ି ଖାଲି ଥିଲେ ଏବଂ ଜଣେ ସରକାରୀ ଅଧିକାରୀଙ୍କର ପ୍ରକୃତ ଆବଶ୍ୟକତା ଥିଲେ, ନିର୍ଦ୍ଧାରିତ ଦରରେ ସରକାରୀ ରାଜସ୍ୱ ଆଦାୟ କରି ସେହି ଗାଡ଼ି ଯୋଗାଇ ଦେବା ମଧ୍ୟ ପରିଚାଳନାର ଏକ ଅଂଶ ଥିଲା। ୨୦୦୫ ମସିହାର କଥା। ସେତେବେଳେ ଆଜି ପରି ଓଲା କିମ୍ବା ଉବେର ଭଳି ସେବା ନଥିଲା। ସକାଳ ପାଞ୍ଚଟାରେ ବିମାନବନ୍ଦର ଯିବାକୁ ଯାନବାହନ ମିଳିବା ବହୁତ କଷ୍ଟକର ଥିଲା। ଅନେକ ସମୟରେ ସରକାରୀ କାର୍ଯ୍ୟରେ ଦିଲ୍ଲୀ ଆସିଥିବା ଅଧିକାରୀମାନେ ଅନୁରୋଧ କରୁଥିଲେ ଯେ ସକାଳୁ ବିମାନବନ୍ଦର ଯିବା ପାଇଁ କୌଣସି ବ୍ୟବସ୍ଥା କରାଯାଉ।

ଦିନେ ସେତେବେଳର କଟକ ଜିଲ୍ଲାପାଳ, ଜଣେ ମହିଳା ଆଇଏଏସ୍




ଅଧିକାରୀ, ପରଦିନ ସକାଳ ପାଞ୍ଚଟାରେ ବିମାନବନ୍ଦର ଯିବାକୁ ଥିଲେ। ସେ ପୂର୍ବ ରାତିରେ ଅନୁରୋଧ କଲେ ଯେ ଓଡ଼ିଶା ଭବନର ଗାଡ଼ିରେ ତାଙ୍କୁ ବିମାନବନ୍ଦରରେ ଛାଡ଼ି ଦିଆଯାଉ। ମୁଁ ପରିସ୍ଥିତିକୁ ବିଚାର କରି ବ୍ୟବସ୍ଥା କଲି। ଚାଣକ୍ୟପୁରୀରୁ ବିମାନବନ୍ଦରକୁ ଯିବାକୁ ପ୍ରାୟ ତିରିଶ ମିନିଟ୍ ଲାଗେ। ଆମର ଚାଳକ ଜଣେ ଅତ୍ୟନ୍ତ ଦାୟିତ୍ୱବାନ୍ ଓ ଭଦ୍ର ବ୍ୟକ୍ତି ଥିଲେ। ମୋର ପୂର୍ଣ୍ଣ ବିଶ୍ୱାସ ଥିଲା ଯେ ଗାଡ଼ି ନିର୍ଦ୍ଧାରିତ ସମୟରେ ଫେରିଆସିବ। ଠିକ୍ ସେହିପରି ହେଲା, ଏକ ଘଣ୍ଟା ମଧ୍ୟରେ ଗାଡ଼ି ଭବନକୁ ଫେରିଲା। କିନ୍ତୁ ଏହି ଘଟଣା ଏକ ନୂଆ ପରିସ୍ଥିତି ସୃଷ୍ଟି କଲା। ସକାଳର ଭ୍ରମଣ ସମୟରେ ଜଣେ ମାନ୍ୟବର ବରିଷ୍ଠ ଅଧିକାରୀ ଦେଖିଲେ ଯେ ତାଙ୍କ ବ୍ୟବହାର ପାଇଁ ସକାଳ ନଅଟାରେ ନିର୍ଦ୍ଧାରିତ ଥିବା ଗାଡ଼ିଟି ଭୋରୁ ବିମାନବନ୍ଦରକୁ ଯାଇଥିଲା। ସେ ଚାଳକଙ୍କଠାରୁ ସବୁ କଥା ବୁଝି ଏହାକୁ ଆବାସିକ କମିଶନରଙ୍କ ଦୃଷ୍ଟିକୁ ଆଣିଥିଲେ।

ସକାଳେ ଆଠ ସମୟରେ ଆବାସିକ କମିଶନର ମୋତେ ଫୋନ ରେ ପଚାରିଲେ, 'ଏହି ଗାଡ଼ି ବିମାନବନ୍ଦରକୁ କିପରି ଗଲା? ଏହା ତ ନିର୍ଦ୍ଦିଷ୍ଟ ବରିଷ୍ଠ ଅଧିକାରୀ ଙ୍କ ପାଇଁ ନିର୍ଦ୍ଧାରିତ ଥିଲା।' ମୁଁ ନମ୍ରତାର ସହିତ ସମଗ୍ର ପରିସ୍ଥିତି ବୁଝାଇଲି। କହିଲି, 'ସାର୍, ଏହା କୌଣସି ବ୍ୟକ୍ତିଗତ କାମ ପାଇଁ ହୋଇନାହିଁ। ଜଣେ ସରକାରୀ ଅଧିକାରୀଙ୍କ ପ୍ରକୃତ ଆବଶ୍ୟକତା ପାଇଁ ଗାଡ଼ି ବ୍ୟବହାର କରାଯାଇଛି। ସରକାରଙ୍କ କୌଣସି କ୍ଷତି ହୋଇନାହିଁ, ନିର୍ଦ୍ଧାରିତ ରାଜସ୍ୱ ମଧ୍ୟ ଆଦାୟ ହୋଇଛି। ସକାଳ ଆଠଟା ପୂର୍ବରୁ ଦିଲ୍ଲୀରେ କୌଣସି ସରକାରୀ କାର୍ଯ୍ୟକ୍ରମ ଆରମ୍ଭ ହୁଏ ନାହିଁ ଏବଂ ସକାଳ ନଅଟା ସୁଦ୍ଧା ଗାଡ଼ି ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛି। ମୋର ଯୁକ୍ତି ଶୁଣି ସେ ସନ୍ତୁଷ୍ଟ ହେଲେ। ଆଉ କୌଣସି ପ୍ରଶ୍ନ କଲେ ନାହିଁ। ସେହି ଦିନ ମୁଁ ଅନୁଭବ କଲି ନିୟମ ସହିତ ବିବେକ ଓ ମାନବିକତା ଯୋଡ଼ିଗଲେ ପ୍ରଶାସନ ଅଧିକ ସୁନ୍ଦର ହୁଏ। କିନ୍ତୁ ବହୁତ ବ୍ୟକ୍ତି ଏହାକୁ ସହ୍ୟ କରନ୍ତି ନାହିଁ। ନିଜର ସ୍ୱାର୍ଥ୍ୟକୁ ବହୁ ଭାବରେ ଦେଖନ୍ତି। ଓଡ଼ିଶା ଭବନର ପରିଚାଳକ ଭାବେ ମୋର ଦାୟିତ୍ୱ କେବଳ ଗାଡ଼ି କିମ୍ବା କୋଠରୀ ବଣ୍ଟନରେ ସୀମିତ ନଥିଲା। ରେଳ ଓ ବିମାନ ଯାତ୍ରାର ସମନ୍ୱୟ, ଗୁରୁତର ରୋଗୀଙ୍କ ପାଇଁ ଦିଲ୍ଲୀର ବିଭିନ୍ନ ଚିକିତ୍ସାଳୟରେ ଚିକିତ୍ସା ବ୍ୟବସ୍ଥା, ଭାରତ ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ ସହ ସମନ୍ୱୟ, ବିଭିନ୍ନ କମିଟିକୁ ସହଯୋଗ, କର୍ମଚାରୀଙ୍କ ସମସ୍ୟାର ସମାଧାନ, ଛୁଟି ନେବା, ଆର୍ଥିକ ପରିଚାଳନା ଏସବୁ ଦୈନନ୍ଦିନ କାର୍ଯ୍ୟର ଅଂଶ ଥିଲା।

ମାନ୍ୟବର ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ, ବିଚାରପତି, ମନ୍ତ୍ରୀ, ବିଧାୟକ ଓ ଉଚ୍ଚପଦସ୍ଥ ଅଧିକାରୀମାନଙ୍କ ଗସ୍ତ ସୁଚାରୁରୂପେ ସମ୍ପନ୍ନ କରିବା ସହ ବିଦେଶ ଗସ୍ତ ପାଇଁ ମଧ୍ୟ ସମସ୍ତ ବ୍ୟବସ୍ଥା କରିବାକୁ ପଡୁଥିଲା। ଏହି ସବୁ କାମ କେବଳ ଜଣେ ବ୍ୟକ୍ତିଙ୍କ ଦ୍ୱାରା ସମ୍ଭବ ନୁହେଁ। ସମସ୍ତ କର୍ମଚାରୀଙ୍କ ନିଷ୍ଠା, ସହଯୋଗ ଓ ଟିମ୍‌ୱାର୍କ ହିଁ ସଫଳତାର ମୂଳ ଥିଲା। ମୋର ଦିଲ୍ଲୀ କାର୍ଯ୍ୟକାଳ ସମୟରେ ବାର୍ଷିକ ପ୍ରଶାସନିକ ଖର୍ଚ୍ଚ ପ୍ରାୟ ଛଅ ପ୍ରତିଶତ ପୂର୍ବ ବର୍ଷ ମାନଙ୍କ ତୁଳନାରେ କମ୍ ହୋଇ ଥାଏ ଏହା ମଧ୍ୟରେ ଆର୍ଥିକ ନିୟନ୍ତ୍ରଣରେ ରହିଥିଲା ବୋଲି ଆବାସିକ କମିଶନର ସରକାରଙ୍କ ଦୃଷ୍ଟିକୁ ଆଣିଥିଲେ। ପାଞ୍ଚ ଜଣ ଆବାସିକ କମିଶନରଙ୍କ ସହ କାମ କରିବାର ସୁଯୋଗ ପାଇଥିଲି। ସେମାନଙ୍କ ସହଯୋଗ, ବିଶ୍ୱାସ ଓ ପ୍ରେରଣା ମୋର କାର୍ଯ୍ୟଜୀବନର ଅମୂଲ୍ୟ ସମ୍ପଦ। ଟେଲିଫୋନ, ବିଜୁଳି ଗାଡି, କର୍ମଚାରୀ ଦରମା ଏହି ସବୁ ଥିରେ ଖର୍ଚ୍ଚ କମ୍ ହୋଇ ଥାଏ। ପୂର୍ବରୁ ଥିବା ବାକି କୁ ଭରଣା କରିବା ରେ ସହାୟକ ହୋଇଥାଏ।

ଦିଲ୍ଲୀରେ ପରିଚାଳକ ହେବା ମୋର ଜୀବନର ସବୁଠାରୁ କଠିନ ଦାୟିତ୍ୱ ଥିଲା। ସେହି ସମୟରେ ପ୍ରଶଂସା ମଧ୍ୟ ପାଇଛି, ସମାଲୋଚନା ମଧ୍ୟ ଶୁଣିଛି। କେହି କେହି ପ୍ରେରଣା ଦେଇଛନ୍ତି, କେହି ଈର୍ଷା ମଧ୍ୟ କରିଛନ୍ତି। କିନ୍ତୁ ସବୁଠାରୁ ବଡ଼ କଥା ହେଲା, ମୁଁ ସରକାରଙ୍କ ବିଶ୍ୱାସ ଅର୍ଜନ କରିପାରିଥିଲି। ଅନେକ ବକେୟା ଦେୟ ଆଦାୟ ହୋଇଥିଲା। ବହୁତ କଥା ଶିଖିବାକୁ ମିଳିଥିଲା। ଆଜି ପଛକୁ ଫେରି ଦେଖିଲେ ଲାଗେ, ଏସବୁ କେବଳ ମୋର ପ୍ରୟାସର ଫଳ ନୁହେଁ। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅପାର କୃପା, ସହକର୍ମୀମାନଙ୍କ ସହଯୋଗ ଓ ଲୋକଙ୍କ ଆଶୀର୍ବାଦ ହିଁ ମୋତେ ଏହି କଠିନ ଦାୟିତ୍ୱକୁ ସଫଳତାର ସହ ପାଳନ କରିବାର ଶକ୍ତି ଦେଇଥିଲା। କ୍ଷମତାରେ ଥିବା ବ୍ୟକ୍ତି ହୁଅନ୍ତୁ ଅବା କ୍ଷମତା ହରାଇ ଥିବା ବ୍ୟକ୍ତି କିମ୍ବା କ୍ଷମତାର ଦାୟିତ୍ୱ ବହନ କରୁଥିବା ଜଣେ ସରକାରୀ ସେବକ ସେବାର ସୁଯୋଗ ମିଳିବା ନିଜେ ଏକ ଈଶ୍ୱରପ୍ରଦତ୍ତ ଆଶୀର୍ବାଦ। ସେହି ସେବାର ମୂଳମନ୍ତ୍ର ହେଉଛି; ନିୟମ ପ୍ରତି ସମ୍ମାନ, ମାନବିକତା ପ୍ରତି ଅଙ୍ଗୀକାର ଏବଂ କର୍ତ୍ତବ୍ୟ ପ୍ରତି ଅବିଚଳ ନିଷ୍ଠା.ଶ୍ରୀ ଶ୍ରୀ ଠାକୁର ଙ୍କ ପ୍ରତି ଆଶାତୀତ ଭାବେ ବିଶ୍ୱାସ, ଅନୁରାଗ, ଶ୍ରଦ୍ଧା ଏବଂ ଭଲ ପାଇବା; ଯାହା ଆଚରଣ ରେ ପ୍ରତିଫଳିତ ହେବା ର ସୁଯୋଗ।

ଭୁବନେଶ୍ୱର

### ସଂସଦରେ ସ୍ପଷ୍ଟୀକରଣ ଦେଲେ ସରକାର

# ଇଥାନଲ ବ୍ଲେଣ୍ଡିଂ ପର୍ଯ୍ୟାୟକ୍ରମେ ବଢ଼ିଛି

ନୂଆଦିଲ୍ଲୀ, ୩୧।୭: ଇ-୨୦ ପେଟ୍ରୋଲକୁ ନେଇ ସୋସିଆଲ ମିଡିଆ ଓ ବିଭିନ୍ନ ମାଧ୍ୟମରେ ଉଠୁଥିବା ପ୍ରଶ୍ନ ମଧ୍ୟରେ ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ସଂସଦରେ ସ୍ପଷ୍ଟୀକରଣ ଦେଇଛି। ମନ୍ତ୍ରଣାଳୟ କହିଛି ଯେ, ଇ-୨୦ ପେଟ୍ରୋଲକୁ ନେଇ ପ୍ରଚାରିତ ହେଉଥିବା ଅଧିକାଂଶ ଦାବିର କୌଣସି ବୈଷୟିକ ଆଧାର ନାହିଁ।

ସରକାରଙ୍କ ସୂଚନା ଅନୁଯାୟୀ, ଇ-୧୫ରୁ ଅଧିକ ଇଥାନଲ୍ ମିଶ୍ରିତ ପେଟ୍ରୋଲ ପ୍ରାୟ ସାଢ଼େ ୩ ବର୍ଷ ଏବଂ ଇ-୧୯ ଓ ଇ-୨୦ ପେଟ୍ରୋଲ ପ୍ରାୟ ଅଢ଼େଇ ବର୍ଷ ଧରି ଦେଶରେ ବ୍ୟବହୃତ ହେଉଛି। ଏହି ସମୟ ମଧ୍ୟରେ ଇଥାନଲ କାରଣରୁ ଇଞ୍ଜିନ୍ ନଷ୍ଟ ହେବା କିମ୍ବା ବହୁ ସଂଖ୍ୟକ ଗାଡ଼ିରେ ତ୍ରୁଟି ଦେଖାଦେବାର କୌଣସି ପ୍ରମାଣିତ ଘଟଣା ସାମ୍ନାକୁ ଆସିନାହିଁ। ମନ୍ତ୍ରଣାଳୟ କହିଛି ଯେ, ଯଦି ପ୍ରକୃତରେ ଇ-୨୦ ଯୋଗୁଁ ଇଞ୍ଜିନ୍ ସମସ୍ୟା ସୃଷ୍ଟି ହୋଇଥାନ୍ତା, ତେବେ ବଡ଼ ପରିମାଣରେ ୱାରେଣ୍ଟି କ୍ଲେମ୍, ସର୍ଭିସ୍ କ୍ୟାମ୍ପେନ୍ ଓ ଗ୍ରାହକ ଅଭିଯୋଗ ଦେଖିବାକୁ ମିଳିଥାନ୍ତା। କିନ୍ତୁ ଏଭଳି କୌଣସି ପରିସ୍ଥିତି ଦେଖାଯାଇନାହିଁ। ସରକାର ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ, ଏକାଥରେ ନୁହେଁ, ଇଥାନଲ ବ୍ଲେଣ୍ଡିଂକୁ ପର୍ଯ୍ୟାୟକ୍ରମେ ବଢ଼ାଯାଇଛି। ୨୦୧୩-୧୪ରେ ଏହାର ହାର ୧.୫୩% ଥିବାବେଳେ ୨୦୨୦-୨୧ରେ ୮.୧%, ୨୦୨୧-୨୨ରେ ପ୍ରାୟ ୧୦%, ୨୦୨୨-୨୩ରେ ୧୨%, ୨୦୨୩-୨୪ରେ ୧୪.୬%, ୨୦୨୪-୨୫ରେ ୧୯.୨% ଏବଂ ୨୦୨୫-୨୬ରେ ନଭେମ୍ବରରୁ ଜୁନ୍ ମଧ୍ୟରେ ୨୦%ରେ ପହଞ୍ଚିଛି। ମନ୍ତ୍ରଣାଳୟ ସୂଚନା ଦେଇଛି ଯେ, ଦେଶରେ ଇଥାନଲ ବ୍ଲେଣ୍ଡିଂ କାର୍ଯ୍ୟକ୍ରମ ୨୦୦୧ରେ ପାଇଲଟ୍ ପ୍ରକଳ୍ପ ଭାବେ ଆରମ୍ଭ ହୋଇଥିଲା ଏବଂ ୨୦୦୬ରେ ଇ-୫ ପେଟ୍ରୋଲ ଲାଗୁ କରାଯାଇଥିଲା। ବର୍ଷକ୍ରମେ ଏହାର ମାତ୍ରା ବୃଦ୍ଧି କରାଯାଇ ଇ-୨୦ ପର୍ଯ୍ୟନ୍ତ ପହଞ୍ଚାଯାଇଛି।




**ଅଢ଼େଇ ବର୍ଷ ଧରି ବ୍ୟବହୃତ ହେଉଛି ଇ-୨୦ ପେଟ୍ରୋଲ**

ଇ-୨୦ ପେଟ୍ରୋଲକୁ ନେଇ ମାଇଲେଜ୍ କମିବା ଦାବି ଉପରେ ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ସ୍ପଷ୍ଟ କରିଛି ଯେ, କୌଣସି ଗାଡ଼ିର ମାଇଲେଜ୍ କେବଳ ଇନ୍ଧନ ଉପରେ ନିର୍ଭର କରେ ନାହିଁ। ଡ୍ରାଇଭିଂ ଶୈଳୀ, ଟ୍ରାଫିକ୍ ସ୍ଥିତି, ଗାଡ଼ିର ରକ୍ଷଣାବେକ୍ଷଣ, ଟାୟାରର ବାୟୁଚାପ ଓ ଏୟାର କଣ୍ଡିସନର ବ୍ୟବହାର ମଧ୍ୟ ମାଇଲେଜ୍‌କୁ ପ୍ରଭାବିତ କରିଥାଏ।

ସରକାରଙ୍କ ଅନୁସାରେ, ଇ-୧୦ ପାଇଁ ଡିଜାଇନ୍ ହୋଇଥିବା ପୁରୁଣା ଗାଡ଼ିଗୁଡ଼ିକରେ ଇ-୨୦ ବ୍ୟବହାର କଲେ ମାଇଲେଜ୍ ପ୍ରାୟ ୩ରୁ ୫ ପ୍ରତିଶତ ପର୍ଯ୍ୟନ୍ତ କମିପାରେ। ଏହି ପ୍ରସଙ୍ଗରେ ମାରୁତି ସୁଜୁକି ମଧ୍ୟ ମାଇଲେଜ୍ ପ୍ରାୟ ୩ରୁ ୩.୫ ପ୍ରତିଶତ କମିପାରେ ବୋଲି କହିଛି। ତେବେ ମନ୍ତ୍ରଣାଳୟର ଦାବି ହେଉଛି, ଇ-୨୦ ପେଟ୍ରୋଲର ଅକ୍ଟେନ୍ ନମ୍ବର ଅଧିକ ଥିବାରୁ ଇଞ୍ଜିନ୍‌ରେ ଉନ୍ନତ ଇଗ୍ନିସନ୍ ହୋଇଥାଏ, ଯାହା ଫଳରେ ଇଞ୍ଜିନ୍‌ର କାର୍ଯ୍ୟକ୍ଷମତା ଓ ଗାଡ଼ିର ପିକଅପ୍‌ରେ ମଧ୍ୟ ସୁଧାର ଆସିପାରେ।

## ସାଂଘାଇ ସମ୍ମିଳନୀକୁ ମୋଦିଙ୍କୁ ଡାକିବ ପାକିସ୍ତାନ



**ହୋଇପାରେ ଦ୍ୱିପାକ୍ଷିକ ଆଲୋଚନା**

ଇସଲାମାବାଦ, ୩୧।୭: ୨୦୨୭ରେ ଇସଲାମାବାଦଠାରେ ଅନୁଷ୍ଠିତ ହେବାକୁ ଥିବା ସାଂଘାଇ ସହଯୋଗ ସଂଗଠନ (ଏସସିଓ) ଶିଖର ସମ୍ମିଳନୀ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ନିମନ୍ତ୍ରଣ କରାଯିବ ବୋଲି ପାକିସ୍ତାନ ଶୁକ୍ରବାର ସ୍ପଷ୍ଟ କରିଛି। ସଂଗଠନର ନିୟମ ଓ ସମ୍ବିଧାନ ଅନୁସାରେ ଭାରତ ସମେତ ସମସ୍ତ ସଦସ୍ୟ ରାଷ୍ଟ୍ରଙ୍କୁ ଏହି ଆନୁଷ୍ଠାନିକ ନିମନ୍ତ୍ରଣ ପତ୍ର ପଠାଯିବ ବୋଲି ପାକିସ୍ତାନ ବୈଦେଶିକ ମନ୍ତ୍ରଣାଳୟର ପ୍ରବକ୍ତା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଆୟୋଜକ ଦେଶ ଭାବେ ସମସ୍ତ ସଦସ୍ୟ ରାଷ୍ଟ୍ରର ମୁଖ୍ୟମାନଙ୍କୁ ଆମନ୍ତ୍ରଣ କରିବା ଏକ ନିୟମିତ ପ୍ରକ୍ରିୟା ଓ ଦାୟିତ୍ୱ ବୋଲି ସେ ପ୍ରକାଶ କରିଛନ୍ତି।

ଅନ୍ୟପକ୍ଷରେ, ମାନିଲାରେ ଆୟୋଜିତ ଏସିଆନ୍ ବୈଠକ ଅବସରରେ ଭାରତର ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର ଏବଂ ପାକିସ୍ତାନ ବୈଦେଶିକ ମନ୍ତ୍ରୀଙ୍କ ମଧ୍ୟରେ କୌଣସି ଦ୍ୱିପାକ୍ଷିକ ଆଲୋଚନା ହେବାର ସମ୍ଭାବନା ନେଇ ପଚରାଯାଇଥିବା ପ୍ରଶ୍ନର ଉତ୍ତରରେ, ନୂଆଦିଲ୍ଲୀ ପକ୍ଷରୁ ଏପରି କୌଣସି ଅନୁରୋଧ ଆସିନଥିବା ପ୍ରବକ୍ତା ସ୍ପଷ୍ଟ କରିଛନ୍ତି। ଏହି ବୈଠକ ସମୟରେ ଦ୍ୱିପାକ୍ଷିକ ଆଲୋଚନା ସମ୍ପର୍କରେ ଅଧିକ କୌଣସି ତଥ୍ୟ ଦିଆଯାଇନାହିଁ। ସୂଚନାଯୋଗ୍ୟ ଯେ, ଏସସିଓର ଆବର୍ତ୍ତନଶୀଳ ଅଧ୍ୟକ୍ଷତା ନିୟମାନୁସାରେ ୨୦୨୭ ଶିଖର ସମ୍ମିଳନୀ ଆୟୋଜନର ଭାର ପାକିସ୍ତାନ ଉପରେ ରହିଛି।

## ୧୯ ବର୍ଷ ପରେ କୋଲକାତାରେ ତସଲିମା



କୋଲକାତା, ୩୧।୭: ପୁସ୍ତକ 'ଦ୍ୱିଖଣ୍ଡିତ'କୁ ନେଇ ସୃଷ୍ଟି ହୋଇଥିବା ବିବାଦ ଓ ପ୍ରତିବାଦ ଯୋଗୁଁ କୋଲକାତା ଛାଡ଼ିବାକୁ ବାଧ୍ୟ ହୋଇଥିବା ବାଂଲାଦେଶୀ ଲେଖିକା ତସଲିମା ନସରିନ୍ ପ୍ରାୟ ଦୁଇ ଦଶନ୍ଧି ପରେ ପୁଣି କୋଲକାତା ପ୍ରତ୍ୟାବର୍ତ୍ତନ କରିଛନ୍ତି। ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଅନ୍ତର୍ଜାତୀୟ ବିମାନବନ୍ଦରରେ ଓହ୍ଲାଇବା ପରେ ସେ କହିଛନ୍ତି, 'ଏଠାକୁ ଆସି ମୋତେ ବହୁତ ଭଲ ଲାଗୁଛି।' ୨୦୦୭ ମସିହାରେ ନିଜ ଆତ୍ମଜୀବନୀକୁ ନେଇ ହୋଇଥିବା ପ୍ରବଳ ବିରୋଧ ଯୋଗୁଁ ସେ କୋଲକାତା ଛାଡ଼ିବାକୁ ବାଧ୍ୟ ହୋଇଥିଲେ। ତା'ପରଠାରୁ ୬୩ ବର୍ଷୀୟା ଏହି ଲେଖିକା ତଥା ସାମାଜିକ କର୍ମୀଙ୍କର କୋଲକାତାରେ ଏହା ପ୍ରଥମ ସାର୍ବଜନୀନ ଉପସ୍ଥିତି। ୨୦୦୩ ମସିହାରେ ତତ୍କାଳୀନ ସିପିଏମ୍ ନେତୃତ୍ୱାଧୀନ ବେଙ୍ଗଲ ସରକାର ତାଙ୍କ ପୁସ୍ତକ ଧାର୍ମିକ ଭାବନାକୁ ଆଘାତ ପହଞ୍ଚାଉଥିବା ଅଭିଯୋଗରେ ନିଷିଦ୍ଧ କରିଥିଲେ।

## ସେପ୍ଟେମ୍ବରରେ ଭାରତ ଆସିବେ ଜିନ୍‌ପିଙ୍ଗ୍



ନୂଆଦିଲ୍ଲୀ, ୩୧।୭: ଚୀନ୍ ରାଷ୍ଟ୍ରପତି ସି ଜିନ୍‌ପିଙ୍ଗ୍ ସେପ୍ଟେମ୍ବର ୧୨ ଓ ୧୩ ତାରିଖରେ ନୂଆଦିଲ୍ଲୀଠାରେ ଆୟୋଜିତ ହେବାକୁ ଥିବା ବ୍ରିକ୍ସ ଶିଖର ସମ୍ମିଳନୀରେ ଯୋଗଦେବା ପାଇଁ ଭାରତ ଗସ୍ତ କରିବାର ସମ୍ଭାବନା ରହିଛି। ୨୦୨୦ ଗାଲୱାନ୍ ଘାଟିରେ ସୀମା ବିବାଦ ଓ ସଂଘର୍ଷ ପରେ ଏହା ଜିନ୍‌ପିଙ୍ଗ୍‌ଙ୍କ ପ୍ରଥମ ଭାରତ ଗସ୍ତ ହେବ। ଏହି ଗସ୍ତ ଦ୍ୱିପାକ୍ଷିକ ସମ୍ପର୍କକୁ ସ୍ୱାଭାବିକ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ଆଶା କରାଯାଉଛି। ୨୦୧୩ରୁ ଚୀନର ରାଷ୍ଟ୍ରପତି ଭାବେ କାର୍ଯ୍ୟରତ ଜିନ୍‌ପିଙ୍ଗ୍ ପୂର୍ବରୁ ତିନିଥର ଭାରତ ଗସ୍ତ କରିସାରିଥିବା ବେଳେ ୨୦୧୯ ଅକ୍ଟୋବରରେ ଶେଷଥର ପାଇଁ ଆସିଥିଲେ।

## ବିଜେପିରୁ ଇସ୍ତଫା ଦେଲେ ଶେହଜାଦ ପୁନାୱାଲା




ନୂଆଦିଲ୍ଲୀ, ୩୧।୭: ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ ପ୍ରବକ୍ତା ଶେହଜାଦ ପୁନାୱାଲା ଦଳରୁ ଇସ୍ତଫା ଦେଇଛନ୍ତି। ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଶହଜାଦ ବିଜେପିର ଶୀର୍ଷ ନେତୃତ୍ୱକୁ ତାଙ୍କ ଇସ୍ତଫା ପ୍ରଦାନ କରିଛନ୍ତି। ସେ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ନିଜ ବାୟୋ ବଦଳାଇଛନ୍ତି ଓ ସେଥିରୁ ବିଜେପି ହଟେଇ ଦେଇଛନ୍ତି। ପୁନାୱାଲା ବ୍ୟକ୍ତିଗତ କାରଣରୁ ଇସ୍ତଫା ଦେଇଥିବା କହିଛନ୍ତି। ତେବେ ଇନଷ୍ଟାଗ୍ରାମ ଆକାଉଣ୍ଟ ପ୍ରୋଫାଇଲରେ ଏବେବି ତାଙ୍କୁ ବିଜେପି ପ୍ରବକ୍ତା ଭାବେ ଦର୍ଶାଇଛନ୍ତି। ଶେହଜାଦ ପୁନାୱାଲା ୨୦୧୭ ମସିହାରେ କଂଗ୍ରେସ ଦଳ ଛାଡି ବିଜେପିରେ ଯୋଗ ଦେଇଥିଲେ। କଂଗ୍ରେସ ଛାଡ଼ିବା ସମୟରେ ଦଳର ଅଧ୍ୟକ୍ଷ ପଦ ନିର୍ବାଚନ ପ୍ରକ୍ରିୟାକୁ ଲୋକଦେଖାଣିଆ ବୋଲି କହି ତୀବ୍ର ସମାଲୋଚନା କରିଥିଲେ। ବିଜେପିରେ ସାମିଲ ହେବା ପରେ ପୁନାୱାଲାଙ୍କୁ ବଡ଼ ଦାୟିତ୍ୱ ମିଳିଥିଲା। ଦଳର ରାଷ୍ଟ୍ରୀୟ ପ୍ରବକ୍ତା ଭାବେ ସେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ।

## ବର୍ଷାରେ ଭିଜି ଧାନ ରୋଇଲେ ଜିଲ୍ଲାପାଳ



ହାଜିପୁର, ୩୧।୭: ବିହାର ସମେତ ଦେଶର ବିଭିନ୍ନ ରାଜ୍ୟରେ ଧାନ ରୋପଣ ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏଭଳି ସମୟରେ ବୈଶାଳୀ ଜିଲ୍ଲାରୁ ଏକ ଅନନ୍ୟ ଓ ପ୍ରେରଣାଦାୟକ ପ୍ରତିଛବି ଉଭା ହୋଇଛି। ବୈଶାଳୀ ଜିଲ୍ଲାର ଜିଲ୍ଲାପାଳ ବର୍ଷା ସିଂହ ବିଦୁପୁର ବ୍ଲକର ଖଜଭଟ୍ଟା ଗ୍ରାମକୁ ପରିଦର୍ଶନରେ ଯାଇଥିଲେ। ଗସ୍ତ ସମୟରେ ବର୍ଷା ଚାଷ ଜମିରେ କିଛି ମହିଳାଙ୍କୁ ଧାନ ରୋଇବା ଦେଖି ନିଜକୁ ଅଟକାଇ ପାରି ନଥିଲେ। ସେ ଉକ୍ତ ଗ୍ରାମବାସୀଙ୍କ ଗହଣକୁ ଯାଇ କାଦୁଅରେ ପଶି ଧାନଚାରା ରୋଇବା ଆରମ୍ଭ କରିଥିଲେ। ସେ ଏ ସମୟରେ ବେଶ ଉତ୍ସାହିତ ଥିବା ଦେଖିବାକୁ ମିଳିଥିଲା। ତାଙ୍କ ସହିତ ଥିବା କନିଷ୍ଠ ଅଧିକାରୀମାନେ ମଧ୍ୟ ଚାରା ରୋପଣରେ ସାମିଲ ହୋଇଥିଲେ।

## କୋଇଲା ଖଣିରେ ବିସ୍ଫୋରଣ, ୩୦ ମୃତଦେହ ଉଦ୍ଧାର

ଇସଲାମାବାଦ, ୩୧।୭: ପାକିସ୍ତାନର ହିଂସା ପ୍ରଭାବିତ ବେଲୁଚିସ୍ତାନ ପ୍ରଦେଶର ଏକ କୋଇଲା ଖଣି ଭିତରେ ବିସ୍ଫୋରଣରେ ଅତି କମରେ ୩୦ ଜଣ ଖଣି ଶ୍ରମିକଙ୍କ ମୃତ୍ୟୁ ହୋଇଛି। ଆହୁରି ଅନେକ ଶ୍ରମିକ ଭିତରେ ଫସି ରହିଛନ୍ତି। ଉଦ୍ଧାରକାରୀମାନେ ସେମାନଙ୍କ ପାଖକୁ ପହଞ୍ଚିବାକୁ ଚେଷ୍ଟା କରୁଛନ୍ତି। ଭିତରେ ଫସି ରହିଥିବା ଲୋକଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି। ଅଧିକାରୀମାନେ କହିଛନ୍ତି ଯେ ବେଲୁଚିସ୍ତାନର ରାଜଧାନୀ କ୍ୱେଟାର ଉପକଣ୍ଠରେ ବିସ୍ଫୋରଣ ଘଟିଥିଲା। ଏହା ମିଥେନ୍ ଗ୍ୟାସ୍ ଜମା ହେବା ଯୋଗୁଁ ଘଟିଥିବା ଅନୁମାନ କରାଯାଉଛି। ସରକାରୀ ଖଣି ନିରୀକ୍ଷକ ଘନି ବାଲୋଚ୍ କହିଛନ୍ତି ଯେ ଭିତରେ ଫସି ରହିଥିବା ସମସ୍ତ ଖଣି କର୍ମଚାରୀଙ୍କ ମୃତଦେହ ନ ମିଳିବା ପର୍ଯ୍ୟନ୍ତ ଉଦ୍ଧାର କାର୍ଯ୍ୟ ଜାରି ରହିବ।

## ଜାପାନ ଭୂକମ୍ପ ଜନିତ ମୃତ୍ୟୁସଂଖ୍ୟା ୩୪କୁ ବୃଦ୍ଧି

ଟୋକିଓ, ୩୧।୭: ଦକ୍ଷିଣ-ପଶ୍ଚିମ ଜପାନର କୁମାମୋଟୋ ଅଞ୍ଚଳରେ ହୋଇଥିବା ଶକ୍ତିଶାଳୀ ଭୂମିକମ୍ପ ଯୋଗୁଁ ମୃତ୍ୟୁସଂଖ୍ୟା ୩୪କୁ ବୃଦ୍ଧି ପାଇଛି। ମଙ୍ଗଳବାର ଦିନ କ୍ୟୁଶୁ ଦ୍ୱୀପରେ ଅନୁଭୂତ ହୋଇଥିବା ୭.୧ ତୀବ୍ରତାର ଏହି ବିନାଶକାରୀ ଭୂମିକମ୍ପ ଯୋଗୁଁ ଅନେକ ଘରଦ୍ୱାର ଭାଙ୍ଗି ଚୁରମାର ହୋଇଯିବା ସହ ଶପିଂ ମଲରେ ବିସ୍ଫୋରଣ ଓ କାରଖାନାର ଚିମନି ଭୁଶୁଡ଼ି ପଡ଼ିଛି। କୁମାମୋଟୋ ପ୍ରାନ୍ତୀୟ ସରକାରଙ୍କ ସୂଚନା ଅନୁଯାୟୀ, ୩୪ ଜଣଙ୍କ ମୃତ୍ୟୁ ନିଶ୍ଚିତ ହୋଇଥିବା ବେଳେ ଅନ୍ୟ ଜଣଙ୍କ ମୃତ୍ୟୁର କାରଣ ଯାଞ୍ଚ କରାଯାଉଛି। ଏହି ବିପର୍ଯ୍ୟୟରେ ୮୦ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଛନ୍ତି, ଯେଉଁଥିମଧ୍ୟରୁ ୫ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ସାଧାରଣ ନାଗରିକଙ୍କ ସୁରକ୍ଷା ପାଇଁ ବ୍ୟାପକ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ବିଶେଷ କରି କାଶିମା ସହରର ଆଓନ୍ ମଲ୍ ଶପିଂ ସେଣ୍ଟରରେ ଭୂମିକମ୍ପ ସମୟରେ ହଜାର ହଜାର ଲୋକ ଥିବା ବେଳେ ମଲର ଦ୍ୱିତୀୟ ମହଲା ଭୁଶୁଡ଼ି ପଡ଼ିବାରୁ ଅନେକ ଲୋକ ଫସି ରହିଥିଲେ। ସେଠାରୁ ୭ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଥିବା ବେଳେ ୧୧ ଜଣଙ୍କୁ ଜୀବନ୍ତ ଉଦ୍ଧାର କରାଯାଇଛି।

## ତାହିର୍ ହୁସେନଙ୍କ ସମେତ ୫ ଜଣଙ୍କୁ ଆଜୀବନ କାରାଦଣ୍ଡ

ନୂଆଦିଲ୍ଲୀ, ୩୧।୭: ୨୦୨୦ ଦିଲ୍ଲୀ ଦଙ୍ଗା ସମୟରେ ଆଇବି ଅଧିକାରୀ ଅଙ୍କିତ ଶର୍ମାଙ୍କ ହତ୍ୟା ମାମଲାରେ ଶୁକ୍ରବାର କରକାରଡୁମା କୋର୍ଟ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। କୋର୍ଟ ପୂର୍ବତନ ଆପ୍ କାଉନ୍‌ସିଲର ତାହିର ହୁସେନଙ୍କ ସମେତ ସମସ୍ତ ପାଞ୍ଚ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ ଶୁଣାଇଛନ୍ତି। ଜୁଲାଇ ୧୩ରେ କରକାରଡୁମା କୋର୍ଟ ପୂର୍ବତନ କାଉନସିଲର ତାହିର ହୁସେନ, ନାଜିମ, କାସିମ, ଜାଭେଦ ଓ ଅନସଙ୍କୁ ହତ୍ୟା ଏବଂ ଆପରାଧିକ ଷଡ଼ଯନ୍ତ୍ର ସମେତ ଗମ୍ଭୀର ଅଭିଯୋଗରେ ଦୋଷୀ ସାବ୍ୟସ୍ତ କରିଥିଲେ। ଦୋଷୀ ସାବ୍ୟସ୍ତ ହେବା ପରେ କୋର୍ଟ ଶୁକ୍ରବାର ସମସ୍ତ ପାଞ୍ଚଜଣଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଦଣ୍ଡ ଘୋଷଣା କରିବା ସମୟରେ କୋର୍ଟ ଉଲ୍ଲେଖ କରିଛନ୍ତି ଯେ ଏହା ଏକ ଅତ୍ୟନ୍ତ ଗମ୍ଭୀର ଘଟଣା। ଆଦେଶରେ କୋର୍ଟ କହିଛନ୍ତି, ଏହା ଏପରି ଏକ ମାମଲା ଯାହା ସମଗ୍ର ସମାଜକୁ ଦୋହଲାଇ ଦେଇଥିଲା। ଶୁଣାଣି ସମୟରେ ଦିଲ୍ଲୀ ପୁଲିସ ତାହିର ହୁସେନ ସମେତ ସମସ୍ତ ଅଭିଯୁକ୍ତଙ୍କ ପାଇଁ ମୃତ୍ୟୁଦଣ୍ଡ ଦାବି କରିଥିଲା। କିନ୍ତୁ କୋର୍ଟ ସମସ୍ତ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି।



**ଅଙ୍କିତ ଶର୍ମା ହତ୍ୟାକାଣ୍ଡ**

ଫେବୃଆରୀ ୨୦୨୦ରେ ଉତ୍ତର-ପୂର୍ବ ଦିଲ୍ଲୀରେ ହୋଇଥିବା ଦଙ୍ଗା ସମୟରେ ଆଇବି ଅଧିକାରୀ ଅଙ୍କିତ ଶର୍ମାଙ୍କୁ ହତ୍ୟା କରାଯାଇଥିଲା। ପରେ ତାଙ୍କ ମୃତଦେହ ଏକ ନାଳରୁ ଉଦ୍ଧାର କରାଯାଇଥିଲା। ଏହି ରାୟ ସହିତ କୋର୍ଟ ୨୦୨୦ ଦିଲ୍ଲୀ ଦଙ୍ଗାରେ ସମ୍ପୃକ୍ତ ସବୁଠାରୁ ହାଇ-ପ୍ରୋଫାଇଲ୍ ମାମଲାରେ ଦଣ୍ଡାଦେଶ ଶୁଣାଇଛନ୍ତି।

## ପାକ୍ ପୁଲିସ ପୋଷ୍ଟ ଉପରେ ଆକ୍ରମଣ, ୧୧ ମୃତ



ଇସଲାମାବାଦ, ୩୧।୭: ପାକିସ୍ତାନର ଖାଇବର ପଖତୁନଖ୍ୱା ପ୍ରଦେଶରେ ପାକିସ୍ତାନ-ଆଫଗାନିସ୍ତାନ ସୀମାନ୍ତରେ ଥିବା ହାଙ୍ଗୁ ଜିଲ୍ଲାରେ ଖାଜିନା ପୁଲିସ ପୋଷ୍ଟ ଉପରେ ଗୁରୁବାର ଆତଙ୍କବାଦୀ ଆକ୍ରମଣରେ ୧୧ ଜଣ ସୁରକ୍ଷାକର୍ମୀଙ୍କର ମୃତ୍ୟୁ ହୋଇଛି। ଏହି ଆକ୍ରମଣରେ ୨୨ ଜଣ ସୁରକ୍ଷାକର୍ମୀ ଆହତ ହୋଇଛନ୍ତି।

ଘଣ୍ଟାଏ ଧରି ଗୁଳିବିନିମୟରେ ପନ୍ଦର ଜଣ ଆତଙ୍କବାଦୀ ମଧ୍ୟ ନିହତ ହୋଇଥିଲେ। ଆତଙ୍କବାଦୀ ଆକ୍ରମଣ ପାଇଁ ଏପର୍ଯ୍ୟନ୍ତ କୌଣସି ଗୋଷ୍ଠୀ ନିଜକୁ ଦାୟୀ କରିନାହାନ୍ତି ବୋଲି ଆସୋସିଏଟେଡ୍ ପ୍ରେସ୍ ରିପୋର୍ଟ କରିଛି। ତେହରିକ-ଏ-ତାଲିବାନ ପାକିସ୍ତାନ (ଟିଟିପି) ସନ୍ଦେହ ଘେରକୁ ଆସିଛି। କାରଣ ଟିଟିପି ଗତ କିଛି ମାସ ମଧ୍ୟରେ ଏହି ଅଞ୍ଚଳରେ ପାକିସ୍ତାନୀ ସୁରକ୍ଷା ବାହିନୀ ଉପରେ ସିରିଜ୍ ଆକ୍ରମଣ କରିଛି। ପାକିସ୍ତାନ ପୁଲିସ ଅଧିକାରୀ ମଧ୍ୟ ଟିଟିପିକୁ ଆତଙ୍କବାଦୀ ଆକ୍ରମଣ ପାଇଁ ଦାୟୀ କରିଛନ୍ତି। ପୁଲିସ ଚେକ୍ ପୋଷ୍ଟ ଉପରେ ଆକ୍ରମଣ ପରେ ତୁରନ୍ତ ଅଧିକ ସୁରକ୍ଷା ବାହିନୀ ଘଟଣାସ୍ଥଳରେ ସହାୟତା ପାଇଁ ପହଞ୍ଚି ଥିଲା ବୋଲି ପୁଲିସ ଇନ୍ସପେକ୍ଟର ଜେନେରାଲ ଜୁଲଫିକର ହମିଦ କହିଛନ୍ତି। ତେବେ ଅତିରିକ୍ତ ସୁରକ୍ଷାବଳ ନେଇ ଆସୁଥିବା ଗାଡ଼ି ଉପରେ ମଧ୍ୟ ଆକ୍ରମଣ ହୋଇଥିଲା।

### ରୁଷ୍-ୟୁକ୍ରେନ୍ ଯୁଦ୍ଧରେ ଭାରତୀୟଙ୍କ ମୃତ୍ୟୁ ମାମଲା

## ପରିବାରକୁ ସାହାଯ୍ୟ ପାଇଁ କେନ୍ଦ୍ରକୁ ନିର୍ଦ୍ଦେଶ

ନୂଆଦିଲ୍ଲୀ,୩୧।୭: ସୁପ୍ରିମକୋର୍ଟ ରୁଷ୍-ୟୁକ୍ରେନ ଯୁଦ୍ଧରେ ଶୁକ୍ରବାର ଆହତ ହୋଇଥିବା ଭାରତୀୟଙ୍କ ପରିବାରକୁ ସହାୟତା କରିବା ପାଇଁ ଜଣେ ନୋଡାଲ ଅଧିକାରୀଙ୍କୁ ନିଯୁକ୍ତି ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅଧିକାରୀ ମୃତଦେହ ଫେରାଇ ଆଣିବା, ଡିଏନଏ ମେଳ କରିବା ଓ ରୁଷିଆ ଦୂତାବାସ ମାଧ୍ୟମରେ କ୍ଷତିପୂରଣ ପାଇବା ପ୍ରକ୍ରିୟାରେ ନିକଟତମ ସମ୍ପର୍କୀୟଙ୍କୁ ସାହାଯ୍ୟ କରିବେ। ବିଚାରପତି ସୂର୍ଯ୍ୟ କାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗଚୀ ଏବଂ ଜଷ୍ଟିସ ଭି. ମୋହନାଙ୍କ ଦ୍ୱାରା ଗଠିତ ଏକ ଖଣ୍ଡପୀଠ ରୁଷିଆ-ୟୁକ୍ରେନ ଯୁଦ୍ଧରେ ମୃତ କିମ୍ବା ନିଖୋଜ ହୋଇଥିବା ପରିବାରକୁ ସହାୟତା କରିବା ଏବଂ ପ୍ରଭାବିତ ପରିବାର ସଦସ୍ୟ ଏବଂ ମୃତଦେହ ମଧ୍ୟରେ ଡିଏନଏ ମେଳ କରିବା ପାଇଁ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟକୁ ନିର୍ଦ୍ଦେଶ ଦେଇଛନ୍ତି। ରୁଷ୍-ୟୁକ୍ରେନ ଯୁଦ୍ଧରେ ଲଢ଼ିବା ପାଇଁ ନିଯୁକ୍ତ ହୋଇ ହତ୍ୟା ବା ନିଖୋଜ ହୋଇଥିବା ଅଭିଯୋଗରେ ପରିବାର ପକ୍ଷରୁ ଦାୟର ଏକ ଆବେଦନର ଶୁଣାଣି କରି ସୁପ୍ରିମକୋର୍ଟ ଏହି ନିର୍ଦ୍ଦେଶନାମା ଜାରି କରିଛନ୍ତି।

## ଛାତ୍ର ଆନ୍ଦୋଳନକୁ ସମର୍ଥନ କଲେ ବିଜେପି ନେତାଙ୍କ ଝିଅ

ନୂଆଦିଲ୍ଲୀ, ୩୧।୭: ନିଟ୍ ପ୍ରଶ୍ନପତ୍ର ଲିକ୍ ପ୍ରସଙ୍ଗରେ କକ୍ରୋଚ ଜନତା ପାର୍ଟି (ସିଜେପି)ର ପ୍ରତିବାଦକୁ ବିଜେପି ନେତାଙ୍କ ପରିବାର ଭିତରୁ ସମର୍ଥନ ମିଳିବାରେ ଲାଗିଛି। ଉତ୍ତର ପ୍ରଦେଶର ଜଣେ ବିଜେପି ନେତାଙ୍କ ଝିଅ ଯଶସ୍ୱିନୀ ରାଜେ ସିଂହ ଶିକ୍ଷା ବିବାଦ ପାଇଁ ସରକାରଙ୍କୁ ତୀବ୍ର ସମାଲୋଚନା କରିବା ସହିତ ନୂଆ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ପ୍ରହ୍ଲାଦ ଜୋଶୀଙ୍କ ନିଯୁକ୍ତିକୁ 'ହାସ୍ୟାସ୍ପଦ' ବୋଲି କହିଛନ୍ତି।



ଯଶସ୍ୱିନୀ ସିଜେପି ନେତୃତ୍ୱରେ ଛାତ୍ରମାନଙ୍କ ପ୍ରତିବାଦକୁ ସମର୍ଥନ କରିଛନ୍ତି। ଯଶସ୍ୱିନୀ ଜଣେ କଣ୍ଟେଣ୍ଟ କ୍ରିଏଟର। ସେ ଉତ୍ତର ପ୍ରଦେଶର ଫତେହପୁର ସଦରର ପୂର୍ବତନ ବିଧାୟକ ବିଜେପି ନେତା ବିକ୍ରମ ସିଂହଙ୍କ ଝିଅ। ନିଟ୍ ୟୁଜି ୨୦୨୬ ପ୍ରଶ୍ନପତ୍ର ଲିକ୍ ଓ ଅନ୍ୟାନ୍ୟ ପରୀକ୍ଷା ସମ୍ବନ୍ଧୀୟ ଅନିୟମିତତା ପ୍ରସଙ୍ଗକୁ ନେଇ ସାରା ଭାରତରେ ହୋଇଥିବା ଜେନ୍ ଜି' ନେତୃତ୍ୱାଧୀନ ପ୍ରତିବାଦକୁ ଯଶସ୍ୱିନୀ ସମର୍ଥନ କରିଛନ୍ତି। ସୂଚନାଯୋଗ୍ୟ ଯେ, ଜନ୍ତର-ମନ୍ତରଠାରେ ଜୁନ୍ ୨୦ରେ ଛାତ୍ରଙ୍କ ଧାରଣା ଆରମ୍ଭ ହୋଇ ୩୬ ଦିନ ପରେ ଜୁଲାଇ ୨୫ ତାରିଖରେ ପ୍ରଧାନଙ୍କ ଇସ୍ତଫା ପରେ ଶେଷ ହୋଇଥିଲା। ଯଶସ୍ୱିନୀ 'ଅଲ୍ ଜଜିରା'କୁ ଏକ ସାକ୍ଷାତକାର ଦେଇ ଛାତ୍ର ଆନ୍ଦୋଳନକୁ ସମର୍ଥନ କରିଛନ୍ତି।

## ଡିଏସ୍‌ପି ନେହା ପଚିସିଆଙ୍କ ବିରୋଧରେ ଲାଞ୍ଚ ଅଭିଯୋଗ



ଭୋପାଳ, ୩୧।୭: ଏୟାର ହୋଷ୍ଟେସରୁ ଡିଏସ୍‌ପି ହୋଇଥିବା ମହିଳା ଅଧିକାରୀ ତଥା କାଟନିରେ ସିଟି ସୁପରିଣ୍ଟେଣ୍ଡେଣ୍ଟ ଅଫ୍ ପୋଲିସ ଭାବରେ କାର୍ଯ୍ୟରତ ନେହା ପଚିସିଆଙ୍କ ବିରୋଧରେ ବ୍ୟବସାୟୀ ମହେନ୍ଦ୍ର ଜୈନ ଅଭିଯୋଗ ଆଣିଛନ୍ତି। ଜୁଲାଇ ୨୧ ତାରିଖ ରାତିରେ ଗାଡ଼ି ଯାଞ୍ଚ ସମୟରେ ତାଙ୍କର ଏକ ଟ୍ରକକୁ ଅଟକାଇ ଡିଏସପି ମ୍ୟାଡାମ ୩୦,୦୦୦ ଟଙ୍କା ଦାବି କରିଥିବା ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ, ଘଟଣାସ୍ଥଳରେ ହିଁ ୨୫,୦୦୦ ଟଙ୍କା ନଗଦ ଆଦାୟ କରାଯାଇଥିଲା ଓ ଅବଶିଷ୍ଟ ୫,୦୦୦ ଟଙ୍କା ପରଦିନ ଡ୍ରାଇଭର ଜରିଆରେ ଦେବାକୁ କୁହାଯାଇଥିଲା। ଟଙ୍କା ନଦେଲେ ଗାଡ଼ିକୁ ଜବତ କରି ଥାନାକୁ ନିଆଯିବ ବୋଲି ଧମକ ଦିଆଯାଇଥିବା ବ୍ୟବସାୟୀ ଅଭିଯୋଗ କରିଛନ୍ତି।

ବାଲି ଓ ଡୋଲୋମାଇଟ୍ ପରିବହନ କରୁଥିବା ୫ଟି ଗାଡ଼ିର ମାଲିକ ମହେନ୍ଦ୍ର ଜୈନ ଏହି ଅଭିଯୋଗ କରିବା ସହିତ ଆବଶ୍ୟକୀୟ ପ୍ରମାଣ ମଧ୍ୟ ଦାଖଲ କରିଛନ୍ତି। ଏଥିସହ ଘଟଣାର ନିରପେକ୍ଷ ତଦନ୍ତ ଦାବି କରିଛନ୍ତି। ନେହା ପଚିସିଆ ପୂର୍ବରୁ ଜଣେ ଏୟାର ହୋଷ୍ଟେସ୍ ଭାବରେ କାର୍ଯ୍ୟ କରୁଥିଲେ। ପରବର୍ତ୍ତୀ ସମୟରେ ସେ ଏହି ଚାକିରି ଛାଡ଼ି ପୁଲିସରେ ଯୋଗ ଦେଇଥିଲେ। ସୋସିଆଲ୍ ମିଡିଆରେ ମଧ୍ୟ ତାଙ୍କର ବହୁ ଫଲୋଅର୍ସ ରହିଛନ୍ତି।

## ପୁଲିସଙ୍କୁ ନିନ୍ଦା ବନ୍ଦ କରିବାକୁ ପରିବାରର ଅନୁରୋଧ

ନୂଆଦିଲ୍ଲୀ, ୩୧।୭: ନୂଆଦିଲ୍ଲୀର ଜନ୍ତର-ମନ୍ତରଠାରେ ଛାତ୍ରଙ୍କ ପ୍ରତିବାଦ ସମୟରେ ଆହତ ହୋଇଥିବା ଦିଲ୍ଲୀ ପୁଲିସ କର୍ମଚାରୀଙ୍କ ପରିବାରର ସଦସ୍ୟମାନେ ପ୍ରତିବାଦ ସମୟରେ ପୁଲିସ ବାହିନୀର କାର୍ଯ୍ୟ ପାଇଁ ସେମାନଙ୍କୁ ନିନ୍ଦା କରିବା ବନ୍ଦ କରିବାକୁ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି। ଛାତ୍ର ପ୍ରତିବାଦ ସମୟରେ ଆହତ ହୋଇଥିବା ଦିଲ୍ଲୀ ପୁଲିସ କର୍ମଚାରୀଙ୍କ ପରିବାର ଶୁକ୍ରବାର କହିଛନ୍ତି ଯେ, ଆନ୍ଦୋଳନ ସମୟରେ ପୁଲିସ ଅଧିକାରୀମାନେ ପ୍ରବଳ ହିଂସାର ଶିକାର ହୋଇଥିଲେ। ସେମାନେ କହିଛନ୍ତି ଯେ, ଅନେକ ପୁଲିସ କର୍ମଚାରୀ ଆହତ ହୋଇଥିଲେ ମଧ୍ୟ ସେମାନଙ୍କ ସ୍ଥିତିକୁ କେହି ଗୁରୁତ୍ୱ ଦେଉନାହାନ୍ତି।

ନୂଆଦିଲ୍ଲୀଠାରେ ଏକ ସାମ୍ବାଦିକ ସମ୍ମିଳନୀ କରି ପୀଡ଼ିତ ପୁଲିସ କର୍ମଚାରୀଙ୍କ ପରିବାରର ସଦସ୍ୟମାନେ ପୁଲିସ ଉପରେ ହୋଇଥିବା ଆକ୍ରମଣର ଭିଡିଓ ଉପସ୍ଥାପନ କରିଛନ୍ତି। ସେମାନେ କହିଥିଲେ ଯେ, ଛାତ୍ରଙ୍କ ପ୍ରତିବାଦ ଚାଲିଥିବାବେଳେ ଅନେକ ଅସାମାଜିକ ଲୋକ ସେଠାକୁ ପ୍ରବେଶ କରିଆସିଥିଲେ। ସେମାନଙ୍କ ଆକ୍ରମଣରେ ଅନେକ ପୁଲିସ ଅଧିକାରୀ ଗୁରୁତର ହୋଇଥିବାବେଳେ ସେମାନଙ୍କର ଏବେବି ଚିକିତ୍ସା ଚାଲିଛି।

## ଓମାର ଅବଦୁଲ୍ଲାଙ୍କ ଛାଡ଼ପତ୍ରକୁ ମଞ୍ଜୁରୀ




ଶ୍ରୀନଗର, ୩୧।୭: ଜମ୍ମୁ-କାଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ଏବଂ ତାଙ୍କ ପତ୍ନୀ ପାୟଲ ଅବଦୁଲ୍ଲାଙ୍କ ଦୀର୍ଘ ଦିନର ବିବାହ ବିଚ୍ଛେଦ ମାମଲାରେ ଶୁକ୍ରବାର ସୁପ୍ରିମକୋର୍ଟ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଆପୋଷ ଆଲୋଚନା ଓ ମଧ୍ୟସ୍ଥତା ମାଧ୍ୟମରେ ଉଭୟ ପକ୍ଷ ସମସ୍ତ ମନୋମାଳିନ୍ୟ ଓ ବିବାଦର ସମାଧାନ କରିବା ପରେ ସର୍ବୋଚ୍ଚ ଅଦାଲତ ସେମାନଙ୍କ ବିବାହ ବିଚ୍ଛେଦକୁ ଆଇନଗତ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଏହାଦ୍ୱାରା ଦୀର୍ଘଦିନ ଧରି ଚାଲିଥିବା ବୈବାହିକ ବିବାଦ ମଧ୍ୟରେ ଉଭୟ ପକ୍ଷ ଏକ ସମାଧାନରେ ପହଞ୍ଚିଛନ୍ତି। ବରିଷ୍ଠ ଓକିଲ କପିଲ ସିବଲ ସୁପ୍ରିମକୋର୍ଟକୁ ସୂଚନା ଦେଇଛନ୍ତି ଯେ, ଉଭୟ ପକ୍ଷ 'ସ୍ୱାଧୀନତା' ଚାହାନ୍ତି ଓ ସମ୍ବିଧାନର ଧାରା ୧୪୨ ଅନୁଯାୟୀ, ଛାଡପତ୍ର ଡିକ୍ରୀ ଜାରି କରିବାକୁ ଅନୁରୋଧ କରିଥିଲେ। ଓମାର ଏବଂ ପାୟଲ ୧୯୯୪ରେ ବିବାହ କରିଥିଲେ। ସେମାନଙ୍କର ଦୁଇଟି ପୁଅ ଅଛନ୍ତି। ଏହି ଦମ୍ପତି ୨୦୦୯ରୁ ଅଲଗା ରହୁଛନ୍ତି। ଦୀର୍ଘ ଦିନ ଧରି ପୃଥକ ରହିବା ପରେ ସେମାନେ ପାରସ୍ପରିକ ସମ୍ମତିରେ ସେମାନଙ୍କର ବିବାହ ସମାପ୍ତ କରିବାକୁ ନିଷ୍ପତ୍ତି ନେଇଥିଲେ। ଅଦାଲତରୁ ଆଜି ସେମାନଙ୍କୁ ଆଶ୍ୱସ୍ତି ମିଳିଛି।

# ପନିପରିବାରୁ କୀଟନାଶକ ଦୂର କରିବ ଚିନାବାଦାମ ଚୋପା

ନୂଆଦିଲ୍ଲୀ, ୩୧।୭: ଆମେରିକାର ମିନେସୋଟା ନିବାସୀ ୧୩ ବର୍ଷୀୟା ଭାରତ-ଆମେରିକୀୟ ଛାତ୍ରୀ ଏରିକା କୁଣ୍ଡୁ ତାଙ୍କର ଏକ ଚମତ୍କାର ଉଦ୍ଭାବନ ପାଇଁ ସମଗ୍ର ବିଶ୍ୱରେ ଚର୍ଚ୍ଚାର ପରିସରକୁ ଆସିଛନ୍ତି। ସେ ତାଜା ଫଳ ଓ ପରିବାକୁ କୀଟନାଶକ-ମୁକ୍ତ କରିବା ନିମନ୍ତେ ଏକ ସମ୍ପୂର୍ଣ୍ଣ ନୂତନ ତଥା ପ୍ରଭାବଶାଳୀ ପଦ୍ଧତି ବିକଶିତ କରିଛନ୍ତି। ଏହି ଉଦ୍ଭାବନ କେବଳ ସ୍ୱାସ୍ଥ୍ୟ ଦୃଷ୍ଟିରୁ ନୁହେଁ; ବରଂ ପରିବେଶ ସୁରକ୍ଷା ଦୃଷ୍ଟିରୁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ମିନେଟୋଙ୍କା ମିଡିଲ ସ୍କୁଲ ଇଷ୍ଟର ୭ମ ଶ୍ରେଣୀର ଛାତ୍ରୀ ଏରିକାଙ୍କ ଏହି ପ୍ରୋଜେକ୍ଟର ନାମ 'ଲିଗ୍ନେକ୍ସ' ରଖାଯାଇଛି। ଏହା ଏକ ଜୈବ-ଅବଶୋଷଣ ଆଧାରିତ ପଦ୍ଧତି ଅଟେ, ଯାହା ଜୈବିକ ବର୍ଜ୍ୟବସ୍ତୁକୁ ବ୍ୟବହାର କରି ଫଳ ଓ ପରିବାରୁ କୀଟନାଶକ କଣିକାଗୁଡ଼ିକୁ ସଫା କରିଥାଏ। ସାଧାରଣତଃ ମଞ୍ଜି ବାହାର କରିବା ପରେ ଚିନାବାଦାମ ଚୋପାକୁ ଅଦରକାରୀ ବର୍ଜ୍ୟ ଭାବେ ଫିଙ୍ଗି ଦିଆଯାଇଥାଏ। ଏରିକା ଏହି ବର୍ଜ୍ୟବସ୍ତୁକୁ ବ୍ୟବହାର କରି ଏକ ଅନନ୍ୟ ଉପାଦାନ ପ୍ରସ୍ତୁତ କରିଛନ୍ତି, ଯାହା ଫଳ ଓ ପରିବାର ପୃଷ୍ଠରୁ କୀଟନାଶକ ରସାୟନକୁ ସଫଳତାର ସହ ଅବଶୋଷଣ କରିପାରେ।



**ପ୍ରବାସୀ ଭାରତୀୟ ଛାତ୍ରୀଙ୍କ ପ୍ରଭାବଶାଳୀ ଉଦ୍ଭାବନ**

ଆଜିକାଲି କୃଷି କ୍ଷେତ୍ରରେ ଅମଳ ପରେ ଫଳ ଓ ପରିବା ଚୋପାରେ କୀଟନାଶକ କଣିକା ଲାଗିରହିଥାଏ। ସାଧାରଣତଃ ପାଣିରେ ଧୋଇବା ଦ୍ୱାରା କିଛି ମାତ୍ରାରେ ବିଷାକ୍ତ ରସାୟନ ବାହାରିଥାଏ। କିନ୍ତୁ ସମ୍ପୂର୍ଣ୍ଣ କୀଟନାଶକ ଦୂର ହୋଇପାରେ ନାହିଁ। ଏହି ସମସ୍ୟାର ସମାଧାନ ପାଇଁ ଏରିକା କୌଣସି ମହଙ୍ଗା ଉପକରଣ ବ୍ୟବହାର ନକରି ସମ୍ପୂର୍ଣ୍ଣ ଶସ୍ତା ଓ ବ୍ୟାବହାରିକ ଉପାୟ ଖୋଜିଥିଲେ। ସେ ଚିନାବାଦାମ ଚୋପାକୁ ଏପରି ଏକ ଉପାଦାନରେ ରୂପାନ୍ତରିତ କଲେ, ଯାହା ଫଳ-ପରିବାର ସଂସ୍ପର୍ଶରେ ଆସିବା ମାତ୍ରେ ସେଗୁଡ଼ିକର ପୃଷ୍ଠରୁ କୀଟନାଶକ କଣିକାଗୁଡ଼ିକୁ ସମ୍ପୂର୍ଣ୍ଣ ରୂପେ ଶୋଷି ନେଇଥାଏ।

ଏହି ପ୍ରୋଜେକ୍ଟ ପାଇଁ ଏରିକା ୨୦୨୬ ୩ଏମ୍ ୟଙ୍ଗ ସାଇଣ୍ଟିଷ୍ଟ ଚାଲେଞ୍ଜର ୧୦ ଜଣ ଚୂଡ଼ାନ୍ତ ପ୍ରତିଯୋଗୀଙ୍କ ମଧ୍ୟରେ ସ୍ଥାନ ହାସଲ କରିଛନ୍ତି। ଏହି ଜାତୀୟ ପ୍ରତିଯୋଗିତା ୧୧ରୁ ୧୪ ବର୍ଷ ବୟସର ମାଧ୍ୟମିକ ଛାତ୍ରଛାତ୍ରୀଙ୍କୁ ବାସ୍ତବ ଜୀବନର ସମସ୍ୟାଗୁଡ଼ିକର ବୈଜ୍ଞାନିକ-ଆଧାରିତ ସମାଧାନ ବିକଶିତ କରିବା ପାଇଁ ମାନ୍ୟତା ଓ ପ୍ରୋତ୍ସାହନ ଦେଇଥାଏ। ଚୂଡ଼ାନ୍ତ ପ୍ରତିଯୋଗୀ ଭାବେ ଏରିକା ବର୍ତ୍ତମାନ ବିଶେଷଜ୍ଞ ୩ଏମ୍ ବୈଜ୍ଞାନିକମାନଙ୍କ ସହିତ ମିଶି କାମ କରୁଛନ୍ତି। ଆସନ୍ତା ଅକ୍ଟୋବର ମାସରେ ଏହି ପ୍ରତିଯୋଗିତାର ଶେଷ ରାଉଣ୍ଡ ଅନୁଷ୍ଠିତ ହେବ। ଏଥିରେ ବିଜୟୀ ହେଲେ ତାଙ୍କୁ ୨୫ ହଜାର ଡଲାର ପୁରସ୍କାର ରାଶି ଏବଂ 'ଆମେରିକାର ଶୀର୍ଷ ଯୁବ ବୈଜ୍ଞାନିକ' ଟାଇଟଲ ପ୍ରଦାନ କରାଯିବ।

ସଂଚାର SANCHAR

# ଆର୍ମି ଏୟାର୍ ଡିଫେନ୍ସ କଲେଜର ବିଭିନ୍ନ ପ୍ରସ୍ତାବର ସମୀକ୍ଷା କଲେ ରାଜ୍ୟପାଳ



ଭୁବନେଶ୍ୱର, ୩୧।୭ (ସଂଚାର ବ୍ୟୁରୋ) : ପ୍ରତିରକ୍ଷା ଗବେଷଣା, ନବସୃଜନ ଏବଂ ଦକ୍ଷତା ବିକାଶକୁ ପ୍ରୋତ୍ସାହନ ଦେବା ପାଇଁ ଗୋପାଳପୁରସ୍ଥିତ ଆର୍ମି ଏୟାର ଡିଫେନ୍ସ କଲେଜ ଓ ଓଡ଼ିଶାର ଶିକ୍ଷାନୁଷ୍ଠାନଗୁଡ଼ିକ ମଧ୍ୟରେ ଅଧିକ ସମନ୍ୱୟ ଓ ଆବଶ୍ୟକତା ଉପରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଗୁରୁତ୍ୱାରୋପ କରିଛନ୍ତି।

ଆଜି ଲୋକ ଭବନର ନ୍ୟୁ ଅଭିଷେକ ହଲ୍‌ରେ ଆୟୋଜିତ ଏକ ବୈଠକର ଅଧ୍ୟକ୍ଷତା କରି ରାଜ୍ୟପାଳ ଆର୍ମି ଏୟାର ଡିଫେନ୍ସ କଲେଜ ପକ୍ଷରୁ ପ୍ରସ୍ତୁତ କରାଯାଇଥିବା ବିଭିନ୍ନ ପ୍ରସ୍ତାବଗୁଡ଼ିକର ସମୀକ୍ଷା କରି ରାଜ୍ୟପାଳ ଏହି ଗୁରୁତ୍ୱାରୋପ କରିଛନ୍ତି। ଆର୍ମି ଏୟାର ଡିଫେନ୍ସ କଲେଜର ଆଧୁନିକ ପ୍ରୟୋଗଶାଳାଗୁଡ଼ିକୁ ଓଡ଼ିଶାର ବିଭିନ୍ନ ଇଞ୍ଜିନିୟରିଂ କଲେଜର ଛାତ୍ରଛାତ୍ରୀଙ୍କ ପରିଦର୍ଶନ ନିମନ୍ତେ ବିହିତ ପଦକ୍ଷେପ ନେବାକୁ ରାଜ୍ୟପାଳ ପରାମର୍ଶ ଦେଇଥିଲେ। ଏହା ମାଧ୍ୟମରେ ଛାତ୍ରଛାତ୍ରୀମାନେ ଉନ୍ନତ ପ୍ରତିରକ୍ଷା ପ୍ରଯୁକ୍ତି ଓ ପ୍ରଚଳିତ ଗବେଷଣା ସହ ପରିଚିତ ହୋଇ ବ୍ୟାବହାରିକ ଜ୍ଞାନ ଲାଭ କରିବେ ଏବଂ ପ୍ରତିରକ୍ଷା କ୍ଷେତ୍ରରେ ପ୍ରତ୍ୟକ୍ଷ ଅନୁଭୂତି ହାସଲ କରିବେ। ଆର୍ମି ଏୟାର ଡିଫେନ୍ସ କଲେଜକୁ ଦେଶର ପ୍ରମୁଖ ପ୍ରତିରକ୍ଷା ତାଲିମ ପ୍ରତିଷ୍ଠାନ ବୋଲି ବର୍ଣ୍ଣନା କରି ରାଜ୍ୟପାଳ କହିଥିଲେ ଯେ ଏହି ପ୍ରତିଷ୍ଠାନ ଗୁରୁତ୍ୱପୂର୍ଣ୍ଣ ଗବେଷଣା ଓ ନବସୃଜନକୁ ପ୍ରୋତ୍ସାହିତ କରୁଛି। ଏହିପରି ଉଦ୍ୟମକୁ ସମର୍ଥନ ପ୍ରଦାନ କରିବା ଦ୍ୱାରା ଏହା ଦେଶର ପ୍ରତିରକ୍ଷା ଶକ୍ତିକୁ ଆହୁରି ମଜବୁତ କରିବ। ବୈଠକରେ ଆର୍ମି ଏୟାର ଡିଫେନ୍ସ କଲେଜ ଓ ରାଜ୍ୟର ଶିକ୍ଷାପ୍ରତିଷ୍ଠାନଗୁଡ଼ିକ ମଧ୍ୟରେ ମଜବୁତ ଭାଗିଦାରୀ ଗଢ଼ିବା ଉପରେ ଆଲୋଚନା ହୋଇଥିଲା। ସବୁଜ କ୍ୟାମ୍ପସ ବିକାଶ, ମିଲିଟାରୀ ଷ୍ଟେସନ ମଧ୍ୟରେ ବୈଦ୍ୟୁତିକ ବସ ଓ ରୋଗୀ ପରିବହନ ପାଇଁ ଲାଇଟ ବୈଦ୍ୟୁତିକ ଆମ୍ବୁଲାନ୍ସ ପରିଚାଳନା ପ୍ରସ୍ତାବଗୁଡ଼ିକର ସମୀକ୍ଷା କରାଯାଇଥିଲା।

ବୈଠକରେ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ କଲେଜ ସହ ଏମଓୟୁ ସ୍ୱାକ୍ଷର କରି ସଶସ୍ତ୍ର ବାହିନୀ ସଦସ୍ୟଙ୍କୁ ଅଗ୍ରାଧିକାର ଚିକିତ୍ସା ସେବା, ସହିଦଙ୍କ ପରିବାରଙ୍କୁ ଜମି କ୍ଷତିପୂରଣ, ଭୁବନେଶ୍ୱରରେ ସ୍ୱାଧୀନତା ଦିବସ ଏବଂ ଗଣତନ୍ତ୍ର ଦିବସ ପରେଡ଼ରେ ସେନାର ଉପକରଣ କଣ୍ଟିନ୍‌ଜେଣ୍ଟର ଅଂଶଗ୍ରହଣ, ଗଞ୍ଜାମ ଜିଲ୍ଲାରେ ବିଶେଷ ସହାୟତା ଆବଶ୍ୟକତା କରୁଥିବା ପିଲାଙ୍କ ଶିକ୍ଷା ଓ ପୁନର୍ବାସ ଏବଂ ଗୋପାଳପୁର ମିଲିଟାରୀ ଷ୍ଟେସନରେ ନିକଟସ୍ଥ ଗ୍ରାମର ନାଳି ପାଣି ପ୍ରବେଶ ସମସ୍ୟାର ସମାଧାନ ଆଦି ଉପରେ ଆଲୋଚନା ହୋଇଥିଲା।

# ଆମେରିକାରେ ଚାକିରି କରିବା ହେବ ମହଙ୍ଗା!

ଟେକ୍ସାସ୍, ୩୧।୭ : ଆମେରିକାରେ ଉଚ୍ଚଶିକ୍ଷା ହାସଲ କରିବା ପରେ ଚାକିରି କରିବାକୁ ଇଚ୍ଛୁକ ବିଦେଶୀ ଛାତ୍ରଛାତ୍ରୀଙ୍କ ପାଇଁ ଆଗାମୀ ଦିନରେ ବଡ଼ ଆର୍ଥିକ ବୋଝ ସୃଷ୍ଟି ହୋଇପାରେ।



ଗଣମାଧ୍ୟମ ରିପୋର୍ଟ ଅନୁସାରେ, ଟ୍ରମ୍ପ ପ୍ରଶାସନ ଅପ୍ସନାଲ୍ ପ୍ରାକ୍ଟିକାଲ୍ ଟ୍ରେନିଂ (ଓପିଟି) କାର୍ଯ୍ୟକ୍ରମ ପାଇଁ ୧ ଲକ୍ଷ ଆମେରିକୀୟ ଡଲାର (ପ୍ରାୟ ୮୭ ଲକ୍ଷ ଟଙ୍କା) ଫି' ଲାଗୁ କରିବା ପ୍ରସ୍ତାବ ଉପରେ ବିଚାର କରୁଛି। 'ଦ ୱାଲ୍ ଷ୍ଟ୍ରିଟ୍ ଜର୍ନାଲ' ରିପୋର୍ଟ ଅନୁଯାୟୀ, ଏହି ପ୍ରସ୍ତାବ ବର୍ତ୍ତମାନ ଆମେରିକାର ଗୃହ ସୁରକ୍ଷା ବିଭାଗରେ ବିଚାରାଧୀନ ଅବସ୍ଥାରେ ରହିଛି। ତେବେ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ, ଏପର୍ଯ୍ୟନ୍ତ କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇନାହିଁ। ଅପ୍ସନାଲ୍ ପ୍ରାକ୍ଟିକାଲ୍ ଟ୍ରେନିଂ (ଓପିଟି) ହେଉଛି ଏକ ବ୍ୟବସ୍ଥା, ଯାହା ଅଧୀନରେ ବିଦେଶୀ ଛାତ୍ରଛାତ୍ରୀମାନେ ପାଠପଢ଼ା ଶେଷ ହେବା ପରେ ଆମେରିକାରେ ନିଜ ବିଷୟ ସମ୍ପର୍କିତ କ୍ଷେତ୍ରରେ ୧ରୁ ୩ ବର୍ଷ ପର୍ଯ୍ୟନ୍ତ କାମ କରିପାରନ୍ତି। ଏହି ସୁବିଧା ହିଁ ବହୁ ବିଦେଶୀ ଛାତ୍ରଙ୍କୁ ଆମେରିକାରେ ଶିକ୍ଷା ପାଇଁ ଆକର୍ଷିତ କରିଥାଏ। ୨୦୨୪ ମସିହାରେ ପ୍ରାୟ ୪.୧୯ ଲକ୍ଷ ବିଦେଶୀ ଛାତ୍ର କାର୍ଯ୍ୟରତ ଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ହୀରାକୁଦ ଖୋଲିଲା ୨୨...

ଯାହାକି ସ୍ଥାନୀୟ ଅଞ୍ଚଳବାସୀଙ୍କୁ କିଛି ମାତ୍ରାରେ ଆଶ୍ୱସ୍ତି ପ୍ରଦାନ କରିଛି। ଗତକାଲି ରାତି ସୁଦ୍ଧା ମୁଣ୍ଡଳୀ ବ୍ୟାରେଜ ଦେଇ ୮ ଲକ୍ଷ ୮୦ ହଜାର କ୍ୟୁସେକ୍ ବନ୍ୟାଜଳ ପ୍ରବାହିତ ହେଉଥିଲା। କିନ୍ତୁ ଏହି ସ୍ଥିତିରେ ସାମାନ୍ୟ ସୁଧାର ଆସି ବର୍ତ୍ତମାନ ଜଳ ପ୍ରବାହ କମି ୮ ଲକ୍ଷ ୭୩ ହଜାର କ୍ୟୁସେକକୁ ଖସିଥିବା ସୂଚନା ମିଳିଛି। ସେହିପରି ଚଳିତ ବନ୍ୟାରେ ୧୫ଟି ଜିଲ୍ଲାର ୫୭ ବ୍ଲକ୍ ପ୍ରଭାବିତ ହୋଇଛନ୍ତି। ୫୭ ବ୍ଲକ୍‌ର ୪୪୬ ପଞ୍ଚାୟତ, ୧୩୨୨ ଗାଁ, ୧୧ ପୌରାଞ୍ଚଳ ପ୍ରଭାବିତ ହୋଇଛି। ମୋଟ୍ ୭ ଲକ୍ଷ ୯୧ ହଜାର ୮୪୭ ଲୋକ ପ୍ରଭାବିତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ଜଳବନ୍ଦୀରେ ଅଛନ୍ତି ୨ ଲକ୍ଷ ୬୮ ହଜାର ୯୪୩ ଜଣ। ୭୦୦ରୁ ଅଧିକ ଘର ବନ୍ୟାରେ ପ୍ରଭାବିତ ହୋଇଛି। ଏଥର ତଥ୍ୟ ଅନୁସାରେ, ୨୧ ହଜାର ୩୨୧ ହେକ୍ଟର ଚାଷ ଜମି ପ୍ରଭାବିତ ହୋଇଛି। ୬୭ଟି ରିଲିଫ୍ ସେଣ୍ଟର ଏବେ କାର୍ଯ୍ୟକ୍ଷମ ରହିଛି। ୮୦୦ରୁ ଅଧିକ ଲୋକଙ୍କୁ ଅଗ୍ନିଶମ କର୍ମଚାରୀ ସୁରକ୍ଷିତ ସ୍ଥାନକୁ ଆଣିଛନ୍ତି। ଆଗାମୀ ୨୪ ଘଣ୍ଟା ମଧ୍ୟରେ ବନ୍ୟାସ୍ଥିତିରେ ସୁଧାର ଆସିବ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଆଶା ପ୍ରକାଶ କରିଛନ୍ତି। ସେହିପରି ମହାନଦୀରେ ବନ୍ୟା ଜଳ ବଢ଼ିବାରେ ଲାଗିଛି। ମହାନଦୀକୁ ଛାଡ଼ିଦେଲେ ବାକି ସବୁ ନଦୀ ବିପଦ ସଙ୍କେତ ତଳେ ରହିଛି। ଯାଜପୁରରେ ସର୍ବାଧିକ ଗାଁ ହୋଇଛି। ବନ୍ୟା ପାଣି କମିବା ପର୍ଯ୍ୟନ୍ତ ଶୁଖିଲା ଓ ରନ୍ଧା ଖାଦ୍ୟ ଦିଆଯିବ। କ୍ଷୟକ୍ଷତି ରିପୋର୍ଟ ଆସିଲେ ସଙ୍ଗେ ସଙ୍ଗେ କ୍ଷତିପୂରଣ ଦିଆଯିବ। ସରକାରଙ୍କୁ ସହଯୋଗ କରନ୍ତୁ, ବିପଦ ଚିନ୍ତିତ ବୋଲି କହିଛନ୍ତି ମନ୍ତ୍ରୀ। ବନ୍ୟା ପ୍ରଭାବିତ ଅଞ୍ଚଳରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ପାଣି ଛାଡ଼ିଥିବା ଅଞ୍ଚଳରେ ନକକ୍ଷତ ମରାମତି ଚାଲିଛି। ପୁରୁଣା ଓ ଦୁର୍ବଳ ନଦୀବନ୍ଧ, ପାଣି ପଶିଥିବା ସ୍କୁଲ ଓ ଅଙ୍ଗନବାଡ଼ି ଓ ହସପିଟାଲ ସମ୍ପର୍କରେ ରିପୋର୍ଟ ମଗାଯାଇଛି ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି। ବନ୍ୟାସ୍ଥିତି ନେଇ ଲୋକସେବା ଭବନରେ ସମୀକ୍ଷା କରାଯାଇଛି। ବନ୍ୟା ପ୍ରଭାବିତ ଜିଲ୍ଲାପାଳମାନଙ୍କ ସହ ରାଜସ୍ୱ ମନ୍ତ୍ରୀ ଆଲୋଚନା କରିଛନ୍ତି। ଏହାପରେ ପୁରୀ, ଜଗତସିଂହପୁର, ଖୋର୍ଦ୍ଧା ଓ କଟକ ଜିଲ୍ଲାକୁ ବର୍ଷା ଆଲର୍ଟ କରାଯାଇଛି। ବନ୍ୟା ସ୍ଥିତି ନେଇ ଶ୍ରୀ ପୂଜାରୀ କହିଛନ୍ତି ଯେ ପ୍ରାୟ ୬୭ଟି ରିଲିଫ୍ କେନ୍ଦ୍ରରେ ଲୋକମାନଙ୍କୁ ଉଭୟ ରନ୍ଧାଖାଦ୍ୟ ଏବଂ ଶୁଖିଲା ଖାଦ୍ୟ ଯୋଗାଇ ଦିଆଯାଉଥିବା ବେଳେ ଶିଶୁଖାଦ୍ୟ, ବୟସ୍କ ଏବଂ ମହିଳାମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଡାକ୍ତରୀ ଟିମ୍ ମଧ୍ୟ ନିୟମିତ ରିଲିଫ୍ କେନ୍ଦ୍ର ପରିଦର୍ଶନ କରି ସେବା ପ୍ରଦାନ କରିବାକୁ ନିୟୋଜିତ ହୋଇଛନ୍ତି। ପର୍ଯ୍ୟାପ୍ତ ପରିମାଣରେ ଗୋଖାଦ୍ୟ ମଧ୍ୟ ବିଭିନ୍ନ ଜିଲ୍ଲାକୁ ତୁରନ୍ତ ଯୋଗାଇ ଦିଆଯାଉଛି। ସେହିପରି ଘର ଛାଡ଼ି ରିଲିଫ୍ କେନ୍ଦ୍ରକୁ ଆସିବାକୁ ରାଜି ନଥିବା ଲୋକମାନଙ୍କୁ ପ୍ରଶାସନ ପକ୍ଷରୁ ବୁଝାସୁଝା ସଚେତନ କରାଯାଇ ରିଲିଫ୍ କେନ୍ଦ୍ରକୁ ସ୍ଥାନାନ୍ତର କରିବାର ବ୍ୟବସ୍ଥା କରାଯାଉଛି। ଏହାଛଡ଼ା ପାଣିଘେରରେ ନିଜ ଘରେ ଥିବା ଲୋକମାନଙ୍କ ପାଖରେ ମଧ୍ୟ ଶୁଖିଲା ଖାଦ୍ୟ ପହଞ୍ଚାଯାଉଛି। ମନ୍ତ୍ରୀଙ୍କ କହିବା କଥା ଯେ ଦେବୀ, କୁଶଭଦ୍ରା, ଭଦ୍ର, ବ୍ରାହ୍ମଣୀ, ବୈତରଣୀ, ବୁଢ଼ାବଳଙ୍ଗ, ସୁବର୍ଣ୍ଣରେଖା, ବଂଶଧାରା, ଋଷିକୁଲ୍ୟା, ଜଳକା ଆଦି ନଦୀର ଜଳପତନ ସ୍ତର କ୍ରମଶଃ ହ୍ରାସ ପାଉଥିଲା ବେଳେ ମହାନଦୀର ଜଳପତନ ସ୍ତର ବିପଦସଙ୍କେତଠୁ ସାମାନ୍ୟ ଅଧିକ ରହିଛି। ମହାନଦୀର ଜଳସ୍ତର ଉପରେ ଜଳସମ୍ପଦ ବିଭାଗ ସହ ସମନ୍ୱୟ ରକ୍ଷା କରି ଦୃଢ଼ ନଜର ରଖାଯାଇଥିବା ବେଳେ ଅବବାହିକା ଅଞ୍ଚଳ ତଥା କଟକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ଖୋର୍ଦ୍ଧା, ପୁରୀ ଆଦି ଜିଲ୍ଲାମାନଙ୍କୁ ସମ୍ପୂର୍ଣ୍ଣ ଆଲର୍ଟ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲ୍ଲା ପ୍ରଶାସନ ସହ ଓଡ୍ରାଫ୍, ଏନଡିଆରଏଫ୍ ଓ ଅଗ୍ନିଶମ ବାହିନୀ ସବୁଠି ନିୟୋଜିତ ଅଛନ୍ତି। ରାଜ୍ୟରେ ୧୬ଟି ଓଡ୍ରାଫ୍, ୬ଟି ଏନଡିଆରଏଫ୍ ଏବଂ ୧୧୨ଟି ଅଗ୍ନିଶମ ତଥା ଜରୁରୀକାଳୀନ ଉଦ୍ଧାରକାରୀ ଦଳ ନିୟୋଜିତ ଥିବା ସହ ବିଭିନ୍ନ ଅଞ୍ଚଳରେ ଆବଶ୍ୟକ ଉଦ୍ଧାର କାର୍ଯ୍ୟ, ସ୍ଥାନାନ୍ତରଣ, ରିଲିଫ୍ ସାମଗ୍ରୀ ଯୋଗାଣ କାର୍ଯ୍ୟ ନିରନ୍ତର ଜାରି ରହିଛି। ଅନ୍ୟପକ୍ଷରେ ଗତ ଦୁଇ ଦିନ ହେଲା ରାଜ୍ୟର ଅଧିକାଂଶ ସ୍ଥାନରେ ବର୍ଷାର ପରିମାଣ କମିଥିଲେ ହେଁ ଆସନ୍ତାକାଲିଠାରୁ ପୁଣି ବର୍ଷା ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଆସନ୍ତା ୨୪ ଘଣ୍ଟା ପାଇଁ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, କେନ୍ଦୁଝର, ଗଞ୍ଜାମ, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଜଗତସିଂହପୁର, କଟକ, କେନ୍ଦ୍ରାପଡ଼ା, ଯାଜପୁର ଜିଲ୍ଲାକୁ ପ୍ରବଳ ବର୍ଷା ସହ ବିଜୁଳି ଘଡ଼ଘଡ଼ି ପାଇଁ ଯେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ପ୍ରବଳ ବର୍ଷା ଓ ବଜ୍ରପାତ ପାଇଁ ୧୮ ଜିଲ୍ଲା ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, କେନ୍ଦୁଝର, ଗଞ୍ଜାମ, ପୁରୀ, ଖୋର୍ଦ୍ଧା, ନୟାଗଡ଼, କନ୍ଧମାଳ, ରାୟଗଡ଼ା, ବୌଦ୍ଧ, ଅନୁଗୋଳ, ଢେଙ୍କାନାଳ, ଜଗତସିଂହପୁର, କଟକ, କେନ୍ଦ୍ରାପଡ଼ା, ଯାଜପୁର ଓ ଗଜପତିକୁ ଯେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶାରେ ପ୍ରବଳ ବର୍ଷା ହୋଇଥିବା ବେଳେ ନୂଆପଡ଼ା ସିନାପାଲିରେ ସର୍ବାଧିକ ୧୬୪ ମିମି ବର୍ଷା ରେକର୍ଡ କରାଯାଇଛି। ତେଣୁ ବର୍ଷା ସଂକ୍ରାନ୍ତ ପୂର୍ବାନୁମାନ ବନ୍ୟାଞ୍ଚଳବାସୀଙ୍କ ଛନକା ବଢ଼ାଇଦେଇଛି।

### ଦ୍ରୁତ ଶିଳ୍ପାୟନ ଓ ରେଳ...

ଦ୍ରୁତ ଶିଳ୍ପାୟନ ବିଷୟରେ ଆଲୋଚନା କରି ଏହାକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ଶିଳ୍ପ ସୁରକ୍ଷା କ୍ଷେତ୍ରରେ ମୁଖ୍ୟମନ୍ତ୍ରୀ ଶ୍ରୀ ଶାହଙ୍କ ସହଯୋଗ ଲୋଡ଼ିଛନ୍ତି। ସେହିପରି ସମବାୟ କ୍ଷେତ୍ରରେ ମଧ୍ୟ କେନ୍ଦ୍ର ସରକାର ଓଡ଼ିଶାକୁ ସହଯୋଗ ଯୋଗାଇ ଦେଉଛନ୍ତି। ଓଡ଼ିଶାରେ ଚିନି କଳଗୁଡ଼ିକର ପୁନରୁଦ୍ଧାର ପାଇଁ କେନ୍ଦ୍ର ସରକାରଙ୍କ ପ୍ରତ୍ୟକ୍ଷ ସହଯୋଗ ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ଶାହାଙ୍କୁ ଧନ୍ୟବାଦ ଦେଇଛନ୍ତି। ଓଡ଼ିଶାର ଡବଲ୍-ଇଞ୍ଜିନ୍ ସରକାର ସିଧାସଳଖ ଜନସମ୍ପର୍କ ଓ ଦ୍ରୁତ ଅଭିଯୋଗ ପ୍ରତିକାର ମାଧ୍ୟମରେ ଜନସାଧାରଣଙ୍କ ଆସ୍ଥା ଜିତିପାରିଛି ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ରାଜ୍ୟର ପ୍ରମୁଖ ବିକାଶ ଓ କଲ୍ୟାଣକାରୀ ପଦକ୍ଷେପଗୁଡ଼ିକ ବିଷୟରେ ଆଲୋକପାତ କରିଛନ୍ତି। ଏହି ଅବସରରେ ଶ୍ରୀ ଶାହ ରାଜ୍ୟର ପ୍ରଶଂସନୀୟ ଓ ଜନକଲ୍ୟାଣକାରୀ ପଦକ୍ଷେପଗୁଡ଼ିକର ପ୍ରଶଂସା କରିଛନ୍ତି। ଓଡ଼ିଶାବାସୀଙ୍କ ଆଶା ଆକାଂକ୍ଷା ପୂରଣ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ଆଜି ନୂଆଦିଲ୍ଲୀରେ ନୀତି ଆୟୋଗର ସଦସ୍ୟ ତଥା ପ୍ରଧାନମନ୍ତ୍ରୀଙ୍କ ଆର୍ଥିକ ପରାମର୍ଶଦାତା ପରିଷଦ (ଇଏସି-ପିଏମ୍)ର ସଦସ୍ୟ ପ୍ରଫେସର କେଭି ରାଜୁଙ୍କ ସହ ଓଡ଼ିଶାର ଦୀର୍ଘମିଆଦି ଆର୍ଥିକ ବିକାଶକୁ ନେଇ ବିସ୍ତୃତ ଆଲୋଚନା ହୋଇଛି। ବୈଠକରେ ଜିଲ୍ଲାସ୍ତରୀୟ ଜିଡିପି ଆକଳନ ପାଇଁ ଏକ ସୁଦୃଢ଼ ଢାଞ୍ଚା ପ୍ରସ୍ତୁତି ସହ 'ବିକଶିତ ଓଡ଼ିଶା- ୨୦୩୬' ଓ 'ବିକଶିତ ଓଡ଼ିଶା- ୨୦୪୭' ଭିଜନ ଡକ୍ୟୁମେଣ୍ଟର ପ୍ରମୁଖ ଅଗ୍ରାଧିକାର ଉପରେ ଆଲୋଚନା କରାଯାଇଛି। ଆହୁରି ରାଜ୍ୟର ଉପକୂଳବର୍ତ୍ତୀ ଏବଂ କୃଷି ଅଞ୍ଚଳର ସମ୍ଭାବନାକୁ ଅଧିକ ବିକଶିତ କରିବା ପାଇଁ ସ୍ପେଶାଲ୍ ମେରାଇନ୍ ଜୋନ୍ ଓ ସ୍ପେଶାଲ୍ ଫାର୍ମିଂ ଜୋନ୍ ଗଠନ ସମ୍ପର୍କିତ ନୀତିଗତ ଢାଞ୍ଚା ଉପରେ ମଧ୍ୟ ଚର୍ଚ୍ଚା ହୋଇଛି। ଅନ୍ୟପକ୍ଷରେ ଶ୍ରୀ ବୈଷ୍ଣବଙ୍କ ସହ ଶ୍ରୀ ମାଝୀଙ୍କ ଆଲୋଚନାରେ ଓଡ଼ିଶାର ବିଭିନ୍ନ ଜିଲ୍ଲାକୁ ସଂଯୋଗ କରୁଥିବା ପ୍ରସ୍ତାବିତ ନୂଆ ରେଳ ଲାଇନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା, ପୂର୍ବରୁ ମଞ୍ଜୁର ହୋଇ ବିଭିନ୍ନ କାରଣରୁ ବିଳମ୍ବ ହେଉଥିବା ରେଳ ପ୍ରକଳ୍ପଗୁଡ଼ିକର ଜମି ଅଧିଗ୍ରହଣ ଓ ବନ ବିଭାଗ ଅନୁମତି ସମ୍ବନ୍ଧୀୟ ସମସ୍ୟାର ସମାଧାନ, 'ଅମୃତ ଭାରତ ଷ୍ଟେସନ ଯୋଜନା' ଅଧୀନରେ ଓଡ଼ିଶାର ପ୍ରମୁଖ ରେଳ ଷ୍ଟେଶନଗୁଡ଼ିକର ବିକାଶ ଓ ଯାତ୍ରୀଙ୍କ ପାଇଁ ଉନ୍ନତ ମାନର ସୁବିଧା ସୁଯୋଗ ସୃଷ୍ଟି, ଯେଉଁ ଅଞ୍ଚଳଗୁଡ଼ିକରେ ବର୍ତ୍ତମାନ ପର୍ଯ୍ୟନ୍ତ ରେଳ ସେବା ପହଞ୍ଚିପାରିନାହିଁ, ସେଠାରେ ରେଳ ସେବା ପହଞ୍ଚାଇବା ଉପରେ ଗୁରୁତ୍ୱ ଦିଆଯାଇଛି। କେନ୍ଦ୍ରମନ୍ତ୍ରୀ ମଧ୍ୟ ରାଜ୍ୟର ବିକାଶ ପାଇଁ ସମସ୍ତ ପ୍ରକାରର ସହଯୋଗ ଯୋଗାଇଦେବାକୁ ମୁଖ୍ୟମନ୍ତ୍ରୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

### ୫ ବର୍ଷ ବଢ଼ିଲା...

ଇତିମଧ୍ୟରେ ୨୩ଟି କିସ୍ତିରେ ୪.୪୭ ଲକ୍ଷ କୋଟି ଟଙ୍କା ଚାଷୀଙ୍କ ଖାତାରେ ଜମା କରାଯାଇଛି। ଆଜିର କ୍ୟାବିନେଟ୍ ବୈଠକରେ ହୋଇଥିବା ନିଷ୍ପତ୍ତି ନେଇ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସୂଚନା ଦେଇ କହିଛନ୍ତି ଯେ ୪୮,୦୪୮ କୋଟି ଟଙ୍କା ଅଟକଳବିଶିଷ୍ଟ ସମୁଦ୍ର ମନ୍ଥନ ଯୋଜନାକୁ ଅନୁମୋଦନ କରାଯାଇଛି। ୨୦୩୦-୩୧ ପର୍ଯ୍ୟନ୍ତ ଲାଗୁ ହେବାକୁ ଥିବା ଏହି ଯୋଜନାରେ ସରକାର ଅଧିକରୁ ଅଧିକ ତୈଳ ଓ ଗ୍ୟାସ୍ କ୍ଷେତ୍ର ସନ୍ଧାନ କରିବାକୁ ଲକ୍ଷ୍ୟ ରଖିଛନ୍ତି। ସମୁଦ୍ର ମନ୍ଥନ ଯୋଜନା ପ୍ରଭାବରେ ୬୦୦ ନିୟୁତ ଟନ୍ ତୈଳ ଭଣ୍ଡାର ସନ୍ଧାନ ହୋଇପାରିବ ବୋଲି ଆଶା କରାଯାଉଛି। ସେହିପରି ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ସରୋବର ଯୋଜନାକୁ ମଧ୍ୟ ମଞ୍ଜୁର କରାଯାଇଛି। ଏହି ଯୋଜନାରେ ୫ ବର୍ଷରେ ୫୦୦୦ ମେଗାୱାଟ୍ ଭାସମାନ ସୌର ଶକ୍ତି କ୍ଷମତା ଯୋଡ଼ିବାକୁ ଲକ୍ଷ୍ୟ ରଖାଯାଇଛି। ବର୍ତ୍ତମାନ ଦେଶରେ ଏହି କ୍ଷମତା ୭୦୦ ମେଗାୱାଟ୍ ରହିଛି ଯାହା ଆଗାମୀ ୫ ବର୍ଷରେ ପ୍ରାୟ ୭ ଗୁଣା ବଢ଼ିବାକୁ ଯାଉଛି। ଏହି ଯୋଜନାରେ ପ୍ରତି ମେଗାୱାଟ୍ ପାଇଁ ସରକାର ୧ କୋଟି ଟଙ୍କାର ସହାୟତା ଭାବେ ମୋଟ୍ ୫୦୭୦ କୋଟି ଟଙ୍କାର ସହାୟତା ଦେବେ। ଏହି ଯୋଜନା ପ୍ରଭାବରେ ୧୭ ହଜାର ପାଖାପାଖି ନୂତନ ନିଯୁକ୍ତି ସୃଷ୍ଟି ହେବା ଆଶା କରାଯାଉଛି। ଏଥିସହ ବୈଠକରେ ସଂଶୋଧିତ ଖେଲୋ ଇଣ୍ଡିଆ ଯୋଜନା ମଧ୍ୟ ମଞ୍ଜୁର ହୋଇଛି। ୨୦୩୦-୩୧ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବାକୁ ଥିବା ଏହି ଯୋଜନାର ଅଟକଳ ୩୬,୪୧୧ କୋଟି ଟଙ୍କା ରହିଛି।

### ଭୁଶୁଡ଼ିଲା ଆବାସିକ କୋଠା...

ଅଗ୍ନିଶମ କର୍ମଚାରୀ, ଜାତୀୟ ବିପର୍ଯ୍ୟୟ ପ୍ରତିକ୍ରିୟ ବାହିନୀ (ଏନଡିଆରଏଫ) ଓ ଥାନେ ବିପର୍ଯ୍ୟୟ ପ୍ରତିକ୍ରିୟା ବାହିନୀ (ଟିଡିଆରଫ) ଦ୍ୱାରା ମିଳିତ ଭାବେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ମୃତକଙ୍କ ମଧ୍ୟରୁ ଶାମିମ ଶେଖ (୩୨), ରାଧେ ଶ୍ୟାମ (୪୫), ଶିରାଜ ରସୁଲ ଶେଖ (୩୪), ରଣଜିତ ସିଂ (୪୫), ମିରାଜ ରସୁଲ ଶେଖ (୩୪), ସନ୍ତୋଷ କୁମାର ପାଣ୍ଡେ (୪୦), ରାକେଶ ପାଶୱାନ (୨୫), ଶ୍ୟାମ ଆନସାରୀ (୩୦) ପ୍ରମୁଖଙ୍କୁ ଚିହ୍ନଟ କରାଯାଇଛି। ଧ୍ୱଂସ ସିମେଣ୍ଟ କଂକ୍ରିଟ୍ ଗଦାରୁ ସେମାନଙ୍କ ମୃତଦେହ ଉଦ୍ଧାର କରାଯାଇ ପୋଷ୍ଟମର୍ଟମ ପାଇଁ ଇନ୍ଦିରା ଗାନ୍ଧି ଡାକ୍ତରଖାନାକୁ ପଠାଯାଇଛି। ଭିୱଣ୍ଡି ସହରର ବାଲାଜୀ ନଗର ଗଙ୍ଗାରାମୱାଡ଼ିଠାରେ ଥିବା କୋହିନୂର ଆପାର୍ଟମେଣ୍ଟ ନାମକ ଏହି ଆବାସିକ କୋଠାକୁ କିଛିଦିନ ପୂର୍ବରୁ ସ୍ଥାନୀୟ ପୌର ନିଗମ ବିପଜ୍ଜନକ ଘୋଷଣା କରିଥିଲା।

● ଟିମ୍‌ରେ ସୁଯୋଗ ମିଳିଲାନି

# ଜୀବନ ହାରିଲେ କିଶୋରୀ କ୍ରିକେଟର



ପୁଣେ,୩୧।୭: ସଫଳତାର ସ୍ୱପ୍ନ ନେଇ ସବୁବେଳେ ଝାଳ ବୁହାଉଥିଲେ। ଦିନରାତି ପରିଶ୍ରମ କରି ଟିମରେ ସ୍ଥାନ ପାଇବାକୁ ଲକ୍ଷ୍ୟ ରଖିଥିଲେ। କିନ୍ତୁ ଚୟନ ତାଲିକାରେ ନାଁ ନଥିବା ଦେଖି ଶେଷରେ ନିରାଶ ହୋଇ ଉଠାଇଲେ ଚରମ ନିଷ୍ପତ୍ତି। ବିଫଳତା ତାଙ୍କ ପାଇଁ ଏତେ ବଡ଼ ହୋଇଗଲା ଯେ ମାତ୍ର ୧୭ ବର୍ଷ ବୟସରେ ଜୀବନ ହାରିଦେଲେ ଜଣେ ଯୁବ ମହିଳା କ୍ରିକେଟର। ତାଙ୍କ ନିକଟରୁ ମିଳିଥିବା ସୁଇସାଇଡ୍ ନୋଟରେ ଲେଖା ଥିଲା, ମୋର ଚୟନ ହୋଇନି। ସେହି କାରଣରୁ ମୁଁ ଏହି ପଦକ୍ଷେପ ନେଉଛି। ଟିମରେ ସୁଯୋଗ ନମିଳିବାରୁ ଜୀବନ ହାରିଦେଲେ ଜଣେ ୧୭ ବର୍ଷୀୟା ମହିଳା କ୍ରିକେଟର। ଏହି ଘଟଣା କ୍ରୀଡ଼ା ଜଗତ ସହ ସମଗ୍ର ଦେଶକୁ ସ୍ତବ୍ଧ କରିଦେଇଛି। ସେ ଟିମରେ ଚୟନ ହେବା ନେଇ ପ୍ରସ୍ତୁତ ହେଉଥିଲେ କିନ୍ତୁ ଟିମରେ ସୁଯୋଗ ନମିଳିବାରୁ ସେ ଆତ୍ମହତ୍ୟା କରିଥିବା ନେଇ ଅଭିଯୋଗ ହୋଇଛି। ଏହି ଘଟଣା ପରେ ପରିବାର ସଦସ୍ୟମାନେ ଗଭୀର ଶୋକରେ ଅଛନ୍ତି। ମିଳିଥିବା ସୂଚନା ଅନୁସାରେ , ନାଗପୁରର ଅକୋଲାର ବାସିନ୍ଦା ଅଦିତି ଗତ ଦୁଇ ବର୍ଷ ଧରି ସୁରଭେ କ୍ରିକେଟ୍ ଏକାଡେମୀରେ କଠିନ ପରିଶ୍ରମ କରି ଅଭ୍ୟାସ କରୁଥିଲେ। ବିଦର୍ଭ କ୍ରିକେଟ୍ ଆସୋସିଏସନ୍ ଟିମ୍ରେ ସ୍ଥାନ ପାଇବା ତାଙ୍କର ବଡ଼ ସ୍ୱପ୍ନ ଥିଲା।

■ କାରାକୋରମ ପର୍ବତମାଳାରେ ଭୀଷଣ ତୁଷାରପାତ

# ନିର୍ମଳ ପୁର୍ଜାଙ୍କ ସମେତ ୧୦ ପର୍ବତାରୋହୀ ନିଖୋଜ



ଇସଲାମାବାଦ, ୩୧।୭: ପାକିସ୍ତାନର କାରାକୋରମ ପର୍ବତମାଳାରେ ଅବସ୍ଥିତ ବିଶ୍ୱର ୧୨ତମ ଉଚ୍ଚ ଶୃଙ୍ଗ ବ୍ରୋଡ୍ ପିକ୍‌ରେ ଭୟଙ୍କର ତୁଷାରପାତ ଯୋଗୁଁ ନେପାଳର ପ୍ରସିଦ୍ଧ ପର୍ବତାରୋହୀ ନିର୍ମଳ ପୁର୍ଜାଙ୍କ ସମେତ ୧୦ ଜଣ ପର୍ବତାରୋହୀ ନିଖୋଜ ହୋଇଯାଇଛନ୍ତି। ଗୁରୁବାର ସକାଳ ପ୍ରାୟ ୯ଟା ସମୟରେ ୭,୦୦୦ ମିଟର ଉଚ୍ଚତାରେ ଏହି ଦୁର୍ଘଟଣା ଘଟିଥିବା ନେପାଳ ପର୍ବତାରୋହଣ ସଂଘର ସାଧାରଣ ସମ୍ପାଦକ ରାଜ ବାହାଦୁର ଲାମା ସୂଚନା ଦେଇଛନ୍ତି। ନିଖୋଜଙ୍କ ମଧ୍ୟରେ ୫ ଜଣ ନେପାଳୀ ଏବଂ ଆମେରିକା, ଚୀନ୍, ଓମାନ ଓ ପାକିସ୍ତାନର ପର୍ବତାରୋହୀ ଶାମିଲ ଅଛନ୍ତି। ପ୍ରତିକୂଳ ପାଣିପାଗ ଯୋଗୁଁ ହେଲିକପ୍ଟର ଅବତରଣ କରିପାରୁ ନଥିବାରୁ ଉଦ୍ଧାର କାର୍ଯ୍ୟ ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଛି। ନିର୍ମଳ ପୁର୍ଜା ପୂର୍ବରୁ ଗୋର୍ଖା ଓ ବ୍ରିଟିଶ୍ ସ୍ପେଶାଲ ଫୋର୍ସର ସୈନିକ ଥିଲେ ଏବଂ ୨୦୧୯ରେ ମାତ୍ର ୬ ମାସ ମଧ୍ୟରେ ବିଶ୍ୱର ସମସ୍ତ ୧୪ଟି ୮,୦୦୦ ମିଟରରୁ ଉଚ୍ଚ ଶୃଙ୍ଗ ଆରୋହଣ କରି ବିଶ୍ୱରେକର୍ଡ ସୃଷ୍ଟି କରିଥିଲେ। ଏହି ଘଟଣାକୁ ନେଇ ନେପାଳର ପର୍ଯ୍ୟଟନ ମନ୍ତ୍ରୀ ଖଡଗ ପ୍ରସାଦ ପୌଡେଲ ଗଭୀର ଚିନ୍ତା ପ୍ରକଟ କରିବା ସହ ପାକିସ୍ତାନ ସରକାରଙ୍କ ସହ ନିରନ୍ତର ଯୋଗାଯୋଗରେ ଥିବା ପ୍ରକାଶ କରିଛନ୍ତି।

# ଇଡି ସ୍କାନରରେ ସବ୍ୟସାଚୀ, ଏକାଧିକ ସ୍ଥାନରେ ତଲାସୀ

କୋଲକାତା,୩୧।୭(ସଂଚାର ବ୍ୟୁରୋ): ରାଜ୍ୟ ପୁଲିସର ତଦନ୍ତ ପରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ତୃଣମୂଳ ନେତା ସବ୍ୟସାଚୀ ଦତ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି। ଇଡି ସୂତ୍ର ଅନୁଯାୟୀ, ଶୁକ୍ରବାର ସକାଳଠାରୁ ସବ୍ୟସାଚୀ ଦତ୍ତ ଓ ତାଙ୍କ ଘନିଷ୍ଠ ସହଯୋଗୀଙ୍କ ସହ ଜଡ଼ିତ କୋଲକାତାର ୧୨ଟି ସ୍ଥାନରେ ତଲ୍ଲାସୀ ଅଭିଯାନ ଚାଲିଛି। ତଦନ୍ତର ଅଂଶ ସ୍ୱରୂପ ଇଡି ଅଧିକାରୀମାନେ ବିଭିନ୍ନ ଡକ୍ୟୁମେଣ୍ଟ ଓ ସୂଚନା ଯାଞ୍ଚ କରିଛନ୍ତି। ଜୁନ୍ ୮ ତାରିଖରେ ବିଧାନନଗର ଉତ୍ତର ଥାନାର ପୁଲିସ ଜଣେ ବ୍ୟବସାୟୀଙ୍କ ସହ ଜଡ଼ିତ ଦାଦାବଟି ଆଦାୟ ଅଭିଯୋଗରେ ସବ୍ୟସାଚୀଙ୍କୁ ଗିରଫ କରିଥିଲା। ଅଭିଯୋଗ ହୋଇଛି ଯେ ସେ ପୂର୍ବରୁ ବ୍ୟବସାୟୀଙ୍କଠାରୁ ୨ ଲକ୍ଷ ୩୦ ହଜାର ଟଙ୍କା ନେଇଥିଲେ ଓ ପରେ ଅଧିକ ୧ କୋଟି ଟଙ୍କା ଦାବି କରିଥିଲେ। ଅଭିଯୋଗରେ ସବ୍ୟସାଚିଙ୍କ ଜଣେ ସହଯୋଗୀ ବିଦ୍ୟୁତ୍ ଓରଫ 'ଗୁଜି' ମଧ୍ୟ ସାମିଲ ଥିଲେ। ପୁଲିସ ସୂତ୍ରରୁ ଜଣାପଡିଛି ଯେ, ସବ୍ୟସାଚି ଗୁଜି ମାଧ୍ୟମରେ ୨ ଲକ୍ଷ ୩୦ ହଜାର ଟଙ୍କା ପାଇଥିଲେ। ପୁଲିସ ଗିରଫ ହୋଇଥିବା ତୃଣମୂଳ ନେତାଙ୍କ ନ୍ୟୁ ଟାଉନ୍ ଫ୍ଲାଟ୍‌ରୁ ଲକ୍ଷ ଲକ୍ଷ ଟଙ୍କାର ସୁନାର ରସିଦ ଏବଂ ୭୦-୮୦ ଗ୍ରାମ ସୁନା ଅଳଙ୍କାର ମଧ୍ୟ ଉଦ୍ଧାର କରିଥିଲା।

# ରାଷ୍ଟ୍ରପତି ଭବନରେ ଉତ୍ପାଦ ପ୍ରଦର୍ଶନ କଲେ ଓଡ଼ିଶାର ୩ ଷ୍ଟାର୍ଟଅପ୍



ଭୁବନେଶ୍ୱର,୩୧।୭(ସଂଚାର ବ୍ୟୁରୋ): ଓଡ଼ିଶାର ଷ୍ଟାର୍ଟଅପ୍ ଇକୋସିଷ୍ଟମ ପାଇଁ ଏକ ଗୌରବମୟ ମୁହୂର୍ତ୍ତ। 'ଷ୍ଟାର୍ଟଅପ୍ ଓଡ଼ିଶା' ସହଯୋଗରେ ଆଗକୁ ବଢୁଥିବା ତିନିଟି ଷ୍ଟାର୍ଟଅପ୍ ଆଜି ନୂଆଦିଲ୍ଲୀର ରାଷ୍ଟ୍ରପତି ଭବନର କଲଚରାଲ ସେଣ୍ଟରଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ପ୍ରଦର୍ଶନୀରେ ଭାଗନେଇ ନିଜର ଅଭିନବ ଉତ୍ପାଦ ପ୍ରଦର୍ଶନ କରିଛନ୍ତି। ଏହି ସୁଯୋଗ ପାଇଥିବା ଉଦ୍ୟୋଗଗୁଡ଼ିକ ମଧ୍ୟରେ ରହିଛି ଗାର୍ଗୀ ଅଟୋମେଟେଡ୍ ଆଣ୍ଡ୍ ରୋବୋଟିକ୍ ଗ୍ୟାଜେଟ୍ ଇଣ୍ଡଷ୍ଟ୍ରିଜ୍ ପ୍ରାଇଭେଟ୍ ଲିମିଟେଡ୍, ନ୍ୟୁରୁପ୍ ଟେକ୍ ସଲ୍ୟୁସନ୍ସ ଏବଂ ଆର୍ବାନ୍-ହାଇଫି ବାୟୋସାଇନ୍ସ। ଏହି ନବସୃଜନ ଆଧାରିତ ଷ୍ଟାର୍ଟଅପ୍ ଉଦ୍ୟୋଗର ପ୍ରତିଷ୍ଠାତାମାନେ ଭାରତର ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସମ୍ମୁଖରେ ନିଜ ନିଜର ଉତ୍ପାଦ ଉପସ୍ଥାପନ କରିବାର ସୁଯୋଗ ପାଇଥିଲେ। 'ଅଟଳ ଇନୋଭେସନ ମିଶନ' ଅଧୀନରେ ଦେଶର ବିଭିନ୍ନ ସ୍ଥାନରୁ ଚୟନ ହୋଇ ଆସିଥିବା ତୃଣମୂଳ ସ୍ତରର ଏହି ଯୁବ ଉଦ୍ୟୋଗୀମାନଙ୍କ ମଧ୍ୟରେ ଓଡ଼ିଶାର ତିନି ଉଦ୍ୟୋଗୀ ସାମିଲ ହୋଇଥିଲେ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମାର୍ଗଦର୍ଶନରେ ଭାରତ ଏକ ବିକଶିତ ଓ ଦୃଢ଼ ଅର୍ଥନୀତି ଭାବେ ଗଢ଼ି ଉଠୁଛି। ସେହିପରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଓଡ଼ିଶା ପାଲଟିଛି ଭାରତର ଏକ ନବସୃଜନର କେନ୍ଦ୍ର। ତେଣୁ ଜାତୀୟ ସ୍ତରରେ ଓଡ଼ିଶାର ଷ୍ଟାର୍ଟଅପ୍‌ଗୁଡ଼ିକୁ ମିଳିଥିବା ଏହି ସ୍ୱୀକୃତି କେବଳ ସେମାନଙ୍କର ବ୍ୟକ୍ତିଗତ ସଫଳତା ନୁହେଁ, ବରଂ ଭାରତୀୟ ଷ୍ଟାର୍ଟଅପ୍ ଇକୋସିଷ୍ଟମରେ ଓଡ଼ିଶାର ଏକ ସ୍ୱତନ୍ତ୍ର ପରିଚୟକୁ ଦର୍ଶାଉଛି। ରାଜ୍ୟର ଯୁବ ଉଦ୍ୟୋଗୀମାନଙ୍କୁ ଅଭିନନ୍ଦନ ଜଣାଇବା ଅବସରରେ କହିଛନ୍ତି ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ତଥା ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗର ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ। ଶୀତଲ ଜିମାନିଙ୍କ ଦ୍ୱାରା ପ୍ରତିଷ୍ଠିତ ଗାର୍ଗୀ ଅଟୋମେଟେଡ୍ ଆଣ୍ଡ୍ ରୋବୋଟିକ୍ ଗ୍ୟାଜେଟ୍ ଇଣ୍ଡଷ୍ଟ୍ରିଜ୍ ପ୍ରାଇଭେଟ୍ ଲିମିଟେଡ ପକ୍ଷରୁ ଭିନ୍ନକ୍ଷମଙ୍କ ପାଇଁ ଅତ୍ୟାଧୁନିକ ଅଟୋମେଟେଡ୍ ଏବଂ ରୋବୋଟିକ୍ ଉପକରଣ ବିକାଶ କରାଯାଉଛି। ଏହି ଷ୍ଟାର୍ଟଅପ୍ ସ୍ୱୟଂଚାଳିତ ଟ୍ରାନ୍ସଫର୍ମେବଲ୍ ବେଡ୍-ଚେୟାର ଓ ଏକ୍ସୋସ୍କେଲେଟନ୍ ଭଳି ଆଧୁନିକ ଉତ୍ପାଦ ପ୍ରସ୍ତୁତ କରୁଛି।

## ବ୍ରିଟେନର ନୂଆ ପ୍ରଧାନମନ୍ତ୍ରୀଙ୍କୁ ଶୁଭେଚ୍ଛା ଜଣାଇଲେ ମୋଦି



ନୂଆଦିଲ୍ଲୀ,୩୧।୭: ବ୍ରିଟେନର ନୂତନ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ଏଣ୍ଡି ବର୍ନହାମଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁଭେଚ୍ଛା ଜଣାଇବା ସହ ଭାରତ-ବ୍ରିଟେନ କୌଶଳଗତ ସହଭାଗିତାକୁ ଆହୁରି ମଜବୁତ କରିବାକୁ ଉଭୟ ନେତା ସହମତ ହୋଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିକଟକୁ ଶୁକ୍ରବାର ବ୍ରିଟେନର ପ୍ରଧାନମନ୍ତ୍ରୀ ଏଣ୍ଡି ବର୍ନହାମଙ୍କଠାରୁ ଏକ ଟେଲିଫୋନ୍ କଲ୍ ଆସିଥିଲା।ଉଭୟ ନେତା ଭାରତ ଓ ବ୍ରିଟେନର ବ୍ୟାପକ ରଣନୈତିକ ସହଭାଗିତାକୁ ଆହୁରି ସୁଦୃଢ଼ କରିବା ଉପରେ ଆଲୋଚନା କରିଛନ୍ତି। ଭାରତ-ବ୍ରିଟେନ ଭିଜନ-୨୦୩୫ ଅନୁରୂପ ପ୍ରଯୁକ୍ତିବିଦ୍ୟା, ନବସୃଜନ, ପ୍ରତିରକ୍ଷା, ସୁରକ୍ଷା, ସ୍ୱଚ୍ଛ ଶକ୍ତି, ଶିକ୍ଷା ଏବଂ ପାରସ୍ପରିକ ଜନ-ସମ୍ପର୍କ ସମେତ ପ୍ରାଥମିକତା କ୍ଷେତ୍ରଗୁଡ଼ିକରେ ସହଯୋଗକୁ ଅଧିକ ବ୍ୟାପକ କରିବାକୁ ସେମାନେ ସହମତି ପ୍ରକାଶ କରିଛନ୍ତି। ଟେଲି ବାର୍ତ୍ତାଳାପ ଅବସରରେ ଉଭୟ ନେତା ପାରସ୍ପରିକ ସ୍ୱାର୍ଥ ସମ୍ବଳିତ ଆଞ୍ଚଳିକ ଓ ବିଶ୍ୱସ୍ତରୀୟ ପ୍ରସଙ୍ଗ ଉପରେ ମଧ୍ୟ ମତବିନିମୟ କରିଛନ୍ତି। ସେହିପରି ଭବିଷ୍ୟତରେ ନିରନ୍ତର ପରସ୍ପର ସମ୍ପର୍କରେ ରହିବାକୁ ଉଭୟ ନେତା ସହମତି ପ୍ରକାଶ କରିଛନ୍ତି।

# ଘର ଘରକୁ ବୁଲି ଇ-କେୱାଇସି ଯାଞ୍ଚ

କୋଲକାତା,୩୧।୭(ସଂଚାର ବ୍ୟୁରୋ): ମୟନାଗୁଡ଼ିର ଗ୍ୟାସ ବିତରକମାନଙ୍କର ଏକ ଦଳ ଏଥର ଗ୍ୟାସ ଗ୍ରାହକଙ୍କ ପାଇଁ ଇ-କେୱାଇସି ସମାପ୍ତ କରିବା ପାଇଁ ଘର ଘର ବୁଲି ଅଭିଯାନ ଆରମ୍ଭ କରିଛନ୍ତି। ଏହି ଅଞ୍ଚଳର ବିଭିନ୍ନ ପରିବାରକୁ ଯାଇ ସେମାନେ ଗ୍ରାହକଙ୍କ ମୋବାଇଲ ନମ୍ବର ଯାଞ୍ଚ କରୁଛନ୍ତି ଏବଂ ବାୟୋମେଟ୍ରିକ ଡିଭାଇସ୍ ବ୍ୟବହାର କରି ଆଙ୍ଗୁଠି ଛାପ ନେଇ ଇ-କେୱାଇସି କରୁଛନ୍ତି। ଯେଉଁ ଗ୍ରାହକମାନେ ଏପର୍ଯ୍ୟନ୍ତ ସେମାନଙ୍କର ଇ-କେୱାଇସି ପୂରଣ କରିନାହାନ୍ତି, ସେମାନେ ଭବିଷ୍ୟତରେ ଘରୋଇ ସବ୍‌ସିଡିଯୁକ୍ତ ଗ୍ୟାସ ସିଲିଣ୍ଡର ପାଇବେ ନାହିଁ। ଫଳସ୍ୱରୂପ, ସେମାନଙ୍କୁ ସରକାରୀ ସବସିଡି ଛାଡି ବଜାର ଦରରେ ସିଲିଣ୍ଡର କିଣିବାକୁ ପଡ଼ିପାରେ। ବର୍ତ୍ତମାନ, ଏକ ୧୪.୨ କିଲୋଗ୍ରାମ ଗ୍ୟାସ ସିଲିଣ୍ଡରର ମୂଲ୍ୟ ପ୍ରାୟ ୯୬୮ ଟଙ୍କା, ଏବଂ ସବସିଡି ବିନା ଏହି ମୂଲ୍ୟ ଆହୁରି ବୃଦ୍ଧି ପାଇପାରେ ବୋଲି ଚିନ୍ତା କରାଯାଉଛି। ଗ୍ରାମବାସୀ ଦାବି କରନ୍ତି ଯେ ଏହି ପଦକ୍ଷେପ ଅତ୍ୟନ୍ତ ଲାଭଦାୟକ ହୋଇଛି, ବିଶେଷକରି ବୃଦ୍ଧ, ଅସୁସ୍ଥ ଏବଂ ଗତିଶୀଳତା-ଅକ୍ଷମ ଗ୍ରାହକମାନଙ୍କ ପାଇଁ କାରଣ ଗ୍ୟାସ ବିତରକମାନେ ଇ-କେୱାଇସି ପ୍ରକ୍ରିୟାକୁ ସହଜ କରିବା ପାଇଁ ଘରକୁ ଯାଉଛନ୍ତି।

# ଟ୍ରେନ୍ ଲାଇନଚ୍ୟୁତ, ଯାତ୍ରୀ ହନ୍ତସନ୍ତ




କୋଲକାତା, ୩୧।୭ (ସଂଚାର ବ୍ୟୁରୋ): ହାଓଡ଼ା-ବ୍ୟାଣ୍ଡେଲ ଲାଇନରେ ଟ୍ରେନ ଚଳାଚଳ ବାଧାପ୍ରାପ୍ତ ହେବା ଯୋଗୁଁ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ସୂତ୍ର ଅନୁଯାୟୀ, ସକାଳ ପ୍ରାୟ ସାଢ଼େ ଆଠଟା ସମୟରେ ହୁଗୁଳିର ଭଦ୍ରେଶ୍ୱର ଷ୍ଟେସନ ପୂର୍ବରୁ ଏକ ମାଲବାହୀ ଟ୍ରେନ ଲାଇନଚ୍ୟୁତ ହୋଇଥିଲା। ଟ୍ରେନଟି 'ରିଭର୍ସ ଲାଇନ'ରୁ ବାହାରି ଯାଇଥିଲା। ଫଳରେ ଟ୍ରେନ ଚଳାଚଳରେ ବାଧା ସୃଷ୍ଟି ହୋଇଥିଲା। ପୁନଃ ରେଲିଂ କାର୍ଯ୍ୟ କରିବା ପାଇଁ ହାଓଡ଼ା ଓ ଶେଓଡାଫୁଲିର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। ଲାଇନଚ୍ୟୁତ ଟ୍ରେନଟିକୁ ବାହାର କରାଯିବା ପରେ ଟ୍ରେନ ଚଳାଚଳ ସ୍ୱାଭାବିକ ହୋଇଥିଲା।

# ଦରମା ପାଇବେନି ବିଜେବି କଲେଜ ଅଧ୍ୟାପକ ଓ କର୍ମଚାରୀ




ଭୁବନେଶ୍ୱର,୩୧।୭(ସଂଚାର ବ୍ୟୁରୋ): ବିଜେବି କଲେଜରେ ଅଧ୍ୟକ୍ଷ ନିଯୁକ୍ତିକୁ ନେଇ ଚାଲିଥିବା ଟଣାଓଟରା ଭିତରେ ଏବେ କର୍ମଚାରୀମାନେ ଏକ ପ୍ରକାର ଫସିଯାଇଛନ୍ତି। ଚଳିତ ମାସର ଦରମା ପାଇବାର ସମ୍ଭାବନା ନଥିବାବେଳେ ଆସନ୍ତା ମାସରେ ଦରମା ପାଇବେ କି ନାହିଁ ତାହାକୁ ନେଇ ଚିନ୍ତାରେ ଅଛନ୍ତି।

ଜୁନ୍ ୩୦ ତାରିଖରେ କଲେଜ ଅଧ୍ୟକ୍ଷା ଅବସର ନେବାକୁ ଯିବା ପୂର୍ବରୁ ଅଧ୍ୟକ୍ଷ ଦାୟିତ୍ୱ ତୁଲାଇବାକୁ ସେ ତିନିଜଣଙ୍କ ନାମ ସୁପାରିଶ୍ କରିଥିଲେ। ସେମାନଙ୍କ ମଧ୍ୟରୁ ଜଣେ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ଅନିଚ୍ଛା ପ୍ରକାଶ କରିଥିବାବେଳେ ଆଉ ଜଣଙ୍କୁ ଅଧ୍ୟକ୍ଷା କରିବାକୁ ସରକାର ଚାହିଁଲେ ନାହିଁ। ତୃତୀୟଜଣଙ୍କୁ ଅଧ୍ୟକ୍ଷ ଦାୟିତ୍ୱ ଦେବାକୁ ସ୍ଥିର କରିବାପରେ ବରିଷ୍ଠତା ତାଲିକାର ଦ୍ୱିତୀୟ ସ୍ଥାନରେ ଥିବା ଅଧ୍ୟାପିକା ଜଣଙ୍କ ଅଦାଲତର ଦ୍ୱାରସ୍ଥ ହୋଇଥିଲେ। କିନ୍ତୁ ଅଦାଲତ ଅନିଚ୍ଛା ପ୍ରକାଶ କରିଥିବା ଅଧ୍ୟାପିକାଙ୍କୁ ଅଧ୍ୟକ୍ଷ ପଦବୀରେ ଦାୟିତ୍ୱ ତୁଲାଇବାକୁ କହିଛନ୍ତି।

ତେବେ ଏହାରି ଭିତରେ କିନ୍ତୁ କର୍ମଚାରୀମାନଙ୍କର ଜୁଲାଇ ମାସର ଦରମା ବିଲ୍ ପ୍ରସ୍ତୁତ ହୋଇପାରି ନାହିଁ। ବର୍ତ୍ତମାନ ସୁଦ୍ଧା ଡିଡିଓ ଦାୟିତ୍ୱ କାହାରିକୁ ଦିଆଯାଇ ନାହିଁ। ଏଥିଯୋଗୁଁ କଲେଜର ପ୍ରାୟ ଦେଢ଼ ଶହ ଜଣ ଶିକ୍ଷକ ଓ ଅଣଶିକ୍ଷକ ଜୁଲାଇ ମାସର ଦରମା ପାଇବାର ସମ୍ଭାବନା ନାହଁନା। କାରଣ ଦରମା ବିଲ୍ ପ୍ରସ୍ତୁତ ପାଇଁ ପ୍ରାୟ ଏକ ସପ୍ତାହ ଲାଗି ଯାଉଥିବାବେଳେ ଜୁଲାଇ ସରିବାକୁ ବସିଛି। ଯଦିଓ ଖୁବଶୀଘ୍ର କଲେଜ ଅଧ୍ୟକ୍ଷାଙ୍କୁ ଡିଡିଓ ଦାୟିତ୍ୱ ନେଇ ସରକାର ସ୍ପଷ୍ଟ ନକରନ୍ତି ତେବେ ଅଗଷ୍ଟ ମାସର ଦରମା ମିଳିବାର ବି ସମ୍ଭାବନା ନାହିଁ।

ବର୍ତ୍ତମାନ ନାମଲେଖା ଋତୁ ଚାଲିଥିବାବେଳେ ଅନେକ ଅଧ୍ୟାପକ ଓ କର୍ମଚାରୀ ନିଜ ନିଜ ପିଲାଙ୍କର ବିଭିନ୍ନ ଶିକ୍ଷାନୁଷ୍ଠାନରେ ନାମଲେଖା ପାଇଁ ଅର୍ଥ ଆବଶ୍ୟକ କରୁଛନ୍ତି। ଏହାଛଡା ଅନ୍ୟାନ୍ୟ ଆବଶ୍ୟକତା ମଧ୍ୟ ରହିଛି। ଏଥିଯୋଗୁଁ କିଏ ଦରମା ଟଙ୍କାକୁ ଚାହିଁ ବସିଛି ତ ଆଉ କିଏ ଜିପିଏଫ୍ ଟଙ୍କା ଉଠାଇବାକୁ ଚାହୁଁଛି। ହେଲେ ଡିଡିଓ ଦାୟିତ୍ୱରେ କେହି ନଥିବାକୁ କର୍ମଚାରୀମାନେ ନିଜ ନିଜ ଟଙ୍କା ଉଠାଇବା ସହଜ ହୋଇପାରୁ ନାହିଁ।

ରାଜ୍ୟର ଏହି ଅଗ୍ରଣୀ ମହାବିଦ୍ୟାଳୟରେ ଅଧ୍ୟକ୍ଷ ଦାୟିତ୍ୱ ନେବାକୁ ବରିଷ୍ଠ ଅଧ୍ୟାପିକାମାନେ ଅନିଚ୍ଛା ପ୍ରକାଶ କରିବା ମଧ୍ୟ ଅନେକଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି। ଗୋଟିଏ ପଟେ ସରକାର ନିୟମିତ ଅଧ୍ୟକ୍ଷ ନିଯୁକ୍ତ କରୁନଥିବାବେଳେ ଅନ୍ୟପଟେ ଅସ୍ଥାୟୀ ଅଧ୍ୟକ୍ଷ ହେବାକୁ କୋର୍ଟ କଚେରୀରେ ମାମଲା ରୁଜୁ ହେବା ଏବେ ଉଭୟ ସରକାର ଓ କଲେଜ କର୍ତ୍ତୃପକ୍ଷଙ୍କୁ ଅକଳରେ ପକାଇଛି। କଲେଜରେ ଏବେ ନାମଲେଖା କାର୍ଯ୍ୟ ଜୋରସୋରରେ ଚାଲିଥିବାବେଳେ ଅଧ୍ୟକ୍ଷ ପଦକୁ ନେଇ ଏଭଳି ବିବାଦକୁ ଶିକ୍ଷାବିତ୍ମାନେ ନାପସନ୍ଦ କରୁଛନ୍ତି।

## ବୋଲପୁର ମହକୁମା ସଂଶୋଧନାଗାରରେ ହାଜତ ମୃତ୍ୟୁ

କୋଲକାତା,୩୧।୭(ସଂଚାର ବ୍ୟୁରୋ): ଶୁକ୍ରବାର ବୋଲପୁର ମହକୁମା ସଂଶୋଧନାଗାରରେ ଜଣେ ଅଭିଯୁକ୍ତଙ୍କ ହାଜତରେ ମୃତ୍ୟୁ ପରେ ଉତ୍ତେଜନା ସୃଷ୍ଟି ହୋଇଛି। ମୃତକଙ୍କ ନାମ ସୁମନ ଚକ୍ରବର୍ତ୍ତୀ। ସେ କୋଲକାତାର ସଲ୍ଟଲେକ୍ ଅଞ୍ଚଳର ବାସିନ୍ଦା ବୋଲି ଚିହ୍ନଟ କରାଯାଇଛି। ସୂଚନା ଅନୁଯାୟୀ, ପୁଲିସ ତାଙ୍କୁ କିଛିଦିନ ପୂର୍ବରୁ ଶାନ୍ତିନିକେତନ ଅଞ୍ଚଳରୁ ନିଯୁକ୍ତି ପ୍ରତିଶ୍ରୁତି ସହିତ ଠକେଇ ଅଭିଯୋଗରେ ଗିରଫ କରିଥିଲା। କୋର୍ଟ ତାଙ୍କୁ ୧୪ ଦିନ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଥିଲେ। ତାଙ୍କୁ ବୋଲପୁର ମହକୁମା ସଂଶୋଧନାଗାରରେ ରଖାଯାଇଥିଲା। ଗୁରୁବାର ସନ୍ଧ୍ୟାରେ ସୁମନ ସୁଧାର ଗୃହ ଭିତରେ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। କର୍ତ୍ତୃପକ୍ଷ ତାଙ୍କୁ ତୁରନ୍ତ ବୋଲପୁର ମହକୁମା ଡାକ୍ତରଖାନାକୁ ନେଇଯାଇଥିଲେ। ଡାକ୍ତରମାନେ ତାଙ୍କୁ ମୃତ ଘୋଷଣା କରିଥିଲେ।

## ଯୁଗୀଯୁଗେନ ନଦୀବନ୍ଧ ପ୍ରକଳ୍ପକୁ ବିରୋଧ କରି ଜଳ ସମ୍ପଦ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ




ସୁନ୍ଦରଗଡ଼,୩୧।୭ (ସଂଚାର ବ୍ୟୁରୋ)ଃ ସୁନ୍ଦରଗଡ ସବଡେଗା ବ୍ଲକ କଟିଙ୍ଗିଡିହି ଠାରେ ଯୁଗୀଯୁଗେନ ବନ୍ଧ ନିର୍ମାଣ ପାଇଁ ଯୋଜନା କରୁଛନ୍ତି ସରକାର । ଯାହାକୁ ତଳସରା ଅଞ୍ଚଳବାସୀ ପ୍ରବଳ ବିରୋଧ କରିଛନ୍ତି। କୌଣସି ସ୍ଥିତିରେ ୪୦ରୁ ଅଧିକ ଗାଁ, ଚାଷ ଜମି, ଅଞ୍ଚଳର ଜୀବନଜୀବିକାକୁ ଜଳସମାଧି ଦେଇ ବନ୍ଧ ନିର୍ମାଣ କରିବାକୁ ଦିଆଯିବ ନାହିଁ ବୋଲି ଚେତାବନୀ ଦେଇଛନ୍ତି। ତା' ପରିବର୍ତ୍ତେ ପ୍ରସ୍ତାବିତ ତେଲିଜୋର ବନ୍ଧ ତିଆରି କରାଯାଉ ବୋଲି ସେମାନେ ଦାବି କରିଛନ୍ତି । ଏକ ବିଶାଳ ରାଲି କରି ଜଳ ସମ୍ପଦ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିବା ସହ ଏଡିଏମଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦେଇଛନ୍ତୁ। ଯଦି ଏହି ପ୍ରକଳ୍ପ ବନ୍ଦ କରା ନ ଯାଏ, ତା ହେଲେ ଆଗାମୀ ଦିନରେ ବିଧାନସଭା ଘେରାଉ କରାଯିବା ନେଇ ଚେତାବନୀ ଦେଇଛନ୍ତି ଅଞ୍ଚଳ ବାସିନ୍ଦା।

# ବିକାଶଠାରୁ ବହୁ ଦୂରରେ ୪ଗାଁ

## ପାନୀୟ ଜଳ, ବିଦ୍ୟୁତ୍, ରାସ୍ତା, ଶିକ୍ଷା ଓ ସ୍ୱାସ୍ଥ୍ୟ ଭଳି ମୌଳିକ ସୁବିଧା ଅପହଞ୍ଚ




ଫୁଲବାଣୀ,୩୧।୭ (ସଂଚାର ବ୍ୟୁରୋ)ଃ ସ୍ୱାଧୀନତାର ଅନେକ ବର୍ଷ ବିତିଗଲାଣି, ଗାଁରୁ ସହର ଯାଏଁ ବିକାଶର ଚିତ୍ର ବଦଳିଛି। ହେଲେ କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକର କୁଏରମାଣ୍ଡୁ ପଞ୍ଚାୟତ ଅଧୀନ ବେରେଣି, ଦୁବୁସରା, ତିଲିକାପଦର ଓ ଅଡ଼ାବାଲି ଗାଁର ଚିତ୍ର ଏବେ ବି ଭିନ୍ନ। ଏଠାରେ ପାଣି, ବିଦ୍ୟୁତ, ରାସ୍ତା, ଶିକ୍ଷା ଓ ସ୍ୱାସ୍ଥ୍ୟ ଭଳି ମୌଳିକ ସୁବିଧା ଲୋକଙ୍କ ପାଇଁ ଏବେ ବି ସ୍ୱପ୍ନ ପାଲଟିଛି।

ଏହି ଚାରି ଗାଁରେ ଯଥା ବେରେଣି ଗ୍ରାମରେ ୯ଟି ପରିବାର, ଦୁବୁସରରେ ୧୪ଟି, ଅଡ଼ାବାଲିଓ ତିଲିକାପଦରରେ ୧୫ଟି ପରିବାର ବସବାସ କରୁଥିବା ବେଳେ ଦୀର୍ଘଦିନ ଧରି ପାନୀୟ ଜଳ ସମସ୍ୟା ଲାଗିରହିଛି। ସରକାରଙ୍କ ବସୁଧା ଯୋଜନାର ପାଣି ଏଠାକାର ଲୋକଙ୍କ ପାଇଁ ଏବେ ବି ସାତସପନ। ଲୋକେ କୂଅ, ନଳକୂପ ଓ ନାଳ ଉପରେ ନିର୍ଭର କରି ଦୈନନ୍ଦିନ ପାଣି ଆବଶ୍ୟକତା ପୂରଣ କରୁଛନ୍ତି। ବର୍ଷା ଦିନେ ଯିବା ପାଇଁ ଭଲ ରାସ୍ତା ନଥିବାରୁ ମାଟି ରାସ୍ତା ହିଁ ଏକମାତ୍ର ଭରସା। ବର୍ଷା ହେଲେ ରାସ୍ତା କାଦୁଅ ପଚପଚ ହୋଇଯାଇଥିବାରୁ ଯାତାୟାତ ପ୍ରାୟ ଠପ୍ ହୋଇଯାଏ। ଦୁବୁସରାରୁ ଏରମାଣ୍ଡୁ ପଞ୍ଚାୟତ ପ୍ରାୟ ୧୨ କିଲୋମିଟର ଏବଂ ସେଠାରୁ ଫିରିଙ୍ଗିଆ ବ୍ଲକ ପ୍ରାୟ ୪୦ କିଲୋମିଟର ଦୂରତା ରହିଛି। ଫଳରେ ଜରୁରୀ କାର୍ଯ୍ୟ ପାଇଁ ଲୋକଙ୍କୁ ବହୁ କଷ୍ଟରେ ଯିବାକୁ ପଡୁଛି। ପିଲାଙ୍କ ପାଠପଢ଼ାରେ ବି ବାଧା। ନିକଟରେ ସ୍କୁଲ କିମ୍ବା ଅଙ୍ଗନବାଡି କେନ୍ଦ୍ର ନଥିବାରୁ ଛୋଟ ପିଲାଙ୍କୁ ପାଠ ପଢ଼ିବା ପାଇଁ ପ୍ରାୟ ୪ରୁ ୫ କିଲୋମିଟର ଦୂର ବାରାହାରଲା ଯିବାକୁ ପଡୁଛି । ବର୍ଷା ଦିନେ ରାସ୍ତାର ଦୂରାବସ୍ଥା ଯୋଗୁଁ ପିଲାମାନଙ୍କ ସ୍କୁଲ ଯିବା ଆସିବା ଆହୁରି କଷ୍ଟକର ହୋଇପଡୁଛି।

ଗାଁରେ ସ୍ୱାସ୍ଥ୍ୟକେନ୍ଦ୍ର ନଥିବାରୁ ଅସୁସ୍ଥ ହେଲେ ବାରାହାରଲାକୁ ନେବାକୁ ପଡୁଛି। ଗୁରୁତର ରୋଗୀଙ୍କୁ ନେବା ସମୟରେ ଖରାପ ରାସ୍ତା ଯୋଗୁଁ ଆମ୍ବୁଲାନ୍ସ ଗାଁରେ ପହଞ୍ଚିବା ମଧ୍ୟ କଷ୍ଟକର ହେଉଛି। ଅନେକ ସମୟରେ ରୋଗୀଙ୍କୁ ଖଟିଆରେ ବୋହି ମୁଖ୍ୟ ରାସ୍ତା ପର୍ଯ୍ୟନ୍ତ ନେବାକୁ ପଡୁଥିବା ଗ୍ରାମବାସୀ କହିଛନ୍ତି।

ଗ୍ରାମବାସୀଙ୍କ କହିବା ଅନୁସାରେ, ସମସ୍ୟା ନେଇ ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭ କରି ପ୍ରଶାସନ, ଏଡିଏମ୍ ଓ ବିଦ୍ୟୁତ୍ ବିଭାଗର ଯନ୍ତ୍ରୀଙ୍କ ସମେତ ବିଭିନ୍ନ ଅଧିକାରୀଙ୍କୁ ବାରମ୍ବାର ଲିଖିତ ଓ ମୌଖିକ ଭାବେ ଜଣାଇଛନ୍ତି। ହେଲେ ଏଯାଏ ସ୍ଥାୟୀ ସମାଧାନ ମିଳିନାହିଁ। ବିଦ୍ୟୁତ୍, ରାସ୍ତା, ଶିକ୍ଷା ଓ ସ୍ୱାସ୍ଥ୍ୟ ଭଳି ମୌଳିକ ସୁବିଧା ଯୋଗାଇଦେବାକୁ ସରପଞ୍ଚ ମାଧବ କହଁରଙ୍କ ସହ ଗ୍ରାମବାସୀମାନେ ଦାବି କରିଛନ୍ତି। ସମସ୍ୟାର ସମାଧାନ ନହେଲେ ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ବିକଳ୍ପ ପନ୍ଥା ଅବଲମ୍ବନ କରିବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

### ନିମ୍ନମାନର କାମର ପର୍ଦ୍ଦାଫାଶ

## ଲଗାଣ ବର୍ଷାରେ ଭୁଶୁଡ଼ିଲା ଗଣ୍ଡା ନାଳ ପୋଲର ବାଡ଼



ଆନନ୍ଦପୁର,୩୧।୭ (ସଂଚାର ବ୍ୟୁରୋ)ଃ ଠିକାଦାର ନମ୍ନମାନର କାମ କରି ମାଲେମାଲ୍, ଏପଟେ ସାଧାରଣ ଲୋକ ଯାତାୟତ କରିବାରେ ପୁରା ବେହାଲ୍। ଲଗାଣ ବର୍ଷାରେ ଖୋଲିଗଲା ନିମ୍ନମାନର କାମର ପୋଲ। ମାତ୍ର କିଛି ମାସରେ ଭୁଶୁଡ଼ି ପଡ଼ିଲା ପୋଲର ବାଡ଼। ବାରମ୍ବାର ଅଭିଯୋଗ ଓ ଖବର ପ୍ରସାରଣ ସତ୍ତ୍ୱେ ନିଦ୍ରାରେ ଥିଲା ସମ୍ପୃକ୍ତ ବିଭାଗ। ଏବେ ସାଧାରଣ ଲୋକଙ୍କ ଜୀବନ ଓ ଯାତାୟାତ ସୁରକ୍ଷାକୁ ନେଇ ଉଠିଛି ବଡ଼ ପ୍ରଶ୍ନ।

କାମ ନିମ୍ନମାନର ହୋଇଥିବା ନେଇ ବାରମ୍ବାର ଖବର ପ୍ରସାରଣ ପରେ ବି ଠିକାଦାରକୁ ନିଜ ମାଉସୀ ପୁଅ ଭାବି ସମ୍ପୃକ୍ତ ବିଭାଗର ଅଧିକାରୀ ଓ ଯନ୍ତ୍ରୀ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନଥିଲେ। ତେବେ ଲଗାଣ ବର୍ଷାରେ ୨୦ ନମ୍ବର ଜାତୀୟ ରାଜପଥର ଜର୍ଦ୍ଦାରୁ ଦେଓଗାଁ ସଂଯୋଗକାରୀ ରାସ୍ତାର ଗଣ୍ଡା ନାଳ ପୋଲର ବାଡ଼ ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ଏହି ଘଟଣା ପୁଣିଥରେ ନିର୍ମାଣ କାର୍ଯ୍ୟର ଗୁଣବତ୍ତାକୁ ନେଇ ବଡ଼ ପ୍ରଶ୍ନ ସୃଷ୍ଟି କରିଛି।

ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ପୋଲ ନିର୍ମାଣ ବେଳେ ନିମ୍ନମାନର ସାମଗ୍ରୀ ବ୍ୟବହାର କରାଯାଇଥିଲା। ଏହାକୁ ନେଇ ବାରମ୍ବାର ଖବର ପ୍ରସାରଣ ହୋଇଥିଲେ ମଧ୍ୟ ସମ୍ପୃକ୍ତ ବିଭାଗର ଅଧିକାରୀ ଓ ଯନ୍ତ୍ରୀ କୌଣସି ପଦକ୍ଷେପ ନେଇନଥିବା ଅଭିଯୋଗ ହୋଇଛି। ଏବେ ଲଗାଣ ବର୍ଷାରେ ପୋଲର ବାଡ଼ ଭୁଶୁଡ଼ି ପଡ଼ିବା ପରେ ସେହି ଅଭିଯୋଗ ସତ ପ୍ରମାଣିତ ହୋଇଥିବା କହୁଛନ୍ତି ସ୍ଥାନୀୟ ବାସିନ୍ଦା। ସେମାନଙ୍କ କହିବା ଅନୁଯାୟୀ, ନିର୍ମାଣ କାମ ମାତ୍ର ତିନି ମାସ ମଧ୍ୟ ତିଷ୍ଠି ପାରିଲା ନାହିଁ। ଏହି ଘଟଣା ପରେ ଯାତାୟାତରେ ବିଭିନ୍ନ ସମସ୍ୟା ଉପୁଜିଛି। ଠିକାଦାର ନିମ୍ନମାନର କାମ କରି ଲାଭବାନ ହୋଇଥିବା ବେଳେ ସାଧାରଣ ଲୋକ ଦୁର୍ଭୋଗର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି। ଏପରି ପରିସ୍ଥିତିରେ ସମ୍ପୃକ୍ତ ଠିକାଦାରଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ସହ ଲାଇସେନ୍ସ ରଦ୍ଦ କରିବାକୁ ବିଭିନ୍ନ ମହଲରୁ ଦାବି ଉଠିଛି।

## ବିଧାୟକଙ୍କ ଦ୍ୱାରା ଶ୍ରମିକ ସମ୍ମାନ ଓ ଚାରାରୋପଣ କାର୍ଯ୍ୟକ୍ରମ



ଯାଜପୁର ରୋଡ୍,୩୧।୭ (ସଂଚାର ବ୍ୟୁରୋ)ଃ କୋରେଇ ବିଧାୟକ ଶ୍ରୀ ଆକାଶ ଦାସନାୟକଙ୍କ ଦ୍ୱାରା ଆଜି ବ୍ୟାସନଗର ପୌରାଂଚଳ ସହର ସ୍ଥିତ ଫେରୋକ୍ରୋମ କାରଖାନାର ଶ୍ରମିକ ମଜଦୂର ସଂଗଠନ କାର୍ଯ୍ୟାଳୟ ପରିସରରେ ଶ୍ରମିକ ସମ୍ମାନ ଓ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଧାୟକଙ୍କ ଦ୍ୱାରା ପାଖାପାଖି ତିନି ଶହରୁ ଉର୍ଦ୍ଧ୍ୱ ଶ୍ରମିକମାନଙ୍କୁ ଉତ୍ତରିୟ ପ୍ରଦାନ କରାଯାଇ ସମ୍ମାନୀତ କରାଯିବା ସହିତ ସେମାନଙ୍କୁ ଛତା, ଟିଫିନ୍ ବକ୍ସ ପ୍ରଦାନ କରାଯାଇଥିଲା।

ଶ୍ରମିକମାନେ ହେଉଛନ୍ତି ଦେଶର ପ୍ରଥମ ସୋପାନ, ତାଙ୍କ ପାଇଁ ଦେଶ ଆଜି ଗର୍ବିତ, ଶ୍ରମିକଙ୍କ ସମ୍ମାନ ମୋ ସମ୍ମାନ ବୋଲି ବିଧାୟକ ଶ୍ରୀ ଦାସନାୟକ ନିଜ ଅଭିଭାଷଣରେ କହିଥିଲେ। ଏଥି ସହିତ ଫେରୋକ୍ରୋମ କାରଖାନାରେ କାର୍ଯ୍ୟରତ ଶ୍ରମିକ ମାନଙ୍କର ସୁବିଧା ଅସୁବିଧା ବିଷୟରେ ଆଲୋଚନା କରିବା ସହିତ ଆଗାମୀ ଦିନରେ କାରଖାନାକୁ କିଭଳି ଭାବେ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରାଯାଇପାରିବ ସେ ବିଷୟରେ ଆଲୋଚନା ଲାଗି ପ୍ରତିଶ୍ରୁତି ଦେଇଥିଲେ। ବ୍ୟାସନଗର ବିଜେପି ଯୁବ ସଭାପତି ଜିତେନ୍ଦ୍ର ବେହୁରା, ପ୍ରିୟବ୍ରତ ରାଉତ, ଫେରୋକ୍ରୋମ ଶ୍ରମିକ ୟୁନିଅନର କାର୍ଯ୍ୟକାରୀ ସଭାପତି ଜଗବନ୍ଧୁ ଦାସ ପ୍ରମୁଖଙ୍କ ସମେତ ବିଜେପି କାର୍ଯ୍ୟକର୍ତ୍ତା ଓ ଶ୍ରମିକ ଭାଇଭଉଣୀମାନେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

### ଶବ ସତ୍କାରକୁ ନେଇ ବିବାଦ

## ୨୨ ଘଣ୍ଟା ପରେ ଶେଷକୃତ୍ୟ ସମ୍ପନ୍ନ

ରାଇଘର,୩୧।୭ (ସଂଚାର ବ୍ୟୁରୋ)ଃ ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଦେବଗାଁ ପଞ୍ଚାୟତର ଡୁମୁରିମୁଣ୍ଡା ଗ୍ରାମରେ ଧର୍ମ ପରିବର୍ତ୍ତନକୁ କେନ୍ଦ୍ର କରି ଜଣେ ବ୍ୟକ୍ତିଙ୍କ ଶବ ସତ୍କାରକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ଗାଁ ଶ୍ମଶାନରେ ଶେଷକୃତ୍ୟକୁ କିଛି ଗ୍ରାମବାସୀ ବିରୋଧ କରିଥିଲେ। ଫଳରେ ମୃତକଙ୍କ ଶେଷକୃତ୍ୟ ହୋଇନପାରି ପ୍ରାୟ ୨୨ ଘଣ୍ଟା ଧରି ଶବ ପଡ଼ି ରହିଥିଲା।

ପରେ ଗ୍ରାମ କମିଟି, ପରିବାର ଓ ଗ୍ରାମବାସୀଙ୍କ ଆଲୋଚନା ପରେ ପରିବାର ପକ୍ଷରୁ ମୂଳ ଧର୍ମକୁ ଫେରିବାକୁ ସମ୍ମତି ପ୍ରକାଶ କରାଯାଇଥିଲା। ଏହାପରେ ଆଜି ସକାଳ ପ୍ରାୟ ୧୦ଟାରେ ଗାଁ ଶ୍ମଶାନରେ ମୃତକଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

ଘଟଣାଟି ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଥିବା ବେଳେ, ସାମାଜିକ ସଦ୍‌ଭାବ ଓ ପରସ୍ପର ବୁଝାମଣା ବଜାୟ ରଖିବାକୁ ସ୍ଥାନୀୟ ଲୋକମାନେ ଆହ୍ୱାନ କରିଛନ୍ତି।

## କ୍ୱାକ୍‌ଙ୍କ ଭୁଲ ଇଞ୍ଜେକ୍ସନ୍ ଯୋଗୁଁ ରୋଗୀର ମୃତ୍ୟୁ

### ଥାନାରେ ଏତଲା, ତଦନ୍ତ ଆରମ୍ଭ



ସୁନ୍ଦରଗଡ଼,୩୧।୭ (ସଂଚାର ବ୍ୟୁରୋ)ଃ ସୁନ୍ଦରଗଡ଼ ଜିଲ୍ଲାରେ ପୁଣିଥରେ ବେଆଇନ ଚିକିତ୍ସାକୁ ନେଇ ଗୁରୁତର ପ୍ରଶ୍ନ ଉଠିଛି। ଧରୁଆଡିହି ଥାନା ଅଞ୍ଚଳର ଜଣେ ୪୮ ବର୍ଷୀୟ ବ୍ୟକ୍ତି ଛାତିରେ ଯନ୍ତ୍ରଣା ଅନୁଭବ କରି ଜଣେ ଆତ୍ମଘୋଷିତ କ୍ୱାକ୍‌ଙ୍କ ପାଖକୁ ଚିକିତ୍ସା ପାଇଁ ଯାଇଥିଲେ। ପରିବାର ଲୋକଙ୍କ ଅଭିଯୋଗ ଅନୁଯାୟୀ, ଇଞ୍ଜେକ୍ସନ୍ ନେବାର ପ୍ରାୟ ଅଧଘଣ୍ଟା ମଧ୍ୟରେ ତାଙ୍କର ମୃତ୍ୟୁ ଘଟିଛି। ଘଟଣାକୁ ନେଇ ଧରୁଆଡିହି ଥାନାରେ ଏତଲା ଦିଆଯାଇଥିବା ବେଳେ ପୁଲିସ ତଦନ୍ତ ଆରମ୍ଭ କରିଛି।

ମୃତକ ଜଣକ ହେଲେ ଧରୁଆଡିହି ଥାନା ଅନ୍ତର୍ଗତ ଲେଢ଼ିମଙ୍ଗ ଗ୍ରାମର ମୋହନ ସୁନ୍ୟାନି (୪୮)। ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏନେଇ ସୁନ୍ଦରଗଡ଼ ଏଡିଏମ୍‌ଙ୍କୁ ପଚାରିବାରୁ ସେ କହିଛନ୍ତି ଘଟଣାର ତଦନ୍ତ କରାଯିବ ଏବଂ କ୍ୱାକ୍‌ଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ।

## ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା




ସତ୍ୟବାଦୀ,୩୧।୭ (ସଂଚାର ବ୍ୟୁରୋ)ଃ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିରଞ୍ଜନ କରଙ୍କ ଅବସର ଉପଲକ୍ଷେ ଶୁକ୍ରବାର ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ, ଅଭିଭାବକ ଓ ବହୁ ବିଶିଷ୍ଟ ବ୍ୟକ୍ତି ଏହି ଅବସରରେ ଉପସ୍ଥିତ ରହି ଶ୍ରୀ କରଙ୍କ ଦୀର୍ଘ ଶିକ୍ଷକତା ଜୀବନର ଅବଦାନକୁ ସ୍ମରଣ କରିଥିଲେ। ନିରଞ୍ଜନ କର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ସହିତ ପିପିଲିର ଜବାହର ବିଦ୍ୟାପୀଠ ଏବଂ ପୁରୀର ଭୋଳାନାଥ ବିଦ୍ୟାପୀଠରେ ମଧ୍ୟ ପ୍ରଧାନ ଶିକ୍ଷକ ଭାବେ ସଫଳତାର ସହ ଦାୟିତ୍ୱ ତୁଲାଇଥିଲେ। ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟ ଅତିଥି ଭାବେ ମଣ୍ଡଳ ଶିକ୍ଷା ଅଧିକାରୀ କୈଳାଶ ଚନ୍ଦ୍ର ପାଢ଼ୀ ଯୋଗଦେଇ କହିଥିଲେ ଯେ, ଶିକ୍ଷକଙ୍କ ଜୀବନ ଏକ ମହମବତୀ ସଦୃଶ, ଯିଏ ନିଜେ ଜଳି ଅନ୍ୟମାନଙ୍କ ଜୀବନକୁ ଆଲୋକିତ କରିଥାନ୍ତି। ମୁଖ୍ୟ ବକ୍ତା ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅମିତା ସେନାପତି ଶିକ୍ଷକତାକୁ ଜୀବନର ଏକ ନିରନ୍ତର ଯାତ୍ରା ସହ ତୁଳନା କରି ଚାକିରିରେ ଅବସର ଏକ ସ୍ୱାଭାବିକ ପ୍ରକ୍ରିୟା ବୋଲି କହିଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ନମିତା ଦାଶ ଶ୍ରୀ କରଙ୍କ ବିଦ୍ୟାଳୟ ପ୍ରତି ଉଲ୍ଲେଖନୀୟ ଅବଦାନକୁ ସ୍ମରଣ କରି ଭାବବିହ୍ୱଳ ହୋଇପଡ଼ିଥିଲେ। ଶିକ୍ଷକ ନେତା ଶଙ୍କର୍ଷଣ ସୁବୁଦ୍ଧି ସଭାପତିତ୍ୱ କରିଥିବା ଏହି କାର୍ଯ୍ୟକ୍ରମରେ ସତ୍ୟବାଦୀ ବ୍ଲକର ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ଶିକ୍ଷୟିତ୍ରୀ, ପରିଚାଳନା କମିଟିର ସଦସ୍ୟ, ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀ, ଅଭିଭାବକ ଓ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହି ଶ୍ରୀ କରଙ୍କୁ ଶୁଭେଚ୍ଛା ଜଣାଇଥିଲେ।

## ସ୍ୱାମୀଙ୍କ ମୃତ୍ୟୁ ପରେ ଜୀବନ ହାରିଲେ ସ୍ତ୍ରୀ

- ରେଡ୍‌କ୍ରସ ପାଣ୍ଠିରୁ ସମ୍ପର୍କୀୟଙ୍କୁ ୬୦ ହଜାର ପ୍ରଦାନ



ହିଞ୍ଜିଳିକାଟୁ,୩୧।୭ (ସଂଚାର ବ୍ୟୁରୋ)ଃ ଅଜଣା ରୋଗରେ ପୀଡ଼ିତ ଥିବା ସ୍ୱାମୀଙ୍କ ମୃତ୍ୟୁ ପରେ ନିଜ ଜୀବନ ହାରିଲେ ସ୍ତ୍ରୀ। ଏଭଳି ଏକ ହୃଦୟବିଦାରକ ଖବର ଗଂଜାମ ଜିଲ୍ଲା ହିଞ୍ଜିଳିକାଟୁ ବ୍ଲକ ଶାସନ ଆମ୍ବଗାଁରେ ଦେଖିବାକୁ ମିଳିଛି | ମୃତକ ସ୍ୱାମୀ ହେଲେ ଉଗ୍ରସେନ ସ୍ୱାଇଁ ଓ ସ୍ତ୍ରୀ ନୟନି ସ୍ୱାଇଁ। ଶାସନ ଆମ୍ବଗାଁର ଖତାଡ଼ି ସାହିରେ ବାସ କରୁଥିଲେ। ଉଗ୍ରସେନ ସ୍ୱାଇଁ କିଛି ଦିନ ହେବ ଏକ ଅଜଣା ରୋଗରେ ପୀଡିତ ଥିଲେ। ସ୍ୱାମୀଙ୍କୁ ବଞ୍ଚାଇବାକୁ ଆପ୍ରାଣ ଉଦ୍ୟମ ଜାରି ରଖିଥିଲେ ସ୍ତ୍ରୀ। ତେବେ ସ୍ୱାମୀ ଜୀବନ ହାରିବା ପରେ ସ୍ତ୍ରୀ ସହି ନ ପାରି ଆକସ୍ମାତ ଭାବେ ଆଖି ବୁଜିଛନ୍ତି। ତେବେ ମୃତ୍ୟୁର କାରଣ ସଠିକ ଜଣା ନ ପଡ଼ିଥିଲେ ବି କୀଟନାଶକ ପିଇ ମୃତ୍ୟୁବରଣ କରିଥିବା ଗ୍ରାମବାସୀଙ୍କ ପକ୍ଷରୁ ଶୁଣିବାକୁ ମିଳୁଛି। ଏହି ଦମ୍ପତିଙ୍କ ମୃତ୍ୟୁ ଖବର ଜଣାପଡିବା ପରେ ଗ୍ରାମବାସୀ ଏକତ୍ରିତ ହୋଇ ଶବ ସତ୍କାର କରିଥିଲେ। ଏ ନେଇ ମେଡ଼ିକାଲ ଫାଣ୍ଡିରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି।

ଅନ୍ୟପଟେ ବିଡିଓ ସାଗରୀକା ଷଡ଼ଙ୍ଗୀ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ ପରେ ଉଭୟଙ୍କ ଲାଗି ହରିଶ୍ଚନ୍ଦ୍ର ସହାୟତା ରାଶି ୬,୦୦୦, ରେଡ୍‌କ୍ରସ ପାଣ୍ଠିରୁ ସମ୍ପର୍କୀୟଙ୍କୁ ମୋଟ ୬୦ ହଜାର ପ୍ରଦାନ ପ୍ରଦାନ କରାଯାଇଥିଲା। ଏହି ସମୟରେ ପିଇଓ ବନ୍ଦିତା ମାଝୀ, ସରପଞ୍ଚ ଦନାର୍ଦ୍ଦନ ସେଠୀ, ଜିପିଡିଓ ଜି. ରବି କୁମାର ଉପସ୍ଥିତ ଥିଲେ।

## ପ୍ରେସ୍ ନାଁରେ ବାଲି ଚାଲାଣ, ନମ୍ବରବିହୀନ ଟ୍ରାକ୍ଟର ଜବତ




କାଳିମେଳା,୩୧।୭ (ସଂଚାର ବ୍ୟୁରୋ)ଃ ପ୍ରେସ୍ ନାଁର ଦୁରୁପଯୋଗ କରି ଚୋରା ବାଲି ଚାଲାଣର ଅଭିଯୋଗରେ କାଳିମେଳା ପୁଲିସ ଏକ ବାଲି ବୋଝେଇ ଟ୍ରାକ୍ଟର ଜବତ କରିଛି। କାଳିମେଳା ଥାନାଠାରୁ ପ୍ରାୟ ୮ କି.ମି. ଦୂରରେ ଏମ୍‌ଭି-୩୩ ଗ୍ରାମ ନିକଟରେ ଚଢ଼ାଉ ବେଳେ ଏହି ଟ୍ରାକ୍ଟରକୁ ଧରାଯାଇଥିଲା।

ସବୁଠୁ ଆଶ୍ଚର୍ଯ୍ୟର ବିଷୟ ହେଉଛି, ଟ୍ରାକ୍ଟର ଓ ଟ୍ରଲିରେ କୌଣସି ପଞ୍ଜୀକରଣ (ରେଜିଷ୍ଟ୍ରେସନ୍) ନମ୍ବର ନଥିବା ବେଳେ ବଡ଼ ଅକ୍ଷରରେ 'ପ୍ରେସ୍' ଲେଖାଯାଇଥିଲା। ଏହା କେଉଁ ସମ୍ବାଦ ମାଧ୍ୟମର ଗାଡ଼ି ଥିଲା ଓ କାହା ନାଁରେ ଏଭଳି ପ୍ରେସ୍ ପରିଚୟ ବ୍ୟବହାର କରାଯାଉଥିଲା, ସେନେଇ ସ୍ପଷ୍ଟ ସୂଚନା ମିଳିନାହିଁ।

ପୁଲିସ ପ୍ରେସ୍ ନୋଟ୍ ଅନୁଯାୟୀ, ଗିରଫ ଅଭିଯୁକ୍ତ ବିଷ୍ଣୁ ଝରବାଲା (୨୩)। ବାଲି ବୋଝେଇ ମହିନ୍ଦ୍ରା ଟ୍ରାକ୍ଟର ଓ ଟ୍ରଲିକୁ ଜବତ କରାଯାଇଛି। ଏହି ଘଟଣାରେ ଚୋରା ବାଲି ଚାଲାଣ, ବିନା ପଞ୍ଜୀକରଣରେ ଯାନ ଚଳାଚଳ ଏବଂ ସମ୍ପୃକ୍ତ ଆଇନ ଧାରାରେ କାଳିମେଳା ଥାନା କେସ୍ ନଂ-୧୬୫/୨୦୨୬ ରୁଜୁ କରାଯାଇଛି।

ପ୍ରଶାସନ ଏପରି ନକଲି "ପ୍ରେସ୍" ପରିଚୟ ବ୍ୟବହାରକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହେଉଛି।

## ମତ୍ସ୍ୟ କ୍ଷେତ୍ରରେ ଉଦ୍ୟୋଗୀ ଓ ଷ୍ଟାର୍ଟଅପ୍ ସୃଷ୍ଟି ଉପରେ ଜାତୀୟ ସେମିନାର




ଭୁବନେଶ୍ୱର,୩୧।୭ (ସଂଚାର ବ୍ୟୁରୋ)ଃ ଶିକ୍ଷା 'ଓ' ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଏଗ୍ରିକଲ୍‌ଚରାଲ ସାଇନ୍‌ସେସ୍ (ଆଇଏଏସ୍)ରେ 'ଆଟ୍ରାକ୍ଟିଙ୍ଗ ଏନ୍‌ଟ୍ରପ୍ରେନ୍ୟୁଅର୍‌ସ ଆଣ୍ଡ ଷ୍ଟାର୍ଟଅପ୍‌ସ ଟୁ ଦ ଫିସରିସ୍ ସେକ୍ଟର' ଶୀର୍ଷକ ଏକ ସେମିନାର ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି।

ଏହି ସେମିନାରରେ ଆଇସିଏଆର-ସେଂଟ୍ରାଲ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଫ୍ରେଶୱାଟର ଏଗ୍ରିକଲ୍‌ଚର (ସିଆଇଏଫ୍‌ଏ)ର ପ୍ରଧାନ ବୈଜ୍ଞାନିକ ଡକ୍ଟର ନଗେଶ କୁମାର ବାରିକ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ମତ୍ସ୍ୟ କ୍ଷେତ୍ରରେ ଉଦ୍ୟୋଗିତାର ବ୍ୟାପକ ସମ୍ଭାବନା, ଷ୍ଟାର୍ଟଅପ୍ ପ୍ରତିଷ୍ଠାର ସୁଯୋଗ, ସରକାରଙ୍କ ବିଭିନ୍ନ ସହାୟତା ଯୋଜନା ଏବଂ ନବସୃଜନର ଗୁରୁତ୍ୱ ସମ୍ପର୍କରେ ବିସ୍ତୃତ ଆଲୋକପାତ କରିଥିଲେ। ସେ ଯୁବପିଢ଼ିଙ୍କୁ ନୂତନ ଚିନ୍ତାଧାରା ଓ ନବସୃଜନ ମାଧ୍ୟମରେ ମତ୍ସ୍ୟ କ୍ଷେତ୍ରରେ ସଫଳ ଉଦ୍ୟୋଗୀ ହେବାକୁ ଆହ୍ୱାନ ଦେଇଥିଲେ।

ସେମିନାରରେ କୃଷି ମହାବିଦ୍ୟାଳୟର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ ସଭାପତିତ୍ୱ କରି କୃଷି ଓ ମତ୍ସ୍ୟ କ୍ଷେତ୍ରରେ ଯୁବପିଢ଼ିଙ୍କ ମଧ୍ୟରେ ଉଦ୍ୟୋଗୀ ମନୋଭାବ ବିକାଶର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ।

ଏହି ସେମିନାରରେ ପ୍ରାୟ ୭୦ ଜଣ ଛାତ୍ରଛାତ୍ରୀ, ଅଧ୍ୟାପକ, ପିଏଚ୍‌ଡି ଗବେଷକ ଓ ଗବେଷଣାର୍ଥୀ ଅଂଶଗ୍ରହଣ କରିଥିଲେ।

## ସୁନାନଦୀରୁ ମସଲା ବ୍ୟବସାୟୀଙ୍କ ମୃତଦେହ ଉଦ୍ଧାର

ଯୋଡ଼ା,୩୧।୭ (ସଂଚାର ବ୍ୟୁରୋ)ଃ ଯୋଡ଼ା, ୩୧ ଜୁଲାଇଃ କେନ୍ଦୁଝର ଜିଲ୍ଲା ଯୋଡ଼ା ଥାନା ଅନ୍ତର୍ଗତ ସୁନାନଦୀରୁ ଜଣେ ମସଲା ବ୍ୟବସାୟୀଙ୍କ ମୃତଦେହ ଉଦ୍ଧାର ହେବା ଘଟଣା ସମଗ୍ର ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଯୋଡ଼ା ୱେଷ୍ଟ ବଡ଼ ପୁଲିଆ ତଳେ ଥିବା ସୁନାନଦୀରୁ ଶୁକ୍ରବାର ସକାଳ ପ୍ରାୟ ସାଢ଼େ ୬ଟା ବେଳେ ମୃତଦେହ ଠାବ କରାଯାଇଥିଲା। ମୃତକ ହେଲେ ଯୋଡ଼ା କୁନ୍ଦୁରନାଳା ବସ୍ତିର ବାସିନ୍ଦା ତଥା ମସଲା ବ୍ୟବସାୟୀ ରାଜନନ୍ଦନ ଚୌଧୁରୀ (୫୮)।

ସୂଚନା ଅନୁଯାୟୀ, ସେ ସକାଳେ ମର୍ଣ୍ଣିଂ ୱାକ୍ ପାଇଁ ଘରୁ ବାହାରିଥିଲେ। ପରବର୍ତ୍ତୀ ସମୟରେ ବଡ଼ ପୁଲିଆ ତଳେ ନଦୀରେ ତାଙ୍କ ମୃତଦେହ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ଯୋଡ଼ା ପୁଲିସକୁ ଖବର ଦେଇଥିଲେ। ଖବର ପାଇ ଯୋଡ଼ା ପୁଲିସ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରିଥିଲେ। ପରେ ଶବ ବ୍ୟବଚ୍ଛେଦ ପାଇଁ ମୃତଦେହକୁ ପଠାଯାଇଛି।

ତେବେ ମୃତ୍ୟୁର ପ୍ରକୃତ କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଏହା ଦୁର୍ଘଟଣା, ଆତ୍ମହତ୍ୟା କିମ୍ବା ଅନ୍ୟ କୌଣସି କାରଣରୁ ଘଟିଛି କି ନାହିଁ, ସେନେଇ ପୁଲିସ ବିଭିନ୍ନ ଦିଗରୁ ତଦନ୍ତ ଆରମ୍ଭ କରିଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଏବଂ ପୁଲିସ ତଦନ୍ତ ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ଜଣାପଡ଼ିଛି।

## ହଂସୁଆ ନଦୀରେ ଭାସିଯାଇ ୨ ଯୁବକ ନିଖୋଜ



ପାରାଦ୍ୱୀପ,୩୧।୭ (ସଂଚାର ବ୍ୟୁରୋ)ଃ ଏରସମା ବ୍ଲକ ଅନ୍ତର୍ଗତ ଆମ୍ବିକି ନିକଟସ୍ଥ ହଂସୁଆ ନଦୀରେ ଗାଧୋଇବା ବେଳେ ପ୍ରଖର ସ୍ରୋତରେ ଭାସିଯାଇ ବୁଟୁ କାଣ୍ଡି ଓ କାହ୍ନା କାଣ୍ଡି ନାମକ ୨ ଜଣ ଯୁବକ ନିଖୋଜ ହୋଇଯାଇଛନ୍ତି।

ଘଟଣା ପରେ ସ୍ଥାନୀୟ ଲୋକମାନେ ତୁରନ୍ତ ଏରସମା ପୁଲିସ୍ ଓ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଖବର ପାଇ ଓଡ୍ରାଫ୍ ଟିମ୍ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଛି। ଏରସମା ଅଗ୍ନିଶମ ବାହିନୀ, ଓଡ୍ରାଫ୍, ପୋଲିସ୍ ଓ ଗାଁ ଲୋକଙ୍କ ମିଳିତ ଉଦ୍ୟମରେ ଉଭୟ ଯୁବକଙ୍କୁ ଖୋଜିବା କାର୍ଯ୍ୟ ଜାରି ରହିଛି। ତେବେ ଶେଷ ଖବର ସୁଦ୍ଧା ଉଭୟଙ୍କର କୌଣସି ସନ୍ଧାନ ମିଳିପାରିନାହିଁ।

## ବ୍ଲକ୍ ପରିସରରେ ଖତ ଖାଉଛି 'ସ୍ପେଶାଆଲ ରିଲିଫ' ବୋଟ୍

### ପ୍ରଶାସନିକ ଅବହେଳାକୁ ନେଇ ତୀବ୍ର ଅସନ୍ତୋଷ

### ବନ୍ୟା ସମୟରେ ଲୋକଙ୍କୁ ଉଦ୍ଧାର ପାଇଁ ଆସିଥିଲା




କାକଟପୁର/ଅସ୍ତରଙ୍ଗ,୩୧।୭ (ସଂଚାର ବ୍ୟୁରୋ)ଃ ଗୋଟିଏ ପଟେ ଦେବୀ ନଦୀରେ ବନ୍ୟା ପାଣି ବଢୁଛି, ତଳିଆ ଗାଁର ଲୋକ, ମଇଁଷି ପାଣି ଘେରରେ ଫସୁଛନ୍ତି। ଆଉ ଗୋଟିଏ ପଟେ ଲୋକଙ୍କ ଜୀବନ ବଞ୍ଚାଇବା ପାଇଁ ସରକାର ଦେଇଥିବା ବୋଟ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ପରିସରରେ ଦୀର୍ଘ ଦିନ ହେବ ଖତ ଖାଉଛି। ଏହା କି ପ୍ରଶାସନିକ ତତ୍ପରତା?

ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ପ୍ରଶାସନ ନିକଟରେ ଥିବା "ସ୍ପେସିଆଲ ରିଲିଫ ଓଡିଶା ଏଫଆରପି ୫୦" ଲେଖା ହୋଇଥିବା ଲାଲ ରଙ୍ଗର ବୋଟଟି ବର୍ତ୍ତମାନ ବ୍ଲକ ପରିସରର ଗୋଟିଏ କୋଣରେ ଆବର୍ଜନା ଭଳି ପଡିରହିଛି। ବୋଟର ଚାରିପାଖେ ଗଛ ଲତା ମାଡି ଯାଇଛି। ବର୍ଷ ବର୍ଷ ଧରି ଖୋଲା ଆକାଶ ତଳେ ପଡିରହିବାରୁ ଏହାର ରଙ୍ଗ ଉଠିଯାଇ ନଷ୍ଟ ହୋଇଗଲାଣି। ବୋଟର ଇଞ୍ଜିନ ଅଛି କି ନାହିଁ ତାହା ମଧ୍ୟ କେହି ଜାଣିନାହାନ୍ତି।

ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ ବନ୍ୟା ଓ ବାତ୍ୟା ସମୟରେ ତଳିଆ ଅଞ୍ଚଳର ଲୋକଙ୍କୁ ଉଦ୍ଧାର କରିବା ପାଇଁ ଏହି ବୋଟଟି ଦିଆଯାଇଥିଲା। ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା। କିନ୍ତୁ ଆଜି ପର୍ଯ୍ୟନ୍ତ ଏହାକୁ ଥରେ ମଧ୍ୟ ପାଣିରେ ବ୍ୟବହାର କରାଯାଇନାହିଁ। ଦରକାର ସମୟରେ ଏହା କାମ ଦେବ ତ ଦୂରର କଥା, ଏବେ ପ୍ରଶାସନର ଅବହେଳା ଯୋଗୁଁ ଏହା ସମ୍ପୂର୍ଣ୍ଣ ନଷ୍ଟ ହେବାକୁ ବସିଲାଣି।

ଗତକାଲି ରାତିରୁ ଦେବୀ ନଦୀରେ ପାଣି ବଢ଼ିବାରୁ ତାଳଦା ଅଞ୍ଚଳର ମଇଁଷି ପାଣି ଘେରରେ ଫସିଯାଇଥିଲେ। ସେତେବେଳେ ଅଗ୍ନିଶମ ବିଭାଗ ମତ୍ସ୍ୟଜୀବୀମାନଙ୍କ ନୌକା ଆଣି ଉଦ୍ଧାର କରିଥିଲା। କିନ୍ତୁ ବ୍ଲକ ପାଖରେ ହାତ ପାଖରେ ଥିବା ଏହି ସରକାରୀ ବୋଟଟି ବିଷୟରେ ବ୍ଲକ ପ୍ରଶାସନ ଥରେ ମଧ୍ୟ ଚିନ୍ତା କଲାନି। ଏତେ ବଡ ଅବହେଳା!

ଏନେଇ ଅସ୍ତରଙ୍ଗ ବିଡ଼ିଓଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ତାଙ୍କ ସହ ଯୋଗାଯୋଗ ହୋଇପାରିନାହିଁ। ସାଧାରଣ ଲୋକେ ପ୍ରଶ୍ନ କରୁଛନ୍ତି, ଜନତାଙ୍କ ଟଙ୍କାରେ ଆସିଥିବା ଏହି ଉଦ୍ଧାର ବୋଟ ଯଦି ବ୍ଲକ ପରିସରରେ ଏମିତି ପଡି ନଷ୍ଟ ହେବ, ତେବେ ବନ୍ୟା ସମୟରେ ଲୋକଙ୍କୁ କିଏ ବଞ୍ଚାଇବ? କେବଳ କାଗଜ ପତ୍ରରେ ବନ୍ୟା ପ୍ରସ୍ତୁତି ଦେଖାଇଲେ ହେବ କି ? ପ୍ରଶାସନର ଏହି ଅବହେଳା ପାଇଁ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି।

## ସ୍ୱର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ ପାଇଁ ପ୍ରସ୍ତୁତି ବୈଠକ



ଛତ୍ରପୁର,୩୧।୭ (ସଂଚାର ବ୍ୟୁରୋ)ଃ ଗଞ୍ଜାମ ମହାବିଦ୍ୟାଳୟର ସ୍ୱର୍ଣ୍ଣ ଜୟନ୍ତୀ (୫୦ ବର୍ଷ ପୂର୍ତ୍ତି) ଉତ୍ସବକୁ ଜାକଜମକରେ ପାଳନ କରିବା ଲକ୍ଷ୍ୟରେ ଶୁକ୍ରବାର ମହାବିଦ୍ୟାଳୟ ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସ୍ମରଣିକା ହୋତା ଏବଂ ପୁରାତନ ଛାତ୍ର ସଂସଦର ସଭାପତି ଇଂ. ବିନୋଦ କୁମାର ପାଢ଼ୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ଆସନ୍ତା ଡିସେମ୍ବରରୁ ଫେବୃଆରୀ ମଧ୍ୟରେ ଉତ୍ସବ ଆୟୋଜନ ପାଇଁ ପ୍ରାଥମିକ ରୂପରେଖା ଉପରେ ଆଲୋଚନା କରାଯାଇଥିଲା।

ବୈଠକରେ ସାଂସ୍କୃତିକ, ଶିକ୍ଷାମୂଳକ, କ୍ରୀଡ଼ା ଏବଂ ପୁରାତନ ଛାତ୍ରଛାତ୍ରୀଙ୍କ ସମ୍ମିଳନୀ ସମେତ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ, ଆର୍ଥିକ ବ୍ୟବସ୍ଥା ଓ ସଂଗଠନାତ୍ମକ ପ୍ରସ୍ତୁତି ଉପରେ ଆଲୋଚନା ହୋଇଥିଲା। ଉତ୍ସବର ସୁଚାରୁ ପରିଚାଳନା ପାଇଁ ପୁରାତନ ଛାତ୍ର ସଂସଦର ଏକ ପ୍ରତିନିଧି ଦଳ ଖୁବ୍‌ଶୀଘ୍ର ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି ତଥା ଉପ-ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଚୂଡ଼ାନ୍ତ ଆଲୋଚନା କରିବେ ବୋଲି ନିଷ୍ପତ୍ତି ହୋଇଥିଲା।

ଏହି ଅବସରରେ ପୁରାତନ ଛାତ୍ର ସଂସଦର ସାଙ୍ଗଠନିକ ସୁଦୃଢ଼ୀକରଣ ପାଇଁ ଅଜୟ କୁମାର ତ୍ରିପାଠୀଙ୍କୁ ସାଧାରଣ ସମ୍ପାଦକ ଏବଂ ମଙ୍ଗରାଜ ପଣ୍ଡାଙ୍କୁ କୋଷାଧ୍ୟକ୍ଷ ଭାବେ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଥିଲା।

ମୁଖ୍ୟ ଶାସନ ସଚିବଙ୍କ ସହ ଏଡିବି ପ୍ରତିନିଧିଙ୍କ ବୈଠକ

# ବିକଶିତ ଓଡ଼ିଶା ଲକ୍ଷ୍ୟ ପୂରଣ ପାଇଁ ସହଯୋଗ ସୁଦୃଢ଼କୁ ଗୁରୁତ୍ୱ

ଭୁବନେଶ୍ୱର,୩୧।୭(ସଂଚାର ବ୍ୟୁରୋ): ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଆଜି ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଏସୀୟ ବିକାଶ ବ୍ୟାଙ୍କ (ଏଡିବି)ର ପ୍ରତିନିଧିମାନଙ୍କ ସହ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ଏଡିବି ସହଯୋଗରେ ଓଡ଼ିଶାରେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପଗୁଡ଼ିକ ସହ ବିକଶିତ ଓଡ଼ିଶା-୨୦୩୬ ଏବଂ ବିକଶିତ ଭାରତ-୨୦୪୭ର ଲକ୍ଷ୍ୟ ପୂରଣ ନିମନ୍ତେ ଭବିଷ୍ୟତ ସହଯୋଗ ଉପରେ ବିସ୍ତୃତ ଆଲୋଚନା କରାଯାଇଛି। ବୈଠକରେ ଏଡିବି ପକ୍ଷରୁ ଓଡ଼ିଶା ସହ ଭାଗୀଦାରିର ସାମଗ୍ରିକ ଚିତ୍ର ଉପସ୍ଥାପନ କରାଯାଇଥିଲା। ଦକ୍ଷତା ବିକାଶ, ସହରାଞ୍ଚଳ ଭିତ୍ତିଭୂମି, ପରିବହନ, କୃଷି, ଶକ୍ତି, ଜଳବାୟୁ ସହନଶୀଳତା ଆଦି କ୍ଷେତ୍ରରେ ଚାଲୁଥିବା ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ସୂଚନା ଦିଆଯିବା ସହ ରାଜ୍ୟର ଦୀର୍ଘମିଆଦୀ ଭିତ୍ତିଭୂମି ଓ ଆର୍ଥିକ ବିକାଶକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ପ୍ରସ୍ତାବିତ ନୂତନ ପଦକ୍ଷେପ ଉପରେ ମଧ୍ୟ ଆଲୋଚନା ହୋଇଥିଲା।



ଇଣ୍ଡିଆ ରେସିଡେଣ୍ଟ ମିଶନ ଅଧୀନରେ ଏଡିବି ଓଡ଼ିଶାର ବିକାଶର ଏକ ପ୍ରମୁଖ ଭାଗୀଦାର ସଂସ୍ଥା ଭାବେ ବିଭିନ୍ନ କ୍ଷେତ୍ରରେ ଋଣ ସହାୟତା, ବୈଷୟିକ ସହଯୋଗ ଏବଂ ପରାମର୍ଶ ପ୍ରଦାନ କରିଆସୁଛି। ଏହି ଅବସରରେ ୨୦୨୮-୨୦୩୨ ସମୟସୀମା ପାଇଁ ଓଡ଼ିଶା ନିମନ୍ତେ ଏଡିବିର ପ୍ରସ୍ତାବିତ ରଣନୀତିକ ଢାଞ୍ଚା ସମ୍ପର୍କରେ ଉପସ୍ଥାପନା କରାଯାଇଥିଲା। ବୈଠକରେ ପ୍ରସ୍ତାବିତ ଓଡ଼ିଶା ଦକ୍ଷତା ବିକାଶ ପ୍ରକଳ୍ପ (ଦ୍ୱିତୀୟ ପର୍ଯ୍ୟାୟ)ର ଅଗ୍ରଗତି ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇଥିଲା। ଏହି ପ୍ରକଳ୍ପ ମାଧ୍ୟମରେ ଭୁବନେଶ୍ୱରସ୍ଥିତ ବିଶ୍ୱ ଦକ୍ଷତା କେନ୍ଦ୍ରର ସମ୍ପ୍ରସାରଣ ସହ ଭୁବନେଶ୍ୱର, ବ୍ରହ୍ମପୁର ଓ ସମ୍ବଲପୁରରେ ନୂତନ କ୍ୟାମ୍ପସ ସ୍ଥାପନ, ଚୟନ ପୂର୍ବକ ବିଭିନ୍ନ ଆଇଟିଆଇଗୁଡ଼ିକର ଉନ୍ନତିକରଣ, ଉନ୍ନତ ପ୍ରଯୁକ୍ତିଭିତ୍ତିକ ପ୍ରଶିକ୍ଷଣ ଏବଂ ଶିଳ୍ପର ଆବଶ୍ୟକତା ଅନୁରୂପ ଦକ୍ଷ ମାନବ ସମ୍ବଳ ସୃଷ୍ଟି ଉପରେ ବିଶେଷ ଗୁରୁତ୍ୱାରୋପ କରାଯାଇଛି। ଏଥିସହ ସହରାଞ୍ଚଳ ପରିବହନ, ପର୍ଯ୍ୟଟନ, କ୍ଲଷ୍ଟରଭିତ୍ତିକ ଉଦ୍ୟାନ କୃଷି ଓ କୃଷି ବ୍ୟବସାୟ, ଶକ୍ତି କ୍ଷେତ୍ର, ଜଳବାୟୁ ସହନଶୀଳ ଭିତ୍ତିଭୂମି ଏବଂ ସ୍ଥାୟୀ ସହରାଞ୍ଚଳ ବିକାଶ ସମ୍ପର୍କିତ ପ୍ରକଳ୍ପଗୁଡ଼ିକର କାର୍ଯ୍ୟାନ୍ୱୟନ ଓ ପରାମର୍ଶ ସହଯୋଗ ଉପରେ ବିସ୍ତୃତ ସମୀକ୍ଷା କରାଯାଇଛି।

ବୈଠକରେ ଏଡିବିର ଦେଶ ନିର୍ଦ୍ଦେଶକ (କଣ୍ଟ୍ରି ଡାଇରେକ୍ଟର) ମିଓ ଓକାଙ୍କ ସହ ଅନ୍ୟ ବରିଷ୍ଠ ପ୍ରତିନିଧି ଯୋଗଦେଇ ପ୍ରସ୍ତାବ ଉପସ୍ଥାପନ ସହ ଆଲୋଚନା କରିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ଗୃହ ଓ ନଗର ଉନ୍ନୟନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଇଲେକ୍ଟ୍ରୋନିକ୍ସ ଓ ଆଇଟି ଓ ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା , କ୍ରୀଡ଼ା ବିଭାଗ, ପର୍ଯ୍ୟଟନ ବିଭାଗର କମିଶନର ତଥା ଶାସନ ସଚିବ, ସ୍ୱତନ୍ତ୍ର ରିଲିଫ କମିଶନର ତଥା ଓସଡମାର ପରିଚାଳନା ନିର୍ଦ୍ଦେଶକଙ୍କ ସମେତ ସମ୍ପୃକ୍ତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

ଜୟଦେବ ବିହାର-ନନ୍ଦନକାନନ ଫ୍ଲାଇଓଭର୍ ପ୍ରକଳ୍ପ

## ୬ରୁ ମୃତ୍ତିକା ପରୀକ୍ଷା, ୪୫ ଦିନ ଧରି ଚାଲିବ




ଭୁବନେଶ୍ୱର,୩୧।୭(ସଂଚାର ବ୍ୟୁରୋ): ଜୟଦେବ ବିହାରରୁ ନନ୍ଦନକାନନ ପର୍ଯ୍ୟନ୍ତ ଫ୍ଲାଇଓଭର୍ ନିର୍ମାଣ ଯୋଜନା ରହିଥିବା ବେଳେ ଏଥିସକାଶେ ଆସନ୍ତା ୬ ତାରିଖରୁ ମୃତ୍ତିକା ପରୀକ୍ଷା ଆରମ୍ଭ ହେବ। ଏହି ରାସ୍ତାର ୫ଟି ସ୍ଥାନରେ ମୃତ୍ତିକା ପରୀକ୍ଷା ହେବାକୁ ଥିବା ବେଳେ ଏହି ପ୍ରକ୍ରିୟା ୪୫ ଦିନ ଧରି ଚାଲିବ। ଆସନ୍ତା ସେପ୍ଟେମ୍ବର ୧୯ ତାରିଖ ପର୍ଯ୍ୟନ୍ତ ଏହି ପ୍ରକ୍ରିୟା ଚାଲିବ ବୋଲି ଆଜି ଭୁବନେଶ୍ୱର-କଟକ ପୁଲିସ୍ କମିଶନରେଟ୍ ପକ୍ଷରୁ ସୂଚନା ଦିଆଯାଇଛି। ମିଳିଥିବା ସୂଚନାନୁସାରେ, କଳିଙ୍ଗ ଷ୍ଟାଡିୟମ୍‌ର ଗେଟ୍ ନଂ.୭ ଓ ୮, ଜୟଦେବ ବିହାରର ପାଲ୍ ହାଇଟ୍ସ, କଳିଙ୍ଗ ହସ୍ପିଟାଲ୍ ଛକ, ଡମଣା ଛକ ଓ କିଟ୍ ଛକରେ ଏହି ମୃତ୍ତିକା ପରୀକ୍ଷା କରାଯିବ। ଆସନ୍ତା ୬ରୁ ସେପ୍ଟେମ୍ବର ୧୯ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ମୃତ୍ତିକା ପରୀକ୍ଷା ସମୟରେ ଉପରୋକ୍ତ ସ୍ଥାନଗୁଡ଼ିକରେ ଯାତାୟାତ ସମସ୍ୟା ସୃଷ୍ଟି ହୋଇପାରେ। ତେଣୁ ଜନସାଧାରଣ ଉକ୍ତ ରାସ୍ତାରେ ଯିବା ସମୟରେ ସତର୍କତା ଅବଲମ୍ବନ କରିବା ସହ ଅବରୋଧିତ ହୋଇଥିବା ଟ୍ରାଫିକ୍ ଓ ନିୟାମକ ସଙ୍କେତଗୁଡ଼ିକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ପରାମର୍ଶ ଦିଆଯାଇଛି।

## ହଷ୍ଟେଲ ଛାତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ: ପ୍ରଧାନଶିକ୍ଷକ ନିଲମ୍ବିତ



ଉମରକୋଟ, ୩୧।୭ (ସଂଚାର ବ୍ୟୁରୋ): ନବରଙ୍ଗପୁର ଜିଲ୍ଲା ଅନ୍ତର୍ଗତ ଉମରକୋଟ ବ୍ଲକ୍‌ର ବାଟିବେଡ଼ା ସରକାରୀ ଆଶ୍ରମ ବିଦ୍ୟାଳୟର ଜଣେକା ଅଷ୍ଟମ ଶ୍ରେଣୀ ଛାତ୍ରୀଙ୍କ ମୃତ୍ୟୁ ଘଟଣାରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଫ୍ରାନ୍ସିସ୍ ନାଗଙ୍କୁ ନିଲମ୍ବନ କରାଯାଇଛି। ଜିଲ୍ଲାପାଳ ଯୁଗ୍ମ ତଦନ୍ତ ରିପୋର୍ଟ ଆଧାରରେ ଏହି ନିଲମ୍ବନ ଆଦେଶ ଜାରି ହୋଇଛି। ସେହିପରି ଘଟଣାରେ ସମ୍ପୃକ୍ତ ଜଣେ ସହକାରୀ ଶିକ୍ଷକଙ୍କୁ ମଧ୍ୟ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ଘଟଣାରେ ତାଙ୍କର ଭୂମିକା ସମ୍ପର୍କରେ ସ୍ପଷ୍ଟୀକରଣ ଦେବାକୁ ଏହି ନିର୍ଦ୍ଦେଶରେ କୁହାଯାଇଛି। ସୂଚନାଯୋଗ୍ୟ ଯେ ଗତ ୨୭ ତାରିଖରେ ବିଦ୍ୟାଳୟଠାରୁ ପ୍ରାୟ ଏକ କିମି ଦୂରରେ ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଥିଲା। ଘଟଣା ପରେ ପରିବାର ଲୋକେ ଛାତ୍ରୀଙ୍କ ମୃତ୍ୟୁକୁ ନେଇ ସନ୍ଦେହ ପ୍ରକାଶ କରିବା ସହ ସଠିକ୍ ତଦନ୍ତ ଦାବି କରିଥିଲେ। ଏହି ଘଟଣାକୁ ଗୁରୁତ୍ୱର ସହ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ତଦନ୍ତ କରାଯାଇଥିଲା। ତଦନ୍ତ ରିପୋର୍ଟ ଆଧାରରେ ପ୍ରଧାନଶିକ୍ଷକଙ୍କ ବିରୋଧରେ ନିଲମ୍ବନ ଭଳି ପ୍ରଶାସନିକ ପଦକ୍ଷେପ ନିଆଯାଇଥିବା ବେଳେ ଘଟଣାର ଅଧିକ ତଦନ୍ତ ଜାରି ରହିଛି।

## କ୍ଲାସରୁମରୁ ଡାକିଆଣି ଦଶମ ଛାତ୍ରଙ୍କୁ ଛୁରି ଭୁସି ହତ୍ୟା

ଜୟପୁର,୩୧।୭(ସଂଚାର ବ୍ୟୁରୋ): କ୍ଲାସରୁମରୁ ଛାତ୍ରଙ୍କୁ ଡାକି ଆଣି ହତ୍ୟା କରିଛନ୍ତି ଅଣଛାତ୍ର। ଉକ୍ତ ଛାତ୍ର ଜଣଙ୍କ ଦଶମ ଶ୍ରେଣୀରେ ପାଠ ପଢୁଥିଲେ। ତେବେ ଦଶମ ଶ୍ରେଣୀ ଛାତ୍ରଙ୍କୁ ଅଣଛାତ୍ର ହତ୍ୟା କରିବା ଘଟଣା କୋରାପୁଟ ଜିଲ୍ଲା ବାରିଣୀପୁଟ ପ୍ରୋଜେକ୍ଟ ହାଇସ୍କୁଲରେ ଘଟିଛି। ସ୍ଥାନୀୟ ମେଡିକାଲରେ ଛାତ୍ରଙ୍କ ମୃତଦେହ ପଡ଼ି ରହିଛି। କାନ୍ଦବୋହବାଳିରେ ମେଡିକାଲ ପରିସର ଫାଟି ପଡୁଥିବା ବେଳେ ପୁଲିସ୍ ଘଟଣାର ତଦନ୍ତ ଆରମ୍ଭ କରିଛି। ଏ ସଂକ୍ରାନ୍ତରେ ସ୍କୁଲର ପ୍ରଧାନଶିକ୍ଷକ କହିଛନ୍ତି ଯେ ଛାତ୍ର ଜଣକ ଖାଇବା ଛୁଟିରେ ଯାଇଥିବା ବେଳେ ଏଭଳି ଅଘଟଣ ଘଟିଛି। ଅଭିଯୁକ୍ତ ଜଣଙ୍କ ପୂର୍ବବର୍ଷ ଏହି ସ୍କୁଲରୁ ପାସ୍ କରିସାରିଛନ୍ତି। ତେବେ ସେମାନଙ୍କ ମଧ୍ୟରେ ପୂର୍ବ ଶତ୍ରୁତା ରହିଥିବା କାରଣରୁ ଏଭଳି ଅଘଟଣ ଘଟିଥିବା କୁହାଯାଉଛି। ମୃତ ଛାତ୍ରଙ୍କ ବାପା ଏକ ଦୋକାନରେ କାମ କରୁଥିବା ବେଳେ ପୁଅର ମୃତ୍ୟୁ ଖବର ପାଇବା ପରେ ପରିବାର ଲୋକେ ଭାଙ୍ଗିପଡ଼ିଛନ୍ତି।

## ବ୍ରିଜ୍ ଉପରୁ କାର୍ ଖସି ଡ୍ରାଇଭର ମୃତ

ଭଞ୍ଜନଗର,୩୧।୭(ସଂଚାର ବ୍ୟୁରୋ): ଆଜି ସକାଳୁ ସକାଳୁ ଘଟିଛି ଏକ ବଡ଼ ଅଘଟଣ। ବ୍ରିଜ୍ ଉପରୁ ପ୍ରାୟ ୫୦ ଫୁଟ ତଳକୁ ଖସିପଡ଼ିଛି ଏକ ଚଳନ୍ତା କାର୍। ଏଥିରେ ଉକ୍ତ ଗାଡ଼ିର ଚାଳକଙ୍କର ମୃତ୍ୟୁ ହୋଇଛି। ଗଞ୍ଜାମ ଜିଲ୍ଲା ବେଲଗୁଣ୍ଠା ଥାନା ନୂଆଗାଁ ବ୍ରିଜ୍ ନିକଟରେ ଏହି ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ମୃତକ ଜଣଙ୍କ ହେଲେ ଭଞ୍ଜନଗରର ସୁନୀଲ ମହାନ୍ତି। ଗଞ୍ଜାମ ଜିଲ୍ଲା ବେଲଗୁଣ୍ଠା ଥାନା ଅନ୍ତର୍ଗତ ନୂଆଗାଁ ବ୍ରିଜ୍ ନିକଟରେ ଘଟିଛି ଏଭଳି ଦୁର୍ଘଟଣା। ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି କାର୍ ଭିତରୁ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଉଦ୍ଧାର କରି ଭଞ୍ଜନଗର ମେଡିକାଲରେ ଭର୍ତ୍ତି କରିଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ବେଲଗୁଣ୍ଠାଠାରୁ ଭଞ୍ଜନଗର ଅଭିମୁଖେ ଯାଉଥିବା ବେଳେ ଭାରସାମ୍ୟ ହରାଇ କାର୍‌ଟି ବ୍ରିଜ୍ ତଳକୁ ଖସି ପଡ଼ିଥିଲା। ସେତେବେଳେ କାର୍ ଭିତରେ କେବଳ ଚାଳକ ଜଣଙ୍କ ହିଁ ଥିଲେ। ଖବର ପାଇ ଭଞ୍ଜନଗର ମେଡିକାଲରେ ବେଲଗୁଣ୍ଠା ଥାନା ପୁଲିସ ପହଞ୍ଚି ମୃତଦେହକୁ ଜବତ କରିବା ସହ ଘଟଣାର ତଦନ୍ତ ଚଳାଇଛି।

ସରକାରୀ ଅର୍ଥ ତୋଷରପାତ ମାମଲା

## ବେତନଟୀ ଲ୍ୟାମ୍ପସର ପୂର୍ବତନ ଏମ୍‌ଡି ଗିରଫ



ବେତନଟୀ,୩୧।୭(ସଂଚାର ବ୍ୟୁରୋ): ପାଖାପାଖି ୪୧ ଲକ୍ଷ ଟଙ୍କାର ସରକାରୀ ଅର୍ଥ ତୋଷରପାତ ମାମଲାରେ ଆଜି ମୟୂରଭଞ୍ଜର ବେତନଟୀ ଲ୍ୟାମ୍ପସର ପୂର୍ବତନ ପରିଚାଳନା ନିର୍ଦ୍ଦେଶକ ହିମାଂଶୁ ଦାସଙ୍କୁ ଭିଜିଲାନ୍ସ ଗିରଫ କରିଛି। ଗିରଫ ପରେ ତାଙ୍କୁ ବାରିପଦା ଭିଜିଲାନ୍ସର ସ୍ୱତନ୍ତ୍ର ବିଚାରପତିଙ୍କ କୋର୍ଟକୁ ଚାଲାଣ କରାଯାଇଛି। ବେତନଟୀ ଲ୍ୟାମ୍ପସରେ ୨୦୧୭-୧୮ ଆର୍ଥିକ ବର୍ଷରେ ଏହି ମୋଟା ଅଙ୍କର ସରକାରୀ ଅର୍ଥ ତୋଷରପାତ ମାମଲା ସାମ୍ନାକୁ ଆସିଥିଲା। ପରିଚାଳନା ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଥିବା ଶ୍ରୀ ଦାସ ଚାଷୀଙ୍କଠାରୁ କୃଷି ଓ ଫସଲ ଋଣ ବାବଦ ଅର୍ଥ ଆଦାୟ କରିଥିଲେ। ସେ ଏ ବାବଦରେ ଚାଷୀମାନଙ୍କୁ ରସିଦ୍ ମଧ୍ୟ ଦେଉଥିଲେ। କିନ୍ତୁ ସେ ଆଦାୟ ଅର୍ଥ ବେତନଟୀ ଲ୍ୟାମ୍ପସର ଆକାଉଣ୍ଟରେ ଜମା କରୁ ନ ଥିଲେ କି ଖାତାରେ ମଧ୍ୟ ଏହାକୁ ଚଢ଼ାଉ ନ ଥିଲେ। ବରଂ ଏହି ଅର୍ଥକୁ ସେ ତାଙ୍କ ବ୍ୟକ୍ତିଗତ ଆକାଉଣ୍ଟରେ ଜମା କରୁଥିଲେ। ଏ ବାବଦରେ ଶ୍ରୀ ଦାସ ୪୦ ଲକ୍ଷ ୯୪ ହଜାର ୩୦୬ ଟଙ୍କା ଠକିନେଇଥିଲେ। ଏହି ଆର୍ଥିକ ତୋଷରପାତ ମାମଲା ନେଇ ଶ୍ରୀ ଦାସଙ୍କୁ ଗତ ୨୦୨୨ରେ ସରକାରୀ ଚାକିରିରୁ ନିଲମ୍ବିତ କରାଯାଇସାରିଛି। ଗତକାଲି ଏନେଇ ବାଲେଶ୍ୱର ଭିଜିଲାନ୍ସ ୧୨/୨୦୨୬ରେ ମାମଲା ରୁଜୁ କରିଥିଲା।

# ରାଷ୍ଟ୍ରପତିଙ୍କ ଗସ୍ତ, ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କଲେ ଡିଜିପି



ଭୁବନେଶ୍ୱର,୩୧।୭(ସଂଚାର ବ୍ୟୁରୋ): ଓଡ଼ିଶା ଗସ୍ତରେ ଆସୁଛନ୍ତି ରାଷ୍ଟ୍ରପତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ଆସନ୍ତା ଅଗଷ୍ଟ ୩ରୁ ୫ ତାରିଖ ପର୍ଯ୍ୟନ୍ତ ମହାମହିମଙ୍କ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ୪ ତାରିଖ ପୂର୍ବାହ୍ନରେ ରାଷ୍ଟ୍ରପତି ଭୁବନେଶ୍ୱର ରେଳ ଷ୍ଟେସନଠାରୁ ବ୍ରହ୍ମପୁର ଅଭିମୁଖେ ଟ୍ରେନ୍‌ରେ ଯାତ୍ରା କରିବେ। ଏହାକୁ ଦୃଷ୍ଟିରେ ରଖି ରାଷ୍ଟ୍ରପତିଙ୍କ ଗସ୍ତକୁ ସୁରକ୍ଷିତ, ସୁବ୍ୟବସ୍ଥିତ ଓ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବା ନିମନ୍ତେ ଆଜି ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ (ଡିଜି) ଯୋଗେଶ ବାହାଦୁର ଖୁରାନିଆଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଡିଜିପି ସୁରକ୍ଷା ବ୍ୟବସ୍ଥାକୁ ସର୍ବୋଚ୍ଚ ପ୍ରାଥମିକତା ଦେବା ସହ ସମସ୍ତ ବିଭାଗ ମଧ୍ୟରେ ଉପଯୁକ୍ତ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ବରିଷ୍ଠ ପୁଲିସ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୁରକ୍ଷା ବ୍ୟବସ୍ଥାରେ କୌଣସି ପ୍ରକାର ତ୍ରୁଟି କିମ୍ବା ବ୍ୟତିକ୍ରମ ନ ଘଟିବା ପାଇଁ ପ୍ରତ୍ୟେକ ବ୍ୟବସ୍ଥାର ନିୟମିତ ସମୀକ୍ଷା ଓ ତଦାରଖ କରିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି।

ସେହିପରି ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରିବା ପାଇଁ କାର୍ଯ୍ୟକ୍ରମ ସ୍ଥଳ ଓ ଭିଭିଆଇପିଙ୍କ ଯାତାୟାତ ମାର୍ଗରେ ସୁରକ୍ଷା ବଳୟ ପ୍ରସ୍ତୁତ କରାଯିବା ସହ ବୈଷୟିକ ଯାଞ୍ଚ ଓ ଆଣ୍ଟି-ସାବୋଟାଜ୍ ଯାଞ୍ଚ ସହ ସମ୍ପୂର୍ଣ୍ଣ ସତର୍କ ଓ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ରେଳ ସୁରକ୍ଷା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇ ସମଗ୍ର ରେଳପଥରେ ପାଟ୍ରୋଲିଂ ଜୋରଦାର କରାଯିବ ଓ ସମସ୍ତ ଲେଭଲ୍ କ୍ରସିଂରେ ସୁରକ୍ଷା କର୍ମୀଙ୍କୁ ନିୟୋଜିତ କରାଯିବ। ପ୍ଲାଟଫର୍ମ ଡ୍ୟୁଟିରେ ରହିବାକୁ ଥିବା ରେଳବାଇ କର୍ମଚାରୀଙ୍କୁ ପୂର୍ବରୁ ଚିହ୍ନଟ କରାଯାଇ ସ୍ୱତନ୍ତ୍ର ଡ୍ୟୁଟି ପାସ୍ ପ୍ରଦାନ କରାଯାଉଛି।

ରାଷ୍ଟ୍ରପତିଙ୍କ ଏହି ଗସ୍ତକୁ ଶାନ୍ତିପୂର୍ଣ୍ଣ ଓ ସୁରକ୍ଷିତ କରିବା ପାଇଁ ପୁଲିସ, ରେଳବାଇ ଓ ସାଧାରଣ ପ୍ରଶାସନ ମଧ୍ୟରେ ସମ୍ପୂର୍ଣ୍ଣ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ଡିଜିପି ସମସ୍ତ ବରିଷ୍ଠ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ବୈଠକରେ ଗୁଇନ୍ଦା ନିର୍ଦ୍ଦେଶକ ଆରପି କୋଚେ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ରାଜେଶ କୁମାର, ପୁଲିସ କମିଶନର (ଭୁବନେଶ୍ୱର-କଟକ) ଡଃ ଦେବଦତ୍ତ ସିଂ, ପୂର୍ବତଟ ରେଳବାଇର ପ୍ରିନ୍ସିପାଲ ଚିଫ୍ ସିକ୍ୟୁରିଟି କମିଶନର ଆଲୋକ ଭୋରା, ଆଇଜିପି (କେନ୍ଦ୍ରାଞ୍ଚଳ) ସତ୍ୟଜିତ୍ ନାଏକ ଓ ଏସପି (କ୍ରାଇମବ୍ରାଞ୍ଚ) ବିବେକାନନ୍ଦ ଶର୍ମା ଉପସ୍ଥିତ ଥିଲେ।

## ସହଯୋଗୀଙ୍କ ସହ ଭିଜିଲାନ୍ସ ଜାଲରେ ଆର୍‌ଆଇ

ମ୍ୟୁଟେସନ ପାଇଁ ନେଉଥିଲେ ୩୦ ହଜାର ଲାଞ୍ଚ



କଟକ,୩୧।୭(ସଂଚାର ବ୍ୟୁରୋ): ଭିଜିଲାନ୍ସ ଜାଲରେ ପଡ଼ିଲେ ଆଉ ଜଣେ ବାବୁ। ସଂଶୋଧିତ ଆରଓଆର ବା ଜମିପଟ୍ଟା ପ୍ରଦାନ ପାଇଁ ୩୦ ହଜାର ଟଙ୍କା ଲାଞ୍ଚ ନେଉଥିଲେ। ସହଯୋଗୀଙ୍କ ସହାୟତାରେ ରାଜସ୍ୱ ନିରୀକ୍ଷକ (ଆର୍‌ଆଇ) କିଶୋର କୁମାର ସ୍ୱାଇଁ ଲାଞ୍ଚ ନେଉଥିବାବେଳେ ତାଙ୍କୁ ଭିଜିଲାନ୍ସ ବିଭାଗ ମାଡ଼ି ବସିଛି। ସେ କଟକ ଜିଲ୍ଲା ନିଆଳି ତହସିଲ ଅଧୀନସ୍ଥ ମାଧବ ରାଜସ୍ୱ ନିରୀକ୍ଷକ ଶ୍ରୀ ସ୍ୱାଇଁଙ୍କ ସହ ତାଙ୍କ ସହଯୋଗୀ ସୁକାନ୍ତ ପ୍ରଧାନଙ୍କୁ ମଧ୍ୟ ଓଡ଼ିଶା ଭିଜିଲାନ୍ସ ଗିରଫ କରିଛି।

ମିଳିଥିବା ସୂଚନାନୁସାରେ, ଜଣେ ହିତାଧିକାରୀଙ୍କଠାରୁ ମ୍ୟୁଟେସନ ପାଇଁ ଆରଆଇ ଶ୍ରୀ ସ୍ୱାଇଁ ୩୦ ହଜାର ଟଙ୍କା ଲାଞ୍ଚ ମାଗୁଥିଲେ। ସହଯୋଗୀ ଦଲାଲ ସୁକାନ୍ତଙ୍କ ସହାୟତାରେ ସେ ଏହି କାମ କରୁଥିଲେ। ଏନେଇ ଭିଜିଲାନ୍ସ ପାଖରେ ଖବର ପହଞ୍ଚିବା ପରେ ଅଧିକାରୀମାନେ ପୂର୍ବ ଯୋଜନା ମୁତାବକ କାର୍ଯ୍ୟାଳୟରେ ଜଗି ବସିଥିଲେ ଆଉ ଟଙ୍କା ନେବା କ୍ଷଣି ଶ୍ରୀ ସ୍ୱାଇଁ ଓ ତାଙ୍କ ସହଯୋଗୀ ସୁକାନ୍ତଙ୍କୁ ଭିଜିଲାନ୍ସ ଅଧିକାରୀମାନେ ମାଡ଼ି ବସିଥିଲେ। ଉଭୟଙ୍କୁ ପ୍ରମାଣ ସହ ଗିରଫ କରାଯାଇଛି। ଏଥିସହ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ସନ୍ଦେହରେ ଶ୍ରୀ ସ୍ୱାଇଁଙ୍କ ସହ ଜଡ଼ିତ ଏକକାଳୀନ ଦୁଇଟି ସ୍ଥାନରେ ଚଢ଼ାଉ ଜାରି ରହିଛି। ଅଭିଯୋଗ ଭିତ୍ତିରେ ଭିଜିଲାନ୍ସ ଦୁର୍ନୀତି ନିବାରଣ ଆଇନର ଧାରା ୭ରେ ନଂ.୨୮ରେ ଏକ ମାମଲା ରୁଜୁ କରିଛି।

## ବନ୍ୟା ପ୍ରଭାବିତ ଅଞ୍ଚଳ ବୁଲିଲେ ପାଟକୁରା ବିଧାୟକ



ମାର୍ଶାଘାଇ,୩୧।୭(ସଂଚାର ବ୍ୟୁରୋ): ଚଳିତ ବନ୍ୟାରେ ପାଟକୁରା ବିଧାନସଭା ନିର୍ବାଚନ ମଣ୍ଡଳୀର ସର୍ବାଧିକ ପ୍ରଭାବିତ ପାଇକା, ଚିଡ୍ରୋପ୍ଳା, ବିରୂପା ଓ ଲୁଣା- କରାଣ୍ଡିଆ ଦ୍ୱୀପାଞ୍ଚଳର ବିଭିନ୍ନ ବନ୍ୟା କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ କରିଛନ୍ତି ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର। ସେ ମାର୍ଶାଘାଇ, ଗରଦପୁର ଓ ଡେରାବିଶ ବ୍ଲକ ଅନ୍ତର୍ଗତ ଆଇତପୁର, ଜଳପୋକ, ବଙ୍ଗାଳପୁର, ଇନ୍ଦାଳୋ, ବସୁପୁର, ସିସୁଆ, ସଳାର, ହୁରାସାହି, ତଳଗାଁ, କରିଲୋପାଟଣା, ଗୌଡ଼ଗାଁ, ଜମପଡ଼ା, କରାଣ୍ଡିଆ, ମେହେନ୍ଦୀନଗର, ଗୋର୍ଦ୍ଧନ ବଛାରାଇ ଓ ଗରଦପୁର ବ୍ଲକ ଅଞ୍ଚଳର ଜଗନ୍ନାଥପୁର, ସମସରା, ପାଟକୁରା, ନଇନ୍ଦିପୁର ଭୋଦାଳ ଆଦି ବିଭିନ୍ନ ଗ୍ରାମକୁ ଯାଇ ବନ୍ୟା ପରିସ୍ଥିତିର ଅନୁଧ୍ୟାନ କରିଥିଲେ। ପରିଦର୍ଶନ ସମୟରେ ସେ ବିଭିନ୍ନ ସ୍ଥାନରେ ବନ୍ୟା ପାଣିରେ ପଶି କ୍ଷତିଗ୍ରସ୍ତ ପରିବାର ଓ ଚାଷୀଙ୍କ ସହ ଆଲୋଚନା କରିଥିଲେ। ବନ୍ୟାପୀଡ଼ିତଙ୍କ ପାଇଁ ପାନୀୟ ଜଳ, ଖାଦ୍ୟ, ଔଷଧ, ଗୋଖାଦ୍ୟ ଯୋଗାଣ ଓ କ୍ଷତିଗ୍ରସ୍ତ ଚାଷୀଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ ସମ୍ପର୍କରେ ସରକାରୀ ବ୍ୟବସ୍ଥାର ସମୀକ୍ଷା କରିବା ସହ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ତୁରନ୍ତ ପଦକ୍ଷେପ ନେବାକୁ ନିବେଦନ କରିଥିଲେ। ବିଭିନ୍ନ ଗ୍ରାମରେ ସେ ବନ୍ୟା ପରିସ୍ଥିତି ଅନୁଧ୍ୟାନ କରିବା ସହ ପାଣିଘେରରେ ରହିଥିବା ଘର, ରାସ୍ତାଘାଟ ଏବଂ ଜନଜୀବନର ସ୍ଥିତି ପରଖିଥିଲେ।

ବନ୍ୟାପ୍ରଭାବିତ ଅଞ୍ଚଳରେ ଯଥାଶୀଘ୍ର ରିଲିଫ୍ ଓ ପୁନର୍ବାସ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ସହ କ୍ଷତିଗ୍ରସ୍ତ ଚାଷୀ ଓ ସାଧାରଣ ଲୋକଙ୍କୁ ତୁରନ୍ତ ସହାୟତା ଯୋଗାଇବା ପାଇଁ ସେ ଜିଲ୍ଲାପାଳଙ୍କ ସହ ଆଲୋଚନା କରିଥିବା କହିଥିଲେ। ବିଧାୟକ ଶ୍ରୀ ମହାପାତ୍ରଙ୍କ ସହ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ମଧ୍ୟ ସାମିଲ ହୋଇ ନିଜ ଅଞ୍ଚଳର ସମସ୍ୟା ଜଣାଇଥିଲେ।

ତାମିଲନାଡୁରେ ପୁଣି ଜଣେ ଓଡ଼ିଆ ଦାଦନଙ୍କ ମୃତ୍ୟୁ

## ମୃତଦେହକୁ ଗାଁରେ ପହଞ୍ଚାଇବାକୁ ସରକାରଙ୍କୁ ନିବେଦନ

ଆନନ୍ଦପୁର,୩୧।୭(ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲା ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ଆଗର୍ଦା ଗ୍ରାମର ମହେନ୍ଦ୍ର କୁମାର ଜେନାଙ୍କର ଚିକିତ୍ସାଧୀନ ଅବସ୍ଥାରେ ଚେନ୍ନାଇରେ ମୃତ୍ୟୁ ଘଟିଛି। ତାଙ୍କ ମୃତ୍ୟୁରେ ପରିବାର ଉପରେ ଦୁଃଖର ପାହାଡ଼ ଭାଙ୍ଗି ପଡ଼ିଥିବା ବେଳେ ମୃତଦେହକୁ ନିଜ ଗାଁକୁ ଆଣିବା ପାଇଁ ସରକାରୀ ସହଯୋଗ ଦାବି କରିଛନ୍ତି ପରିବାର ଓ ଗ୍ରାମବାସୀ। ଆଗର୍ଦା ଗ୍ରାମର ମହେନ୍ଦ୍ର (୫୭) ଜୀବିକା ନିର୍ବାହ ପାଇଁ ଦୀର୍ଘ ୧୦ ବର୍ଷ ଧରି ତାମିଲନାଡୁରେ କାମ କରୁଥିଲେ। ଚେନ୍ନାଇସ୍ଥିତ ଥିରୁଭାନମିୟୁର ଅଞ୍ଚଳର କୃଷ୍ଣମ ବିଚ୍ ରୋଡରେ ଥିବା ଏକ ବେସରକାରୀ ସିକ୍ୟୁରିଟି ସଂସ୍ଥାରେ ସୁରକ୍ଷା କର୍ମୀ ଭାବେ ସେ କାର୍ଯ୍ୟରତ ଥିଲେ। ତେବେ କିଛି ଦିନତଳେ ଡ୍ୟୁଟି କରୁଥିବା ସମୟରେ ସେ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ସହକର୍ମୀମାନେ ତାଙ୍କୁ ଚେନ୍ନାଇର ରୋୟାପେଟ୍ଟା ସରକାରୀ ମେଡିକାଲ୍ କଲେଜ ଓ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମହେନ୍ଦ୍ରଙ୍କର ମୃତ୍ୟୁ ଘଟିଥିଲା। ସ୍ୱାମୀଙ୍କ ଅସୁସ୍ଥତା ଖବର ପାଇ ପତ୍ନୀ ଦୁଇ ଛୋଟ ଛୁଆଙ୍କୁ ସମ୍ପର୍କୀୟଙ୍କ ପାଖରେ ଛାଡ଼ି ଚେନ୍ନାଇ ଯାଇଥିଲେ। ଏପଟେ ବାପାଙ୍କୁ ହରାଇ ଛୋଟ ଛୁଆମାନେ ଅସହାୟ ଅବସ୍ଥାରେ ରହିଛନ୍ତି। ଏହି ଦୁଃଖଦ ଘଟଣା ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି। ବାହାର ରାଜ୍ୟରେ କାମ କରୁଥିବା ଓଡ଼ିଶାର ଶ୍ରମିକମାନଙ୍କ ମୃତ୍ୟୁ ଘଟଣା ବଢୁଥିବାରୁ ରାଜ୍ୟ ସରକାର ଓ ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ଦେବାକୁ ଦାବି ଉଠିଛି। ସେହିପରି ମହେନ୍ଦ୍ରଙ୍କ ମୃତଦେହକୁ ଯଥାଶୀଘ୍ର ତାଙ୍କ ଗାଁକୁ ଆଣିବା ପାଇଁ ସରକାର ଓ ସ୍ଥାନୀୟ ପ୍ରଶାସନ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।

ରାଜଧାନୀରେ ବୀଭତ୍ସ ହତ୍ୟାକାଣ୍ଡ

## ମୁଣ୍ଡକୁ ଛେଚି ହତ୍ୟା କଲେ ଦୁର୍ବୃତ୍ତ

ଭୁବନେଶ୍ୱର,୩୧।୭(ସଂଚାର ବ୍ୟୁରୋ): ରାଜଧାନୀରେ ଘଟିଛି ବୀଭତ୍ସ ହତ୍ୟାକାଣ୍ଡ। ମୁଣ୍ଡକୁ ଛେଚି ହତ୍ୟା କଲେ ଦୁର୍ବୃତ୍ତ। ଲିଙ୍ଗରାଜ ଥାନା ଗାୟତ୍ରୀ ବସ୍ତିରେ ହତ୍ୟାକାଣ୍ଡ ଘଟିଛି। ମୃତକଙ୍କ ନାଁ ଜିତୁ କାଣ୍ଡି ହୋଇଥିବା ବେଳେ ସେ ଜଣେ ଶ୍ରମିକ। ରକ୍ତାକ୍ତ ଅବସ୍ଥାରେ ତାଙ୍କର ମୃତଦେହକୁ ଜବତ କରିଛି ପୁଲିସ। ତାଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିଛି। ଗତକାଲି ରାତିରେ ବଟି ଆଦାୟକୁ ନେଇ କିଛି ଲୋକଙ୍କ ସହ ବଚସା ହୋଇଥିଲା। ପରେ ଦୋକାନ ସାମ୍ନାରେ ତାଙ୍କୁ ହତ୍ୟା କରାଯାଇଛି। ଗତକାଲି ରାତିରେ ମୃତକ ଜିତୁଙ୍କ ସହ ଅନ୍ୟ ୪ ଜଣ ମଦ୍ୟପାନ କରୁଥିଲେ। ସେମାନଙ୍କ ମଧ୍ୟରୁ ଗଙ୍ଗାଧର ବେହେରା, ଚଗୁ ଓ ବାବୁନା ବେହେରାଙ୍କୁ ପୁଲିସ ଅଟକ ରଖି ପଚରାଉଚରା କରୁଛି। ସେହିଭଳି ଏହି ଘଟଣାରେ ଗୋପାଳ ଦାସ ଏବେ ଫେରାର ହୋଇଯାଇଛି। ଜିତୁ ଗାୟତ୍ରୀ ବସ୍ତିରେ ନିଶା ବେପାର କରୁଥିବା ବେଳେ ପୁଲିସ୍ ତାଙ୍କ ଦୋକାନକୁ ପୂର୍ବରୁ ବନ୍ଦ କରିଥିଲା। ଏବେ ସେ ଏଠାରେ ନିଜର ଦୋକାନ ପୁଣି ଖୋଲିଥିଲେ। ଗତକାଲି ରାତିରେ ମଦ୍ୟପାନ ପରେ ଏଭଳି ଘଟଣା ଘଟିଥିବା କୁହାଯାଉଛି। ବସ୍ତିର ଲୋକଙ୍କୁ ଅଟକ ରଖି ପୁଲିସ୍ ପଚରାଉଚରା କରୁଛି।

## କୁଆଖାଇ ନଦୀକୁ ଡେଇଁଲେ ମହିଳା

ଭୁବନେଶ୍ୱର,୩୧।୭ (ସଂଚାର ବ୍ୟୁରୋ) : ରାଜଧାନୀ ଭୁବନେଶ୍ୱରର ହାଇଟେକ୍ ଛକ ନିକଟସ୍ଥ କୁଆଖାଇ ନଦୀକୁ ଜଣେ ମହିଳା ଡେଇଁ ପଡ଼ିଥିବା ଘଟଣା ସାମ୍ନାକୁ ଆସିଛି। ମହିଳାଜଣଙ୍କ ନଦୀକୁ ଡେଇଁବା ପରେ ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି। ଏହି ଘଟଣା ସମ୍ପର୍କରେ ଖବର ପାଇବା ପରେ ମଞ୍ଚେଶ୍ୱର ଏବଂ ପାହାଳର ଦୁଇଟି ଅଗ୍ନିଶମ ଟିମ୍ ଘଟଣାସ୍ଥଳରେ ପହଞ୍ଚି ନଦୀରେ ଜୋରଦାର ଖୋଜାଖୋଜି ଜାରି ରଖିଛନ୍ତି। ତେବେ ମହିଳାଜଣଙ୍କ କିଏ ଏବଂ ସେ କାହିଁକି ଏଭଳି ଚରମ ପଦକ୍ଷେପ ନେଇ ନଦୀକୁ ଡେଇଁଲେ, ସେନେଇ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ସ୍ପଷ୍ଟ କାରଣ ଜଣାପଡ଼ି ନାହିଁ। ପୋଲିସ ଓ ପ୍ରଶାସନ ପକ୍ଷରୁ ଘଟଣାର ତଦନ୍ତ ସହ ମହିଳାଙ୍କ ପରିଚୟ ଜାଣିବା ପାଇଁ ପ୍ରୟାସ ଜାରି ରହିଛି।

ଦୃଷ୍ଟିହୀନ ଦମ୍ପତିଙ୍କ ନାମରେ ଋଣ କରି ଲୁଟ୍ ଘଟଣା

# ରାଜ୍ୟ ମାନବିକ ଅଧିକାର କମିଶନ୍‌ରେ ଅଭିଯୋଗ




କେନ୍ଦ୍ରାପଡ଼ା,୩୧।୭(ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲାର ମାର୍ଶାଘାଇ ଥାନା ଅଧୀନସ୍ଥ ପଳାସପୁର ଗ୍ରାମର ଏକ ଦୃଷ୍ଟିହୀନ ଦମ୍ପତିଙ୍କ ନାମରେ ଋଣ କରି ସମ୍ପୂର୍ଣ୍ଣ ଋଣ ଅର୍ଥକୁ ହଡ଼ପ କରିନେଇଛନ୍ତି ମହାକାଳପଡା ବିଧାୟକଙ୍କ ପାଖଲୋକ ତଥା ବିଜେପିର ମଣ୍ଡଳ ସଭାପତି ରଶ୍ମୀରଞ୍ଜନ ସ୍ୱାଇଁ। ଏନେଇ ରାଜ୍ୟ ମାନବିକ ଅଧିକାର କମିଶନଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ସମାଜସେବୀ ଚିତ୍ତରଞ୍ଜନ ଦାସ। କେନ୍ଦ୍ରାପଡ଼ା ଜିଲ୍ଲାର ମାର୍ଶାଘାଇ ଥାନା ଅଧୀନସ୍ଥ ପଳାସପୁର ଗ୍ରାମର ସୋନୁ ମଳିକଙ୍କ ପତ୍ନୀ ରିଙ୍କି ମଳିକଙ୍କ ନାମରେ ଭାରତ ଫାଇନାନ୍ସ କମ୍ପାନୀରୁ ଏକ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ୩ଟି ଋଣ କରାଯାଇ ସେହି ଅର୍ଥକୁ ହଡ଼ପ କରାଯାଇଥିବା ଅଭିଯୋଗ ହୋଇଥିଲା। କିନ୍ତୁ ଏହି ଋଣ ସମ୍ପର୍କରେ ରିଙ୍କି କିମ୍ବା ତାଙ୍କ ସ୍ୱାମୀ ସୋନୁ କିଛି ବି ଜାଣି ନଥିଲେ। ତାଙ୍କ ଗ୍ରାମର ବିଜେପି ମଣ୍ଡଳ ସଭାପତି ରଶ୍ମୀରଞ୍ଜନଙ୍କ ପତ୍ନୀ ଓ ଉକ୍ତ ଗ୍ରାମର ଭାରତ ଫାଇନାନ୍ସ କମ୍ପାନୀର ଋଣ ପରିଚାଳକ ମାନସୀ ସ୍ୱାଇଁଙ୍କ ସହ ମିଶି ରଶ୍ମୀରଞ୍ଜନ ଏହି ଭିନ୍ନକ୍ଷମ ଦମ୍ପତିଙ୍କ ନାମରେ ଋଣ କରାଇ ସମ୍ପୂର୍ଣ୍ଣ ଋଣ ଅର୍ଥକୁ ଲୁଟ କରିନେଇଥିବା ଅଭିଯୋଗ ହୋଇଥିଲା। ପଳାସପୁରରେ ରଶ୍ମୀରଞ୍ଜନଙ୍କର ଏକ ଜନସେବା କେନ୍ଦ୍ର ରହିଛି। ରିଙ୍କି ମଳିକ ପ୍ରତ୍ୟେକ ମାସରେ ଭତ୍ତା ଉଠାଇବାକୁ ରଶ୍ମୀରଞ୍ଜନଙ୍କ ଜନସେବା କେନ୍ଦ୍ରକୁ ଯାଇଥାନ୍ତି। ସେଠାରେ ରିଙ୍କିଙ୍କ ଟିପଚିହ୍ନ, ଆଧାର ଫଟୋ ଆଦି ରହିଛି। ଏହାର ସୁଯୋଗ ନେଇ ରଶ୍ମୀରଞ୍ଜନ ଓ ତାଙ୍କ ପତ୍ନୀ ମାନସୀ ରିଙ୍କିଙ୍କ ନାମରେ ୩ଟି ଋଣ କରି ସେହି ଅର୍ଥକୁ ହଡ଼ପ କରିନେଇଛନ୍ତି।

ଭାରତ ଫାଇନାନ୍ସ କମ୍ପାନୀର ଶାଖା ପରିଚାଳକ ସୋନୁଙ୍କ ଘରକୁ ଆସି ଶୀଘ୍ର ଋଣ ଶୁଝିବାକୁ କହିବା ପରେ ଭିନ୍ନକ୍ଷମ ଦମ୍ପତି ଋଣ ସମ୍ପର୍କରେ ଜାଣିବାକୁ ପାଇଥିଲେ। ଏ ସମ୍ପର୍କରେ ରିଙ୍କି ମାର୍ଶାଘାଇ ଥାନାରେ ୨୦୨୫ ଡିସେମ୍ବର ୯ ତାରିଖରେ ଲିଖିତ ଅଭିଯୋଗ କରିବା ପରେ ଥାନା କେଶ୍ ନମ୍ବର -୩୮୧/୨୦୨୫ରେ ବିଏନଏସର ଧାରା ୩୧୮(୪), ୨୯୬, ୩୫୧(୨) ଓ ୩(୫)ରେ ଏକ ମାମଲା ପୁଲିସ ରୁଜୁ କରିଥିଲା। ଏହି କେଶର ତଦନ୍ତ ଭାର ସବଇନ୍ସପେକ୍ଟର ଧରିତ୍ରୀ ଜେନାଙ୍କୁ ଦିଆଯାଇଥିଲା। ଏହା ମଧ୍ୟରେ ୮ ମାସ ବିତିଯାଇଥିଲେବି ଭିନ୍ନକ୍ଷମ ରିଙ୍କି ପୁଲିସ ପାଖରୁ କୌଣସି ନ୍ୟାୟ ନ ପାଇବାରୁ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଏଥିସହ ସେମାନେ ଅଭିଯୋଗ କରିଥିଲେ ଯେ ରଶ୍ମୀରଞ୍ଜନ ମହାକାଳପଡ଼ା ବିଧାୟକଙ୍କ ପାଖ ଲୋକ ହୋଇଥିବାରୁ ପୁଲିସ କିଛି ପଦକ୍ଷେପ ଗ୍ରହଣ କରୁନାହିଁ। ଏହାବ୍ୟତିତ ରଶ୍ମୀରଞ୍ଜନ ସେମାନଙ୍କୁ ଧମକ ଦେଉଥିବାରୁ ସେମାନଙ୍କ ଜୀବନ ପ୍ରତି ମଧ୍ୟ ବିପଦ ରହିଥିବା ଭିନ୍ନକ୍ଷମ ଦମ୍ପତି ଅଭିଯୋଗ କରିଥିଲେ। ତେଣୁ ଘଟଣାର ନିରପେକ୍ଷ ତଦନ୍ତ କରାଯାଇ ତୁରନ୍ତ ଭିନ୍ନକ୍ଷମ ଦମ୍ପତିଙ୍କୁ ନ୍ୟାୟ ପ୍ରଦାନ କରିବାକୁ ସେମାନେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ ଅଦ୍ୟାବଧି କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଏଭଳି ଏକ ସ୍ପର୍ଶକାତର ଘଟଣାରେ ସମାଜସେବୀ ଚିତ୍ତରଞ୍ଜନ ଦାସ ରାଜ୍ୟ ମାନବାଧିକାର ଆୟୋଗଙ୍କ ହସ୍ତକ୍ଷେପ ଲୋଡ଼ି ଘଟଣାର ଏକ ନିରପେକ୍ଷ ତଦନ୍ତ ଦାବି କରିଛନ୍ତି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର

Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

# ଲଞ୍ଚ ହେଲା ଇଭୋର ଏକ୍ସ ଇଲେକ୍ଟ୍ରିକ୍ ବାଇକ୍



ନୂଆଦିଲ୍ଲୀ, ୩୧।୭:ଭାରତରେ ଇଲେକ୍ଟ୍ରିକ୍ ଗାଡ଼ିର ଚାହିଦା ଦିନକୁ ଦିନ ବଢ଼ୁଛି। ବିଶେଷକରି ଇଲେକ୍ଟ୍ରିକ୍ ବାଇକ୍ ଓ ସ୍କୁଟର ବଜାରରେ ବଡ଼ ଧରଣର ବୃଦ୍ଧି ଦେଖିବାକୁ ମିଳୁଛି। ଏହି ବଢ଼ୁଥିବା ଚାହିଦାକୁ ଦେଖି ଇଭି କମ୍ପାନୀ ଇଭୋର ଭାରତୀୟ ବଜାରରେ ନିଜର ନୂଆ ଇଭୋର ଏକ୍ସ ଇଲେକ୍ଟ୍ରିକ୍ ବାଇକ୍ ସିରିଜ୍ ଲଞ୍ଚ କରିଛି। କମ୍ପାନୀର ଦାବି ଅନୁଯାୟୀ, ଏହି ବାଇକ୍ ସେଗମେଣ୍ଟରେ ସବୁଠାରୁ ଅଧିକ ରେଞ୍ଜ ଏବଂ ଦମଦାର ପରଫର୍ମାନ୍ସ ଦେଇଥାଏ। ଗୋଟିଏ ଥର ଫୁଲ୍ ଚାର୍ଜ କଲେ ଏହା ୨୬୦ କିଲୋମିଟର ପର୍ଯ୍ୟନ୍ତ ଚାଲିପାରିବ। ତେଣୁ ପ୍ରତିଦିନ ଦୀର୍ଘ ଦୂରତା ଯାତ୍ରା କରୁଥିବା ଲୋକଙ୍କ ପାଇଁ ଏହା ଏକ ଭଲ ଅପ୍ସନ ହୋଇପାରେ।

ଏବେ ଆସନ୍ତୁ ଜାଣିବା ଏହାର ବ୍ୟାଟେରୀ ଏବଂ ରେଞ୍ଜ ବିଷୟରେ। ଇଭୋର ଏକ୍ସ୧ ରେ ୩.୨୪ kWh ବ୍ୟାଟେରୀ ପ୍ୟାକ୍ ରହିଛି, ଯାହା ଗୋଟିଏ ଚାର୍ଜରେ ୧୬୦ କିଲୋମିଟର ପର୍ଯ୍ୟନ୍ତ ରେଞ୍ଜ ଦେଇଥାଏ। ଅନ୍ୟପଟେ ଏକ୍ସ୨ ଏବଂ ଏକ୍ସ୨ଏସ ଭାରିଏଣ୍ଟରେ ୫ kWh କ୍ଷମତାର ବଡ଼ ବ୍ୟାଟେରୀ ପ୍ୟାକ୍ ଦିଆଯାଇଛି। କମ୍ପାନୀର କହିବା ଅନୁସାରେ, ଟପ୍ ଭାରିଏଣ୍ଟ ଏକ୍ସ୨ଏସ ଗୋଟିଏ ଥର ଫୁଲ୍ ଚାର୍ଜରେ ୨୬୦ କିଲୋମିଟର ପର୍ଯ୍ୟନ୍ତ ସର୍ଟିଫାଏଡ୍ ରେଞ୍ଜ ପ୍ରଦାନ କରେ। ଏହା ସହ ଇନ୍-ବିଲ୍ଟ ଚାର୍ଜର୍ ମଧ୍ୟ ରହିଛି, ଯାହା ବ୍ୟାଟେରୀକୁ ୨୦% ରୁ ୮୦% ପର୍ଯ୍ୟନ୍ତ ମାତ୍ର ୨ଘଣ୍ଟାରେ ଚାର୍ଜ କରିପାରେ। ଜପରଫର୍ମାନ୍ସ କଥା କହିଲେ, ବେସ୍ ଏବଂ ମିଡ୍ ଭାରିଏଣ୍ଟରେ ୧୦.୫ kW ମୋଟର୍ ଦିଆଯାଇଛି, ଯାହା ୧୦bhp ପାୱାର ଜେନେରେଟ୍ କରେ। ଏହି ବାଇକ୍ ୦ରୁ ୪୦ କିଲୋମିଟର ପ୍ରତି ଘଣ୍ଟା ବେଗ ମାତ୍ର ୩.୨ସେକେଣ୍ଡରେ ଧରିପାରେ ଏବଂ ଏହାର ସର୍ବାଧିକ ସ୍ପିଡ୍ ୧୦୦ କିଲୋମିଟର ପ୍ରତି ଘଣ୍ଟା।

ଅନ୍ୟପଟେ, ଟପ୍ ଭାରିଏଣ୍ଟ ଏକ୍ସ୨ଏସରେ ୧୪ bhp କ୍ଷମତାର ଅଧିକ ପାୱାରଫୁଲ୍ ମୋଟର୍ ଦିଆଯାଇଛି। ଏହା ୦ରୁ ୪୦ କିଲୋମିଟର ବେଗ ମାତ୍ର ୨.୮ ସେକେଣ୍ଡରେ ଧରିପାରେ ଏବଂ ସର୍ବାଧିକ ୧୧୪ କିଲୋମିଟର ପ୍ରତି ଘଣ୍ଟା ବେଗରେ ଚାଲିପାରେ। ଏଥିରେ ରହିଛି ୬ଟି ଭିନ୍ନ ରାଇଡିଂ ମୋଡ୍, ଯାହା ରାଇଡିଂ ଅନୁଭୂତିକୁ ଆହୁରି ଉନ୍ନତ କରିଥାଏ। ଭାରତୀୟ ବଜାରରେ ଇଭୋର ଏକ୍ସ ସିରିଜ୍ର ସିଧାସଳଖ ଟକ୍କର ହେବ Rଇଭିolt RV400, Oben Rorr, Ola Roadster ଏବଂ Ather ଭଳି ପପୁଲାର ଇଲେକ୍ଟ୍ରିକ୍ ବାଇକ୍ ସହିତ। କମ୍ ଦାମରେ ଅଧିକ ପାଇବେ ରେଞ୍ଜ, ଫାଷ୍ଟ ଚାର୍ଜିଂ ଏବଂ ହାଇ ଟପ୍ ସ୍ପିଡ୍।

ଇଭୋର ଏକ୍ସ ସିରିଜ୍ର ବେସ୍ ଭାରିଏଣ୍ଟର ଇଣ୍ଟ୍ରୋଡକ୍ଟରି ଏକ୍ସ-ଶୋରୁମ୍ ମୂଲ୍ୟ ୧ ଲକ୍ଷ ୨୫ ହଜାର ଟଙ୍କା ରଖାଯାଇଛି। ତେବେ ଏହି ଅଫର୍ କେବଳ ପ୍ରଥମ ୧୦ ହଜାର ଗ୍ରାହକଙ୍କ ପାଇଁ ଉପଲବ୍ଧ। ଏହା ପରେ ଏହାର ମୂଲ୍ୟ ବଢ଼ି ୧ ଲକ୍ଷ ୩୫ ହଜାର ଟଙ୍କା ହୋଇଯିବ। ସେହିପରି ଏକ୍ସ୨ ଭାରିଏଣ୍ଟର ମୂଲ୍ୟ ୧ ଲକ୍ଷ ୪୯ ହଜାର ଟଙ୍କା ରହିଛି ଏବଂ ଟପ୍ ଭାରିଏଣ୍ଟ ଏକ୍ସ୨ଏସର ମୂଲ୍ୟ ୧ ଲକ୍ଷ ୬୯ ହଜାର ଟଙ୍କା ରଖାଯାଇଛି।

ସବୁଠାରୁ ଭଲ କଥା ହେଉଛି, ମାତ୍ର ୭୯୯ ଟଙ୍କା ଟୋକେନ୍ ରାଶି ଦେଇ ଏହି ବାଇକକୁ ଅନଲାଇନ୍ ପ୍ରି-ବୁକ୍ କରାଯାଇପାରିବ। ତେବେ, ଯଦି ଆପଣ ଏକ ଲମ୍ବା ରେଞ୍ଜ, ଦମଦାର ପରଫର୍ମାନ୍ସ ଏବଂ କମ୍ ଦାମର ଇଲେକ୍ଟ୍ରିକ୍ ବାଇକ୍ ଖୋଜୁଛନ୍ତି, ତାହେଲେ ଇଭୋର ଏକ୍ସ ସିରିଜ୍ ଆପଣଙ୍କ ପାଇଁ ବେଷ୍ଟ ଅପ୍ସନ ହୋଇପାରେ।

# ତନିସ୍କର ହୀରା ଏକ୍ସପର୍ଟାଇଜ୍ ସେଣ୍ଟର୍

ଭୁବନେଶ୍ୱର,୩୧।୭: ଦେଶର ଅଗ୍ରଣୀ ଗହଣା ପ୍ରତିଷ୍ଠାନ ତନିସ୍କ ପକ୍ଷରୁ ରାଜ୍ୟର ତିନିଟି ଷ୍ଟୋର୍ ଭୁବନେଶ୍ୱରର ଚନ୍ଦ୍ରଶେଖରପୁର, କଟକର ସିଡିଏ ଓ କିଶୋର ହାଉସ୍ କ୍ୟାଣ୍ଟନ୍‌ମେଣ୍ଟ୍‌ରେ ହୀରା ଏକ୍ସପର୍ଟାଇଜ୍ ସେଣ୍ଟର (ଡିଏକ୍ସସି) ଆରମ୍ଭ କରାଯାଇଛି। ଏହା ଜରିଆରେ ଗ୍ରାହକମାନେ ଏକ ପରିବର୍ତ୍ତିତ ଓ ସ୍ୱଚ୍ଛ ହୀରା କ୍ରୟ ଅନୁଭୂତି ପାଇପାରିବେ। ଆଧୁନିକ ମୂଲ୍ୟାଙ୍କନ ଟୁଲ ଓ ବିଶେଷଜ୍ଞଙ୍କ ମାର୍ଗଦର୍ଶନ ଜରିଆରେ ଗ୍ରାହକମାନେ ପ୍ରାକୃତିକ ହୀରାକୁ ଭଲ ଭାବେ ବୁଝିପାରିବେ। ତନିସ୍କ ଷ୍ଟୋର୍‌ଗୁଡ଼ିକରେ ପ୍ରାକୃତିକ ହୀରା ଗହଣା ସମ୍ଭାର 'ସୋଲ୍ସ ଇନ୍ ସିମ୍ଫୋନି' ରହିଛି ଗ୍ରାହକମାନେ ତନିସ୍କର ପ୍ରାକୃତିକ ରତ୍ନପଥର ଗହଣା ସମ୍ଭାର 'ହ୍ୟୁଜ୍'କୁ ଦେଖିପାରିବେ। ପୌରାଣିକ କ୍ଷେତ୍ର ଦ୍ୱାରା ଅନୁପ୍ରାଣିତ 'ମୃଗଙ୍କା' କଲେକ୍ସନ ମଧ୍ଯ ରହିଛି। 'ସ୍ରୋତିକା' ସମ୍ଭାର ଓଡ଼ିଶାର ପ୍ରାକୃତିକ ଜଳାଶୟ, ମନ୍ଦିର କଳା ଓ ପ୍ରବାହିତ ନଦୀଗୁଡ଼ିକର ସୌନ୍ଦର୍ଯ୍ୟକୁ ପାଳନ କରୁଛି। ଏହା ବ୍ୟତୀତ ତନିସ୍କରେ ଆବାହନ, ଦେବ୍ୟାନି, ଷ୍ଟ୍ରିଙ୍ଗ ଇଟ୍, ଗ୍ଲାମ୍ ଡେଜ୍, ଡୋର, ଟେଲ୍ସ ଅଫ୍ ମିଷ୍ଟିକ୍, ରେଡ୍ କାର୍ପେଟ୍, ଅଭିର ଓ ରିଭାହ ସମ୍ଭାର ମଧ୍ଯ ରହିଛି। ଏହି ଅବସରରେ କମ୍ପାନିର ଆଞ୍ଚଳିକ ମୁଖ୍ୟ ଶାହ ଗୌରବ କ୍ରିଷ୍ଣା କହିଥିଲେ ଯେ ଏହି ସେଣ୍ଟରଗୁଡ଼ିକର ପ୍ରଚଳନ ସହ ଆମେ ପ୍ରାକୃତିକ ହୀରା କ୍ରୟକୁ ଅଧିକ ସ୍ୱଚ୍ଛ, ପାରସ୍ପରିକ ଓ ସୂଚନା ପ୍ରଦାନ କରିବା ପାଇଁ ଆଉ ଏକ ଅର୍ଥପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛୁ। ଏହି ଅବସରରେ କମ୍ପାନିର ବିଜନେସ୍ ଆସୋସିଏଟ୍ ମାଣିକ ହଂସ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ତନିସ୍କରେ ଗ୍ରାହକମାନେ ଫେଷ୍ଟିଭାଲ ଅଫ୍ ଡାଏମଣ୍ଡ୍‌ସରେ ହୀରା ମୂଲ୍ୟ ଉପରେ ୨୦ ପ୍ରତିଶତ ରିହାତି, ପୁରୁଣା ସୁନା ବଦଳ ବେଳେ ଶୂନ ଡିଡକ୍ସନ ସୁବିଧା ପାଇପାରିବେ। ଏହି ଅଫର ସେପ୍ଟେମ୍ବର ୩ ପର୍ଯ୍ୟନ୍ତ ବୈଧ ରହିଛି।




# 'ହଲ୍'ର ବଡ଼ ନିଷ୍ପତ୍ତି:୫% ପର୍ଯ୍ୟନ୍ତ ମହଙ୍ଗା ହୋଇପାରେ ଦୈନନ୍ଦିନ ସାମଗ୍ରୀ

ନୂଆଦିଲ୍ଲୀ, ୩୧।୭: ନିତ୍ୟବ୍ୟବହାର ଜିନିଷ ଉପରେ ୫% ପର୍ଯ୍ୟନ୍ତ ମୂଲ୍ୟ ବୃଦ୍ଧି ପାଇବାକୁ ଯାଉଛି। ଏଫଏମସିଜି କମ୍ପାନୀ ହିନ୍ଦୁସ୍ତାନ ୟୁନିଲିଭର ଲିମିଟେଡ୍ ସେପ୍ଟେମ୍ବର ମାସରେ କେତେକ ପ୍ରଡକ୍ଟ ଉପରେ ମୂଲ୍ୟ ବୃଦ୍ଧି କରିପାରେ ବୋଲି ସୂଚନା ମିଳୁଛି। କମ୍ପାନୀର ଟପ୍ ମ୍ୟାନେଜମେଣ୍ଟ ଏହି ଘୋଷଣା କରିଛି। ଏପ୍ରିଲ-ଜୁନ୍ ତୁଳନାରେ ତୈମାସିକରେ ମୂଲ୍ୟ ୨ରୁ ୫ ପ୍ରତିଶତ ବୃଦ୍ଧି ହୋଇପାରେ ବୋଲି କମ୍ପାନୀ ଅନୁମାନ କରୁଛି।

ହିନ୍ଦୁସ୍ତାନ ୟୁନିଲିଭର ଲିମିଟେଡ୍ ଭାରତର ଏକ ଅଗ୍ରଣୀ ଏଫଏମସିଜି କମ୍ପାନୀ। ଏହା ଦେଶରେ ଡିଟରଜେଣ୍ଟ, ଚା, କଫି, ଫ୍ଲୋର କ୍ଲିନର, ସାମ୍ପୁ, ଟୁଥପେଷ୍ଟ, ଫେସ୍ କ୍ରିମ୍, ସାବୁନ, ଜାମ୍, ସୁପ୍, ହେଲ୍ଥ ଡ୍ରିଙ୍କ ପାଉଡର ଏବଂ ସୌନ୍ଦର୍ଯ୍ୟ ଉତ୍ପାଦ ସମେତ ବିଭିନ୍ନ ପ୍ରକାରର ଉତ୍ପାଦ ବିକ୍ରି କରେ। ଏହାର ପ୍ରମୁଖ ବ୍ରାଣ୍ଡଗୁଡିକ ମଧ୍ୟରେ ହ୍ୱିଲ, ବୁଷ୍ଟ, ହର୍ଲିକ୍ସ, ରେଡ୍ ଲେବୁଲ, ତାଜମହଲ, ବ୍ରୁ, କ୍ଲୋଜ୍ ଅପ୍,କ୍ଲିନିକ୍ ପ୍ଲସ୍, ଡୋଭ୍, ହମାମ୍, ଇନ୍ଦୁଲେଖା, କିସାନ୍ ଜାମ୍, ନର୍ ସୁପ୍, ଲକ୍ସ, ଲାକ୍ମି, ଲାଇଫବଏ, ପଣ୍ଡସ୍, ପିଅର୍ସ, ପେପ୍ସୋଡେଣ୍ଟ, ରିନ୍, ରେକ୍ସୋନା, ଭିମ୍, ଭେସଲିନ୍, ସନସିଲକ୍ ଏବଂ ସର୍ଫ ଏକ୍ସେଲ ସାମିଲ ରହିଛି। ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ୨ ରୁ ୫ ପ୍ରତିଶତ ମୂଲ୍ୟ ବୃଦ୍ଧି କରିଥିଲା। ତ୍ରୈମାସିକ ଫଳାଫଳ ପରେ ଗଣମାଧ୍ୟମ ସହିତ କଥାବାର୍ତ୍ତା ସମୟରେ ହିନ୍ଦୁସ୍ତାନ ୟୁନିଲିଭର (ହଲ୍) ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ପରିଚାଳନା ନିର୍ଦ୍ଦେଶକ ପ୍ରିୟା ନାୟାର କହିଛନ୍ତି ଯେ, କମ୍ପାନୀ ଚଳିତ ତ୍ରୈମାସିକରେ ପରିମାଣ ଭିତ୍ତିକ ବୃଦ୍ଧିକୁ ସଂରକ୍ଷଣ କରି ସନ୍ତୁଳିତ ଏବଂ ପର୍ଯ୍ୟାୟକ୍ରମେ ମୂଲ୍ୟ ନିର୍ଦ୍ଧାରଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ଅନ୍ୟପଟେ ହିନ୍ଦୁସ୍ତାନ ୟୁନିଲିଭରର ସିଇଓ ଏବଂ ଏମଡି ପ୍ରିୟା ନାୟାର କହିଛନ୍ତି ଯେ, କମ୍ପାନୀ



ସେପ୍ଟେମ୍ବର ତ୍ରୈମାସିକରେ ମୁଦ୍ରାସ୍ଫୀତି କ୍ରମାଗତ ଭାବେ ବୃଦ୍ଧି ପାଇବାର ଆଶା କରାଯାଉଛି। ସେ ଆହୁରି କହିଛନ୍ତି ଯେ, ହିନ୍ଦୁସ୍ତାନ ୟୁନିଲିଭରର ପ୍ରାଥମିକତା ପରିମାଣ-ଚାଳିତ ଅଭିବୃଦ୍ଧି ରହିଛି। ଏହାରି ମଧ୍ୟରେ ହିନ୍ଦୁସ୍ତାନ ୟୁନିଲିଭରର ମୁଖ୍ୟ ଆର୍ଥିକ ଅଧିକାରୀ ନିରଞ୍ଜନ ଗୁପ୍ତା ମଧ୍ୟ କହିଛନ୍ତି ଯେ, କମ୍ପାନୀ ଜୁନ୍ ତ୍ରୈମାସିକରେ ମୂଲ୍ୟ ନିର୍ଦ୍ଧାରଣ ମାଧ୍ୟମରେ ଗ୍ରାହକଙ୍କୁ ମୁଦ୍ରାସ୍ଫୀତିର କେବଳ ଅଧା ହସ୍ତାନ୍ତର କରିଛି।

# ଏଣିକି ଟ୍ରେନ୍ ଟିକଟ କରିବା ସମୟରେ ବୁକିଂ ହେବ ଲଗେଜ୍

ନୂଆଦିଲ୍ଲୀ,୩୧।୭: ଭାରତୀୟ ରେଳ ପକ୍ଷରୁ ଅନଲାଇନ୍ ଲଗେଜ୍ ବୁକିଂ ସୁବିଧା ଆରମ୍ଭ କରାଯାଇଛି। ପୂର୍ବରୁ ଅଧିକ ଲଗେଜ୍ ନେଇ ଯାତ୍ରା କରୁଥିବା ଯାତ୍ରୀମାନଙ୍କୁ ପାର୍ସଲ୍ ଅଫିସ୍ ଯାଇ ସେଠାରେ ଧାଡ଼ିରେ ଘଣ୍ଟା ଘଣ୍ଟା ଠିଆ ହୋଇ ଲଗେଜ୍‌ଗୁଡ଼ିକୁ ବୁକିଂ କରିବାକୁ ପଡୁଥିଲା। କିନ୍ତୁ ଆଗାମୀ ଦିନରେ ଯାତ୍ରୀମାନେ ଟିକଟ ବୁକିଂ ସମୟରେ ନିଜ ଲଗେଜ୍ ବୁକିଂ କରିପାରିବେ। ଆଜିଠାରୁ ଆରମ୍ଭ ହୋଇଥିବା ନୂଆ ବ୍ୟବସ୍ଥାରେ ଯୋଗ୍ୟ ଯାତ୍ରୀମାନେ ନିଜ ଟିକଟ ଓ ଅତିରିକ୍ତ ଲଗେଜ୍ ବୁକିଂ ଏକ ସମୟରେ କରିପାରିବେ। ତେବେ ଏଥିରେ ବିଭିନ୍ନ ଶ୍ରେଣୀର ଯାତ୍ରା ପାଇଁ ଭିନ୍ନ ଭିନ୍ନ ଯୋଗ୍ୟତା ମାପଦଣ୍ଡ ରହିଛି।

ଅତିରିକ୍ତ ଲଗେଜ୍ ବୁକିଂ ସୁବିଧା କେବଳ ଟିକଟ କନ୍‌ଫର୍ମ ହୋଇଥିବା ଯାତ୍ରୀମାନଙ୍କୁ ମିଳିବ। କେବଳ ଯେଉଁ କ୍ଷେତ୍ରରେ ଅନୁମୋଦିତ ସୀମାଠାରୁ ଅଧିକ ଲଗେଜ୍ ନେବାର ଅନୁମତି ଥିବ କେବଳ ସେହି ମାମଲାଗୁଡ଼ିକରେ ଅତିରିକ୍ତ ଲଗେଜ୍ ବୁକିଂ



କରାଯାଇପାରିବ। ଏସି ପ୍ରଥମ ଶ୍ରେଣୀ, ଏସି-୨ ଟାୟାର, ପ୍ରଥମ ଶ୍ରେଣୀ, ଶୟନ ଶ୍ରେଣୀ ଓ ଦ୍ୱିତୀୟ ଶ୍ରେଣୀର ଯାତ୍ରୀମାନଙ୍କୁ ଏହି ସୁବିଧା ମିଳିବ। ଏସି ୩-ଟାୟାର ଓ ଚେୟାର କାର୍‌ରେ ଯାତ୍ରା କଲେ ଯାତ୍ରୀଙ୍କୁ ଏହି ସୁବିଧା ମିଳିବ ନାହିଁ। ଏସି ପ୍ରଥମ ଶ୍ରେଣୀ ପାଇଁ ୭୦ କେଜି ପର୍ଯ୍ୟନ୍ତ ଲଗେଜ୍ ନେବା ମାଗଣା ରହିଛି। ଅନ୍ୟ ଶ୍ରେଣୀଗୁଡ଼ିକର ଯାତ୍ରୀଙ୍କ ପାଇଁ ୩୫ କେଜିରୁ ୫୦ କେଜି ପର୍ଯ୍ୟନ୍ତ ଲଗେଜ୍ ନେବା ମାଗଣା ରହିଛି। ପ୍ରତ୍ୟେକ ଶ୍ରେଣୀର ସର୍ବାଧିକ ଲଗେଜ୍ ସୀମା ରହିଛି ଯାହା ୭୦ କେଜିରୁ ଆରମ୍ଭ କରି ୧୫୦ କେଜି ପର୍ଯ୍ୟନ୍ତ ରହିଛି। ମାଗଣା ସୀମାଠାରୁ ଅଧିକ ଲଗେଜ୍ ନେବାକୁ ହେଲେ ସେହି ଅତିରିକ୍ତ ଲଗେଜ୍‌ର ବୁକିଂ କରାଯାଇପାରିବ। ତେବେ ସମସ୍ତ ଲଗେଜ୍ ପରିମାଣ ସର୍ବାଧିକ ସୀମା ମଧ୍ୟରେ ରହିବା ଦରକାର। ସେହିପରି ଯାତ୍ରୀମାନେ କେଉଁ ଆକାରର ଲଗେଜ୍ ନେଇପାରିବେ ତାହାର ମଧ୍ୟ ନିୟମ ରହିଛି।



## ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର । ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୪୩,୫୧୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧,୩୧,୫୫୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୪୩,୫୧୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ୧,୩୧,୫୫୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୪୩,୫୧୦ ଟଙ୍କା ଓ ୨୨ କ୍ୟାରଟେ ମୂଲ୍ୟ ୧,୩୧,୫୫୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୪୩,୬୬୦ ଟଙ୍କା ଓ ୨୨ କ୍ୟାରଟେ ୧,୩୧,୭୦୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୪୩,୫୧୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୩୧,୫୫୦ ଟଙ୍କା ରହିଛି ।



## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ପେଟ୍ରୋଲ ଓ ଡିଜେଲ ଦରରେ ସାମାନ୍ୟ ପରିବର୍ତ୍ତନ ହୋଇଛି । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୯.୩୩ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୧୦୧.୦୨ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୨ ଟଙ୍କା ୧୨ ପଇସା ଓ ଡିଜେଲ ଦର ୯୫ ଟଙ୍କା ୨୦ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୧ ଟଙ୍କା ୨୧ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୭.୮୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୧୩.୫୧ ଟଙ୍କା ଥିବାବେଳେ ଡିଜେଲ ଦର ୯୯ ଟଙ୍କା ୮୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୭ ଟଙ୍କା ୯୪ ପଇସା ଥିବା ବେଳେ ଡିଜେଲ ଦାମ ୯୯ ଟଙ୍କା୭୧ ପଇସା ରହିଛି । ପ୍ରତ୍ୟେକ ଦିନ ସକାଳ ୬ଟାରେ ପେଟ୍ରୋଲ ଏବଂ ଡିଜେଲ୍ ଦାମରେ ପରିବର୍ତ୍ତନ ହୋଇଥାଏ ।

## ପାରାଦ୍ୱୀପ ଲକ୍ ପୁଲିସ୍ ଦ୍ୱାରା ପରିବାର ଓ ଗୋବଂଶ ଉଦ୍ଧାର



ପାରାଦ୍ୱୀପ,୩୧।୭ (ସଂଚାର ବ୍ୟୁରୋ): ମହାନଦୀରେ ଜଳସ୍ତର ବୃଦ୍ଧି ପାଇବା ଫଳରେ ତଳିଆ ଅଞ୍ଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ନୂଆଗଡ଼ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଚଉମୁହାଣୀ ଅଞ୍ଚଳ ଜଳମଗ୍ନ ହୋଇଥିବା ବେଳେ ସେଠାରେ ଜଣେ ମତ୍ସ୍ୟଜୀବୀ ପରିବାର ଓ ଗୋଟିଏ ଗୋବଂଶ ଜଳବନ୍ଦୀ ହୋଇପଡ଼ିଥିଲେ।

ଖବର ପାଇ ପାରାଦ୍ୱୀପ ଲକ୍ ଥାନା ଅଧିକାରୀ ରଶ୍ମି ରଞ୍ଜନ ଦାସ ଙ୍କ ନେତୃତ୍ୱରେ ପୋଲିସ୍ ଟିମ୍ ଏବଂ ମତ୍ସ୍ୟ ବିଭାଗର କର୍ମଚାରୀ ମାନଙ୍କ ସହଯୋଗରେ ତୁରନ୍ତ ଉଦ୍ଧାର କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଉଭୟ ପରିବାର ଓ ଗୋବଂଶକୁ ସୁରକ୍ଷିତ ଭାବେ ଉଦ୍ଧାର କରି ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି।

# ଦେବୀରେ ବିପଦ ସଂକେତ ଉପରେ ଜଳସ୍ରୋତ

### ବାଉରିଆକଣଠାରେ ୫.୨୫ ମିଟର ଛୁଇଁଲା ଜଳସ୍ତର

### ତାଳଦାରେ ଫସିଥିବା ମଇଁଷି ସୁରକ୍ଷିତ ଭାବେ ଉଦ୍ଧାର

### ନଦୀବନ୍ଧ ସୁରକ୍ଷିତ - ଜଳସମ୍ପଦ ଅଧିକାରୀ



କାକଟପୁର/ଅସ୍ତରଙ୍ଗ,୩୧।୭ (ସଂଚାର ବ୍ୟୁରୋ): ମହାନଦୀରେ ଜଳସ୍ତର ବୃଦ୍ଧି ପାଉଥିବା ବେଳେ ଏହାର ଶାଖା ଦେବୀ ନଦୀ ରେ ଗୁରୁବାର ରାତିରୁ ପ୍ରଖର ବେଗରେ ଜଳସ୍ରୋତ ବୃଦ୍ଧି ପାଇଛି। ଏହାର ପ୍ରଭାବ ରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଧୀନ ତାଳଦା, ଆଳସାହି, ନଗର, ଅସ୍ତରଙ୍ଗ, ଝାଡଲିଙ୍ଗ, ନୂଆଗଡ, ଛୁରୀଆନା, ଶିଶୁଅ ସମେତ ବିଭିନ୍ନ ତଳିଆ ଅଞ୍ଚଳରେ ପାଣି ପ୍ରବେଶ କରିଥିଲେ ମଧ୍ୟ ପ୍ରଶାସନ ର ତୁରନ୍ତ ପଦକ୍ଷେପ ଯୋଗୁଁ ଏ ପର୍ଯ୍ୟନ୍ତ କୌଣସି ବଡ କ୍ଷୟକ୍ଷତି ଖବର ନାହିଁ।

ଜଳସମ୍ପଦ ବିଭାଗର ସତର୍କ ନଜର ଯୋଗୁଁ ବନ୍ଧ ସୁରକ୍ଷିତ ରହିଛି। ବିଭାଗ ତରଫରୁ ମିଳିଥିବା ସୂଚନା ଅନୁସାରେ ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ବାଉରିଆକଣ ଠାରେ ଦେବୀ ନଦୀ ର ଜଳସ୍ତର ୫. ୨୫ମିଟର ରେ ସ୍ଥିର ରହିଛି। ୧୯୮୨ମସିହା ବନ୍ୟା ସମୟରେ ବନ୍ଧ ର ଉଚ୍ଚତା ଅନୁସାରେ ବିପଦ ସଂକେତ ୪. ୯୩ମିଟର ଥିବା ବେଳେ ବର୍ତ୍ତମାନ ବନ୍ଧ ର ଉଚ୍ଚତା ୭. ୫ ମିଟର ରହିଛି। ତେଣୁ ଭୟର କିଛି କାରଣ ନାହିଁ ବୋଲି ଜଳସମ୍ପଦ ବିଭାଗ ଅଧିକାରୀ କହିଛନ୍ତି।

ହୀରାକୁଦ ଜଳଭଣ୍ଡାରରୁ ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ୨୨ ଟି ଗେଟ ଦେଇ ପାଣି ଛଡାଯାଉଥିବା ବେଳେ ମୁଣ୍ଡୁଳି ଦେଇ ୮ ଲକ୍ଷ ୩୫ ହଜାର କ୍ୟୁସେକ ପାଣି ଦେବୀ ନଦୀରେ ପ୍ରବେଶ କରୁଛି। ଏହି ପାଣି ଦେବୀ ନଦୀରେ ପହଞ୍ଚିବାକୁ ପ୍ରାୟ ୩୬ଘଣ୍ଟା ସମୟ ଲାଗିବା ପୂର୍ଣ୍ଣିମାର ପ୍ରଭାବ ସହ ରବିବାର ସକାଳ ସୁଦ୍ଧା ପାଣି କମିଯିବ ବୋଲି ଅନୁମାନ କରାଯାଉଛି।

ବନ୍ଧ ସୁରକ୍ଷାକୁ ନେଇ ଜଳସମ୍ପଦ ବିଭାଗ ପକ୍ଷରୁ ବାଉରିଆକଣ ଠାରୁ କାଳିଆକଣ ପର୍ଯ୍ୟନ୍ତ ସ୍ଥିତି ଅନୁଧ୍ୟାନ କରାଯାଇଛି। ନିମାପଡା ଅଧିକ୍ଷଣ ଯନ୍ତ୍ରୀ ପ୍ରିତମ ପୋଥାଲ, କାକଟପୁର ଏସଡିଓ ପାୟଲ ପ୍ରିୟଦର୍ଶିନୀ ଏବଂ ଯନ୍ତ୍ରୀ ତପନ ନାୟକ ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିଛନ୍ତି। ତାଳଦା ପଂଚାୟତରେ ଦେବୀ ନଦୀ ବନ୍ଧ ଦୁର୍ବଳ ଥିବା ସ୍ଥାନରେ ବାଲି ବସ୍ତା ପକାଯାଇଛି। ଅସନ ନିକଟରେ ମଧ୍ୟ ବାଲି ବସ୍ତା ପକାଯାଇଛି। ନଗର ପଂଚାୟତ ବାଲିଡିଆ ନିକଟରେ କଲଭେଟ ପାଇଁ କଟାଯାଇଥିବା ସ୍ଥାନକୁ ସମତୁଲ କରାଯାଇଛି। କାକଟପୁର ଜଳସେଚନ ବିଭାଗ ଅଧୀନରେ କୌଣସି ଦୁର୍ବଳ ବନ୍ଧ ନାହିଁ ବୋଲି ଅଧିକାରୀ କହିଛନ୍ତି।

ତହସିଲଦାରଙ୍କ ତତ୍ପରତାକୁ ପ୍ରଶଂସା କରିଛନ୍ତି ବ୍ଲକର ବିଭିନ୍ନ ଗ୍ରାମବାସୀ। ତାଳଦା ପଂଚାୟତର ତଳିଆ ଅଞ୍ଚଳରେ ବନ୍ୟା ପାଣି ପଶିବାରୁ ଅନେକ ଗୋପାଳଙ୍କ ମଇଁଷି ପାଣି ଘେରରେ ଫସି ରହିଥିଲେ। ଖବର ପାଇବା ମାତ୍ରେ ଅସ୍ତରଙ୍ଗ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି ନିଜେ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ତାଙ୍କ ନିର୍ଦ୍ଦେଶରେ ଅଗ୍ନିଶମ ବିଭାଗ ତୁରନ୍ତ ପହଞ୍ଚି ସମସ୍ତ ମଇଁଷିକୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ।

ବାଲିପଡ଼ାଳ ଅଞ୍ଚଳର ଅନେକ ତଳିଆ ଗାଁ ଜଳମଗ୍ନ ହୋଇଥିବା ବେଳେ ପ୍ରଶାସନ ତରଫରୁ ଲୋକଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି। ଜଳସମ୍ପଦ ବିଭାଗ ପକ୍ଷରୁ ବନ୍ଧ ଉପରେ ୨୪ଘଣ୍ଟିଆ ପାଟ୍ରୋଲିଙ୍ଗ ଜାରି ରହିଛି। ଅନ୍ୟପଟେ ବିଡ଼ିଓଙ୍କ ଅନୁପସ୍ଥିତି ବିଭିନ୍ନ ସ୍ଥାନରେ ଦେଖା ଯାଉଥିବାରୁ ଅଞ୍ଚଳବାସୀ ଅସନ୍ତୋଷ ପରିଲକ୍ଷିତ କରିଛନ୍ତି।

## ନୂଆପଡ଼ା ପ୍ରକଳ୍ପ ଉନ୍ନୀତ ଉପ୍ରା ବିଦ୍ୟାଳୟର ପରିଚାଳନା କମିଟି ଗଠନ



ଡେରାବି,୩୧।୭ (ସଂଚାର ବ୍ୟୁରୋ):ଡେରାବିଶ ଶିକ୍ଷାସର୍କଲ ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ ନୂଆପଡ଼ା ପ୍ରକଳ୍ପ ଉନ୍ନିତ ଉଚ୍ଚପ୍ରାଥମିକ ବିଦ୍ୟାଳୟର ପରିଚାଳନା କମିଟି ଆଜି ଗଠିତ ହୋଇଯାଇଛି। ବିଦ୍ୟାଳୟର ୧୪୦ ଜଣ ଛାତ୍ରଛାତ୍ରୀମାନଙ୍କର ପିତାମାତାଙ୍କୁ ନେଇ ବିଦ୍ୟାଳୟ ପରିସରରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଅତିଥିଭାବରେ ସାଧନକେନ୍ଦ୍ର ସଂଯୋଜକ ପ୍ରମୋଦ କୁମାର ମଲ୍ଲ, ସରପଞ୍ଚ ସୁରେନ୍ଦ୍ର କୁମାର ମଲିକ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷକ ଦିଲ୍ଲିପ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସରକାରଙ୍କ ମାର୍ଗଦର୍ଶିକା ଅନୁଯାୟୀ ପରିଚାଳନା କମିଟି ପାଇଁ ବନଜା ସାହୁ, ବିଶ୍ୱମୋନ ମିଶ୍ର, ସସ୍ମିତା ମଲିକ, ଝରଣା ଗିରି, ସୁଭେନ୍ଦୁ ହରପ୍ରସନ୍ନ ଦାସ, ସଂଘମିତ୍ରା ବେହେରା, ଜ୍ୟୋତ୍ସ୍ନାରାଣୀ ରାଉତରାୟ, ସନ୍ତୋଷ କୁମାର ଘଡ଼େଇ, ସଙ୍ଗୀତା ବେହେରା, ସସ୍ମିତା ବେହେରା, ସ୍ନେହଲତା ପ୍ରଧାନ, ଉର୍ମିଳା ବାରିକ, ମଦନ ମଲିକ, ଶାନ୍ତନୁ ସାହୁ ଓ ନମିତା ରାଉତ ସଦସ୍ୟ ଭାବେ ମନୋନିତ ହୋଇଥିଲେ। ୱାର୍ଡ଼ ସଭ୍ୟ ନିରଞ୍ଜନ ବେହେରା, ସ୍ୱେଚ୍ଛାସେବୀ ମହେଶ୍ୱର ଷଣ୍ଢ, ଶିକ୍ଷକ ପ୍ରତିନିଧି ଶିବପ୍ରସାଦ ମିଶ୍ର, ଅଙ୍ଗନବାଡ଼ି କର୍ମୀ ଶୈଳବାଳା ଲେଙ୍କା ପ୍ରମୁଖଙ୍କୁ ଏହି କମିଟିକୁ ମନୋନିତ କରାଯାଇଥିଲା।

# ଗୁରୁ ରବିଦାସ ଜୀଙ୍କ ଜୟନ୍ତୀ ଓ ତ୍ରିରଙ୍ଗା ଯାତ୍ରା ପାଇଁ ପ୍ରସ୍ତୁତି ବୈଠକ




ସୁନ୍ଦରଗଡ଼,୩୧।୭ (ସଂଚାର ବ୍ୟୁରୋ): ଭାରତୀୟ ଜନତା ପାର୍ଟି, ସୁନ୍ଦରଗଡ଼ ସାଙ୍ଗଠନିକ ଜିଲ୍ଲା ପକ୍ଷରୁ ଜିଲ୍ଲା କାର୍ଯ୍ୟାଳୟ ଭୋଜପୁର ଠାରେ ସନ୍ଥ ଶିରୋମଣି ଗୁରୁ ରବିଦାସଜୀଙ୍କ ପବିତ୍ର ୬୫୦ତମ ଜନ୍ମ ଜୟନ୍ତୀ ଏବଂ ତ୍ରିରଙ୍ଗା ଯାତ୍ରାର ସଫଳ ଆୟୋଜନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା।

ବୈଠକରେ ଜିଲ୍ଲା ସଭାପତି ଗିରୀଶ ଚନ୍ଦ୍ର ସାହୁ ଅଧ୍ୟକ୍ଷତା କରି ସନ୍ଥ ଶିରୋମଣି ଗୁରୁ ରବିଦାସଜୀଙ୍କ ଆଦର୍ଶ ସମତା, ସାମାଜିକ ସମରସତା ଓ ମାନବ ସେବାର ମହାନ ବାର୍ତ୍ତା ପ୍ରଦାନ କରେ। ସେହିପରି ତ୍ରିରଙ୍ଗା ଯାତ୍ରା ଦେଶପ୍ରେମ, ରାଷ୍ଟ୍ରପ୍ରଥମ ଭାବନା ଏବଂ ଜାତୀୟ ଏକତାକୁ ସୁଦୃଢ଼ କରିବାର ଏକ ଜନଆନ୍ଦୋଳନ। ତେଣୁ ଉଭୟ କାର୍ଯ୍ୟକ୍ରମକୁ ସଂଗଠନର ପ୍ରତ୍ୟେକ ସ୍ତରରେ ବ୍ୟାପକ ଜନ ସହଭାଗିତା ସହ ସଫଳ କରିବାକୁ ସେ ଆହ୍ୱାନ ଦେଇଥିଲେ। ଜିଲ୍ଲା ପ୍ରଭାରୀ ତଥା ରାଜ୍ୟ ଅନୁସୂଚିତ ଜନଜାତି ମୋର୍ଚ୍ଚା ସମ୍ପାଦକ ରାମ ଚନ୍ଦ୍ର ହାଁସଦା, ରାଉରକେଲା ସାଙ୍ଗଠନିକ ଜିଲ୍ଲା ପ୍ରଭାରୀ ତଥା ପୂର୍ବତନ ଜିଲ୍ଲା ସଭାପତି ବଟକିଶୋର ମିଶ୍ର, କୃଷକ ମୋର୍ଚ୍ଚା ରାଜ୍ୟ ଉପସଭାପତି ଯଶବନ୍ତ ନାଏକ, ରାଜ୍ୟ ଅନୁସୂଚିତ ଜନଜାତି ମୋର୍ଚ୍ଚା ଉପସଭାପତି ନରସିଂହ ମିଞ୍ଜ, ରାଜ୍ୟ ସଂଖ୍ୟାଲଘୁ ମୋର୍ଚ୍ଚା ଉପସଭାପତି କୁଲଦୀପ ସିଂହ, ପୂର୍ବତନ ରାଜ୍ୟ କୃଷକ ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ସୁରେଶ ପଟେଲ, ଜିଲ୍ଲା ଉପସଭାପତି ସୁରେନ୍ଦ୍ର ଭିତ୍ରିଆ ଏବଂ ଗୁଲସନ ବରୁଆ ପ୍ରମୁଖ ଉଦ୍‌ବୋଧନ ଦେଇ ଗୁରୁ ରବିଦାସ ଜୀଙ୍କ ସମତା, ସାମାଜିକ ସମରସତା ଓ ମାନବିକ ମୂଲ୍ୟବୋଧର ବାର୍ତ୍ତାକୁ ସମାଜର ପ୍ରତ୍ୟେକ ସ୍ତରରେ ପହଞ୍ଚାଇବା ଉପରେ ଗୁରୁତ୍ୱାରୋପ କରିଥିଲେ।

ସେହିପରି ତ୍ରିରଙ୍ଗା ଯାତ୍ରା ମାଧ୍ୟମରେ ଦେଶପ୍ରେମ, ଜାତୀୟ ଏକତା ଓ ରାଷ୍ଟ୍ରଭକ୍ତିର ଭାବନାକୁ ସୁଦୃଢ଼ କରିବା ସହ ଜିଲ୍ଲାର ପ୍ରତ୍ୟେକ ମଣ୍ଡଳରେ ଉଭୟ କାର୍ଯ୍ୟକ୍ରମକୁ ବ୍ୟାପକ ଜନ ସହଭାଗିତା ସହ ସଫଳ କରିବା ପାଇଁ ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ଆହ୍ୱାନ ଜଣାଇଥିଲେ। ଉକ୍ତ ବୈଠକରେ ଜିଲ୍ଲା ପଦାଧିକାରୀ, ରାଜ୍ୟ ପଦାଧିକାରୀ, ଜିଲ୍ଲା ମୋର୍ଚ୍ଚା ସଭାପତି, ମଣ୍ଡଳ ସଭାପତି, ମଣ୍ଡଳ ପ୍ରଭାରୀ ତଥା ଗୁରୁ ରବିଦାସ ଜୀଙ୍କ ଜନ୍ମ ଜୟନ୍ତୀ ଓ ତ୍ରିରଙ୍ଗା ଯାତ୍ରା କାର୍ଯ୍ୟକ୍ରମର ଜିଲ୍ଲା ଏବଂ ମଣ୍ଡଳ ସ୍ତରୀୟ ଟୋଲୀର ସମସ୍ତ ସଂଯୋଜକ ଓ ସହ ସଂଯୋଜକ, ଜିଲ୍ଲା ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଏବଂ ଯୁବ ମୋର୍ଚ୍ଚାର ଜିଲ୍ଲା ପଦାଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲ୍ଲାପାଳଙ୍କ ଲଣ୍ଡାଗାଁ ଓ ଖମନଖୋଲ ପଞ୍ଚାୟତ ପରିଦର୍ଶନ

- ଗୋଦାବରୀଶ ମିଶ୍ର ବିଦ୍ୟାଳୟ ପାଇଁ ସ୍ଥାନ ଚିହ୍ନଟ



ଫୁଲବାଣୀ,୩୧।୭ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ବାଲିଗୁଡା ବ୍ଲକର ସୀମାନ୍ତ ପଞ୍ଚାୟତ ଲଣ୍ଡାଗାଁ ଓ ଖମନଖୋଲ ପଞ୍ଚାୟତର ବିଭିନ୍ନ ଅଞ୍ଚଳ କୁ କନ୍ଧମାଳ ଜିଲାପାଳ ବେଦଭୂଷଣ ଦିନିକିଆ ପରିଦର୍ଶନରେ ଆସି ବିଭିନ୍ନ ଗ୍ରାମାଞ୍ଚଳ କୁ ଯାଇଥିବା ବେଳେ ଲଣ୍ଡାଗାଁ ବାସିନ୍ଦା ବିଭିନ୍ନ ସମସ୍ୟା ନେଇ ଦୃଷ୍ଟି ଆକର୍ଷଣ କରିଥିଲେ । ସେ ଗୁଡ଼ିକର ସମାଧାନ ଖୁବ ଶିଘ୍ର କରାଯିବ ବୋଲି ଜିଲ୍ଲାପାଳ ପ୍ରତିଶୃତି ଦେଇଛନ୍ତି । ତତ ସଙ୍ଗେ ସଙ୍ଗେ ଗୋଦାବରୀଶ ମିଶ୍ର ବିଦ୍ୟାଳୟ ନିମନ୍ତେ ମଧ୍ୟ ଲଣ୍ଡାଗାଁ ପଞ୍ଚାୟତ ର ଖଇରବାଡ଼ି ଏବଂ ଖମନଖୋଲ ପଞ୍ଚାୟତର ଖମନଖୋଲ ଠାରେ ଏପରି ଦୁଇଟି ସ୍ଥାନ ନିରୂପଣ କରାଯାଇଛି । ଉକ୍ତ ଦୁଇ ସ୍ଥାନକୁ ଯାଇ ଜିଲାପାଳ ବୁଲି ଦେଖିଛନ୍ତି । ଏଥି ସହ ଲଣ୍ଡାଗାଁ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରି ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ସହ ଆଲୋଚନା କରିଛନ୍ତି। ଜିଲାପାଳଙ୍କ ଗସ୍ତ କାର୍ଯ୍ୟକ୍ରମରେ ବାଲିଗୁଡା ତହସିଲଦାର ଦୀପ୍ତି ପ୍ରକାଶ ବେହେରା, ପ୍ରଦୀପ ରଣା, ପ୍ରଧାନଶିକ୍ଷକ ଜଗବନ୍ଧୁ ନାୟକ, ବିଜେପି ଜିଲା ସାଧାରଣ ସମ୍ପାଦକ ଦେବେନ୍ଦ୍ର କୁଦେଇ, ଅଭିରାମ ରାଣା, ଲଣ୍ଡାଗାଁ ସରପଞ୍ଚ ତୁଳସୀ ଝଙ୍କାର, ମୋତିଲାଲ ରଣା, ହେମନ୍ତ ରଣାଙ୍କ ସମେତ ବିଭିନ୍ନ ସରକାରୀ ଓ ବେସରକାରୀ କର୍ମଚାରୀ ଉପସ୍ଥିତ ଥିଲେ ।

# ସାର ପାଇଁ ରାଜରାସ୍ତା ଉପରେ ବସିଲେ ମହିଳା ଓ ପୁରୁଷ

### ପୁଲିସ ପ୍ରଶାସନଙ୍କ ବୁଝାସୁଝା ରାସ୍ତାରୁ ହଟିଲେ ଚାଷୀ



ନବରଙ୍ଗପୁର/ରାଇଘର,୩୧।୭ (ସଂଚାର ବ୍ୟୁରୋ): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଚାଷ ସାରକୁ ନେଇ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ଦିନକୁ ଦିନ ବଢ଼ିବାରେ ଲାଗିଛି। ଆବଶ୍ୟକ ପରିମାଣର ସାର ମିଳୁନଥିବାରୁ ଆଜି ବହୁ ସଂଖ୍ୟକ ମହିଳା ଓ ପୁରୁଷ ଚାଷୀ ରାଜରାସ୍ତା ଉପରେ ବସି ପ୍ରତିବାଦ କରିଥିଲେ। ଫଳରେ କିଛି ସମୟ ପାଇଁ ଯାତାୟାତ ବନ୍ଦ ହୋଇଥିଲା ଏବଂ ଘଟଣାସ୍ଥଳରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା।

ସୂଚନା ଅନୁଯାୟୀ, ସକାଳୁଠାରୁ ବହୁ ଚାଷୀ ସାର ପାଇଁ ଲେମ୍ପସ୍ ସମ୍ମୁଖରେ ଧାଡ଼ିରେ ଅପେକ୍ଷା କରିଥିଲେ। କିନ୍ତୁ ସାର ଉପଲବ୍ଧ ନଥିବା ଏବଂ ବଣ୍ଟନରେ ବିଳମ୍ବ ହେବାରୁ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ପରିସ୍ଥିତି ଅଧିକ ଉତ୍ତେଜିତ ହେବା ପରେ ମହିଳା ଓ ପୁରୁଷ ଚାଷୀମାନେ ରାଜରାସ୍ତା ଉପରେ ବସି ଶୀଘ୍ର ସାର ଯୋଗାଣ ଦାବି କରିଥିଲେ। ଏହାର ଖବର ପାଇ ପୋଲିସ ଓ ପ୍ରଶାସନିକ ଅଧିକାରୀମାନେ ଓ ଲେମ୍ପସ୍ ଏମ ଡି ମନୋରଞ୍ଜନ ପଟ୍ଟନାୟକ ଘଟଣାସ୍ଥଳରେ ପହଞ୍ଚି ଚାଷୀମାନଙ୍କ ସହ ଆଲୋଚନା କରିଥିଲେ। ଦୀର୍ଘ ସମୟ ଧରି ବୁଝାସୁଝା ପରେ ଚାଷୀମାନେ ଆନ୍ଦୋଳନ ପ୍ରତ୍ୟାହାର କରିଥିଲେ। ପରେ ଲେମ୍ପସ୍ ସମ୍ମୁଖରେ ସାର ବଣ୍ଟନକୁ ସୁବ୍ୟବସ୍ଥିତ କରିବା ପାଇଁ ଟୋକେନ୍ ବ୍ୟବସ୍ଥା କରାଯାଇଥିଲା, ଯାହାଦ୍ୱାରା ପର୍ଯ୍ୟାୟକ୍ରମେ ଚାଷୀମାନଙ୍କୁ ସାର ପ୍ରଦାନ କରାଯିବ।

ଚାଷୀମାନଙ୍କ କହିବା ଅନୁସାରେ, ଚାଷ ସମୟରେ ସାରର ଅଭାବ ହେଲେ ଫସଲ ଉତ୍ପାଦନ ଗୁରୁତର ଭାବେ ପ୍ରଭାବିତ ହେବ। ସେମାନେ ପର୍ଯ୍ୟାପ୍ତ ପରିମାଣର ସାର ଯୋଗାଇବା ସହ ବଣ୍ଟନ ବ୍ୟବସ୍ଥାକୁ ସ୍ୱଚ୍ଛ ଓ ଶୃଙ୍ଖଳିତ କରିବାକୁ ଦାବି କରିଛନ୍ତି।ପ୍ରଶାସନ ପକ୍ଷରୁ ଚାଷୀମାନଙ୍କୁ ଶାନ୍ତି ଓ ଶୃଙ୍ଖଳା ବଜାୟ ରଖିବାକୁ ଅନୁରୋଧ କରାଯିବା ସହ ସାର ବଣ୍ଟନକୁ ସୁଚାରୁ ଭାବେ ପରିଚାଳନା କରିବା ପାଇଁ ଲେମ୍ପସ୍ ଏମ ଡି ମନୋରଞ୍ଜନ ପଟ୍ଟନାୟକ ଟୋକେନ୍ ପ୍ରଣାଳୀ କାର୍ଯ୍ୟକାରୀ କରାଯାଇଥିବା ସୂଚନା ଦେଇ ଥିଲେ।

## କୁମ୍ଭାରୀ ନଗେନ୍ଦ୍ର ନାଥ ସଂସ୍କୃତ ମହାବିଦ୍ୟାଳୟର ନୂତନ ଅଧ୍ୟକ୍ଷଙ୍କ ଦାୟିତ୍ୱ ଗ୍ରହଣ

ବାଲିଆପାଳ,୩୧।୭ (ସଂଚାର ବ୍ୟୁରୋ):ବାଲିଆପାଳ ବ୍ଲକର ଅଗ୍ରଣୀ କୁମ୍ଭାରୀ ସ୍ଥିତ ନଗେନ୍ଦ୍ର ନାଥ ସଂସ୍କୃତ ମହାବିଦ୍ୟାଳୟର ନୂତନ ଅଧ୍ୟକ୍ଷ ଭାବେ ଅଧ୍ୟାପକ ରମେଶ ଚନ୍ଦ୍ର ସେଠୀ ଦାୟିତ୍ୱଭ୍ ଗ୍ରହଣ କରିଛନ୍ତି । ପୂର୍ବତନ ଅଧ୍ୟକ୍ଷ ମନୋରଞ୍ଜନ ପଣ୍ଡାଙ୍କ ଠାରୁ ଶ୍ରୀ ସେଠୀ ଦାୟିତ୍ୱଗ୍ରହଣ କରିଥିଲେ । ଏହି ଅବସରରେ ଆୟୋଜିତ ଉତ୍ସବରେ ନୂତନ ଅଧ୍ୟକ୍ଷରମେଶ ଚନ୍ଦ୍ର ସେଠୀ ସଭାପତିତ୍ୱ କରିଥିଲେ। ମହାବିଦ୍ୟାଳୟର ଅଧ୍ୟାପକ କାଶୀନାଥ ଗିରି, ଶ୍ରୀଧର ମହାଳିକ, ଦିଲ୍ଲୀପ ଭଦ୍ର, ଅଧ୍ୟାପିକା ସବିତା ରାଣୀ ମହାପାତ୍ର ଏବଂ କର୍ମଚାରୀ କଳ୍ପନା ପାତ୍ର, ବିନୋଦ କୁମାର ସାହୁ, ପ୍ରଦୀପ ଦାସ ପ୍ରମୁଖ ନୂତନ ଅଧ୍ୟକ୍ଷଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ । ମୁଖ୍ୟ କିରାଣୀ ବିକାଶ ମହାପାତ୍ର ଶେଷରେ ଧନ୍ୟବାଦ ଦେଇଥିଲେ ।



## ବିଦାୟକାଳୀନ ସମ୍ବର୍ଦ୍ଧନା ସଭା




ହିଞ୍ଜିଳିକାଟୁ,୩୧।୭ (ସଂଚାର ବ୍ୟୁରୋ): ହିଞ୍ଜିଳିକାଟୁ ସ୍ୱୟଂଶାସିତ ବିଜ୍ଞାନ ମହାବିଦ୍ୟାଳୟ ପରିସରରେ ଇଲେକ୍ଟ୍ରୋନିକ୍ସ ବିଭାଗର ମୁଖ୍ୟ ତଥା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡକ୍ଟର ପି. କେ. ନନ୍ଦ ସାରଙ୍କ ଏକ ଭାବପୂର୍ଣ୍ଣ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି | ୨୦୨୫ ନଭେମ୍ବର ଠାରୁ ୨୦୨୬ ଏପ୍ରିଲ ପର୍ଯ୍ୟନ୍ତ ଏହି ମହାବିଦ୍ୟାଳୟର ପ୍ରମୁଖ ଅଧ୍ୟକ୍ଷ ଭାବେ ସଫଳତାର ସହ କାର୍ଯ୍ୟ ତୁଲାଇ ଅବସର ଗ୍ରହଣ କରିଛନ୍ତି | ଏହି ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ମହାବିଦ୍ୟାଳୟ ର ଅଧକ୍ଷ ପ୍ରଫେସର୍ ଡ଼ ହରିହର ମୁନି, ପୂର୍ବତ୍ତନ କଲେଜ ଅଧ୍ୟକ୍ଷ ତଥା ଇଲେକ୍ଟ୍ରୋନିକ୍ସ ବିଭାଗର ମୁଖ୍ୟ ଡ଼ ପ୍ରଦୀପ କୁମାର ନନ୍ଦ, ଧର୍ମପତ୍ନୀ ପୂର୍ଣ୍ଣିମା ନନ୍ଦ, ଅଧ୍ୟାପିକା ଶ୍ରଦ୍ଧାଞ୍ଜଳି ସାହୁ, ଲ୍ୟାବ ଆଟେଡେନ୍ସ ଅନିଲ କୁମାର ସାହୁ, ସହାୟକ ସନ୍ତୋଷ ଡାକୁଆ ପ୍ରମୁଖ ଉପସ୍ଥିତ ରହିଥିଲେ । ସଭାରେ ଡକ୍ଟର ନନ୍ଦ ଙ୍କ ଶିକ୍ଷାଦାନ ଜୀବନ ସହ ତାଙ୍କର ଉଚ୍ଚ ପ୍ରଶାସନିକ ଦକ୍ଷତା ଉପରେ ଆଲୋକପାତ କରାଯାଇଥିଲା। ବିଶେଷ କରି ଜଣେ ଦକ୍ଷ ପରୀକ୍ଷା ଇନଚାର୍ଜ ଭାବରେ ସେ ନିଜ କାର୍ଯ୍ୟକାଳ ମଧ୍ୟରେ କଲେଜର ସମସ୍ତ ପରୀକ୍ଷାକୁ ଅତି ସଫଳତା ଓ ସ୍ୱଚ୍ଛତାର ସହ ପରିଚାଳନା କରି ବେଶ୍ ସୁନାମ ଅର୍ଜନ କରିଥିବା ନେଇ ଅତିଥିମାନେ ପ୍ରଶଂସା କରିଥିଲେ |

ଏହି ଅବସରରେ କଲେଜର ଶତାଧିକ ଛାତ୍ରଛାତ୍ରୀ ଉପସ୍ଥିତ ରହି ପ୍ରିୟ ସାରଙ୍କୁ ପୁଷ୍ପଗୁଚ୍ଛ ଓ ଉପହାର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ।

## ବେଆଇନ ଗୋଚାଲାଣ ବେଳେ ୭ ଗୋରୁ ଉଦ୍ଧାର, ଡ୍ରାଇଭର ଅଟକ




ନୀଳଗିରି,୩୧।୭ (ସଂଚାର ବ୍ୟୁରୋ): ବେଆଇନ ଗୋଚାଲାଣ ବେଳେ ମାଡ଼ି ବସିଲେ ଗୋରକ୍ଷକ ସମେତ ବଜରଙ୍ଗଦଳ କର୍ମୀ। ଗାଡ଼ିମାଲିକ ଧରାପଡ଼ିଥିବା ବେଳେ ଦୁଇ ମାଫିଆ ସମେତ ଜଣେ ନାବାଳକ ଫେରାର ହୋଇଯାଇଛନ୍ତି।

ସୂଚନା ମୁତାବକ ବରହମପୁର ଥାନା ଛତ୍ରପୁର ପଞ୍ଚାୟତ ମଧୁପୁରିଆ ଗ୍ରାମର ବନମାଳୀ ହେମ୍ବ୍ରମଙ୍କ ଘରୁ ଗୁରୁବାର ରାତିରେ ୭ଟି ଗୋମାତାକୁ ଉକ୍ତ ଥାନା ବାଉଁଶପାଳ ଅଞ୍ଚଳର ନରେନ୍ଦ୍ର ସେଠୀଙ୍କ ପୁଅ ସଞ୍ଜୟ ସେଠୀ ଓ ବସନ୍ତ ସେଠୀ ଏବଂ ବସନ୍ତଙ୍କ ନାବାଳକ ପୁଅ ଚୋରିକରି, ଆରବନ୍ଧ ଗ୍ରାମର ସଂଜିତ ବିଶ୍ୱାଳଙ୍କ ଟାଟାଏସି ଓଡି - ୦୧ ଏ ଏଚ ୩୫୦୬ ନଂ ଟାଟାଏସି ଗାଡିରେ ଚାଲାଣ କରୁଥିଲେ। ଉକ୍ତ ଘଟଣାକୁ ରାତିପ୍ରାୟ ୧୧.୩୦ସମୟରେ ବିଶେଷସୂତ୍ରରୁ ଖବରପାଇ ଗୋ-ସୁରକ୍ଷା କର୍ମୀ ଏବଂ ବଜରଙ୍ଗ ଦଳର ସଦସ୍ୟମାନେ ବରହମପୁର ପୋଲିସ ସହାୟତାରେ ବାଉଁଶବଣିଆ ଛକ ନିକଟରେ ଜଗିରହିଥିଲେ। ରାତ୍ରିପ୍ରାୟ ୩ଟା ସମୟରେ ଗାଡିଟି ଯାଉଥିବାବେଳେ ବାଉଁଶପାଳ ଛକ ନିକଟରେ ଗାଡିଟିକୁ ଅଟକ ରଖାଯାଇଥିଲା। ତେବେ ଡ୍ରାଇଭର ତଥା ମାଲିକ ଅଟକରହିଥିବା ବେଳେ ସୁଯୋଗ ଉଣ୍ଡି ଉଭୟ ଗୋମାଫିଆ ଏବଂ ନାବାଳକ ଜଣକ ଖସି ପଳାଇଯିବାରେ ସକ୍ଷମ ହୋଇଥିଲେ। ପୋଲିସ ଜବତ ଗାଡ଼ି ସହିତ ଗୋମାତାକୁ ଥାନାକୁ ଆଣିଥିବା ବେଳେ ସମସ୍ତ ଗୋମାତାକୁ ବାମପଦା ସ୍ଥିତ ମା ଭାରତୀ ଗୋଶାଳାକୁ ପଠାଇ ଦିଆଯାଇଛି।

## ଚଣ୍ଡିବଜାର ସାଇମନ୍ଦିରରେ ଗୁରୁପୂର୍ଣ୍ଣିମା



ଡେରାବିଶ,୩୧।୭ (ସଂଚାର ବ୍ୟୁରୋ): ଡେରାବିଶ ବ୍ଲକ ଖିମୋଳ ପଞ୍ଚାୟତ ଅନ୍ତର୍ଗତ କଟକ-ଚାନ୍ଦବାଲି ରାଜରାସ୍ତାର ଚଣ୍ଡିବଜାର ଠାରେ ଥିବା ସାଇ ମନ୍ଦିରରେ ଗୁରୁପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ପ୍ରତ୍ୟୁଷରୁ ଶାନ୍ତିହୋମ ଯଜ୍ଞ, ବାବାଙ୍କ ମହାଭିଷେକ ଓ ଆରତି ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ପୂଜାର୍ଚ୍ଚନା କରିଥିଲେ। ପରେ ଶ୍ରଦ୍ଧାଳୁଙ୍କ ମଧ୍ୟରେ ପ୍ରସାଦ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଟ୍ରଷ୍ଟର ମୁଖ୍ୟ ଧରଣୀଧର ମୁଦୁଲିଙ୍କ ସମେତ ସଦସ୍ୟମାନେ ପରିଚାଳନା କରିଥିଲେ।

# ଦୁଇ ବର୍ଷ ହେଲା ଅଧାରେ ରହିଛି କାମ, ୩୦ରୁ ଉର୍ଦ୍ଧ୍ୱ ପରିବାରଙ୍କୁ ମିଳୁନି ପାନୀୟ ଜଳ



ଫୁଲବାଣୀ,୩୧।୭ (ସଂଚାର ବ୍ୟୁରୋ): ଫୁଲବାଣୀ ପୌର ପରିଷଦ ୧୦ ନଂ. ୱାର୍ଡ କୁମ୍ଭାରପଡାବାସୀଙ୍କୁ ପାନୀୟ ଜଳ ଅଭାବ ଦେଖାଦେଇଛି। ଜଳ ଯୋଗାଣ ଲାଗି ନୂଆ ଓଭରହେଡ ପାଣି ଟାଙ୍କି ନିର୍ମାଣ ଶେଷ ହୋଇଥିଲେ ମଧ୍ୟ ତାହା କାର୍ଯ୍ୟକ୍ଷମ ହୋଇପାରୁନି। ଭୂତଳ ପାଇପ ସଂଯୋଗରେ ସମସ୍ୟା ହେବାରୁ ଏହି ପ୍ରକଳ୍ପ କେବେ କାର୍ଯ୍ୟକାରୀ ହେବ ତାହା ସ୍ପଷ୍ଟ ହୋଇପାରନ୍ତି ଫଳରେ ପାଣି ପାଇଁ କୁମ୍ଭାରପଡାର ୩୦ରୁ ଉର୍ଦ୍ଧ୍ୱ ପରିବାର ନାହିଁ ନ ଥୁବା ଅସୁବିଧା ଭୋଗ କରୁଛନ୍ତି।

କୁମ୍ଭାରପଡାରେ ୧୦୦ରୁ ଉର୍ଦ୍ଧ୍ୱ ପରିବାର ବାସ କନ୍ତି ପିଏଚଡି ବିଭାଗ ପକ୍ଷରୁ ପୂର୍ବରୁ ସେଠାରେ ପାଇପ ଯୋଗେ ପାନୀୟ ଜଳ ପ୍ରଦାନ କରାଯାଉଛି ଦିନକୁ ଦିନ ଜନ ବସତି ବଢ଼ିବାରୁ ସେଠାରେ ଏକ ଓଭର ହେଡ ଟାଙ୍କି ପାଇଁ ବିଭାଗ ଟେଣ୍ଡର କରିଥିଲା ପରେ ୨୦୨୪ରେ କାମ ଆରମ୍ଭ ହୋଇଥିଲା ଏବେ ଟାଙ୍କି ନିର୍ମାଣ ଶେଷ ହୋଇଛି ମାତ୍ର ପାଇପ ବିଛା କାମ ସରୁନି। ଏ କ୍ଷେତ୍ରରେ ଜାତୀୟ ରାଜପଥ ବାଧକ ସାଜିଛି। ନୂଆ ଟାଙ୍କି ପାଖରୁ ଗାନ୍ଧୀ ଛକ ପର୍ଯ୍ୟନ୍ତ ପାଇପ ପଡିଛି ସେଠାରୁ ଜାତୀୟ ରାଜପଥ ଦେଇ ପ୍ରାୟ ଅଧ କିଲୋମିଟର ଦୂର ଜିରିଙ୍ଗିପଡାପାଖରେ ଥିବା ପାନୀୟ ଜଳ ପ୍ରକଳ୍ପ ପର୍ଯ୍ୟନ୍ତ ପାଇପ ବିଛାଇବାକୁ ଜାତୀୟ ରାଜପଥ ଅନୁମତି ଦେଉନି ଅନୁମତି ପାଇଁ ଦିଲ୍ଲୀ କାର୍ଯ୍ୟାଳୟକୁ ଅବଗତ କରାଯାଇଛି। ସେଠାରୁ ଏପର୍ଯ୍ୟନ୍ତ କିଛି ଉତ୍ତର ଆସିନାହିଁ। ପ୍ରକଳ୍ପ ହେଲା ୨ ବର୍ଷ ବିତିଲାଣି ଟାଙ୍କି ୧୦ ନଂ ୱାର୍ଡ କୁମ୍ଭାରପଡା ନିର୍ମାଣ ସରିଲା ଅଥଚ ଆମେ ପାଣି ପାଉନୁ

# ଦଶମ ଶ୍ରେଣୀ ଛାତ୍ରଙ୍କୁ ଛୁରୀ ଭୁଷି ହତ୍ୟା: ନ୍ୟାୟ ଦାବିରେ ଜାତୀୟ ରାଜପଥ ୩୨୬ ଅବରୋଧ



କୋରାପୁଟ,୩୧।୭ (ସଂଚାର ବ୍ୟୁରୋ): କୋରାପୁଟ ଜିଲ୍ଲା ଜୟପୁର ନିକଟସ୍ଥ ବାରିଣିପୁଟ ପ୍ରକଳ୍ପ ହାଇସ୍କୁଲରେ ଘଟିଥିବା ଏକ ଲୋମହର୍ଷକ ହତ୍ୟାକାଣ୍ଡ ସମଗ୍ର ଅଞ୍ଚଳକୁ ସ୍ତବ୍ଧ କରିଦେଇଛି। ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ର ମହେଶ ବାଘଙ୍କୁ ଛୁରୀରେ ଆକ୍ରମଣ କରାଯାଇ ନିର୍ମମ ଭାବେ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଶୋକ ଓ ଅସନ୍ତୋଷର ଲହରୀ ଖେଳିଯାଇଛି।

ସୂଚନା ଅନୁଯାୟୀ, ମଧ୍ୟାହ୍ନ ଭୋଜନ ବିରତି ସମୟରେ ବିଦ୍ୟାଳୟର ଜଣେ ପୂର୍ବତନ ଛାତ୍ର ମହେଶଙ୍କୁ କ୍ଲାସରୁ ଡାକି ସ୍କୁଲ ପରିସର ବାହାରକୁ ନେଇଥିଲେ। ସେଠାରେ ପୂର୍ବ ଯୋଜନା ଅନୁଯାୟୀ ତାଙ୍କ ଉପରେ ମାରାତ୍ମକ ଛୁରୀ ଆକ୍ରମଣ କରାଯାଇଥିବା ଜଣାପଡ଼ିଛି। ରକ୍ତାକ୍ତ ଅବସ୍ଥାରେ ମହେଶଙ୍କୁ ତୁରନ୍ତ ଏକ ଘରୋଇ ହସ୍ପିଟାଲକୁ ନିଆଯାଇଥିଲେ ମଧ୍ୟ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସର ପ୍ରାଥମିକ ତଦନ୍ତରୁ ପୂର୍ବ ଶତ୍ରୁତା ଏହି ହତ୍ୟାକାଣ୍ଡର ମୂଳ କାରଣ ହୋଇଥିବା ସନ୍ଦେହ କରାଯାଉଛି। ଅଭିଯୁକ୍ତ ପ୍ରାୟ ଦୁଇ ବର୍ଷ ପୂର୍ବରୁ ଏହି ବିଦ୍ୟାଳୟରୁ ପାସ୍ କରିଥିବା ବେଳେ ତାଙ୍କ ଭାଇ ମୃତ ଛାତ୍ରଙ୍କ ସହପାଠୀ ଥିବା ସୂଚନା ମିଳିଛି। ତେବେ ହତ୍ୟାର ପ୍ରକୃତ କାରଣ ତଦନ୍ତ ପରେ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

ଏହି ହତ୍ୟାକାଣ୍ଡ ପରେ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ସୁରକ୍ଷା ବ୍ୟବସ୍ଥାକୁ ନେଇ ନାନା ପ୍ରଶ୍ନ ଉଠିଛି। ଅନ୍ୟପଟେ ଅଭିଯୁକ୍ତ ଫେରାର ଥିବାରୁ ମୃତ ଛାତ୍ରଙ୍କ ପରିବାର ସଦସ୍ୟ ଓ ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ଏବଂ କଠୋର ଦଣ୍ଡ ଦାବିରେ ଶତାଧିକ ଲୋକ ବାରିଣିପୁଟ ପୋଲିସ ଫାଣ୍ଡି ନିକଟରେ ଜାତୀୟ ରାଜପଥ ୩୨୬ ଅବରୋଧ କରିଥିଲେ। ଫଳରେ ଦୀର୍ଘ ସମୟ ଧରି ଯାତାୟାତ ବ୍ୟାହତ ହୋଇଥିଲା ଏବଂ ରାଜପଥର ଉଭୟ ପାର୍ଶ୍ୱରେ ଶତାଧିକ ଯାନବାହନ ଅଟକି ରହିଥିଲା। ଖବର ପାଇ ଜୟପୁର ଏସଡିପିଓ ଅର୍ଚ୍ଚିତା ମିତ୍ତଲ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣିଥିଲେ।

## ବିଭିନ୍ନ ଦାବି ନେଇ ଭାରତୀୟ କ୍ଷେତ ମଜଦୁର ୟୁନିୟନ ପକ୍ଷରୁ ଆନ୍ଦୋଳନ




ନିଶ୍ଚିନ୍ତକୋଇଲି,୩୧।୭ (ସଂଚାର ବ୍ୟୁରୋ): ନିଶ୍ଚିନ୍ତକୋଇଲି ବଜାର ଠାରେ ବିଭିନ୍ନ ଦାବିକୁ ନେଇ ଭାରତୀୟ କ୍ଷେତ ମଜଦୁର ୟୁନିୟନ (ବିକେଏମ୍‌ୟୁ) କଟକ ଜିଲ୍ଲା କମିଟି ପକ୍ଷରୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଫଳତା ନେଇ ଏକ ଗଣଆନ୍ଦୋଳନ କରାଯାଇଛି। ନୂତନ ଭାବେ ଛପାଯାଇଥିବା ପୁସ୍ତକରେ ବ୍ୟାପକ ତ୍ରୁଟି କୁ ନେଇ ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବି, ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ, ଜିନିଷ ପତ୍ରର ମୂଲ୍ୟବୃଦ୍ଧିକୁ ନିୟନ୍ତ୍ରଣ କରିବା, ଚାଷୀମାନଙ୍କୁ ରିହାତି ମୂଲ୍ୟରେ ସାର ଯୋଗାଇ ଦେବା, କୃଷି ଶ୍ରମିକମାନଙ୍କୁ ଦୈନିକ ୭୦୦ ଟଙ୍କା ମଜୁରୀ ଧାର୍ଯ୍ୟ କରିବା ସହ ସାମାଜିକ ସୁରକ୍ଷା ଯୋଗାଇ ଦେବା, ୬୦ ବର୍ଷରୁ ଉର୍ଦ୍ଧ୍ୱ ବୃଦ୍ଧବୃଦ୍ଧାଙ୍କୁ ୩୦୦୦ ଟଙ୍କା ଭତ୍ତା ଦେବା, ବିଗତ ୪ ମାସ ହେବ ଭତ୍ତା ପାଇନଥିବା ହିତାଧିକାରୀଙ୍କୁ ତୁରନ୍ତ ଭତ୍ତା ଯୋଗାଇ ଦେବା, ଟାଟା ପାୱାର କଂପାନୀ ଗ୍ରାହକମାନଙ୍କ ଉପରେ କରୁଥିବା ଜୁଲମକୁ ବନ୍ଦ୍ କରିବା ସହିତ ଅଘୋଷିତ ବିଜୁଳି କାଟ୍ ରୋକିବା, ବେକାରୀ ଯୁବକ ଯୁବତୀମାନଙ୍କୁ ଚାକିରୀ କିମ୍ବା ବେକାରୀ ଭତ୍ତା ଯୋଗାଇ ଦେବା, ନିର୍ମାଣ ଶ୍ରମିକମାନଙ୍କୁ ତୁରନ୍ତ ସରକାରୀ ସହାୟତା ରାଶି ଯୋଗାଇ ଦେବା, ପାଚିକାମାନଙ୍କୁ ସରକାରୀ ମାନ୍ୟତା ଦିଆଯାଇ ମାସିକ ୧୦ ହଜାର ଟଙ୍କା ଦରମା ଆଦି ଦାବିକୁ ନେଇ ୟୁନିୟନ ପକ୍ଷରୁ ଆନ୍ଦୋଳନ କରାଯାଇଛି।

SANCHAR
ସଂଚାର
ଶନିବାର ୧ ଅଗଷ୍ଟ ୨୦୨୬
ସ୍ୱାସ୍ଥ୍ୟ




# ଫାଇବର ଶରୀର ପାଇଁ ନିହାତି ଆବଶ୍ୟକ



ସୁସ୍ଥ ରହିବା ପାଇଁ ବହୁ ପୋଷକ ତତ୍ତ୍ୱର ଆବଶ୍ୟକତା ରହିଛି। ଫାଇବରର ଅଭାବ ଶରୀର ପାଇଁ କେତେ କ୍ଷତିକାରକ? ଏହା ଓଜନ କମାଇବାଠାରୁ ଆରମ୍ଭ କରି ହୃଦୟ ରୋଗରୁ ରକ୍ଷା କରିବା ଯାଏ ବହୁତ କିଛିରେ ସହାୟକ ହୋଇଥାଏ।

ବାସ୍ତବରେ କହିବାକୁ ଗଲେ ଫାଇବର ହେଉଛି, ଆମେ ଯାହା ଖାଉଛେ ସେସବୁକୁ ଠିକ୍ ଭାବେ ହଜମ କରିବାରେ ଫାଇବର ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଏହା ଶରୀରକୁ ସିଧାସଳଖ ଭାବେ କୌଣସି ପୋଷକ ତତ୍ତ୍ୱ ଯୋଗାଇ ନଥାଏ, କିନ୍ତୁ ସୁସ୍ଥ ଜୀବନଶୈଳୀ ପାଇଁ ଡାଏଟ୍‌ରେ ଏହାକୁ ସାମିଲ୍ କରିବ ଖୁବ୍ ଜରୁରି। ଏହା ସାହାଯ୍ୟରେ ହିଁ ବ୍ୟକ୍ତି ଅଧିକ ସମୟ ଯାଏ ଭୋକ ଅନୁଭବ କରି ନଥାଏ। ଏହା ଓଭର ଇଟିଙ୍ଗ୍‌ଠାରୁ ରକ୍ଷା କରିବା ସହ ଓଜନ କମାଇବାରେ ସହଯୋଗ କରିଥାଏ। ଚାଲନ୍ତୁ ଜାଣିବା ଫାଇବର କ'ଣ? ଶରୀରରେ ଏହାର ଆବଶ୍ୟକତା ଓ ଅଭାବରୁ ହେଉଥିବା କ୍ଷତି ବିଷୟରେ ଜାଣିବା। ଫାଇବର ଏକ ପ୍ରକାର କାର୍ବୋ ହାଇଡ୍ରେଟ୍। ଏହା ହଜମ ପ୍ରକ୍ରିୟାକୁ ସୁଚାରୁ ରୂପେ ନିୟନ୍ତ୍ରିତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଏହା ଦୁଇପ୍ରକାରର ହୋଇଥାଏ। ପ୍ରଥମତଃ ଘୂର୍ଣ୍ଣନଶୀଳ ଓ ଦ୍ୱିତୀୟତଃ ଅଘୂର୍ଣ୍ଣନଶୀଳ ଫାଇବର। ଘୂର୍ଣ୍ଣନଶୀଳ ଫାଇବର ଦ୍ୱାରା ଖାଦ୍ୟ ସହଜରେ ପାଣିରେ ମିଶିଯାଇଥାଏ। ଏହା ଶରୀରରେ ତରଳ ପଦାର୍ଥ ଭାବେ ରୂପାନ୍ତରିତ ହୋଇ କୋଲେଷ୍ଟେରଲ୍‌କୁ ନିୟନ୍ତ୍ରିତ କରିବାରେ ସହଯୋଗ କରିଥାଏ। ସେହିପାଇଁ ମଧୁମେହ ଓ ରକ୍ତଚାପ ରୋଗୀଙ୍କୁ ଡାଏଟ୍‌ରେ ଅଧିକ ଘୂର୍ଣ୍ଣନଶୀଳ ଫାଇବର ନେବାକୁ ପରାମର୍ଶ ଦିଆଯାଇଥାଏ। ଦ୍ୱିତୀୟତଃ ଅଘୂର୍ଣ୍ଣନଶୀଳ ଫାଇବର ଓଜନ କମାଇବାକୁ ଚାହୁଁଥିବା ଲୋକଙ୍କ ପାଇଁ ଖୁବ୍ ସହାୟକ ହୋଇଥାଏ। ଏହା ଶରୀରରେ ଥିବା ଅଦରକାରୀ ଖାଦ୍ୟକୁ ସଫା କରିବାରେ ସାହାଯ୍ୟ କରିଥାଏ।

ଫାଇବରଯୁକ୍ତ ଖାଦ୍ୟ ଖାଇବା ଦ୍ୱାରା କେତେକ ରୋଗରୁ ମୁକ୍ତି ମିଳିଥାଏ। ଫାଇବର ଗହମ ଅଟା, ସବୁଜ ପତ୍ରଯୁକ୍ତ ପରିବା, ସାଲାଡ, ଟମାଟୋ, ପିଆଜ, ଚୋପାଯୁକ୍ତ ଡାଲି, ଶାକରକନ୍ଦ, ସୁଜି, ବେସନ, ଦଲିଆ, ଅଙ୍ଗୁର ଓ ସେଓ ଆଦିରୁ ଭରପୂର ମାତ୍ରାରେ ମିଳିଥାଏ। ଯଦି ବ୍ୟକ୍ତିଠାରେ ମଧୁମେହ କିମ୍ବା ମୋଟାପଣ ସମସ୍ୟା ରହିଥାଏ, ତେବେ ଏସବୁ ଖାଦ୍ୟକୁ ଡାଏଟ୍‌ରେ ସାମିଲ୍ କରିବା ଆବଶ୍ୟକ।

ଶରୀରକୁ ଆବଶ୍ୟକ ପର୍ଯ୍ୟାପ୍ତ ମାତ୍ରାର ଫାଇବର ନ ମିଳିବା ଦ୍ୱାରା ପାଚନ ତନ୍ତ୍ର ବିଗିଡ଼ି ଯାଇଥାଏ। ଫଳରେ ପେଟ ସମସ୍ୟା, ମୁହଁରେ ବ୍ରଣ, ପାଟିରେ ଅଲସର୍ ପରି ସମସ୍ୟା ଦେଖା ଦେଇଥାଏ। ଏହାବ୍ୟତୀତ ଫାଇବର ଅଭାବରୁ ଗ୍ୟାସ୍, କବ୍ଜ, ବଦ୍‌ହଜମୀ ଓ ଏସିଡିଟି ପରି ସମସ୍ୟାମାନ ଉପୁଜିଥାଏ। ସେହିପରି ହୃଦୟଜନିତ ସମସ୍ୟା, ଅନ୍ତଃନଳୀ କର୍କଟ ଇତ୍ୟାଦି ସମସ୍ୟା ମଧ୍ୟ ଆସିପାରେ।



# ଦାନ୍ତର ଯତ୍ନ ନେବା ନିହାତି ଜରୁରୀ



ଦାନ୍ତ ଆମକୁ ଖାଦ୍ୟ ଚୋବାଇବାରେ ସାହାଯ୍ୟ କରିଥାଏ । ଏହା ଆମ ଶରୀରର ଅନ୍ୟତମ ପ୍ରମୁଖ ଅଙ୍ଗ। ଏହାର ଯଦି ଆମେ ଠିକ୍ ଭାବରେ ଯତ୍ନ ନ ନେବା ତେବେ ପରବର୍ତ୍ତୀ ସମୟରେ ତାହା ସମସ୍ୟା ସୃଷ୍ଟି କରିବ। ଆଉ ଠିକ୍ ସମୟରେ ତାହାର ଉପଚାର କରା ନ ଗଲେ,ଏହି ସମସ୍ୟା ଗମ୍ଭୀର ଆକାର ଧାରଣ କରିଥାଏ। ତେବେ ଦାନ୍ତକୁ ସୁସ୍ଥ ରଖିବା କ୍ଷେତ୍ରରେ ଦନ୍ତ ଚିକିତ୍ସକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ତେଣୁ ପ୍ରତିବର୍ଷ ମାର୍ଚ୍ଚ ୬ ତାରିଖକୁ 'ଜାତୀୟ ଦନ୍ତ ଚିକିତ୍ସକ ଦିବସ' ଭାବରେ ପାଳନ କରାଯାଇ ଆସୁଅଛି। ଏହି ଦିବସ ଅବସରରେ ଚଳିତବର୍ଷର ପ୍ରସଙ୍ଗ ରହିଛି 'ସୁସ୍ଥ ପାଟି ଆତ୍ମବିଶ୍ୱାସ ଆଣିଥାଏ ଏବଂ ଉତ୍ତମ ଜୀବନଯାପନରେ ସହାୟକ ହୋଇଥାଏ।' ଯଦି ଆପଣଙ୍କର ଦାନ୍ତଜନିତ ସମସ୍ୟା ରହିଛି, ତେବେ ବିଳମ୍ବ ନ କରି ଅଭିଜ୍ଞ ଦନ୍ତ ଚିକିତ୍ସକଙ୍କ ସହ ପରାମର୍ଶ କରନ୍ତୁ। ଯେହେତୁ ଖାଦ୍ୟକୁ ଭଲ ଭାବରେ ଚୋବାଇ ଖାଇବାରେ ଦାନ୍ତ ସାହାଯ୍ୟ କରିଥାଏ, ତେଣୁ ଦାନ୍ତ କିପରି ସୁସ୍ଥ ତଥା ଦୃଢ଼ ରହିବ ସେନେଇ ଯତ୍ନବାନ ହେବା ନିହାତି ଆବଶ୍ୟକ। କେବଳ ସକାଳେ ବିଛଣାରୁ ଉଠିବା ପରେ ନୁହେଁ, ରାତ୍ର ଭୋଜନ ପରେ ଭଲ ଭାବରେ ଦାନ୍ତ ଘଷିବା ଦରକାର। କାରଣ ଦାନ୍ତ ସନ୍ଧିରେ ଯଦି ଖାଦ୍ୟପଦାର୍ଥର ଅବଶିଷ୍ଟାଂଶ ରହିଗଲା, ତେବେ ତାହା ଦାନ୍ତଜନିତ ସମସ୍ୟା ସୃଷ୍ଟି କରିଥାଏ। ତେଣୁ ଭଲ ଭାବରେ ଦାନ୍ତ ଘଷିବା ସହ ଏଭଳି ସମସ୍ୟାର କୌଣସି ଲକ୍ଷଣ ଜାଣିବାକୁ ପାଇଲେ ବିଳମ୍ବ ନ କରି ତାହାର ଚିକିତ୍ସା କରାନ୍ତୁ। ଦାନ୍ତ ରୋଗ ନିରୂପଣ ସମୟରେ ଦନ୍ତ ଚିକିତ୍ସକ ପ୍ରେସ୍‌କ୍ରିପ୍‌ସନରେ ଉଲ୍ଲେଖ କରିଥିବା ପାଥୋଲୋଜିକାଲ ଟେଷ୍ଟ କରାଇ ନିଅନ୍ତୁ। ନିଜେ ସତର୍କ ରହିଲେ ଆମେ ଦାନ୍ତଜନିତ ସମସ୍ୟାଠାରୁ ନିଜକୁ କେତେକାଂଶରେ ଦୂରେଇ ରଖିପାରିବା।

# ରାତିରେ କିପରି ଦୂର କରିବେ ପାଦ ଯନ୍ତ୍ରଣା ?

ରାତିରେ ଖଟ ଉପରେ ପଡିବା ପରେ ପାଦରେ ଅଜବ ପ୍ରକାରର ସମସ୍ୟା ଅନୁଭବ ହେଉଛି କି? ଚଲାବୁଲା କରିବା ପରେ ପାଦକୁ ଆରାମ ମିଳୁଛି? ଯଦି ହଁ, ତେବେ ଏହା ଆଦୌ ସାମାନ୍ୟ ସମସ୍ୟା ନୁହେଁ। ବରଂ ଏହା ରେଷ୍ଟଲେସ୍ ଲେଗ୍ ସିଣ୍ଡ୍ରୋମ୍‌ର ଲକ୍ଷଣ। ନ୍ୟୁରୋଲୋଜିଷ୍ଟ ଡାକ୍ତର ଭୂପେଶ କୁମାର ମନସୁଖାନିଙ୍କ ଅନୁସାରେ... ଏହି ଲକ୍ଷଣ ନ୍ୟୁରୋଲୋଜିକାଲ୍ ବ୍ୟବସ୍ଥା ସହ ଜଡ଼ିତ। ଆମ ଶରୀରର ସମସ୍ତ ଗତିବିଧିକୁ ମସ୍ତିଷ୍କ ଓ ଶିରାପ୍ରଶିରା ନିୟନ୍ତ୍ରଣ କରିଥାନ୍ତି। ମସ୍ତିଷ୍କରେ ଡୋପାମାଇନ୍ ନାମକ ଏକ କେମିକାଲ୍ ରହିଥାଏ, ଯାହା ମାଂସପେଶୀର ପ୍ରତି କାମକୁ ଉପଯୁକ୍ତ ଢଙ୍ଗରେ କରିବାକୁ ସହାୟତା କରିଥାଏ। ଯେତେବେଳେ ମସ୍ତିଷ୍କରେ ଏହି ରସାୟନର ସନ୍ତୁଳନ ବିଗିଡ଼ିଯାଏ ତେବେ ପାଦରେ ଅନିୟନ୍ତ୍ରିତ କାର୍ଯ୍ୟକଳାପ ଓ ବ୍ୟସ୍ତତା ଅନୁଭବ ହୋଇଥାଏ। ଅନେକ ସମୟରେ ଏପରି ସମସ୍ୟା ମଧ୍ୟ ଅନ୍ୟ କେତେକ ସ୍ଥିତିର ଲକ୍ଷଣ ହୋଇପାରେ। ଡାକ୍ତରଙ୍କ ମତରେ ଏହା ପାର୍କିନସନ୍ ରୋଗ ସହ ଜଡ଼ିତ ହୋଇଥାଇପାରେ। କାରଣ ଏହି ରୋଗ ମଧ୍ୟ ଡୋପାମାଇନ୍ ଅଭାବରୁ ହୋଇଥାଏ। ଏହାବ୍ୟତୀତ ଅନ୍ୟାନ୍ୟ କେତେକ କାରଣରୁ ମଧ୍ୟ ପାଦ ସମସ୍ୟା ସୃଷ୍ଟି ହୋଇଥାଏ। ଯେପରିକି ଶରୀରରେ ଆଇରନ୍‌ର ଅଭାବ। ନ୍ୟୁରୋପାଥି ସମସ୍ୟା। ମେରୁଦଣ୍ଡ ହାଡ଼ ସମସ୍ୟା।

ପାଦର ଏପରି ସମସ୍ୟା ଯୋଗୁ ବ୍ୟକ୍ତି ରାତିରେ ଶାନ୍ତିରେ ଶୋଇପାରି ନଥାଏ। ଠିକ୍ ଭାବେ ନିଦ ନ ହେବା ଦ୍ୱାରା ଅନେକ ସମସ୍ୟା ସୃଷ୍ଟି ହୋଇଥାଏ। ଫଳରେ ଦିନରେ ଶରୀର ଥକ୍କାପଣ ଅନୁଭବ କରିବା, ସ୍ୱଭାବରେ ଚିଡଚିଡାପଣ ଆସିବା ଓ କୌଣସି କାମରେ ଧ୍ୟାନ ଦେଇ ନପାରିବା ପରି ସମସ୍ୟାମାନ ଉପୁଜିଥାଏ। ଯଦି ଏଭଳି ସମସ୍ୟା ବାରମ୍ବାର ଲାଗି ରହୁଥାଏ, ତେବେ ଡେରି ନ କରି ତୁରନ୍ତ ଡାକ୍ତର ପରାମର୍ଶ କରାଇ ନିଅନ୍ତୁ। ପାଦର ଏହି ସମସ୍ୟାକୁ ଅଣଦେଖା କରନ୍ତୁନି। ଏହି ଲକ୍ଷଣ ଜଣାଇଥାଏ ଯେ ଶରୀରର ସ୍ନାୟୁତନ୍ତ୍ରର ବିଶେଷ ଯତ୍ନ ନେବା ଜରୁରି। ସମୟରେ ଏହାର ଚିକିତ୍ସା କରାଗଲେ ରୋଗକୁ ନିୟନ୍ତ୍ରଣ କରିବା ସହଜ ହୋଇଥାଏ।

# ଅଧିକ ସମୟ ଭିଡିଓ ଗେମ୍ ଖେଳିବା ମନା



ଭିଡିଓ ଗେମ ଖେଳିବାରେ କେବଳ ଛୋଟ ପିଲାମାନେ ନୁହନ୍ତି ବରଂ ଏଥିରେ ଯୁବପିଢ଼ି ବି ପଛରେ ପଡିନାହାନ୍ତି। ଏହା ମନକୁ ସାମୟିକ ଆନନ୍ଦ ଦେଇଥାଏ ସତ ହେଲେ, ପରୋକ୍ଷରେ ଏହା ଆମର ଅନେକ କ୍ଷତିସାଧନ କରିଥାଏ। ଅନେଙ୍କର ଏହା ଏବେ ଅଭ୍ୟାସରେ ପଡିଯାଇଛି। ଏହାଦ୍ୱାରା ନିଜର ଅନ୍ୟ କାମ ବି ପ୍ରଭାବିତ ହୋଇଥାଏ । ଅଧିକ ସମୟ ଭିଡିଓଗେମ୍ ଖେଳିଲେ ତାହାର ପ୍ରଭାବ ମସ୍ତିଷ୍କର କାର୍ଯ୍ୟଧାରା ଉପରେ ପଡିଥାଏ ଓ କାର୍ଯ୍ୟ କରିବାର ଆଗ୍ରହ ମଧ୍ୟ ଏଥିଯୋଗୁ କମିଯାଏ । 'ଭିଡିଓଗେମ୍ ଏବଂ ମସ୍ତିଷ୍କର କାର୍ଯ୍ୟଧାରା' ବିଷୟକୁ ନେଇ କାଲିଫର୍ନିଆ ୟୁନିଭର୍ସିଟିର ବିଶେଷଜ୍ଞମାନେ ଏକ ସର୍ଭେ କରିଥିଲେ । ଅଧିକ ସମୟ ଭିଡିଓଗେମ୍ ଖେଳୁଥିବା ପିଲାମାନଙ୍କର ମସ୍ତିଷ୍କର କାର୍ଯ୍ୟାଧାରା ଏହା ଦ୍ୱାରା ପ୍ରଭାବିତ ହେଉଥିବା ଏକ ସର୍ଭେ ରିପୋର୍ଟରେ ସେମାନେ ଉଲ୍ଲେଖ କରିଥିଲେ।

# କିଡ୍‌ନୀ ଖରାପ ହେବା ପୂର୍ବରୁ ଦେଖାଦେଇଥାଏ ଏହି ଲକ୍ଷଣ



ସୁସ୍ଥ ଶରୀର ପାଇଁ ପ୍ରତ୍ୟେକ ଅଙ୍ଗ ଠିକ୍ ରହିବା ଜରୁରୀ। ଯଦି କୌଣସି ଗୋଟିଏ ଅଙ୍ଗରେ ସମସ୍ୟା ଦେଖାଦିଏ ତେବେ ତାହା ପୁରା ଶରୀର ଉପରେ ପ୍ରଭାବ ପକାଇଥାଏ। ତେବେ ଶରୀରର ସବୁଠାରୁ ମହତ୍ୱପୂର୍ଣ୍ଣ ଅଙ୍ଗ ହେଉଛି କିଡନୀ। ଯାହା ରକ୍ତକୁ ସଫା କରିବା ସହ ଶରୀରରେ ଥିବା ସମସ୍ତ ଖରାପ ପଦାର୍ଥକୁ ବାହାର କରିବାରେ ସହାୟକ କରିଥାଏ। କିନ୍ତୁ ଆମର କିଛି ଭୁଲ୍ ଅଭ୍ୟାସ ଯୋଗୁଁ କିଡନୀ ଉପରେ କୁପ୍ରଭାବ ପଡିଥାଏ। ଯାହାଦ୍ୱାରା ଆମ କିଡ଼ନୀକୁ ଧୀରେ ଧୀରେ ଆହୁରି ଖରାପ କରି ଦେଇଥାଏ। କେବଳ ସେତିକି ନୁହେଁ କିଛି ରୋଗ ହେଲେ ଡାକ୍ତରଙ୍କ ବିନା ପରାମର୍ଶରେ ଆମେ ଔଷଧ ଖାଇଦେଇଥାଉ। ଯାହାର ପ୍ରଭାବ ସିଧାସଳଖ ଭାବେ ଆମ କିଡନୀ ଉପରେ ପଡିଥାଏ। ଆମ କିଡ଼ନୀ ଖରାପ ହେବ ପୂର୍ବରୁ ଶରୀରରେ କିଛି ଲକ୍ଷଣ ଦେଖାଦେଇଥାଏ। ଯାହାକୁ ଆମେ ଅଜାଣତରେ ଅଣଦେଖା କରିଦେଇଥାଉ। ତେବେ ଆଜି ଆମେ ଆପଣଙ୍କୁ କିଡନୀ ଖରାପ ହେବାର ଲକ୍ଷଣ ଏବଂ ଏହାର ଉପଚାର ବିଷୟରେ ଜଣାଇବୁ। ଯାହା ଆପଣଙ୍କୁ ବିପଦ ମୁଖରୁ ରକ୍ଷା କରିବାରେ ସାହାଯ୍ୟ କରିବ।

**ଲକ୍ଷଣ:** କିଡନୀ ଖରାପ ହେବାରୁ ସବୁଠାରୁ ପ୍ରଥମ ଲକ୍ଷଣ ହେଉଛି ମୁହଁରୁ ଗନ୍ଧ ଆସିବା। ରକ୍ତରେ ୟୁରିଆ କମ୍ ହେଲେ ପାଟିରୁ ଦୁର୍ଗନ୍ଧ ଆସିଥାଏ। ଏହା ସହ ଜିଭର ସ୍ୱାଦ ମଧ୍ୟ ଖରାପ ହେବାକୁ ଲାଗିଥାଏ। ସେହିପରି କିଡନୀ ଖରାପ ହେବା ପୂର୍ବରୁ ପାଦ ଫୁଲିବା ଏବଂ ଦରଜ ହେବା ଆରମ୍ଭ ହୋଇଥାଏ। ଯାହାର କାରଣ ହେଉଛି ଏଡିମା। ଶରୀରର କୋଷରେ ପାଣି ଭରିଯାଏ ଏବଂ କିଡନୀ ଏହି ପାଣିକୁ ବାହାର କରିପାରିନଥାଏ। ଯାହା ଫଳରେ ଶରୀରର ଫୁଲିବା ଆରମ୍ଭ ହୋଇଯାଇଥାଏ। କମ୍ ପରିଶ୍ରା କିମ୍ବା କମ୍ ଥର ପରିଶ୍ରା ହେବା, ପରିଶ୍ରାରେ ଫେଣ ହେବା ବା ଗନ୍ଧ ଆସିବା। ଏସବୁ କିଡନୀ ଖରାପ ହେବାର ଲକ୍ଷଣ। ଯଦି ଆପଣଙ୍କ ସହ ଏପରି ହେଉଛି ତେବେ ତୁରନ୍ତ ଡାକ୍ତରଙ୍କୁ ଦେଖା କରନ୍ତୁ। ଆପଣଙ୍କ ପରିଶ୍ରାରେ ରକ୍ତ ପଡିଲେ ଏହାକୁ ହାଲକାରେ ନନେଇ ତୁରନ୍ତ ଡାକ୍ତରଙ୍କୁ ପରାମର୍ଶ କରନ୍ତୁ। ଏହା କିଡନୀ ଖରାପ ହେବାର ଲକ୍ଷଣ ହୋଇପାରେ। ଛୋଟ ଛୋଟ କାମକରିବା ଦ୍ୱାରା ଦୁର୍ବଳ ଲାଗିବା। ଥକି ପଡିବା ଇତ୍ୟାଦି କିଡନୀ ଖରାପ ହେବାର ଲକ୍ଷଣ ଅଟେ ତେଣୁ ତୁରନ୍ତ ଡାକ୍ତରଙ୍କୁ ପରାମର୍ଶ କରିବା ଆବଶ୍ୟକ। ଯଦି ପିଠିର ଗୋଟିଏ ପଟରେ କଷ୍ଟ ହୋଇ ଏହା ଧୀରେ ଧୀରେ ଶରୀରର ଅନ୍ୟ ଅଙ୍ଗ ଆଡକୁ ଯାଉଛି ତେବେ ଜାଣନ୍ତୁ ଆପଣଙ୍କ କିଡନୀ ଖରାପ ହେଲାଣି।

**ଉପଚାର:** କିଡନୀ ସମସ୍ୟାକୁ ରୋକିବା ପାଇଁ ଚାହୁଁଥିଲେ ଚା ଏବଂ ଚିନିଠାରୁ ଦୂରରେ ରୁହନ୍ତୁ। ପ୍ରତିଦିନ ୧୦ରୁ ୧୨ ଗ୍ଲାସ ପାଣି ପିଇବା ଅତ୍ୟନ୍ତ ଆବଶ୍ୟକ। ଅଧିକ ମାତ୍ରାରେ ପାଣି ପିଇବା ଦ୍ୱାରା ଶରୀର ମଧ୍ୟରେ ଥିବା ବିଷାକ୍ତ ପଦାର୍ଥ ବାହାରକୁ ନିଷ୍କାସନ ହୋଇଥାଏ। ଯାହାଫଳରେ ଆପଣଙ୍କର ସ୍ୱାସ୍ଥ୍ୟ ଭଲ ରହିବା ସହ କିଡନୀ ରୋଗ ହୋଇ ନଥାଏ। ୪୦ ବର୍ଷ ବୟସ ଅତିକ୍ରମ କଲାପରେ ନିୟମିତ ଭାବରେ ଆପଣଙ୍କୁ କିଡନୀର ଯାଂଚ କରିବା ଜରୁରୀ ଅଟେ। ଆପଣଙ୍କ କିଡନୀକୁ ସୁସ୍ଥ ରଖିବାକୁ ହେଲେ ଆପଣ ପ୍ରତିଦିନ ସନ୍ତୁଳିତ ଖାଦ୍ୟ ଖାଇବା ଅତ୍ୟନ୍ତ ଜରୁରୀ। ଏଥିପାଇଁ ଆପଣଙ୍କ ଖାଦ୍ୟରେ ବିଭିନ୍ନ ପନିପରିବା ସମେତ ସତେଜ ଫଳକୁ ସାମିଲ କରିବା ଉଚିତ।

ଏଥିସହିତ ଏହି ୩ ଟି ଖାଦ୍ୟଠାରୁ ଦୂରେଇ ରହିବ ଆବଶ୍ୟକ। ଆଜିକାଲିର ଲୋକମାନଙ୍କୁ ଜଙ୍କ୍ ଫୁଡ ଖାଇବାର ଖରାପ ଅଭ୍ୟାସ ରହିଛି। ଜଙ୍କ୍ ଫୁଡରେ ଫସଫରସ ଏବଂ ସୋଡିୟମର ଅଧିକ ମାତ୍ରା ହେବା କାରଣରୁ କିଡନୀ ଉପରେ ଖରାପ ପ୍ରଭାବ ପକାଇଥାଏ। ଯାହା ଦ୍ୱାରା କିଡନୀ ଧିରେ ଧିରେ ଦୁର୍ବଳ ହୋଇ ନଷ୍ଟ ହୋଇଯାଇଥାଏ। ଅଧିକାଂଶ ଲୋକ ମାଛ, ମାଂସ, ଏବଂ ଚିକେନକୁ ଅଧିକ ମାତ୍ରାରେ ଖାଇଥାନ୍ତି। ଏହି ଜିନିଷରୁ ଆନିମାଲ ପ୍ରୋଟିନ ମିଳିଥାଏ। ଯାହା ଶରୀର ପାଇଁ ଲାଭଦାୟକ ହୋଇଥାଏ। କିନ୍ତୁ ମାଂସ, ମାଛ ଏବଂ ଚିକେନକୁ ଅଧିକ ଖାଇବା ଦ୍ୱାରା ଶରୀରରେ ଆନିମାଲ ପ୍ରୋଟିନର ମାତ୍ରା ବଢ଼ିଯାଇଥାଏ। ଯାହା କିଡନୀ ଉପରେ ଖରାପ ପ୍ରଭାବ ପକାଇଥାଏ। ତେଣୁ ସୀମିତ ମାତ୍ରାରେ ମାଂସ ଆହାର କରିବା ଉଚିତ। ସନ୍ତୁଳିତ ଭାବରେ ପରିବା ଏବଂ ଫଳ ଖାଇବା ଅବଶ୍ୟକ।



# ବରୀରେ ବନ୍ୟା ସ୍ଥିତି

## ୧୪ ପଞ୍ଚାୟତର ଲୋକେ ଭୋଗୁଛନ୍ତି ଦୁର୍ଦ୍ଦଶା

### ମୁଖ୍ୟରାସ୍ତାରେ ଚଳାଚଳ ବନ୍ଦ

**ବରୀ,୩୧।୭ (ସଂଚାର ବ୍ୟୁରୋ):** ବ୍ରାହ୍ମଣୀ ବନ୍ୟାର କରାଳ ଛବି ଶୁକ୍ରବାର ଆଶ୍ୱସ୍ତି ଦେଇଛି। ମାତ୍ର ବ୍ରାହ୍ମଣୀ ଓ ଖରସ୍ରୋତାର ଶାଖାନଦୀର ମଝିରେ ଥିବା ବରୀ ବ୍ଲକର ୧୪ ପଞ୍ଚାୟତର ସ୍ଥିତି ଆଜି ବି ସଂଗୀନ ରହିଛି। ଗତ ଗୁରୁବାର ଦିନ ବ୍ରାହ୍ମଣୀ ନଦୀର ବାମ ଓ ଦକ୍ଷିଣ ପାର୍ଶ୍ୱରେ ସୃଷ୍ଟି ହୋଇଥିବା ୪ଗୋଟି ଘାଇରୁ ୩ଟିରେ ଏବେ ନଦୀରେ ଜଳ ପ୍ରବାହିତ ହେଉଛି। ମାତ୍ର ବାଙ୍କସାହି ଘାଇରେ ଏବେବି କିଛି ପରିମାଣ ବନ୍ୟା ପାଣି ହେଉଛି। ଅପରପକ୍ଷରେ ବ୍ରାହ୍ମଣୀ ନଦୀର ବାମ ପାର୍ଶ୍ୱ ଘାଇରୁ ପଶିଆସିଥିବା ବନ୍ୟାପାଣି କିମ୍ବିରିପାଳ, ଭଅଁରା, ରଂପା, ଅଟିରାର ଆଂଶିକ, ବରୀ, ବାଲିବିଲି, ଅଲିପୁର, ଅନ୍ୟାସୀପୁର, କାଇପଡା, ଅରଙ୍ଗାବଦ, ଉଦୟନାଥପୁର ପଞ୍ଚାୟତକୁ ବନ୍ୟାଘେରରେ ରଖିଥିଲା ବେଳେ ଖରସ୍ରୋତା ନଦୀର ବନ୍ୟା ବୋଦୁଅ, ରତଲାଙ୍ଗ, ଅଙ୍ଗାଲୋ, ମଧୁସୁଦନପୁର ପଞ୍ଚାୟତକୁ ବନ୍ୟାଘେରରେ ରଖିଛି। ଖରସ୍ରୋତାର ଶାଖାନଦୀ ଗୁଡ଼ିକ ଏବେବି କୂଳଲଂଘି ରହିଥିବାରୁ ବନ୍ୟାପାଣି ଏହି ସବୁ ପଞ୍ଚାୟତରୁ ନିଷ୍କାସନ ହୋପାରୁ ନାହିଁ। ଫଳରେ ଏବେବି ଅନେକ ଗ୍ରାମ୍ୟରାସ୍ତା ବୁଡ଼ି ରହିଥିଲା ବେଳେ ବରୀ କଳାମାଟିଆ ରାସ୍ତାଉପରେ ଅନେକ ସ୍ଥାନରେ ପ୍ରଖର ବନ୍ୟାଜଳ ଚାଲିଛି। ବରୀ କଳାମାଟିଆ ମୁଖ୍ୟରାସ୍ତାରେ ଯାନବାହାନ ଚଳାଚଳ ବନ୍ଦ ରହିଥିବା ଦେଖିବାକୁ ମିଳିଛି। ଅନେକ ଘର ଏବେ ବନ୍ୟାଘେରରେ ରହିଥିଲା ବେଳେ କିମ୍ବରିଆପାଳ ପଞ୍ଚାୟତର ମାଳଦା ନିକଟରେ ଥିବା ଏକ ୨୦/୨୫ଘରର ବସ୍ତିଟି ସ୍ଥାନାନ୍ତର ହୋଇ କଲ୍ୟାଣମଣ୍ଡପର ଉପର ମହଲାରେ ଆଶ୍ରୟନେଇଛନ୍ତି। ଗତକାଲି ସେମାନଙ୍କୁ ପ୍ରଶାସନ ପକ୍ଷରୁ ଶୁଖିଲା ଓ ରନ୍ଧାଖାଦ୍ୟ ପ୍ରଦାନ କରାଯାଇଥିଲା ବେଳେ ଆଜି ଓଡ୍ରାପ ଟିମ୍ ସକାଳେ ଖାଦ୍ୟା ନେଇ ପହଞ୍ଚାଇଛନ୍ତି। ଭଅଁରା ପଞ୍ଚାୟତର ପଣସପଡା ଦଳିତ ବସ୍ତି ମୁଖ୍ୟ ରାସ୍ତାରୁ ବିଚ୍ଛିନ୍ନ ହୋଇ ରହିଥିବା ଜଣାପଡ଼ିଛି। ମିଳିମିଳାପୁର ଗ୍ରାମଟି



ବିଚ୍ଛିନ୍ନ ଥିଲା ବେଳେ ବନ୍ୟାଜଳ ନିଷ୍କାସନରେ ବିଳମ୍ବ ଘଟୁଥିବା ଏହି ପଞ୍ଚାୟତଗୁଡ଼ିକ ଆଜି ପୁଣି ନଦୀରେ ଜଳସ୍ତର ବୃଦ୍ଧିପାଇବାର ଖବର ପରେ ଆତଙ୍କିତ ହୋଇପଡ଼ିଛନ୍ତି ଲୋକେ। ପ୍ରଶାସନ ସ୍ୱତନ୍ତ୍ର ଭାବେ ଏହି ପଞ୍ଚାୟତଗୁଡ଼ିକ ଉପରେ ଦୃଷ୍ଟି ଦେବାର ଆବଶ୍ୟକତା ରହିଛି। ବିଧାୟକ ବିଶ୍ୱରଂଜନ ମଲ୍ଲିକ ବରୀରେ ଉପସ୍ଥିତ ରହି ପ୍ରଶାସନର ବନ୍ୟା ପ୍ରସ୍ତୁତି ଉପରେ ନଜର ରଖିବା ସହିତ ବନ୍ୟା ପ୍ରଭାବିତ ଅଞ୍ଚଳ ବୁଲି ଦେଖିଥିଲେ। ସେପଟେ ବିଜେପି ନେତା ତଥା ବରୀର ପରାଜିତ ବିଜେପି ବିଧାୟକ ପ୍ରାର୍ଥୀ ରମେଶ ଜେନା ବରୀର ବିଭିନ୍ନ ବନ୍ୟା ପ୍ରଭାବିତ ଅଞ୍ଚଳ ବୁଲିବା ସହିତ ବିପନ୍ନଙ୍କ ନିକଟରେ ପହଞ୍ଚିଥିଲେ। ବିଭିନ୍ନ ସ୍ଥାନରେ ସୃଷ୍ଟି ହୋଇଥିବା ଘାଇ ଦେଖିବା ସହିତ ତୁରନ୍ତ ବିପନ୍ନମାନଙ୍କ ପାଖରେ ସରକାରୀ ସହାୟତା ଯୋଗାଇ ଦେବାକୁ ପ୍ରଶାସନ ସହିତ ଆଲୋଚନା କରିଥିଲେ। ଗୁରୁବାର ଅପରାହ୍ନରେ ବିଜେପିର ରାଜ୍ୟ ମୁଖପାତ୍ର ତଥା ବିଜେପି ନେତା ମନୋଜ ମହାପାତ୍ର ବରୀ ବନ୍ୟା ଅଞ୍ଚଳ ବୁଲିବା ସହିତ ଅନୁଧ୍ୟାନ ଘାଇ ସହିତ ବିଭିନ୍ନ ଘାଇ ଓ ବିପନ୍ନମାନଙ୍କୁ ଭେଟିଥିଲେ। ବିଶେଷ ଭାବେ କିପରି ବରୀକୁ ବନ୍ୟା ବିପନ୍ନଙ୍କ ପାଇଁ ସରକାରୀ ସହାୟତା ତୁରନ୍ତ ଆସିବ ସେନେଇ ସରକାରଙ୍କ ଦୃଷ୍ଟିକୁ ଆଣିବେ ବୋଲି କହିଥିଲେ। ଅପରାହ୍ନରେ ବରୀ ଅନ୍ୟତମ ନେତୃତ୍ୱ ସେକ୍ ସଫିକ୍ ଉଦ୍ଦିନ୍ ମଧ୍ୟ ବନ୍ୟା ଅଞ୍ଚଳ ବୁଲି ବିପନ୍ନମାନଙ୍କୁ ଭେଟି ଛନ୍ତି।

## ଡାଞ୍ଜୁ-ବ୍ରଡିଗୁଡା ରାସ୍ତା ଶୋଚନୀୟ ପ୍ରଶାସନର ଦୃଷ୍ଟି ପଡ଼ିବ କେବେ?

**କନ୍ଧମାଳ,୩୧।୭ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଖଜୁରୀପଡ଼ା ବ୍ଲକ ଅନ୍ତର୍ଗତ ଦଳପଡ଼ା ପଞ୍ଚାୟତର ଡାଞ୍ଜୁ ଓ ବ୍ରଡିଗୁଡା ଗ୍ରାମର ରାସ୍ତା ଏବେ ବର୍ଷାଦିନରେ



କାଦୁଅ ହୋଇ ଗ୍ରାମବାସୀଙ୍କ ପାଇଁ ଦୁର୍ଦ୍ଦଶା ଭୋଗୁଛନ୍ତି। ଲଗୁଡାପଜନିତ ବର୍ଷା ଯୋଗୁଁ ରାସ୍ତାର ଅବସ୍ଥା ଅତ୍ୟନ୍ତ ଖରାପ ହୋଇ ପଡ଼ିଥିବାରୁ ଦୈନନ୍ଦିନ ଯାତାୟତରେ ଲୋକେ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସୂଚନା ଅନୁସାରେ, ଏହି ଦୁଇ ଗ୍ରାମରେ ୧୦୦ରୁ ଅଧିକ ପରିବାର ବସବାସ କରୁଛନ୍ତି। ଗ୍ରାମକୁ ଯିବା ରାସ୍ତାର କିଛି ଅଂଶ କଂକ୍ରିଟ ହୋଇଥିବା ବେଳେ ଆଉ କିଛି ଅଂଶ ଏବେ ମଧ୍ୟ କଚ୍ଚା ରାସ୍ତା ରହିଛି। ବର୍ଷା ହେଲେ ଏହି କଚ୍ଚା ରାସ୍ତା କାଦୁଅରେ ପରିଣତ ହୋଇଯାଉଛି। ଯାହା ଫଳରେ ଗ୍ରାମବାସୀଙ୍କ ସହ ଛାତ୍ରଛାତ୍ରୀମାନେ ମଧ୍ୟ ବିଦ୍ୟାଳୟ ଯିବା ଆସିବାରେ ଅସୁବିଧା ଭୋଗୁଛନ୍ତି। ଜରୁରୀକାଳୀନ ସମୟରେ ରୋଗୀଙ୍କୁ ନେବା, ଦୈନନ୍ଦିନ କାର୍ଯ୍ୟ ପାଇଁ ବାହାରକୁ ଯିବା ଓ ଅନ୍ୟାନ୍ୟ ଆବଶ୍ୟକ କାର୍ଯ୍ୟରେ ମଧ୍ୟ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତାର ସମସ୍ୟା ନେଇ ଗ୍ରାମବାସୀମାନେ ସ୍ଥାନୀୟ ସରପଞ୍ଚ ଓ ପଞ୍ଚାୟତ ସମିତି ନିର୍ବାଚିତ ପ୍ରତିନିଧିଙ୍କୁ ବାରମ୍ବାର ଅବଗତ କରାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ସ୍ଥାୟୀ ସମାଧାନ ହୋଇପାରିନାହିଁ। ଗତ କିଛି ମାସ ପୂର୍ବରୁ ଗ୍ରାମର ଯୁବକ ସଂଘ ନିଜସ୍ୱ ଖର୍ଚ୍ଚରେ ଟ୍ରାକ୍ଟର ଯୋଗେ ମାଟି ଆଣି ରାସ୍ତାରେ ପକାଇଥିଲେ। ତଥାପି ବର୍ଷା ଆସିଲେ ପୁଣି ସମସ୍ୟା ସୃଷ୍ଟି ହେଉଛି। ତେଣୁ ବ୍ଲକ ପ୍ରଶାସନ ଏହି ରାସ୍ତା ସମସ୍ୟା ପ୍ରତି ତୁରନ୍ତ ଦୃଷ୍ଟି ଦେଇ ରାସ୍ତାର ଉନ୍ନତିକରଣ କରିବା ସହ ଯାତାୟତ ସୁବିଧା ସୁନିଶ୍ଚିତ କରିବାକୁ ଡାଞ୍ଜୁ ଓ ବ୍ରଡିଗୁଡା ଗ୍ରାମବାସୀ ଦାବି କରିଛନ୍ତି।

## ଜିଲ୍ଲାପାଳଙ୍କ କୋଟଗଡ଼ ଗସ୍ତ, ଶିକ୍ଷା ଓ ସ୍ୱାସ୍ଥ୍ୟ ବ୍ୟବସ୍ଥାର ସମୀକ୍ଷା

**କନ୍ଧମାଳ,୩୧।୭ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲାପାଳ ଶ୍ରୀଯୁକ୍ତ ବେଦ ଭୂଷଣ ଆଜି କୋଟଗଡ଼ ବ୍ଲକ ଗସ୍ତ କରି ବିଭିନ୍ନ ସରକାରୀ ଅନୁଷ୍ଠାନ, ସ୍ୱାସ୍ଥ୍ୟକେନ୍ଦ୍ର ଓ ଶିକ୍ଷା ପ୍ରତିଷ୍ଠାନ ପରିଦର୍ଶନ କରି ସ୍ଥିତି ସମୀକ୍ଷା କରିଛନ୍ତି। ଗସ୍ତ ସମୟରେ କୋଟଗଡ଼ର ଅତିରିକ୍ତ ତହସିଲଦାର ଅମର ପରାସେଟ୍ ଏବଂ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଚିନ୍ମୟ ମହାନନ୍ଦ ପ୍ରମୁଖ ଉପସ୍ଥିତ ରହି ଅଞ୍ଚଳର ବିଭିନ୍ନ ଉନ୍ନତିମୂଳକ ବିଷୟ ନେଇ ଜିଲ୍ଲାପାଳଙ୍କ ସହ ଆଲୋଚନା କରିଥିଲେ। ଜିଲ୍ଲାପାଳ ଦୁର୍ଗାପାଙ୍ଗା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ସେଠାରେ ଉପଲବ୍ଧ ସ୍ୱାସ୍ଥ୍ୟସେବା, ଆବଶ୍ୟକତା ଓ ବିଭିନ୍ନ ସମସ୍ୟା ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ରୋଗୀମାନଙ୍କୁ



ମିଳୁଥିବା ସେବା ଓ ଆବଶ୍ୟକ ସୁବିଧା ସମ୍ପର୍କରେ ସେ ଅଧିକାରୀମାନଙ୍କଠାରୁ ତଥ୍ୟ ନେଇଥିଲେ। ଏବଂ ଇର୍ପିଗୁଡ଼ାସ୍ଥିତ ଆଦର୍ଶ ଅଙ୍ଗନବାଡ଼ି କେନ୍ଦ୍ର ଏବଂ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରି ଶିକ୍ଷାଦାନ ବ୍ୟବସ୍ଥା, ଛାତ୍ରଛାତ୍ରୀଙ୍କ ଉପସ୍ଥାନ, ବିଦ୍ୟାଳୟର ଭିତ୍ତିଭୂମି ଓ ଅନ୍ୟାନ୍ୟ ସୁବିଧା ସମ୍ପର୍କରେ ଶିକ୍ଷକ ଓ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ସେହିପରି କୋଟଗଡ଼ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ଏଓଭି) ଏବଂ ସରକାରୀ ପ୍ରାଥମିକ ବିଦ୍ୟାଳୟ ଝରିଆପଦା ମଧ୍ୟ ଜିଲ୍ଲାପାଳ ପରିଦର୍ଶନ କରିଥିଲେ। ଏହି ଅବସରରେ ଶିକ୍ଷା ବ୍ୟବସ୍ଥାର ଗୁଣାତ୍ମକ ଉନ୍ନତି, ବିଦ୍ୟାଳୟର ଭିତ୍ତିଭୂମି ଓ ଛାତ୍ରଛାତ୍ରୀଙ୍କ ଆବଶ୍ୟକତା ନେଇ ଜିଲ୍ଲାପାଳ ସମୀକ୍ଷା କରିଥିଲେ। ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଚାଲିଥିବା କାର୍ଯ୍ୟ, ଆବଶ୍ୟକତା ଏବଂ ଉନ୍ନତିମୂଳକ ପଦକ୍ଷେପ ସମ୍ପର୍କରେ ମଧ୍ୟ ସେ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ଅଞ୍ଚଳବାସୀଙ୍କୁ ଉନ୍ନତମାନର ଶିକ୍ଷା ଓ ସ୍ୱାସ୍ଥ୍ୟସେବା ଯୋଗାଇବା ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ।

## ରାଜଘାଟଠାରେ ବିପଦ ସଂକେତ ଉପରେ ସାଳନ୍ଦୀ



**ଭଦ୍ରକ,୩୧।୭ (ସଂଚାର ବ୍ୟୁରୋ):** ଉପର ମୁଣ୍ଡରେ ଲଗାଣ ବର୍ଷା ଯୋଗୁଁ ସାଳନ୍ଦୀ ନଦୀର ଜଳ ସ୍ତର ବୃଦ୍ଧି ପାଇଛି। ରାଜଘାଟ ଠାରେ ବିପଦ ସଂକେତ ୧୭.୦୦ ଫୁଟ ରହିଥିବା ବେଳେ ଶୁକ୍ରବାର ଅପରାହ୍ନ ୧ଟା ସୁଦ୍ଧା ଜଳ ସ୍ତର ବୃଦ୍ଧି ପାଇ ୧୯.୨୦ ଫୁଟ୍ ରେ ପ୍ରବାହିତ ହେଉଛି। ଯାହାକି ଏଠାରେ ବିପଦ ସଂକେତ ଉପରେ ପ୍ରବାହିତ ହେଉଛି ସାଳନ୍ଦୀ ନଦୀ। ଅନ୍ୟପକ୍ଷରେ ତୁହାକୁ ତୁହା ବର୍ଷା ଯୋଗୁଁ ନଦୀର ଜଳ ସ୍ତର ବୃଦ୍ଧି ପାଉଥିବାରୁ ନଦୀକୂଳିଆ ଅଞ୍ଚଳବାସୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି।

## ଲୋୟର ସୁକତେଲ ଡ୍ୟାମ୍ ଅଞ୍ଚଳରେ ୧୬୩ ଧାରା ଲାଗୁ

● ପ୍ରବେଶ, ଗାଧୋଇବା ଓ ସେଲଫି ନେବା ଉପରେ କଟକଣା

**ବଲାଙ୍ଗୀର,୩୧।୭ (ସଂଚାର ବ୍ୟୁରୋ):** ବଲାଙ୍ଗୀର ସ୍ଥିତ ମାଗୁରବେଡାଠାରେ ଥିବା ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ ଡ୍ୟାମ୍ ପରିସରରେ ନିରାପତ୍ତା ଓ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ କଡ଼ା ପଦକ୍ଷେପ ଗ୍ରହଣ କରାଯାଇଛି। ବଲାଙ୍ଗୀର ଉପ-ଜିଲ୍ଲାପାଳ ତଥା ଉପଖଣ୍ଡ ମାଜିଷ୍ଟ୍ରେଟ ଆଲୋକ କୁମାର ପଟେଲ, 'ଭାରତୀୟ ନାଗରିକ ସୁରକ୍ଷା ସଂହିତା (ବିଏନଏସଏସ), ୨୦୨୩' ର ଧାରା ୧୬୩(୧) ଅଧୀନରେ ପ୍ରକଳ୍ପ ଅଞ୍ଚଳରେ ନିଷେଧାଦେଶ ଜାରି କରିଛନ୍ତି। ଗତ କିଛି ଦିନ ହେବ ବହୁ ସଂଖ୍ୟାରେ ସ୍ଥାନୀୟ ଲୋକ, ପର୍ଯ୍ୟଟକ ଏବଂ ଅନଧିକୃତ ବ୍ୟକ୍ତି ଡ୍ୟାମ୍‌ର କାର୍ଯ୍ୟକ୍ଷେତ୍ର, ଜଳାଶୟ ଓ ସ୍ପିଲଓ୍ୱେ ଅଞ୍ଚଳକୁ ବିପଜ୍ଜନକ ଭାବେ ଯାତାୟାତ କରୁଥିବା ଜିଲ୍ଲା ପ୍ରଶାସନଙ୍କ ଦୃଷ୍ଟିକୁ ଆସିଥିଲା। ବର୍ତ୍ତମାନ ବର୍ଷା ଦିନିଆ ଜଳସ୍ତର ବୃଦ୍ଧି, ସ୍ପିଲଓ୍ୱେ ଗେଟ୍‌ରୁ ତୀବ୍ର ବେଗରେ ଜଳ ନିଷ୍କାସନ ଏବଂ ଭାରୀ ଯନ୍ତ୍ରପାତିର କାର୍ଯ୍ୟ ଚାଲୁ ରହିଥିବାରୁ ଜନଜୀବନ ସୁରକ୍ଷା ପ୍ରତି ଗମ୍ଭୀର ବିପଦ ସୃଷ୍ଟି ହୋଇଛି। ବୁଡ଼ିଯିବା ଓ ଅନ୍ୟାନ୍ୟ ଅପ୍ରୀତିକର ଦୁର୍ଘଟଣାକୁ ଏଡାଇବା ପାଇଁ ପ୍ରଶାସନ ପକ୍ଷରୁ ଏହି ତୁରନ୍ତ ପ୍ରତିଷେଧକ ମୂଳକ ପଦକ୍ଷେପ ନିଆଯାଇଛି। ଡ୍ୟାମ୍‌ର ମୁଖ୍ୟ କାନ୍ଥ, ବନ୍ଧ, ସ୍ପିଲଓ୍ୱେ, ଜଳାଶୟ କୂଳ ଏବଂ ନିୟନ୍ତ୍ରଣ କକ୍ଷ ଅଞ୍ଚଳକୁ ସାଧାରଣ ଲୋକ, ପର୍ଯ୍ୟଟକ ଓ ବେସରକାରୀ ଯାନବାହାନର ପ୍ରବେଶ ସମ୍ପୂର୍ଣ୍ଣ ବାରଣ କରାଯାଇଛି। ଡ୍ୟାମ୍ ଓ ଜଳାଶୟ ନିକଟରେ ଗାଧୋଇବା, ପହଁରିବା, ଡଙ୍ଗା ଚଳାଇବା, ମାଛ ଧରିବା, ସେଲଫି ନେବା, ଭିଡିଓ ସୁଟିଂ କରିବା ଏବଂ ରୁଣ୍ଡ ହେବା ଉପରେ ସମ୍ପୂର୍ଣ୍ଣ ନିଷେଧାଦେଶ ଲାଗୁ କରାଯାଇଛି। କେବଳ ଡ୍ୟାମ୍‌ର ନିର୍ମାଣ, ରକ୍ଷଣାବେକ୍ଷଣ ଓ ସୁରକ୍ଷା ଦାୟିତ୍ୱରେ ଥିବା ସରକାରୀ ଅଧିକାରୀ, ଇଞ୍ଜିନିୟର, ସୁରକ୍ଷା କର୍ମୀ ଓ ନିୟୋଜିତ କର୍ମଚାରୀଙ୍କ ପାଇଁ ଏହି ଆଦେଶ ଲାଗୁ ହେବ ନାହିଁ। ଏହି ଆଦେଶ ୩୧ ଜୁଲାଇ ୨୦୨୬ ରୁ ଆଗାମୀ ୬୦ ଦିନ ପର୍ଯ୍ୟନ୍ତ କାର୍ଯ୍ୟକାରୀ ରହିବ। ଯଦି କୌଣସି ବ୍ୟକ୍ତି ଏହି ନିୟମର ଉଲ୍ଲଂଘନ କରନ୍ତି, ତେବେ 'ଭାରତୀୟ ନ୍ୟାୟ ସଂହିତା (ବିଏନଏସ), ୨୦୨୩' ର ଧାରା ୨୨୩ ଏବଂ ପ୍ରସଙ୍ଗିକ ସୁରକ୍ଷା ଆଇନ ଅନୁଯାୟୀ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ପୁଲିସ ଫାଣ୍ଡି କୋଠା ଅଧାପନ୍ତରିଆ



**ରିଷିଡା,୩୧।୭ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲାର ବହୁ ପୁରାତନ ରିଷିଡ଼ା ପୁଲିସ ଫାଣ୍ଡି ପ୍ରତିଷ୍ଠାପରଠୁ ଅଦ୍ୟାବଧି ଖପର ଓ ଆଜବେଷ୍ଟସ୍ ଘରେ ଚାଲିଆସୁଛି। ବାରମ୍ବାର ଦାବି ପରେ ନୂତନ କୋଠା ନିର୍ମାଣ ପାଇଁ ଆଜକୁ ପ୍ରାୟ ଦୁଇବର୍ଷ ତଳେ ଓଡ଼ିଶା ପୁଲିସ ହାଉସିଂ ବୋର୍ଡ ପକ୍ଷରୁ ଟେଣ୍ଡର ହୋଇଥିଲା। ଏହାର କିଛିମାସ ପରେ କୋଠା ନିର୍ମାଣ ଆରମ୍ଭ ହୋଇଥିଲା। କିନ୍ତୁ ଦେଢ଼ବର୍ଷ ହେଲା କୋଠା ଅଧପନ୍ତରିଆ ଭାବେ ପଡ଼ି ରହିଛି। ଫଳରେ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। ଏ ନେଇ ଠିକାଦାରଙ୍କୁ ଯୋଗାଯୋଗ କରିବାରୁ ବର୍ଷା ହେତୁ କାମ ହୋଇପାରୁ ନାହିଁ ବୋଲି ଉତ୍ତର ରଖିଥିଲେ। ଏଥିପ୍ରତି ପୁଲିସ ହାଉସିଂ ବୋର୍ଡ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି।

## ଆଭାଷୀ ମାଧ୍ୟମରେ ସମୀକ୍ଷା ବୈଠକ ଅନୁଷ୍ଠିତ

**ବଲାଙ୍ଗୀର,୩୧।୭ (ସଂଚାର ବ୍ୟୁରୋ):** ପୂର୍ବାହ୍ନରେ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ଓ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ଆଜି ଆଭାଷୀ ମାଧ୍ୟମରେ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲାର ବର୍ତ୍ତମାନର ବନ୍ୟା ସ୍ଥିତି ଏବଂ ବିଭିନ୍ନ କ୍ଷେତ୍ରରେ ହୋଇଥିବା କ୍ଷୟକ୍ଷତି ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ପ୍ରତ୍ୟେକ ବିଭାଗକୁ ନିଜ ନିଜର ଅଦ୍ୟତନ ରିପୋର୍ଟ ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲ୍ଲାରେ ସାମ୍ପ୍ରତିକ ପ୍ରବଳ ବର୍ଷା ଏବଂ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି, ଜିଲ୍ଲାପାଳ ଗୌରଓ୍ୱ ଶିଓ୍ୱାଜୀ ଇସଲଓ୍ୱାର ସମସ୍ତ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ କ୍ଷେତ୍ରସ୍ତରୀୟ ଗସ୍ତ କରି, କ୍ଷୟକ୍ଷତିର ତୁରନ୍ତ ଓ ସଠିକ୍ ଆକଳନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।




ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳ ପବିତ୍ର ବେହେରା, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଓ ନିର୍ବାହୀ ଅଧିକାରୀ ତରଣୀ ସୁନା, ବଲାଙ୍ଗୀର ଉପଜିଲ୍ଲାପାଳ ଆଲୋକ କୁମାର ପଟେଲ, ଲୋୟର ସୁକତେଲ ପ୍ରକଳ୍ପର ମୁଖ୍ୟ ନିର୍ମାଣ ଯନ୍ତ୍ରୀ ସୁରେନ୍ଦ୍ର ଭୋଇ, ମୁଖ୍ୟ ଜିଲ୍ଲା ଜନସ୍ୱାସ୍ଥ୍ୟ ଓ ଚିକିତ୍ସା ଅଧିକାରୀ ଡା. ପୁଷ୍ପାଞ୍ଜଳି ମିଶ୍ର, ରାସ୍ତା ଓ ଗୃହ ନିର୍ମାଣ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଆଶୁତୋଷ ଜେନା, ଡେପୁଟି କଲେକ୍ଟର ନିବେଦିତା ସ୍ୱାଇଁ, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଶୋଭିନା ଭୋଇ, ସସ୍ମିତା ପ୍ରଧାନଙ୍କ ସହିତ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ, ମୁଖ୍ୟ ଜିଲ୍ଲା ପ୍ରାଣୀସମ୍ପଦ ଅଧିକାରୀ, ଉଦ୍ୟାନ କୃଷି ଉପ-ନିର୍ଦ୍ଦେଶକ, ଗ୍ରାମ୍ୟ ଉନ୍ନୟନ, ଟିପିଓଡ଼ବ୍ଲୁ, ଜାତୀୟ ରାଜପଥ, କ୍ଷୁଦ୍ର ଜଳସେଚନ ଓ ଜଳସେଚନ ବିଭାଗର ନିର୍ବାହୀ ଓ ଅଧୀକ୍ଷଣ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ। ସମସ୍ତେ ନିଜ-ନିଜ ବିଭାଗର ସ୍ଥିତି ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସମ୍ପୃକ୍ତ ସମସ୍ତ ଅଧିକାରୀଙ୍କୁ ଅତ୍ୟାବଶ୍ୟକ ଭିତ୍ତିରେ ନିଜ ନିଜ କ୍ଷେତ୍ରାଞ୍ଚଳ ଗସ୍ତ କରି କ୍ଷୟକ୍ଷତିର ସମ୍ପୂର୍ଣ୍ଣ ତଥ୍ୟ ସଂଗ୍ରହ ପୂର୍ବକ ଯଥାଶୀଘ୍ର ଜିଲ୍ଲା ପ୍ରଶାସନ ନିକଟରେ ଉପସ୍ଥାପନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ଗାନ୍ଧୀପଡ଼ିଆ ଡାହିବାଡି ହାଟ ରାସ୍ତା ଶୋଚନୀୟ

**ବୈଶିଙ୍ଗା,୩୧।୭ (ସଂଚାର ବ୍ୟୁରୋ):** ବୈଶିଙ୍ଗା ପଞ୍ଚାୟତ ଉପକଣ୍ଠ ୧୮ନଂ ଜାତୀୟ ରାଜପଥର ଗାନ୍ଧୀପଡ଼ିଆ ଛକଠାରୁ ଡାହିବାଡି ହାଟ ପର୍ଯ୍ୟନ୍ତ ପ୍ରାୟ ୬୦୦ ମିଟର ଲମ୍ବର ରାସ୍ତା ଅତି ଜରୁରୀ ଭାବେ ପରିଗଣିତ ହୋଇଥାଏ। ଯାନବାହନ ଚଳାଚଳ ବାଧାପ୍ରାପ୍ତ ହେବା ସହ ବାଇକ୍ ଆରୋହୀ ମଧ୍ୟ ଏହି ରାସ୍ତାରେ ଯିବା କଷ୍ଟକର ହୋଇପଡ଼ିଛି। ଏହି ରାସ୍ତା ପାର୍ଶ୍ୱରେ ଜିଲ୍ଲାର ଅନ୍ୟତମ ବ୍ୟସ୍ତବହୁଳ ଡାହିବାଡି ସାପ୍ତାହିକ ହାଟ ସପ୍ତାହର ବୁଧବାର ଓ ଶନିବାର ଅନୁଷ୍ଠିତ ହେଉଥିବାରୁ ପ୍ରାୟ କୋଡିଏ ହଜାର ରୁ ଅଧିକ ଜନ ସମାଗମ ହୋଇଥାଏ। ମହାତ୍ମାଗାନ୍ଧୀ ମହାବିଦ୍ୟାଳୟ ମଧ୍ୟ ରାସ୍ତା ର ଅନତି ଦୂରରେ। ରାସ୍ତାର ଦୁରାବସ୍ଥା ପାଇଁ ଅଧିକାଂଶ ସମୟରେ ଛୋଟ ବଡ ଦୁର୍ଘଟଣା ଘଟି ଚାଲିଛି। ପ୍ରାୟ ୨୦ ବର୍ଷ ତଳେ ତତ୍କାଳୀନ ବୈଶିଙ୍ଗା ନିର୍ବାଚନ ମଣ୍ଡଳୀର ବିଧାୟିକା ପ୍ରମିଳା ଗିରି ଙ୍କ ହାତ ପାଣ୍ଠି ଅର୍ଥରୁ ପାଞ୍ଚ ଲକ୍ଷ ଟଙ୍କା ବ୍ୟୟ ଅଟକଳ ରେ ଏହି ରାସ୍ତାର ଅଧା ରାସ୍ତା କଂକ୍ରୀଟ୍ ହୋଇଥିଲା ବେଳେ ଆଉ ଅର୍ଦ୍ଧେକ କେବଳ ମେଟାଲିଂ ହୋଇଥିଲା। ଏବେ କଂକ୍ରୀଟ ନଷ୍ଟ ହୋଇ ବାକି ରାସ୍ତାଟି ରେ ମେଟାଲ୍ ଉଠିଯାଇ କେବଳ କାଦୁଅ ପାଲଟି ଯାଇଛି। ତେଣୁ ଏହି ରାସ୍ତା ଟିର ପୁନଃ ନିର୍ମାଣ ଅତ୍ୟନ୍ତ ଜରୁରୀ ହୋଇପଡ଼ିଛି।

## ପକ୍କା ରାସ୍ତା ପାଇଁ ଗ୍ରାମବାସୀଙ୍କ ନିବେଦନ

**ଥୁଆମୂଳ ରାମପୁର,୩୧।୭ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ସିନ୍ଧିପଦର ପଞ୍ଚାୟତ ଅନ୍ତର୍ଗତ ତଳ କନ୍ଦାଗୁଡ଼ା ଗ୍ରାମରେ ସ୍ୱାଧୀନତାର ବହୁ ବର୍ଷ ପରେ ବି ମୌଳିକ ସୁବିଧା ପହଞ୍ଚିପାରି ନାହିଁ। ବୁଣ୍ଡେଲ ମାଳି ପାହାଡ଼ ଓ ଜଙ୍ଗଲ ଘେରରେ ଥିବା ଏହି ଗ୍ରାମର ୧୮ଟି ପରିବାର ଅର୍ଥାତ୍ ପ୍ରାୟ ୧୫୦ ଜନସଂଖ୍ୟା ଆଜି ବି ଅନ୍ଧକାରମୟ ଜୀବନ ବିତାଉଛନ୍ତି। ଗ୍ରାମକୁ ପକ୍କା ରାସ୍ତା ନଥିବାରୁ ଗ୍ରାମବାସୀ ୭ କିଲୋମିଟର ଜଙ୍ଗଲ ପାଦଚଲା ରାସ୍ତା ଦେଇ ଯାତାୟାତ କରିବାକୁ ବାଧ୍ୟ ହେଉଛନ୍ତି। ରାସ୍ତା ନଥିବା ଯୋଗୁଁ ଗ୍ରାମକୁ ଆମ୍ବୁଲାନ୍ସ ପହଞ୍ଚି ପାରୁ ନଥିବାରୁ ସାମାନ୍ୟ ଜର, ରୋଗ କିମ୍ବା ଜନନୀ ଯନ୍ତ୍ରଣା ହେଲେ



ଗର୍ଭବତୀଙ୍କୁ ଭାରରେ ବୋହି ଜୁନାଗଡ଼ କିମ୍ବା ଥୁଆମୂଳ ରାମପୁର ଡାକ୍ତରଖାନା ନେବାକୁ ପଡୁଛି। ଏହାଛଡ଼ା ଗ୍ରାମରେ ବିଜୁଳି, ସୁରକ୍ଷିତ ପାନୀୟ ଜଳ, ବିଦ୍ୟାଳୟ, ଅଙ୍ଗନଓ୍ୱାଡ଼ି ଓ ମେଡିକାଲ ସୁବିଧା ମଧ୍ୟ ନାହିଁ। ବହୁ ଲୋକଙ୍କର ଆଧାର କାର୍ଡରେ ତ୍ରୁଟି ଥିବାରୁ ସେମାନେ ସୁଭଦ୍ରା ଯୋଜନା ଓ ପିଡିଏସ ରାସନ ଚାଉଳ ଭଳି ବିଭିନ୍ନ ସରକାରୀ ସହାୟତାରୁ ବଞ୍ଚିତ ଅଛନ୍ତି। ଗ୍ରାମବାସୀ ମୁଖ୍ୟତଃ ଜଙ୍ଗଲଜାତ ଦ୍ରବ୍ୟ ବିକ୍ରି କରି ନିଜ ପରିବାର ପ୍ରତିପୋଷଣ କରୁଛନ୍ତି। ଏହି ସମସ୍ୟାର ସମାଧାନ ପାଇଁ ଗ୍ରାମବାସୀ ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ଦେଶରୀ, ଏମ୍‌ପି ମାଳବିକା ଦେବୀ ଓ ଜିଲା ପ୍ରଶାସନକୁ ତୁରନ୍ତ ପକ୍କା ରାସ୍ତା ସହ ଅନ୍ୟାନ୍ୟ ମୌଳିକ ସୁବିଧା ଯୋଗାଇଦେବାକୁ ଆକୁଳ ନିବେଦନ କରିଛନ୍ତି। ଏ ସମ୍ପର୍କରେ ବ୍ଲକ ଉନ୍ନୟନ ଅଧିକାରୀ (ବିଡିଓ) ଧ୍ରୁବ ଚରଣ ମୁଦୁଲି କହିଛନ୍ତି ଯେ, ପ୍ରଶାସନିକ ଟିମ୍ ଗ୍ରାମ ଗସ୍ତ କରିଛି। ପ୍ରଥମେ ମନରେଗା ମାଧ୍ୟମରେ ମାଟି ରାସ୍ତା କାମ ସାରି ଏହାକୁ ଗ୍ରାମ୍ୟ ନିର୍ମାଣ ବିଭାଗକୁ ହସ୍ତାନ୍ତର କରାଯିବ ଏବଂ ଗ୍ରାମରେ ବିଜୁଳି ଓ ଶିକ୍ଷା ସୁବିଧା ପାଇଁ ମଧ୍ୟ ଖୁବ୍‌ଶୀଘ୍ର ଆବଶ୍ୟକୀୟ ପଦକ୍ଷେପ ନିଆଯିବ।

## ପାନୀୟ ଜଳ ଓ ପରିମଳ ସମୀକ୍ଷା ବୈଠକ

**ଝାରସୁଗୁଡ଼ା,୩୧।୭ (ସଂଚାର ବ୍ୟୁରୋ):** ଝାରସୁଗୁଡ଼ା ଜିଲ୍ଲାରେ ପାନୀୟ ଜଳ ଯୋଗାଣ ଓ ପରିମଳ ବ୍ୟବସ୍ଥାର ସମୀକ୍ଷା ନେଇ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଏକ ମାସିକ ସମନ୍ୱୟ ଓ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲାରେ ଚାଲିଥିବା ବିଭିନ୍ନ ମେଗା ପାନୀୟ ଜଳ ପ୍ରକଳ୍ପର ବର୍ତ୍ତମାନର ସ୍ଥିତି, କାର୍ଯ୍ୟକ୍ଷମ ତାରିଖ ଏବଂ ପ୍ରକଳ୍ପ ସମ୍ପୂର୍ଣ୍ଣ ହେବାର ସମୟସୀମା ସମ୍ପର୍କରେ ବିସ୍ତୃତ ସମୀକ୍ଷା କରାଯାଇଥିଲା। ପ୍ରକଳ୍ପଗୁଡ଼ିକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରି ଜନସାଧାରଣଙ୍କୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇ ଦେବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ 'ବସୁଧା' ଓ ଅନ୍ୟାନ୍ୟ ରାଜ୍ୟ ସରକାରଙ୍କ ଯୋଜନା ଅଧୀନରେ ଚାଲିଥିବା ବିଭିନ୍ନ କାର୍ଯ୍ୟକ୍ରମ, ୪୨ଟି ଗ୍ରାମପଞ୍ଚାୟତକୁ ସାମିଲ୍ କରୁଥିବା ମେଗା ପିଡବ୍ଲ୍ୟୁଏସ୍ ପ୍ରକଳ୍ପ ଏବଂ ବ୍ଲକ୍‌ୱାରୀ ମେଗା ଜଳ ଯୋଗାଣ ପ୍ରକଳ୍ପର ସମୀକ୍ଷା କରାଯାଇଥିଲା। ଏହାସହ ନଳକୂପ ଗୁଡ଼ିକର ଆଶୁ ମରାମତି ଏବଂ ପାନୀୟ ଜଳ ପାଇପଲାଇନ୍‌ର ପୁନରୁଦ୍ଧାର କାର୍ଯ୍ୟ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ନୂତନ ସଡ଼କ ନିର୍ମାଣ ସମୟରେ କ୍ଷତିଗ୍ରସ୍ତ ହେଉଥିବା ପୁରୁଣା ପାଇପଲାଇନ୍ ଗୁଡ଼ିକର ତୁରନ୍ତ ମରାମତି ଓ ପୁନଃସ୍ଥାପନ ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି।

## ଶିକ୍ଷା ଓ ବିକାଶମୂଳକ କାର୍ଯ୍ୟର ସମୀକ୍ଷା କଲେ ଗଣଶିକ୍ଷା ସଚିବ

**ମାଲକାନଗିରି,୩୧।୭ (ସଂଚାର ବ୍ୟୁରୋ):** ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବ ତଥା ଜିଲ୍ଲା ପ୍ରଭାରୀ ଅଧିକାରୀ ଏନ୍. ତିରୁମାଲା ନାଏକ୍ ଆଜିଠାରୁ ମାଲକାନଗିରି ଜିଲ୍ଲାକୁ ଦୁଇ ଦିନିଆ ସରକାରୀ ଗସ୍ତ କରିଛନ୍ତି। ଜିଲ୍ଲାରେ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି, ବିଦ୍ୟାଳୟଗୁଡ଼ିକର



ଭିତ୍ତିଭୂମି ବିକାଶ ଏବଂ ବିଭିନ୍ନ ଜନକଲ୍ୟାଣକାରୀ ସରକାରୀ ଯୋଜନାର କାର୍ଯ୍ୟକାରିତା ଅନୁଧ୍ୟାନ କରିବା ଏହି ଗସ୍ତର ମୁଖ୍ୟ ଉଦ୍ଦେଶ୍ୟ ଅଟେ। ଗସ୍ତର ପ୍ରଥମ ଦିନରେ ସଚିବ ଶ୍ରୀ ନାଏକ୍ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଅନ୍ତର୍ଗତ ବଡ଼ବେଲ ବାଳିକା ଉଚ୍ଚ ବିଦ୍ୟାଳୟ, ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ, ଖଇରପୁଟର ମୁଣ୍ଡିଗୁଡା ଉଚ୍ଚ ବିଦ୍ୟାଳୟ ଏବଂ ଚିତ୍ରକୋଣ୍ଡାସ୍ଥିତ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଆଦି ଅଞ୍ଚଳ ଗସ୍ତ କରି ବିଭିନ୍ନ ଚାଲୁ ରହିଥିବା ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କରିଛନ୍ତି। ସେ କହିଛନ୍ତି ଯେ ଜିଲ୍ଲାର ପ୍ରତ୍ୟେକ ଶିଶୁଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ଏବଂ ବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମିକୁ ସଦୃଢ଼ କରିବା ଆମର ପ୍ରାଥମିକତା। ସରକାରୀ ଯୋଜନାଗୁଡ଼ିକର ସଫଳ ରୂପାୟନ ଦ୍ୱାରା ହିଁ ମାଲକାନଗିରିର ଶିକ୍ଷା ବ୍ୟବସ୍ଥାରେ ଏକ ବଡ଼ ପରିବର୍ତ୍ତନ ଅଣାଯାଇପାରିବ। ଏହା ସହିତ ସେ ଜିଲ୍ଲାର ପିଏମ୍ ଶ୍ରୀ ବିଦ୍ୟାଳୟ, ଗ୍ରାମୀଣ ଆବାସ ଯୋଜନା ଓ ସ୍ୱଚ୍ଛ ଜଳ ଯୋଗାଣ ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ତଦାରଖ କରିଥିଲେ। ପରିଦର୍ଶନ ସମୟରେ ସେ ସ୍କୁଲର ଛାତ୍ରଛାତ୍ରୀମାନଙ୍କ ସହ ସହଜ ଓ ସରଳ ଭାବେ ମିଶିବା ସହ ସେମାନଙ୍କ ସହିତ ବସି ମଧ୍ୟାହ୍ନ ଭୋଜନ କରିଥିଲେ, ଯାହା ପିଲାମାନଙ୍କ ମଧ୍ୟରେ ବେଶ୍ ଉତ୍ସାହ ସୃଷ୍ଟି କରିଛି।

## ଘରେ ପଶି ଚୋରି: ଅଭିଯୁକ୍ତ ଗିରଫ

**ଗଞ୍ଜାମ,୩୧।୭ (ସଂଚାର ବ୍ୟୁରୋ):** ସୋନାପୁର ମେରିନ ପୋଲିସ ଘରେ ପସି ଚୋରି ମାମଲାରେ ଜଣେ ଅଭ୍ୟସ୍ତ ଅପରାଧୀକୁ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲା ସୋନାପୁରର ଥବିର ବେହେରା (୨୬), ପିତା ତ୍ରିଲୋଚନ ବେହେରା। ୩୦ ତାରିଖ ରାତ୍ରି ପ୍ରାୟ ୨ଟା ସମୟରେ ଓଡିଆରପି କଲୋନୀରେ ତୁଳା ବେହେରା (୨୦) ଓ ତାଙ୍କ ପିଲାମାନେ ଶୋଇଥିବା ବେଳେ ଅଭିଯୁକ୍ତ ଘରେ ପ୍ରବେଶ କରିଥିଲା। ସେଠାରୁ ସେ ଏକ ମିକ୍ସର ଗ୍ରାଇଣ୍ଡର, ଲାଲ-ଗୋଲାପୀ ସିଏମଆର ବ୍ୟାଗ୍ ରେ ରଖାଯାଇଥିବା ୨୨୦୦ ଟଙ୍କା, ଦୁଇଟି ରୂପା ଗୋଡ଼ ଆଙ୍ଗୁଠି ସହ ମିକ୍ସରର ବିଲ୍, ପରିବାରର ଆଧାର କାର୍ଡ ଓ ଜନ୍ମ ପ୍ରମାଣପତ୍ର ଚୋରି କରି ନେଇଥିଲା। ପରେ ପଚରାପଚରି ବେଳେ ମନା କରିବା ସହ ଅଭିଯୋଗକାରୀଙ୍କୁ ଧମକ ମଧ୍ୟ ଦେଇଥିଲା। ସୋନାପୁର ମେରିନ ପୋଲିସ ଆଜି ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତର ନାମରେ ସୋନାପୁର ମେରିନ ଥାନା କେସ୍ ନଂ ୨୧/୨୦୨୨ ରେ ପୂର୍ବରୁ ମଧ୍ୟ ମାମଲା ରହିଛି। କେସ୍ ନଂ ୩୨/୨୦୨୬, ବିଏନଏସ ଧାରା ୩୩୧(୪)/୩୦୫(ଏ)/୩୫୧(୩) ବଳରେ ଥାନାରେ ମାମଲା ରୁଜୁ ହୋଇଛି।

## ● ମଦ ବିରୋଧରେ ଯୁଗ୍ମ ଚଢ଼ାଉ
## ୧୫୦ ଲିଟର ପୋଚ ଓ ୨୦ ଲିଟର ଦେଶୀ ମଦ ଜବତ

**ଗଞ୍ଜାମ,୩୧।୭ (ସଂଚାର ବ୍ୟୁରୋ):** ଜରଡ଼ା ପୋଲିସ ଓ ଏକ୍ସାଇଜ୍ ବିଭାଗ ମିଳିତ ଭାବେ ଠାଣାଗାଁ ଗାଁରେ ଚଢ଼ଉ କରିଛି। ଚଢ଼ଉ ସମୟରେ ଅଭିଯୁକ୍ତ ଦମ୍ବୁରୁ ପ୍ରଧାନ (୬୧), ପିତା ଈଶ୍ୱର ପ୍ରଧାନ, ଠାଣାଗାଁ ର ଘରୁ ୧୫୦ ଲିଟର ପୋଚ ଓ ୨୦ ଲିଟର ଦେଶୀ ମଦ ଜବତ କରାଯାଇଛି। ସମସ୍ତ ମଦ ଓ ପୋଚକୁ ଘଟଣାସ୍ଥଳରେ ନଷ୍ଟ କରି ଦିଆଯାଇଛି। ଏନେଇ ଅଭିଯୁକ୍ତଙ୍କ ବିରୁଦ୍ଧରେ ଜରଡ଼ା ଥାନାରେ ମାମଲା ରୁଜୁ କରାଯାଇଛି। ତଦନ୍ତ ଜାରି ରହିଛି।

## ଖେଳ ଶିକ୍ଷକଙ୍କ ଦାୟିତ୍ୱରେ ଚାଲିଛି ପାଠ ପଢ଼ା

**ବୈଶିଙ୍ଗା,୩୧।୭ (ସଂଚାର ବ୍ୟୁରୋ):** ଶିକ୍ଷା ବ୍ୟବସ୍ଥା ପ୍ରତି କେତେ ସଚେତନ ଅଛନ୍ତି ଆମ ସରକାର ଓ ଆମ ଲୋକ ପ୍ରତିନିଧି ତାହା ଦୁଇଟି ହାଇସ୍କୁଲ ରୁ ଅନୁମାନ କରା ଯାଇପାରିବ। ଆମ ବେତନଟୀ ବ୍ଲକରେ ୧୭ ଟି ସରକାରୀ ହାଇସ୍କୁଲ, ଗୋଟିଏ ଅନୁସୂଚିତ ଜାତି ଓ ଜନଜାତି ହାଇସ୍କୁଲ, ୧୭ ଟି ନୂତନ ଅନୁଦାନ ପ୍ରାପ୍ତ ହାଇସ୍କୁଲ, ଗୋଟାଏ ସଂସ୍କୃତ ଟୋଲ୍ ଓ ଗୋଟିଏ ଅଣ ଅନୁଦାନ ପ୍ରାପ୍ତ ହାଇସ୍କୁଲ ଅଛି। ନୂତନ ଅନୁଦାନ ପ୍ରାପ୍ତ ହାଇସ୍କୁଲ ଗୁଡିକରେ ସରକାରଙ୍କ ଦ୍ୱାରା କୌଣସି ନିଯୁକ୍ତି ବ୍ୟବସ୍ଥା ନଥିବାରୁ ସେହି ବିଦ୍ୟାଳୟ ଗୁଡିକରେ ପଢୁଥିବା ଛାତ୍ର



ଛାତ୍ରୀ ମାନଙ୍କ ଭବିଷ୍ୟତ ଅନ୍ଧାର ଭିତରକୁ ଠେଲି ହୋଇଯାଇଛି। ଏହି ବ୍ଲକ୍ ଅନ୍ତର୍ଗତ ଏସ ଏସ ନହଣ୍ଡାସୋଳ ଗ୍ରାମ ପଞ୍ଚାୟତରେ ଥିବା ଗ୍ରାମ ପଞ୍ଚାୟତ ହାଇସ୍କୁଲ ଧନପୁରରେ ଅଗଷ୍ଟ ୧ ତାରିଖ ଠାରୁ ଜଣେ ମାତ୍ର ଶିକ୍ଷକ ବିଜୟ କୁମାର ମହାନ୍ତ ପ୍ରଧାନ ଶିକ୍ଷକ ଦାୟିତ୍ୱ ଗ୍ରହଣ କରୁଛନ୍ତି। ସେ ଜଣେ ଖେଳ ଶିକ୍ଷକ ଅଟନ୍ତି। ଏହି ବିଦ୍ୟାଳୟରେ ନବମ ରେ ୮୦ ଜଣ ଓ ଦଶମ ରେ ୬୯ ଜଣ ଛାତ୍ର ଛାତ୍ରୀ ପଢୁଥିବା ଜଣା ପଡ଼ିଛି। ସେହିପରି ବେତନଟୀ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ହୀରାଲାଲ ହାଇସ୍କୁଲ ଆମ୍ବଯୋଡା ରେ ଏହି ମାସ ଠାରୁ ଜଣେ ମାତ୍ର ଶିକ୍ଷକ ପ୍ରଦୀପ କୁମାର ମହାନ୍ତ ଦାୟିତ୍ୱ ନେଉ ଥିବାରୁ ତାଙ୍କ ଦାୟିତ୍ୱ ରେ ବିଦ୍ୟାଳୟ ଚାଲିବ। ସେ ମଧ୍ୟ ଜଣେ ଖେଳ ଶିକ୍ଷକ ଅଟନ୍ତି। ଏହି ବିଦ୍ୟାଳୟରେ ଅଷ୍ଟମ ରେ ୧୧ ଜଣ, ନବମ ରେ ୪୨ ଜଣ ଓ ଦଶମ ରେ ୩୨ ଜଣ ଛାତ୍ର ଛାତ୍ରୀ ପଢୁଥିବା ଜଣା ପଡ଼ିଛି। ଏହିପରି ଅଧିକାଂଶ ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ମାତ୍ର ଜଣେ ଦୁଇଜଣ ଶିକ୍ଷକ ରେ ବିଦ୍ୟାଳୟ ଚାଲୁଥିବା ଜଣାପଡ଼ିଛି। ଯଦି ସରକାର ଏହି ବିଦ୍ୟାଳୟ ଗୁଡ଼ିକରେ ନିଯୁକ୍ତି ବ୍ୟବସ୍ଥା ନକରନ୍ତି ସରକାରଙ୍କ ନୀତି ନିୟମ ଅନୁସାରେ ତଥା ଗ୍ରାମୀଣ ଅଞ୍ଚଳରେ ଶିକ୍ଷା ର ବିକାଶ ପାଇଁ ଖୋଲି ଥିବା ବିଦ୍ୟାଳୟ ଗୁଡ଼ିକ ବନ୍ଦ ହେବା ସ୍ୱଭାବିକ। ସ୍ଥାନୀୟ ସରପଞ୍ଚ, ସମିତି ସଭ୍ୟ, ବିଦ୍ୟାଳୟ ପରିଚାଳନା କମିଟି ଓ ଗ୍ରାମବାସୀ ଏହି ବିଦ୍ୟାଳୟ ଗୁଡ଼ିକରେ ସ୍ଥାୟୀ ନିଯୁକ୍ତି ପାଇଁ ସରକାରଙ୍କ ନିକଟରେ ଦାବି କରିଛନ୍ତି।